ବର୍ଷ-୫୫ : ସଂଖ୍ୟା-୩ ମାର୍ଚ୍ଚ, ୨୦୨୪ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ମାର୍ଚ୍ଚ, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ମାତୃବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ସମର୍ପଣ | ··· | ଶ୍ରୀମା | ··· | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଦଶମ ପରିଚ୍ଛେଦ) ସୌନ୍ଦର୍ଯ୍ୟବୋଧଗତ ଓ ନୀତିଗତ ସଂସ୍କୃତି | ··· | ଶେଖ ଅବଦୁଲ କାଶମ | ··· | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୮) | ··· | ··· | ··· | ୧୧ |
| ଅନ୍ତର ନିବାସୀ (କବିତା) | ··· | ଶାନ୍ତି ମହାନ୍ତି | ··· | ୧୪ |
| ଜିଜ୍ଞାସାର ଉତ୍ତରରେ | ··· | ରାମକୃଷ୍ଣ ଦାସ | ··· | ୧୫ |
| ମୋର ଆରାଧ୍ୟ ଅଧ୍ୟାପକ – ଏକ ଶ୍ରଦ୍ଧାଞ୍ଜଳି | ··· | ନିମାଇଁ ଚରଣ ମହାପାତ୍ର | ··· | ୧୮ |
| ଅତିଥି (କବିତା) | ··· | ଶ୍ରୀଅରବିନ୍ଦ | ··· | ୨୦ |
| ହୃଦ ମନ୍ଦିର (କବିତା) | ··· | ସନ୍ତୋଷ ରଥ | ··· | ୨୧ |
| ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା | ··· | ପ୍ରପତ୍ତି | ··· | ୨୨ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା(୮୩) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୬ |
| ଦ୍ୱୀପାନ୍ତରର କଥା (ଷଷ୍ଠ ପରିଚ୍ଛେଦ) ଉପେନ୍‌ର କଥା – ଧର୍ମଘଟ (୪) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୯ |
| ରାଣୀ ଅହଲ୍ୟାବାଈ ହୋଲ୍‌କର | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୩୧ |
| ନୂତନ ଶିକ୍ଷାର ଆହ୍ୱାନ (୬) | ··· | ଗୟାଧର ଦାଶ | ··· | ୩୪ |
| ପ୍ରାଗୈତିହାସିକ ସ୍ମୃତି ଓ ସଂସ୍କାର ! | ··· | ମନୋଜ ଦାସ | ··· | ୩୭ |
| ଅମୃତ (୧) | ··· | ··· | ··· | ୩୯ |
| ସୁବର୍ଣ୍ଣ ଜୟନ୍ତୀ ପରେ | ··· | ପ୍ରସାଦ ତ୍ରିପାଠୀ | ··· | ୪୨ |
| ସର୍ବନାଶୀ ସମ୍ମାନ | ··· | ମନୋଜ ଦାସ | ··· | ୪୪ |
| ଅବିକମ୍ପିତ ଆସ୍ପୃହା | ··· | ··· | ··· | ୪୬ |
| ସୁଜାନର ସାହସ | ··· | ବନମାଳୀ ଆଚାର୍ଯ୍ୟ | ··· | ୪୮ |
| ସମ୍ରାଟ୍ | ··· | ଖଲିଲ୍ ଜିବ୍ରାନ୍ | ··· | ୫୦ |
| 'ମା' ଡାକ (କବିତା) | ··· | ହୃଷୀକେଶ ପଣ୍ଡା | ··· | ୫୨ |
| ବର୍ଗ ସଂଖ୍ୟାର କୌତୁକ | ··· | ଧର୍ମ କୁମାର ଶତପଥି | ··· | ୫୩ |
| ବିଗଳିତ କରୁଣାର ଧାରା (ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ··· | ··· | ··· | ୫୫ |


❖

# ପ୍ରାର୍ଥନା

ମୋ ଚିନ୍ତା ତୁମ ଦ୍ୱାରା ପୂର୍ଣ୍ଣ, ପୂର୍ଣ୍ଣ ମୋର ହୃଦୟ, ପରିପୂର୍ଣ୍ଣ ମୋର ସମଗ୍ର ସତ୍ତା ତୁମ ସାନ୍ନିଧ୍ୟରେ; ବଢ଼ିଚାଲିଛି ଶାନ୍ତି, ଏହି ଶାନ୍ତି ଜନ୍ମ ଦେଉଛି ସ୍ଥିର ପ୍ରଶାନ୍ତିର ଏପରି ଏକ ଅବିମିଶ୍ର ସୁଖ, ମନେହୁଏ ତାହା ଯେପରି ବିଶ୍ୱ ତୁଲ୍ୟ ବ୍ୟାପକ ଏବଂ ଅତଳସ୍ପର୍ଶୀ ଗଭୀରତା ତୁଲ୍ୟ ଗମ୍ଭୀର, ଯେଉଁ ଗଭୀରତା ଆମକୁ ତୁମ ଆଡ଼କୁ ନେଇଯାଏ ।

ହେ ଭଗବାନ୍, ସେହିସବୁ ରାତ୍ରି କି ନୀରବ କି ନିର୍ମଳ ଯେଉଁ ସମୟରେ ମୋର ପରିପ୍ଲୁତ ହୃଦୟ ତୁମ ଦିବ୍ୟ ପ୍ରେମ ସଙ୍ଗେ ଏକୀଭୂତ ହୁଏ, ସକଳ ବସ୍ତୁ ମଧ୍ୟରେ ପ୍ରବେଶ କରେ, ସକଳ ଜୀବନକୁ ଆଲିଙ୍ଗନ କରେ, ସକଳ ଚିନ୍ତାକୁ ଆଲୋକିତ ଓ ସଂଜୀବିତ କରେ, ସକଳ ଭାବାବେଗକୁ ଶୁଦ୍ଧ କରେ, ସକଳ ଚେତନା ମଧ୍ୟରେ ଜାଗ୍ରତ କରେ ତୁମ ଅନୁପମ ସାନ୍ନିଧ୍ୟର ଚେତନା ଓ ତନ୍ମଧ୍ୟରୁ ଜାତ ଅନିର୍ବଚନୀୟ ଶାନ୍ତିର ଚେତନା ।

ହେ ପ୍ରଭୁ, ଏହାହିଁ କର, ଏହି ଚେତନା, ଏହି ଶାନ୍ତି ଯେପରି ଆମ୍ଭମାନଙ୍କ ମଧ୍ୟରେ କ୍ରମଶଃ ବୃଦ୍ଧି ପାଏ, ଯଦ୍ଦ୍ୱାରା ଆମ୍ଭେମାନେ ତୁମର ଅଦ୍ୱିତୀୟ ଦିବ୍ୟ ବିଧାନର ଉତ୍ତରୋତ୍ତର ଏକନିଷ୍ଠ ସେବକ ହୋଇପାରୁ ।

ମାର୍ଚ୍ଚ ୧୫, ୧୯୧୪ — ଶ୍ରୀମା



# ମାତୃବାଣୀ

*Everything* can be used for the progress to be made; *everything* can be useful if we know how to use it.

The important thing is never to lose sight of the ideal we want to realise and to make use of all circumstances in view of this goal.

And finally, it is always better not to make an arbitrary decision for or against things, and to watch the unfolding of events with the impartiality of a witness, relying on the Divine Wisdom which will decide for the best and do what is necessary.


(CWM, Vol. 13, p. 92) – The Mother

ଯେଉଁ ଅଗ୍ରଗତି-ସାଧନ ଆମ ସମ୍ମୁଖରେ ରହିଛି ସେଥିଲାଗି *ସବୁକିଛିକୁ* ବ୍ୟବହାର କରାଯାଇପାରେ; *ପ୍ରତ୍ୟେକଟି* କଥା ଉପଯୋଗୀ ହୋଇପାରିବ ଯଦି ତାକୁ ଉପଯୋଗ କରିବାର ଉପାୟଟି ଆମକୁ ଜଣାଥାଏ ।

ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେ ଉପଲବ୍ଧି କରିବାକୁ ଚାହୁଁଥିବା ଆଦର୍ଶକୁ ଓ ସକଳ ପରିସ୍ଥିତିକୁ ସେଇ ଲକ୍ଷ୍ୟ ଲାଭ ଦିଗରେ ବ୍ୟବହାର କରିବାର କଥାଟିକୁ କେବେ ବି ଯେପରି ଦୃଷ୍ଟିପଥର ଅନ୍ତରାଳ ହେବାକୁ ନଦେଉ ।

ପରିଶେଷରେ ସବୁ ସମୟ ପାଇଁ ଯାହା ଅପେକ୍ଷାକୃତ ଉତ୍ତମ ତାହା ହେଉଛି ବସ୍ତୁସକଳ ସପକ୍ଷରେ କିଂବା ବିପକ୍ଷରେ ଏକ ମନମୁଖି ସିଦ୍ଧାନ୍ତ ଗ୍ରହଣ ନକରି ଏକ ସାକ୍ଷୀ ପୁରୁଷର ନିରପେକ୍ଷ ଦୃଷ୍ଟି ନେଇ ଘଟଣା ସକଳର ଉନ୍ମୋଚନ ଉପରେ ଦୃଷ୍ଟିପାତ କରିବା ଏବଂ ଯାହା ସର୍ବୋତ୍ତମ ତାହା ନିର୍ଦ୍ଧାରଣ କରିବା ଓ ଯାହା ଆବଶ୍ୟକ ତାହା କରିବା ଲାଗି ଦିବ୍ୟପ୍ରଜ୍ଞା ଉପରେ ନିର୍ଭରତା ରଖିବା ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

**ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ**

**(The Kingdoms and Godheads of the Greater Mind)**

**(୩)**

## ଶ୍ରୀଅରବିନ୍ଦ

In an air which doubt and error cannot mark
With the stigmata of their deformity,
In communion with the musing privacy
Of a truth that sees in an unerring light
Where the sight falters not nor wanders thought,
Exempt from our world's exorbitant tax of tears,
Dreaming its luminous creations gaze
On the Ideas that people eternity.

ସେହି ବାୟୁମଣ୍ଡଳରେ ଯେଉଁଠି ସଂଶୟ ଓ ଭ୍ରାନ୍ତି ଆପଣା ବିକୃତିର କଳଙ୍କ କଳୁଷର ଚିହ୍ନ ରଖି ପାରନ୍ତି ନାହିଁ, ଏକ ଅଭ୍ରାନ୍ତ ଆଲୋକ ସହାୟତାରେ ଦେଖୁଥିବା ସତ୍ୟର ଧ୍ୟାନାବିଷ୍ଟ ନିଭୃତତା ସହିତ ଯେଉଁଠି ସଂଯୋଗ ସ୍ଥାପନ କରାଯାଏ, ଯେଉଁଠି ଦୃଷ୍ଟି ବିଭ୍ରାନ୍ତ ହୁଏ ନାହିଁ ଅଥବା ଚିନ୍ତା ଘୂରିବୁଲେ ନାହିଁ ଇତସ୍ତତଃ, ଆମ ପାର୍ଥିବ ଅଶ୍ରୁରାଶିର ମାତ୍ରାତିରିକ୍ତ ମୂଲ୍ୟଯୁକ୍ତ କରଭାରରୁ ମୁକ୍ତ, ସେହିଠାରେ ତାହାର ଜ୍ୟୋତିର୍ମୟ ସୃଷ୍ଟି ସକଳ ସ୍ୱପ୍ନବିଭୋର ହୋଇ ଏକ ଲୟରେ ଦୃଷ୍ଟି ନିବଦ୍ଧ କରିଥାଏ ଶାଶ୍ୱତ ଲୋକକୁ ଜନାକୀର୍ଣ୍ଣ କରି ରଖିଥିବା ସେହି ସବୁ ମହାଭାବ ଉପରେ ।

In a sun-blaze of joy and absolute power
Above the Masters of the Ideal throne
In sessions of secure felicity,
In regions of illumined certitude.

ଆନନ୍ଦର ଏକ ସୂର୍ଯ୍ୟ-ପ୍ରଜ୍ୱଳନ ଓ ପରମ ଶକ୍ତିମଧ୍ୟରେ ଊର୍ଦ୍ଧ୍ୱରେ ସିଂହାସନାରୂଢ଼ ହୋଇ ରହିଥା'ନ୍ତି ଆଦର୍ଶର ଅଧିପତିଗଣ, ନିର୍ବିଘ୍ନ ସ୍ୱସ୍ତିର ଅଧିବେଶନମାନଙ୍କରେ, ପ୍ରଦୀପ୍ତ ନିଶ୍ଚୟତାର ଇଲାକାସବୁରେ ।

Far are those realms from our labour and yearning and call,
Perfection's reign and hallowed sanctuary
Closed to the uncertain thoughts of human mind,
Remote from the turbid tread of mortal life.

ଆମର ଶ୍ରମ, ଆକୁଳାକାଂକ୍ଷା ଓ ଆବାହନଠୁଁ ସୁଦୂର ସେଇ ରାଜ୍ୟସକଳ, ପରିପୂର୍ଣ୍ଣତାର ରାଜୁତି ଓ ପୁଣ୍ୟ ମନ୍ଦିର ରୁଦ୍ଧ ଥାଏ ମଣିଷ ମନର ଅନିଶ୍ଚିତ ଚିନ୍ତାରାଜି ପାଇଁ, ମର୍ତ୍ତ୍ୟ ଜୀବନର ମଳିନ ଗତିପଥରୁ ସେସବୁ ଦୂରବର୍ତ୍ତୀ ହୋଇ ରହିଥାଏ ।

But since our secret selves are next of kin,
A breath of unattained divinity
Visits the imperfect earth on which we toil;
Across a gleaming ether's golden laugh
A light falls on our vexed unsatisfied lives,
A thought comes down from the ideal worlds
And moves us to new-model even here
Some image of their greatness and appeal
And wonder beyond the ken of mortal hope.

ପରନ୍ତୁ ଆମର ପ୍ରଚ୍ଛନ୍ନ ଆତ୍ମସତ୍ତାଚୟ ଯେହେତୁ ସେ ସବୁର ସ୍ୱଜାତି, ଅପ୍ରାପ୍ତ ଦେବତ୍ୱର ଏକ ନିଃଶ୍ୱାସ ଆମର ଶ୍ରମସ୍ଥଳ ଏହି ପୃଥିବୀକୁ ଆଗମନ କରେ; ସମୁଜ୍ଜ୍ୱଳ ଆକାଶର ସୁନେଲି ସୁହାସ ପାର ହୋଇ ଆମର ବିବ୍ରତ ଅତୃପ୍ତ ଜୀବନ ଉପରେ ଆସି ପଡ଼େ ଏକ ଆଲୋକ, ଆଦର୍ଶ ଜଗତ ସକଳରୁ ଅବତରି ଆସେ ଏକ ଭାବନା ଏବଂ ଆମ ଏଇଠିହିଁ ଏକ ଅଭିନବ-ରୂପ ଗଢ଼ିତୋଳିବା ପାଇଁ, ସେମାନଙ୍କ ମହାନତା ଓ ଆକର୍ଷଣର କିଛି ପ୍ରତିରୂପ ଏବଂ ନଶ୍ୱର ଆଶାର ପରିସର ସେପାରିରେ ବିସ୍ମୟ ଅନୁଭବ କରିବା ପାଇଁ ଆମକୁ ଅନୁପ୍ରାଣିତ କରେ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ସମର୍ପଣ

## ଶ୍ରୀମା

### ତପସ୍ୟା ଓ ସମର୍ପଣ

ତପସ୍ୟାର ପଥ **ବଡ଼ ଦୁଷ୍କର** । ଏଥିରେ ତୁମେ ପ୍ରଧାନତଃ ନିଜ ଉପରେହିଁ ନିର୍ଭର କରିଥାଅ, ତୁମ ନିଜର ଶକ୍ତି ଦ୍ୱାରାହିଁ ଗତି କରିଥାଅ । ଏହାଫଳରେ ତୁମେ ଊର୍ଦ୍ଧ୍ୱକୁ ଗତିକର ଏବଂ ନିଜ ସାମର୍ଥ୍ୟ ଅନୁଯାୟୀ ଫଳଲାଭ କରିଥାଅ । କିନ୍ତୁ ବିପଦଟି ହେଲା ଏଥିରେ ତୁମର ତଳକୁ ଖସି ପଡ଼ିବାର ସମ୍ଭାବନା ବି ରହିଛି । ଆଉ ଥରେ ଯଦି ତୁମେ ଖସିପଡ଼ିଲ, ତା'ହେଲେ ହାତଗୋଡ଼ ଭାଙ୍ଗି ଗହ୍ୱର ଭିତରେହିଁ ପଡ଼ିଯାଅ ଏବଂ ଏଥିରୁ ନିଷ୍କୃତି ପାଇବା କଷ୍ଟସାଧ୍ୟ । ଅନ୍ୟ ବାଟଟି ହେଲା, ସମର୍ପଣର ବାଟ, ଏହା ନିରାପଦ ଓ ନିଶ୍ଚିତ । ଏହି ଜାଗାରେହିଁ ଯେମିତି ହେଉ ପାଶ୍ଚାତ୍ୟ ଲୋକଙ୍କର ଅସୁବିଧା ହୁଏ । ସେମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ ଯାହାକିଛି କ୍ଷୁଣ୍ଣ କରେ ତାକୁ ଭୟ କରିବାକୁ କିଂବା ଆଡ଼େଇ ରହିବାକୁ ସେମାନଙ୍କୁ ଶିକ୍ଷା ଦିଆଯାଇଥାଏ । ସେମାନେ ସେମାନଙ୍କର ମା'ଠାରୁ କ୍ଷୀର ଖାଇବା ଦିନଠାରୁ ଏହି ବ୍ୟକ୍ତି-ସ୍ୱାତନ୍ତ୍ର୍ୟକୁ ଉତ୍ତରାଧିକାରୀ ସୂତ୍ରରେ ପାଇଥା'ନ୍ତି । କିନ୍ତୁ ସମର୍ପଣର ଅର୍ଥ ହେଲା ସେସବୁକୁ ତ୍ୟାଗ କରିବା । ଅନ୍ୟ ପ୍ରକାରେ କହିଲେ, ରାମକୃଷ୍ଣ ପରମହଂସ ଯେପରି କହନ୍ତି, ତୁମେ ମାଙ୍କଡ଼ଛୁଆ ଭଳି ହୁଅ ଅଥବା ବିଲେଇଛୁଆ ଭଳି ହୁଅ । ମାଙ୍କଡ଼ଛୁଆ କ'ଣ କରେନା, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ତା' ମା'କୁ ନିଜେ ଜାବୁଡ଼ି ଧରିଥାଏ ଏବଂ ତାକୁ ଖୁବ୍ ଶକ୍ତ କରି ଜାବୁଡ଼ି ଧରିବାକୁ ହେବ । ତା' ନ ହେଲେ ଯଦି ତା' ମୁଠା ଶିଥିଳ ହୋଇଯିବ, ତେବେ ସେ ନିଶ୍ଚୟ ଖସିପଡ଼ିବ । ଅନ୍ୟ ପକ୍ଷରେ ବିଲେଇଛୁଆ ତା' ମା'କୁ ନିଜ ଆଡୁ ଜାବୁଡ଼ି ଧରେ ନାହିଁ, କିନ୍ତୁ ତା' ମାଆ ତାକୁ କାମୁଡ଼ି ଧରିଥାଏ । ଫଳରେ ଛୁଆର ନିଜ ପାଇଁ କିଛି ଦାୟିତ୍ୱ ବା ଭୟ ନ ଥାଏ । ସେ କିଛି କରେ ନାହିଁ – ମାଆ ତାକୁ ଧରି ବୁଲୁଥାଏ – ଆଉ ସେ କେବଳ *ମାଆ ମାଆ* (*ମିଆଁଉ ମିଆଁଉ*) ଶବ୍ଦ କରୁଥାଏ ।

### ଯୋଗ : ସମର୍ପଣ ଦ୍ୱାରାହିଁ ସମ୍ଭବ

ଯୋଗ ଅର୍ଥ ଈଶ୍ୱରଙ୍କ ସହ ମିଳିତ ହେବା; ଏବଂ ମିଳନ ସମ୍ଭବ ହୁଏ ନିଜକୁ ଅର୍ପଣ କରିବା ଦ୍ୱାରା – ଈଶ୍ୱରଙ୍କ ପାଖରେ ନିଜକୁ ସମର୍ପଣ କରିବାରେହିଁ ଯୋଗ ସାଧିତ ହୁଏ । ...

ତୁମର କାର୍ଯ୍ୟ ହେଲା ଗୋଟିଏ ଗୋଟିଏ କରି ସମର୍ପଣ କରୁ କରୁ ସବୁକିଛିକୁ ସାଧାରଣ ଭାବେ ସମର୍ପଣ କରିଦେବା । ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରୁହ; ପ୍ରତି ମୁହୂର୍ତ୍ତରେ ଏହି କଥା ଭାବ ଯେ ଭଗବାନଙ୍କ ଉପସ୍ଥିତିହିଁ ତୁମକୁ ଚଳାଉଛି ଏବଂ ତୁମେ ଯାହା କରୁଛ ସବୁ ସେହିଁ କରୁଛନ୍ତି । ତୁମର ସମସ୍ତ ଗତିବୃତ୍ତିକୁ ଭଗବାନଙ୍କଠାରେ ସମର୍ପଣ କରିବାକୁ ହେବ, କେବଳ ମାନସିକ କ୍ରିୟାକର୍ମଗୁଡ଼ିକୁ ନୁହେଁ ବରଂ ସବୁଚିନ୍ତା ଓ ଅନୁଭବଗୁଡ଼ିକୁ, ଏପରିକି ଅତି ସାଧାରଣ ଜିନିଷଗୁଡ଼ିକୁ ବି, ଏବଂ ବାହ୍ୟ କର୍ମଗୁଡ଼ିକ ମଧ୍ୟ, ଏପରିକି ତୁମେ ଯାହା ଖାଉଛ – ଯେତେବେଳେ ତୁମେ ଖାଉଛ, ସେତେବେଳେ ତୁମେ ଅନୁଭବ କରିବ ଯେ ଭଗବାନ୍ ତୁମ ଭିତରେ ରହି ଖାଉଛନ୍ତି । ଏହିପରି ଭାବେ ତୁମେ ଯେତେବେଳେ ତୁମର ସମସ୍ତ ଗତିବୃତ୍ତିକୁ ଏକତ୍ର କରି **ଗୋଟିଏ ଜୀବନ**ରେ ପରିଣତ କରିବ ସେତେବେଳେ ତୁମେ ଦେଖିବ ଯେ ତୁମ ଭିତରେ ଆଉ ପୃଥକ୍ ପୃଥକ୍ ଭାବ ନ ରହି ଗୋଟିଏ 'ଏକତ୍ୱ' ଭାବ ଆସିଯାଉଛି । ଆଉ ମଧ୍ୟ ତୁମେ ଦେଖିବ ଯେ, ପୂର୍ବଭଳି ତୁମ ପ୍ରକୃତିର ଗୋଟିଏ ଅଂଶ ଭଗବାନଙ୍କୁ ଦିଆଯାଇ ଅନ୍ୟ ଅଂଶଗୁଡ଼ିକ ଆଉ କ୍ଷୁଦ୍ରତର କଥାରେ ମାତି ରହି ନାହିଁ, ସେତେବେଳେ ତୁମେ ଲକ୍ଷ୍ୟ କରିବ ଯେ ତୁମର ସମଗ୍ର ଜୀବନ ଭଗବାନଙ୍କ ହାତରେ ଟେକି ଦିଆଯାଇଛି ଏବଂ ତୁମ ମଧ୍ୟରେ ଏକ ସର୍ବାଙ୍ଗୀଣ ରୂପାନ୍ତର ଧୀରେ ଧୀରେ କାର୍ଯ୍ୟକାରୀ ହେଉଛି ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଦଶମ ପରିଚ୍ଛେଦ)

## ସୌନ୍ଦର୍ଯ୍ୟବୋଧଗତ ଓ ନୀତିଗତ ସଂସ୍କୃତି


## ଶେଖ ଅବଦୁଲ କାଶମ


ଅର୍ଥ ଉପାର୍ଜନ, ପରିବାର ପ୍ରତିପୋଷଣ ଏବଂ ଭୌତିକ ଓ ପ୍ରାଣିକ ସ୍ତରର ସୁଖସ୍ୱାଚ୍ଛନ୍ଦ୍ୟ ଲାଭ ଯଦି ଜୀବନର ଏକମାତ୍ର କାର୍ଯ୍ୟ ବା ଲକ୍ଷ୍ୟ ହୋଇ ରହିଥାଏ ଏବଂ ମନୋଗତ ସ୍ତରରେ ଯଦି କୌଣସି କ୍ରିୟାଶୀଳତା ନଥାଏ, ତାହାହେଲେ ସେପରି ଜୀବନଧାରାକୁ ବର୍ବରତା ବୋଲିହିଁ କୁହାଯିବ । ବୁଦ୍ଧିର ସ୍ତରରେ ପ୍ରବେଶ ନକରି କେବଳ ଦେହଗତ ଓ ପ୍ରାଣଗତ ଜୀବନ ଭିତରେ ଆବଦ୍ଧ ହୋଇ ରହିବା ହେଉଛି ସଂସ୍କୃତିର ବିରୋଧୀ ତତ୍ତ୍ୱ । ଏପରିକି ସଭ୍ୟଜାତି ମଧ୍ୟରେ ବାସ କରି ଜଣେ ଜ୍ଞାନ, ବିଜ୍ଞାନ ଓ କଳାର ବିକାଶ ସାଧନ କରୁଥିଲେ ମଧ୍ୟ ଯଦି ବାସ୍ତବ ଜୀବନ କ୍ଷେତ୍ରରେ ସତ୍ୟ, ସୌନ୍ଦର୍ଯ୍ୟ ଓ ଉଚ୍ଚ ଆଦର୍ଶ ଦ୍ୱାରା ସେ ପରିଚାଳିତ ହେଉ ନାହିଁ ତାହାହେଲେ ତାକୁ ଆମେ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ବୋଲି କହିପାରିବା ନାହିଁ । ଆର୍ଥିକ ସମୃଦ୍ଧି, ସୁଖଦାୟୀ ସାମଗ୍ରୀଗୁଡ଼ିକର ପ୍ରାଚୁର୍ଯ୍ୟ ଏବଂ ସଭ୍ୟତା ଯୋଗାଇ ଦେଇଥିବା ଯନ୍ତ୍ର ଓ ସାଧନଗୁଡ଼ିକର ପ୍ରୟୋଗସାମର୍ଥ୍ୟ ମଧ୍ୟ ମନୁଷ୍ୟକୁ ସଂସ୍କୃତିସମ୍ପନ୍ନ କରେ ନାହିଁ । ବୁଦ୍ଧି କ୍ଷେତ୍ରରେ ଯେତେ କୃତିତ୍ୱ ଲାଭ କରିଥିଲେ ସୁଦ୍ଧା ଯଦି ବାଣିଜ୍ୟିକତା ଓ ପ୍ରାଣଗତ ସଫଳତାହିଁ ଜୀବନର ପ୍ରଧାନ ଧ୍ୟେୟ ହୁଏ ତାହାହେଲେ ତାକୁ ସଂସ୍କୃତିର ଚିହ୍ନ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ଏହି ଦୃଷ୍ଟିରୁ ବିଚାର କଲେ ଆଧୁନିକ ଇଉରୋପୀୟ ସଭ୍ୟତାଟି ପ୍ରାଚୀନ ଏଥେନ୍ସ, ରେନେସାଁକାଳୀନ ଇଟାଲୀ ଏବଂ ପ୍ରାଚୀନ ଭାରତବର୍ଷ ଅପେକ୍ଷା ସଂସ୍କୃତି ହିସାବରେ ଅନେକ ନିକୃଷ୍ଟତର ଅଟେ । ଉଲ୍ଲିଖିତ ପ୍ରାଚୀନ ସଭ୍ୟତାଗୁଡ଼ିକରେ ଜୀବନଧାରଣର ଶୈଳୀ ଅତି ଉଚ୍ଚକୋଟୀର ଥିଲା ଏବଂ ଜୀବନରେ ମାନବିକ ପରିପୂର୍ଣ୍ଣତାକୁ ମୁଖ୍ୟ ଗୁରୁତ୍ୱ ଦିଆ ଯାଇଥିଲା ।

ମନୋଗତ ଜୀବନ କ୍ଷେତ୍ରରେ ମଧ୍ୟ ଏପରି କେତେକ ବିଷୟ ଅଛି ଯାହା ଆଦୌ ସଂସ୍କୃତିର ଉପାଦାନ ନୁହେଁ । ଉଦାହରଣ ସ୍ୱରୂପ, କେବଳ ପ୍ରୟୋଜନୀୟତା ଓ ବ୍ୟାବହାରିକ ଦୃଷ୍ଟିରୁ ମାନସିକ ଶକ୍ତିର ପ୍ରୟୋଗ କରିବା, ପାରମ୍ପରିକ କେତେଟା ଆଚରଣ, କେତେଟା ଧାରଣା, ମତ ବା ବନ୍ଧବିଶ୍ୱାସକୁ ନେଇ ଜୀବନ ବଞ୍ଚିବା, କେତୋଟି ସ୍ୱୀକୃତ ଅଥଚ ତ୍ରୁଟିପୂର୍ଣ୍ଣ ସଂସ୍କାର ଦ୍ୱାରା ନିୟନ୍ତ୍ରିତ ହେବା, ସ୍ୱାଧୀନ ଭାବରେ ଚିନ୍ତା ନକରି ଅଧିକ ସଂଖ୍ୟକ ବ୍ୟକ୍ତିଙ୍କ ବିଚାର ଦ୍ୱାରା ପରିଚାଳିତ ହେବା, ଅଶୋଧିତ ଇନ୍ଦ୍ରିୟବୃତ୍ତିକୁ ଅନୁସରଣ କରିବା, ସୌନ୍ଦର୍ଯ୍ୟର ଆଦର୍ଶକୁ ପାଳନ ନ କରିବା, — ଏସବୁ ଆଦର୍ଶ ସଂସ୍କୃତିର ପରିପନ୍ଥୀ ଅଟେ । ଏକ ଯଥାର୍ଥ ମାନସିକ ଜୀବନ ନବଞ୍ଚି ଏବଂ ଇନ୍ଦ୍ରିୟବୃତ୍ତିର ନିୟନ୍ତ୍ରଣ ନକରି ଜଣେ ଯଦି ନିଜକୁ ସଭ୍ୟ ଓ ସଂସ୍କୃତିସମ୍ପନ୍ନ ବ୍ୟକ୍ତିରୂପେ ପ୍ରଦର୍ଶିତ କରେ ତାହା କେବଳ ଏକ ଛଳନା ବା ଆତ୍ମ-ପ୍ରତାରଣା ହେବ । ସେପରି ବ୍ୟକ୍ତି ଯଥାର୍ଥ ଭାବରେ ବିକାଶ ଲାଭ କରିଛି ବୋଲି କଦାପି କୁହାଯାଇ ପାରିବ ନାହିଁ । ଗୋଟିଏ ସମାଜ ଶୃଙ୍ଖଳାବଦ୍ଧ ହୋଇ ଥାଇପାରେ, ଅନେକ କ୍ଷେତ୍ରରେ ସଫଳତା ବି ଲାଭ କରି ଥାଇପାରେ, ଧର୍ମନିଷ୍ଠ ଓ ନୀତିପରାୟଣ ବି ହୋଇ ଥାଇପାରେ, ମାତ୍ର ତାହା ଯଦି ବାଣିଜ୍ୟିକ ମନୋବୃତ୍ତିର ଦାସ ହୋଇଥାଏ, ବୁଦ୍ଧିର ଯଥାର୍ଥ ଉପଯୋଗ କରୁ ନଥାଏ ଏବଂ ଉଚ୍ଚ ଆଦର୍ଶର ଅନୁସରଣ କରୁ ନଥାଏ, ତାହାହେଲେ ତାହାକୁ ଏକ ସଭ୍ୟତାଭୋଗୀ ସମାଜ (Philistine Society) ବୋଲିହିଁ କୁହାଯିବ, ତାହା ସଂସ୍କୃତିଠାରୁ ବହୁ ଦୂରରେ ରହିଛି । ତାହା ଏକ କାରାଗାର ସଦୃଶ ଅଟେ, ଯେଉଁଥିରୁ ମୁକ୍ତ ହେବା ନିହାତି ଆବଶ୍ୟକ ।

ଏକ ଯଥାର୍ଥ ସଂସ୍କୃତିର ଆଦର୍ଶ ହେଲା ଜ୍ଞାନ, ବିବେକବୁଦ୍ଧି ଓ ଶୁଦ୍ଧ ଜିଜ୍ଞାସାର ପ୍ରୟୋଗ ଦ୍ୱାରା ଜୀବନକୁ ନିର୍ମାଣ କରିବା, ଉତ୍କୃଷ୍ଟ ସୌନ୍ଦର୍ଯ୍ୟ ସୃଷ୍ଟି ଦିଗରେ ସକ୍ରିୟ ହୋଇ ରହିବା, ଉନ୍ନତ ଚରିତ୍ର ଓ ନୀତିଗତ ଉଚ୍ଚ ଆଦର୍ଶର ଅନୁସରଣ କରିବା, ସତ୍ୟାଶ୍ରୟୀ ହେବା ଏବଂ ଅନ୍ତରପ୍ରସୂତ ସ୍ୱାଧୀନ ଇଚ୍ଛା ଦ୍ୱାରା ପରିଚାଳିତ ହେବା । ଅଧିକାଂଶ ବ୍ୟକ୍ତିଙ୍କ ଜୀବନରେ ଏହା ସିଦ୍ଧ ହୋଇ ପାରିଲେ ଯଥାର୍ଥରେ ଏକ ସଫଳ ମାନବସମାଜର ମୂଳଦୁଆ ସ୍ଥାପିତ ହେଲା ବୋଲି କୁହାଯିବ ।

ଅତୀତରେ ସଂସ୍କୃତି ଓ ଜୀବନର ବାସ୍ତବ ଆଚରଣ ମଧ୍ୟରେ ସର୍ବଦା ଏକ ବିରୋଧ ରହି ଆସିଛି । ମାତ୍ର ପ୍ରକୃତ

ସତ୍ୟ ହେଲା ବାସ୍ତବ ଆଚରଣ ସଂସ୍କୃତିସମ୍ପନ୍ନ ଜୀବନର ଏକ ଅଂଶ ଅଟେ । ନୀତିଗତ ଆଦର୍ଶବତ୍ତା ମଧ୍ୟ ସଂସ୍କୃତିବାନ୍ ମନୁଷ୍ୟର ଏକ ଭୂଷଣ ଅଟେ । ଯେତେବେଳେ ସଂସ୍କୃତି ଓ ନୈତିକ ଜୀବନ ମଧ୍ୟରେ ବିରୋଧର କଳ୍ପନା କରାଯାଏ ସେତେବେଳେ ବିଚାର, ଜ୍ଞାନ ଓ ସୌନ୍ଦର୍ଯ୍ୟକୁ ସଂସ୍କୃତି ବୋଲି କୁହାଯାଏ ଏବଂ ଚରିତ୍ର ଓ ଆଦର୍ଶ ଆଚରଣକୁ ନୈତିକ ଜୀବନ ବୋଲି କୁହାଯାଏ । ଏପରି ଭାବରେ ଉଭୟକୁ ଭିନ୍ନ କରି ଦେଖିବା ଏକ ଭ୍ରମାତ୍ମକ ଦୃଷ୍ଟି ଅଟେ । ପୁରାତନ ଇହୁଦୀ ଧର୍ମ ଓ ହେଲେନିକ୍ ସଂସ୍କୃତି ମଧ୍ୟରେ ଏକ ବିରୋଧ ଦେଖିବାକୁ ମିଳେ । ଇହୁଦୀ ଧର୍ମ ଥିଲା ଆଚରଣପ୍ରଧାନ ଓ ପରମ୍ପରାସର୍ବସ୍ୱ । ଏହା ଜ୍ଞାନ ଓ ସୌନ୍ଦର୍ଯ୍ୟବୋଧଠାରୁ ଦୂରରେ ରହିଥିଲା । ଅନ୍ୟ ପକ୍ଷରେ ହେଲେନିକ୍ ସଂସ୍କୃତିର ପ୍ରଧାନ ଉପାଦାନ ଥିଲା ଏକ ଉଚ୍ଚସ୍ତରୀୟ ସୌନ୍ଦର୍ଯ୍ୟବୋଧ ଯାହା ସେହି ସଭ୍ୟତାର ପ୍ରତ୍ୟେକ କର୍ମ, ପ୍ରତ୍ୟେକ ସୃଜନ, ତା'ର କଳା, ଧର୍ମ ଓ ସମଗ୍ର ଜୀବନକୁ ପ୍ରଭାବିତ କରିଥିଲା । ହେଲେନିକ୍ ଦୃଷ୍ଟି ଅନୁସାରେ ଯାହା ଭଲ ଓ ଶୁଭ ତାହାହିଁ ସୁନ୍ଦର ବୋଲି ବିବେଚିତ ହେଉଥିଲା ।

ସୌନ୍ଦର୍ଯ୍ୟବୋଧ-ପ୍ରଧାନ ବ୍ୟକ୍ତି (aesthetic man) ନୈତିକ ନିୟମ ଓ ଶାସନଗୁଡ଼ିକୁ ଏକ ପ୍ରତିବନ୍ଧକ ବୋଲି ମନେ କରେ । ନୈତିକ ବିଚାରଗୁଡ଼ିକ କଳାତ୍ମକ ବୃତ୍ତିର ମୁକ୍ତ କ୍ରିୟାଶୀଳତାକୁ କ୍ଷୁଣ୍ଣ କରୁଛି ବୋଲି ସେ ଭାବେ । ସୌନ୍ଦର୍ଯ୍ୟ ସୁଖ ଓ ଆନନ୍ଦ ପ୍ରଦାନ କରୁଥିବା ଯୋଗୁଁ ନୈତିକ ନିୟମ ମନୁଷ୍ୟକୁ ସୁଖଭୋଗରୁ ବଞ୍ଚିତ କରୁଛି ବୋଲି ଧାରଣା ସୃଷ୍ଟି ହୁଏ । ଅନ୍ୟପକ୍ଷରେ ନୈତିକତାପ୍ରଧାନ ମଣିଷ (ethical man) ଭାବେ ଯେ କଳା ଓ ସୌନ୍ଦର୍ଯ୍ୟବୋଧ ଜୀବନରେ ସଂଯମ ଓ ଶୃଙ୍ଖଳାକୁ ନଷ୍ଟ କରୁଛି । ସୌନ୍ଦର୍ଯ୍ୟବୋଧକୁ ନୈତିକତାଶୂନ୍ୟ ଏକ ସୁଖବାଦୀ (hedonistic) ପ୍ରବୃତ୍ତି ବୋଲି କହି ନୀତିବାଦୀ ବ୍ୟକ୍ତି ତା'ର ନିନ୍ଦା କରେ । ଏହି ଉଭୟ ପ୍ରକାର ବ୍ୟକ୍ତି ନିଜ ନିଜ ମତରେ କଠୋରତା ଅବଲମ୍ବନ କରି ଅତିଶୟତାରେ ଯାଇ ପହଞ୍ଚନ୍ତି ।

ସୌନ୍ଦର୍ଯ୍ୟବୋଧ-ପ୍ରଧାନ ବ୍ୟକ୍ତି ସବୁବେଳେ ନୀତିଗତ ନିୟମକୁ ଅଗ୍ରାହ୍ୟ କରି ନପାରେ । ଯେତେବେଳେ ନୀତିଗତ ନିୟମ ନିଜେ ସୌନ୍ଦର୍ଯ୍ୟମୟ ହୁଏ ବା ସୌନ୍ଦର୍ଯ୍ୟ ସୃଷ୍ଟି କରିବାର ଏକ ମାଧ୍ୟମ ହୋଇଉଠେ ସେତେବେଳେ ସୌନ୍ଦର୍ଯ୍ୟପ୍ରେମୀ ତାକୁ ସ୍ୱାଗତ କରିନିଏ; ମାତ୍ର ସେ ଚାହେଁ ଯେ ନୈତିକ ନିୟମଟି ସୌନ୍ଦର୍ଯ୍ୟବୋଧଗତ ତତ୍ତ୍ୱର ଅଧୀନସ୍ଥ ହୋଇ ରହୁ । ଠିକ୍ ଯେପରି ସୌନ୍ଦର୍ଯ୍ୟ, ଆଡ଼ମ୍ବର, ଆଡ଼ମ୍ବରପୂର୍ଣ୍ଣ ଧର୍ମବିଧି, ଆବେଗଗତ ପରିତୃପ୍ତି ବା କବିତ୍ୱପୂର୍ଣ୍ଣ ଭାବାଦର୍ଶର ପାର୍ଶ୍ୱ ଦ୍ୱାର ଦେଇ ସୌନ୍ଦର୍ଯ୍ୟପ୍ରିୟ ବ୍ୟକ୍ତି ଧର୍ମ ଆଡ଼କୁ ଆକୃଷ୍ଟ ହୋଇଥାଏ, ଏହି କ୍ଷେତ୍ରରେ ମଧ୍ୟ ସେହିପରି ଘଟେ । ଧର୍ମର ସୁଖଦାୟୀ ଦିଗଗୁଡ଼ିକ (hedonistic aspects)ହିଁ ତାକୁ ଧର୍ମ ଆଡ଼କୁ ଆକୃଷ୍ଟ କରିଥାଏ ।

ଅନ୍ୟ ପକ୍ଷରେ ନୀତିବାଦୀ ବ୍ୟକ୍ତି କଳା ଓ ସୌନ୍ଦର୍ଯ୍ୟବୋଧକୁ ଅବିଶ୍ୱାସର ଦୃଷ୍ଟିରେ ଦେଖେ । ସେ ଭାବେ ଯେ ସୌନ୍ଦର୍ଯ୍ୟବୋଧ ମନୁଷ୍ୟର ସଂଯମଶୀଳତା ଓ ଦୃଢ଼ ମନୋବଳକୁ ନଷ୍ଟ କରି ପକାଉଛି, ଏହା କାମନାବାସନାକୁ ଉଦ୍ଦୀପିତ କରୁଛି ତଥା ଜୀବନରେ ଶୃଙ୍ଖଳା ସ୍ଥାପନ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ତା'ର ବିଚାରରେ ସୌନ୍ଦର୍ଯ୍ୟବୋଧ ହେଉଛି ଏକ ସୁଖକାମୀ ପ୍ରବୃତ୍ତି (hedonistic impulse), ଯାହାକି ଅନୈତିକ ଅଟେ ।

ନୈତିକତା ଓ ସୌନ୍ଦର୍ଯ୍ୟବୋଧକୁ ନେଇ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯେପରି ଦ୍ୱନ୍ଦ୍ୱ ଓ ବିରୋଧ ଦେଖାଯାଏ, ସମାଜ ଓ ଦେଶ ମଧ୍ୟରେ ବି ସେଇ ଦୃଷ୍ଟିରୁ ବିରୋଧ ଦେଖାଯାଏ । ସମାଜ କ୍ଷେତ୍ରରେ ଏହି ପରସ୍ପର ବିରୋଧୀ ପ୍ରବୃତ୍ତିଗୁଡ଼ିକ ବିକୃତ ରୂପ ଧାରଣ କରିଛି । ଉନବିଂଶ ଶତାବ୍ଦୀର ଇଂଲଣ୍ଡରେ ମଧ୍ୟବିତ୍ତ ବର୍ଗର ଲୋକେ ସଂକୀର୍ଣ୍ଣ, ଆନ୍ତରିକତାହୀନ ଓ ପରମ୍ପରାଗତ ଧାର୍ମିକତା ଅନୁସରଣ କରୁଥିଲେ । ସେମାନେ ଯେଉଁ ପ୍ରକାର ନୀତିବାଦିତା ପ୍ରଦର୍ଶନ କରୁଥିଲେ ତାହା ଆଦୌ ଏକ ନୀତିପ୍ରଧାନ ସଂସ୍କୃତି ନଥିଲା । ତାହା ଥିଲା ବୁର୍ଜୁଆ ସମ୍ମାନ-ସଚେତନତାର ଏକ ଉଦାହରଣ ମାତ୍ର । ସୁତରାଂ ଇଂଲଣ୍ଡର ତତ୍କାଳୀନ ସମାଜ ସଭ୍ୟତାଭୋଗୀ ଥିଲା ବୋଲି ଆମେ କହିପାରିବା । ସୌନ୍ଦର୍ଯ୍ୟବୋଧପ୍ରଧାନ ଏକ ସମାଜର ଉଦାହରଣ ଖୋଜିବାକୁ ଯାଇ ଆମେ ଯଦି ଅଣପାରମ୍ପରିକ ଜୀବନଶୈଳୀକୁ ଅନୁସରଣ କରୁଥିବା ବୋହେମୀୟ ସମାଜକୁ ବିଚାରକୁ ନେବା ତାହା କଦାପି ଠିକ୍ ହେବ ନାହିଁ । ପୁନଃପ୍ରତିଷ୍ଠା (Restoration) କାଳର ଲଣ୍ଡନ କିଂବା କେତେକ ନିର୍ଦ୍ଦିଷ୍ଟ କାଳର ପ୍ୟାରିସ ମଧ୍ୟ ତାହାର ଯଥାର୍ଥ ଉଦାହରଣ ହୋଇ ପାରିବ ନାହିଁ । ସେହି ସମାଜଗୁଡ଼ିକରେ ଇନ୍ଦ୍ରିୟଗତ ଭୋଗ ପ୍ରାଧାନ୍ୟ ଲାଭ କରିଥିଲା । ବୁଦ୍ଧିସର୍ବସ୍ୱତା ଓ ସୌନ୍ଦର୍ଯ୍ୟବୋଧ କେବଳ ଉପରି ସ୍ତରରେ ଥିଲା । ନୈତିକତାର ପରମ୍ପରାଗୁଡ଼ିକରୁ ମୁକ୍ତ

ହେବା ଲାଗି ଉଦ୍ୟମ କରାଯାଉଥିଲା, ମାତ୍ର ସେଥିରେ ଛଳନା ମିଶ୍ରିତ ହୋଇ ରହିଥିଲା । ଯେଉଁ ସମୟରେ ଇଂଲଣ୍ଡରେ ଧର୍ମବିଧି ଓ ଧର୍ମ ସିଦ୍ଧାନ୍ତଗୁଡ଼ିକର ସଂସ୍କାର ସପକ୍ଷରେ ଜନମତ ରହିଥିଲା, ସେ କାଳର ଇଂଲଣ୍ଡ(Puritan England)କୁ ଏକ ନୀତିପ୍ରଧାନ ସମାଜ ବୋଲି କୁହାଯାଇ ପାରିବ ନାହିଁ । କାରଣ ଯଦିଓ ସେଠାରେ ଚରିତ୍ର ଓ ନୈତିକ ସତ୍ତାର ଅନୁଶୀଳନ କଠୋରତାର ସହିତ କରାଯାଉଥିଲା, ତଥାପି ଧାର୍ମିକତାହିଁ ଥିଲା ସର୍ବପ୍ରଧାନ ଆବେଗ । ମାନବସମାଜର ବିବର୍ତ୍ତନଧାରାଟିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ମନୁଷ୍ୟଜାତି ଏକ ସମଷ୍ଟି ହିସାବରେ କ୍ରମେ ଅଧିକରୁ ଅଧିକ ଜଟିଳ ହେବାକୁ ଲାଗିଛି । ସୁତରାଂ ବିଶୁଦ୍ଧ ରୂପରେ ସୌନ୍ଦର୍ଯ୍ୟ-ବୋଧ ପ୍ରଧାନ ବା ନୈତିକତା-ପ୍ରଧାନ ସମାଜର ନମୁନାଟିଏ ଖୋଜି ପାଇବା କ୍ରମେ ଅଧିକରୁ ଅଧିକ କଷ୍ଟକର ହୋଇ ପଡୁଛି ।

ପ୍ରଜାତନ୍ତ୍ର ଶାସିତ ରୋମ୍(Republican Rome)ରେ କିଛି କାଳ ପାଇଁ ବଳିଷ୍ଠ ଚରିତ୍ର ଗଠନର ପ୍ରଚେଷ୍ଟା କରାଯାଇଥିଲା । ମାତ୍ର ସୌନ୍ଦର୍ଯ୍ୟବୋଧ ବା ବୁଦ୍ଧିଗତ କ୍ରିୟାଶୀଳତାକୁ ବର୍ଜିତ କରି ରଖାଯାଇଥିଲା । ତାହା ଧର୍ମଭାବନା ଦ୍ୱାରା ମଧ୍ୟ ପ୍ରେରିତ ହୋଇ ନଥିଲା । ଦୃଢ଼ ଇଚ୍ଛାଶକ୍ତି ବଳରେ ଆବେଗଗତ ଓ ଇନ୍ଦ୍ରିୟଗତ ମନକୁ ନିୟନ୍ତ୍ରିତ କରିବା ଥିଲା ଏକ ନୀତିଗତ ଆଦର୍ଶ । ଆପଣାର ଇଚ୍ଛାଶକ୍ତି ଓ ଚାରିତ୍ରିକ ଶୃଙ୍ଖଳା ବଳରେ ସେଇ ଜାତି ଅନ୍ୟ ଜାତିମାନଙ୍କୁ ଶାସନ କରିବାର ସାମର୍ଥ୍ୟ ଅର୍ଜନ କରିଥିଲା । ଯେଉଁ ଜାତିମାନେ ସର୍ବୋଚ୍ଚ କ୍ଷମତାଶାଳୀ ହୋଇ ପାରିଛନ୍ତି, ଆପଣାର ସାମ୍ରାଜ୍ୟ ବିସ୍ତାର କରି ପାରିଛନ୍ତି, ସେମାନଙ୍କର ଏହି ସଫଳତା ମୂଳରେ ରହିଥିଲା ଇଚ୍ଛାଶକ୍ତି, ଚରିତ୍ର ଓ ଆତ୍ମସଂଯମ ।

ପ୍ରଥମ ପର୍ଯ୍ୟାୟର ରୋମ୍ ଓ ସ୍ପାର୍ଟା ଯଦିଓ ରାଜନୈତିକ ଦୃଷ୍ଟିରୁ ଖୁବ୍ କ୍ଷମତାଶାଳୀ ଥିଲେ, କିନ୍ତୁ ଦାର୍ଶନିକ ବିଚାର, କଳା ସାଧନା, କାବ୍ୟ ଓ ସାହିତ୍ୟ କ୍ଷେତ୍ରରେ ସେମାନଙ୍କ ଅବଦାନ କିଛି ନଥିଲା । ସେଠାରେ ମନୋଗତ ଜୀବନର ବିକାଶ ଲାଗି କୌଣସି ପ୍ରୋତ୍ସାହନ ନଥିଲା । ସୌନ୍ଦର୍ଯ୍ୟବୋଧର କ୍ରିୟାତ୍ମକତା ନିଷିଦ୍ଧ ଥିଲା । ମନର କର୍ଷଣ ଓ ସୌନ୍ଦର୍ଯ୍ୟବୋଧର ପ୍ରୟୋଗ ଦ୍ୱାରା ଯେଉଁ ସୁଖ ଓ ଆନନ୍ଦ ପ୍ରାପ୍ତ ହୋଇଥାଏ, ସେଠାକାର ମନୁଷ୍ୟମାନେ ସେଥିରୁ ବଞ୍ଚିତ ହୋଇ ରହିଥିଲେ । ସେହି କାଳରେ ଜନସାଧାରଣ ଯେପରି ଗ୍ରୀକ୍ ପ୍ରଭାବଗୁଡ଼ିକରୁ ମୁକ୍ତ ହୋଇ ରହିବେ ତା'ର ବ୍ୟବସ୍ଥା କରାଯାଇଥିଲା । ଗ୍ରୀକ୍ ଶିକ୍ଷାଦାତାମାନଙ୍କର ଶିକ୍ଷାଳୟଗୁଡ଼ିକୁ ବନ୍ଦ କରି ଦିଆଗଲା । ଦାର୍ଶନିକମାନଙ୍କୁ ଦେଶରୁ ବିତାଡ଼ିତ କରାଗଲା । ଗ୍ରୀକ୍ ଭାଷା ଓ ସଂସ୍କୃତିକୁ ବାସନ୍ଦ କରି ରଖାଗଲା । ସ୍ପାର୍ଟାରେ ଏକ ପ୍ରକାରର ସମର-ସଂଗୀତ ଓ ସମର-କାବ୍ୟକୁ ନୈତିକ ଶିକ୍ଷଣ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଥିଲା, ମାତ୍ର ତାହା ଥିଲା ସୌନ୍ଦର୍ଯ୍ୟବୋଧଗତ ଏକମାତ୍ର ଉପାଦାନ ।

ଯେଉଁ ସଂସ୍କୃତିଗୁଡ଼ିକ କେବଳ ନୀତିଗତ ଆଦର୍ଶ ଭିତରେ ନିଜକୁ ଆବଦ୍ଧ କରି ରଖିଥିଲେ ସେଗୁଡ଼ିକ ବେଶୀ ଦିନ ତିଷ୍ଠି ରହିପାରି ନଥିଲେ । ଜ୍ଞାନ, ସୃଜନଶୀଳତା ଓ ସୌନ୍ଦର୍ଯ୍ୟବୋଧକୁ ଜୀବନ-ଭୂମିରୁ ବହିଷ୍କାର କରି ରଖିବାରୁ କିଛି କାଳ ପରେ ସେହି ସଂସ୍କୃତିଗୁଡ଼ିକର ବିଲୟ ଘଟିଲା । ପ୍ରଥମକାଳୀନ ରୋମ୍ ସଭ୍ୟତାଟି ଏଥିପାଇଁ ଭାଙ୍ଗି ପଡ଼ିଥିଲା । ମନୋଗତ ସାମର୍ଥ୍ୟର ବିକାଶ ସାଧନ ଓ ବୁଦ୍ଧିର ମୁକ୍ତ ପ୍ରୟୋଗ ଉପରେ ଗୁରୁତ୍ୱଦେଇ ଶ୍ରୀଅରବିନ୍ଦ କହନ୍ତି –

''The human mind needs to think, feel, enjoy, expand; ...It readily refuses the name of culture to those civilisations or periods, however noble their aim or even however beautiful in itself their order, which have not allowed an intelligent freedom of development.'' (The Human Cycle, p. 98-99)

ଅର୍ଥାତ୍, ''ସ୍ୱାଭାବିକ ମଣିଷର ମନ ବିଚାର କରିବାକୁ ଚାହେଁ, ଅନୁଭବ କରିବାକୁ ଚାହେଁ, ଉପଭୋଗ କରିବାକୁ ଚାହେଁ; ଆପଣାକୁ ପ୍ରସାରିତ ବି କରିବାକୁ ଚାହୁଁଥାଏ । ... ଯେଉଁସବୁ ସଭ୍ୟତା ଅଥବା ଯେଉଁସବୁ ଯୁଗ ମଣିଷର ବିକାଶ ଲାଗି ଏକ ବୁଦ୍ଧିଯୁକ୍ତ ସ୍ୱାଧୀନ ପ୍ରେରଣାକୁ ବାଟ ଛାଡ଼ିଦେଇ ନାହାନ୍ତି, ସେସବୁ ସଭ୍ୟତା ଓ ଯୁଗର ଅଭୀଷ୍ଟ ଲକ୍ଷ୍ୟଟି ଯେତେ ଉଚ୍ଚ ବା ମହନୀୟ ହୋଇଥାଉ ଅଥବା ସେମାନଙ୍କର ଶୃଙ୍ଖଳା ଓ ବ୍ୟବସ୍ଥାଟି ଯେତେ ସୁଠାମ ଓ ସୁନ୍ଦର ହୋଇ ଗଢ଼ା ହୋଇଥାଉ ପଛକେ, ମନୁଷ୍ୟର ସ୍ୱାଭାବିକ ମନଟି ସେଗୁଡ଼ିକୁ ସଂସ୍କୃତି ବୋଲି କହିବାକୁ ମଧ୍ୟ ଅସ୍ୱୀକାର କରିଦିଏ ।''

ନାନା ଅପୂର୍ଣ୍ଣତା ସତ୍ତ୍ୱେ ପ୍ରାଚୀନ ଏଥେନ୍ସକୁ ଏକ ପରିପୂର୍ଣ୍ଣ ସଂସ୍କୃତି ବୋଲି କୁହାଯାଇ ପାରିବ । କାରଣ ମନୁଷ୍ୟର ମୁକ୍ତ ବିକାଶ ଲାଗି ସେଠାରେ ପରିପୂର୍ଣ୍ଣ ସୁଯୋଗ ରହିଥିଲା, ବିଚାର, ସୌନ୍ଦର୍ଯ୍ୟ ଓ ବଞ୍ଚିବାର ଆନନ୍ଦକୁ ଜୀବନରେ ସର୍ବୋଚ୍ଚ

ମହତ୍ତ୍ୱ ଦିଆ ଯାଇଥିଲା । ଦୁଇଟି ପର୍ଯ୍ୟାୟ ମଧ୍ୟଦେଇ ଏଥେନ୍ସର ସଭ୍ୟତା ବିକାଶ ଲାଭ କରିଥିଲା । ଗୋଟିଏ ହେଉଛି କଳା ଓ ସୌନ୍ଦର୍ଯ୍ୟର ପର୍ଯ୍ୟାୟ ଯେତେବେଳେ କି ଫିଡ଼ିୟାସ୍ ଓ ସୋଫୋକ୍ଲିସ୍‌ଙ୍କ ଭଳି ପ୍ରତିଭାଧର ବ୍ୟକ୍ତିମାନେ କଳା, ଭାସ୍କର୍ଯ୍ୟ, ନାଟ୍ୟରଚନା ଇତ୍ୟାଦି କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ । ଅନ୍ୟଟି ହେଉଛି ବିଚାର ଓ ଚିନ୍ତନର ପର୍ଯ୍ୟାୟ, ଯେତେବେଳେ କି ମହାନ୍ ଦାର୍ଶନିକମାନେ ବିଭିନ୍ନ ପ୍ରଭାବଶାଳୀ ଦାର୍ଶନିକ ତତ୍ତ୍ୱ ପ୍ରଚାର କରିଥିଲେ । ସେହି ସମାଜରେ ଏକ ପାରମ୍ପରିକ ଓ ସଂସ୍କାରଗତ ନୈତିକତା ଆଚରିତ ହେଉଥିଲା ଯାହାର ମୂଳଭିତ୍ତି ଥିଲା ସୌନ୍ଦର୍ଯ୍ୟବୋଧ । ଧର୍ମକ୍ଷେତ୍ରରେ ମଧ୍ୟ ସୌନ୍ଦର୍ଯ୍ୟର ପ୍ରଧାନ ସ୍ଥାନ ଥିଲା । ବିଭିନ୍ନ ବିଧି ପାଳନ ଓ ଉତ୍ସବ ଆୟୋଜନ ବେଳେ ସୌନ୍ଦର୍ଯ୍ୟର ପରିପ୍ରକାଶ ଓ ଆନନ୍ଦର ଉପଭୋଗ ମୁଖ୍ୟ ଅଭିପ୍ରାୟ ହୋଇ ରହିଥିଲା । ଏହା ଫଳରେ କଳାତ୍ମକ ସୃଜନ ଲାଗି ପ୍ରେରଣା ମିଳୁଥିଲା ।

ମାତ୍ର ଗୋଟିଏ ଶତାବ୍ଦୀ ଭିତରେହିଁ ଏଥେନ୍ସ ତା'ର ସ୍ୱକୀୟ ପ୍ରାଣଶକ୍ତିକୁ ହରାଇ ବସିଲା । ତା'ର ଇଚ୍ଛାଶକ୍ତି ନିଃଶେଷିତ ହୋଇଗଲା । ଜୀବନ-ସଂଗ୍ରାମରେ ସେ ଆଉ ସଫଳତା ହାସଲ କରିପାରିଲା ନାହିଁ । ତା'ର ସୃଜନଶୀଳତା ଲୋପ ପାଇଲା । ଚରିତ୍ରବତ୍ତା ଓ ନୀତିଗତ ଶୃଙ୍ଖଳାକୁ ଉପେକ୍ଷା କରିବା ହେତୁ ଏଥେନ୍ସର ଏହି କୁପରିଣତି ଘଟିଥିଲା । ଏହି ଦୁର୍ଦ୍ଦଶାରୁ ବାହାରି ଆସିବା ଲାଗି ସେ ସତ୍ୟର ଅନ୍ୱେଷଣ କଲା ଏବଂ ନୀତିଗତ ଆତ୍ମଶୃଙ୍ଖଳାର କେତେକ ସୂତ୍ରର ମଧ୍ୟ ବିକାଶ ଘଟାଇଲା । ମାତ୍ର ତାହାର ପ୍ରଚେଷ୍ଟା କେବଳ ବିଚାର ସ୍ତରରେ ସୀମିତ ହୋଇ ରହିଗଲା, ବିଚାରଗତ ସତ୍ୟ ବାସ୍ତବ ଜୀବନରେ ପ୍ରକଟିତ ହୋଇପାରିଲା ନାହିଁ । ଏଥେନ୍ସ ନୀତିଗତ ଶୃଙ୍ଖଳାର ଷ୍ଟୋଇକ୍ ମତକୁ ମଧ୍ୟ ବାସ୍ତବ ଜୀବନରେ ପ୍ରୟୋଗ କରିପାରି ନଥିଲା ।

ରେନେସାଁକାଳୀନ ଇଟାଲୀ ସୌନ୍ଦର୍ଯ୍ୟବୋଧପ୍ରଧାନ ଜୀବନଦୃଷ୍ଟିର ଅନ୍ୟ ଏକ ଦୃଷ୍ଟାନ୍ତ । ଏଠାରେ କଳା ଓ କାବ୍ୟରଚନା ଉତ୍କର୍ଷ ଲାଭ କରିଥିଲା । ଜୀବନରେ ସୌନ୍ଦର୍ଯ୍ୟର ପରିପ୍ରକାଶ ପାଇଁ ବହୁପ୍ରକାର ପ୍ରୟାସ କରାଯାଇଥିଲା । ମାତ୍ର ନୈତିକତାକୁ ସଂସ୍କୃତି ଭିତରୁ ବାଦ୍ ଦିଆଯାଇଥିଲା । ଅନୈତିକ କାର୍ଯ୍ୟ ତଥା ଯଥେଚ୍ଛାଚାରକୁ ପ୍ରଶ୍ରୟ ଦିଆଗଲା । ରୋମ୍‌ରେ ଜ୍ଞାନ ଓ ବିଦ୍ୟାର ଅଭାବ ନଥିଲା, ଜିଜ୍ଞାସାକୁ ଯଥେଷ୍ଟ ପ୍ରୋତ୍ସାହନ ମିଳୁଥିଲା । ମାତ୍ର ଉଚ୍ଚ ବିଚାର ଓ ସତ୍ୟର ଅନୁସରଣ ନିମନ୍ତେ ଶ୍ରଦ୍ଧା ଓ ନିଷ୍ଠାର ଅଭାବ ରହିଥିଲା । ବୌଦ୍ଧିକ ଅନୁଶୀଳନର ସୂକ୍ଷ୍ମତର ଦିଗଗୁଡ଼ିକୁ ଉପେକ୍ଷା କରାଗଲା । ଧର୍ମ ଭିତରେ ଦୂଷିତତା ପ୍ରବେଶ କରିଗଲା । ନୈତିକ ଆଦର୍ଶର ଅନୁସରଣ ନକରିବାରୁ ପରବର୍ତ୍ତୀ କାଳରେ ଇଟାଲୀର ପତନ ଘଟିଲା । ଏହି ଉଦାହରଣରୁ ସ୍ପଷ୍ଟ ହୁଏ ଯେ ଇଚ୍ଛାଶକ୍ତି, ଚରିତ୍ର, ଆତ୍ମଶୃଙ୍ଖଳା ଓ ଆତ୍ମପ୍ରଭୁତ୍ୱ ଗୋଟିଏ ଜାତିର ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ।

ଶ୍ରୀଅରବିନ୍ଦ କହନ୍ତି ଯେ ନୀତିକୁ ବା ସୌନ୍ଦର୍ଯ୍ୟବୋଧକୁହିଁ ସବୁକିଛି ବୋଲି ଗ୍ରହଣ କରିଥିବା ମଣିଷ କେବେହେଁ ସମ୍ପୂର୍ଣ୍ଣ ମଣିଷ ନୁହେଁ । ମନୁଷ୍ୟର ଆତ୍ମପରିପୂର୍ଣ୍ଣତା ଲାଗି ଇଚ୍ଛାଶକ୍ତି, ଚରିତ୍ର, ଆତ୍ମଶୃଙ୍ଖଳା ଓ ନୈତିକ ଆଚରଣ ଯେତିକି ଆବଶ୍ୟକ, ସୌନ୍ଦର୍ଯ୍ୟବୋଧଗତ ଦୃଷ୍ଟି ମଧ୍ୟ ସେତିକି ଆବଶ୍ୟକ । ସୌନ୍ଦର୍ଯ୍ୟ ଓ ଆନନ୍ଦର ବୋଧ ଦ୍ୱାରା ନୈତିକତାବୋଧର କ୍ଷେତ୍ରଟିକୁ ଅଧିକ ପ୍ରସାରିତ କରାଯାଇପାରିବ । ନୈତିକତା କ୍ଷେତ୍ରରେ ଥିବା କଠୋରତାକୁ ପ୍ରଶମିତ କରି ତା' ଭିତରେ କୋମଳତା, ଶ୍ରଦ୍ଧା ଓ ସୁଖମୟ ଉପାଦାନକୁ ପ୍ରବେଶ କରାଇବା ଉଚିତ । ସେହିପରି ସୌନ୍ଦର୍ଯ୍ୟବୋଧ ଭିତରେ ମଧ୍ୟ ଇଚ୍ଛାଶକ୍ତି, ସଂଯମ, ଶୃଙ୍ଖଳା ଓ ଶୁଦ୍ଧତା ପ୍ରବେଶ କରାଇ ତାକୁ ଯଥାର୍ଥ ଦିଗରେ ପରିଚାଳିତ କରିବା ଆବଶ୍ୟକ । ଏହି ଉଭୟ ସାମର୍ଥ୍ୟ ସଂଯୁକ୍ତ ହୋଇପାରିଲେ ତାହା ଏକ ଜାତିର ସାଂସ୍କୃତିକ ବିକାଶରେ ବିଶେଷ ସହାୟକ ହେବ । ନୈତିକତାବୋଧ ଆମ ଭିତରେ ଥିବା ତପଃଶକ୍ତିର ପ୍ରତିନିଧିତ୍ୱ କରୁଥିବା ବେଳେ ସୌନ୍ଦର୍ଯ୍ୟବୋଧ ଆମ ଭିତରର ଆନନ୍ଦତତ୍ତ୍ୱର ପ୍ରତିନିଧିତ୍ୱ କରୁଛି । ଏହି ଦୁଇଟି ପରସ୍ପରର ସହାୟକ ହୋଇ ପାରିବେ । ଏକ ଜାତିର ଆତ୍ମ-ଅଭିବ୍ୟକ୍ତିକୁ ଐଶ୍ୱର୍ଯ୍ୟଶାଳୀ ଓ ବ୍ୟାପକତର କରିବା ନିମନ୍ତେ ଉଭୟ ସାମର୍ଥ୍ୟର ଆବଶ୍ୟକତା ରହିଛି । ବୁଦ୍ଧିଗତ ବିବେଚନାଶକ୍ତି (reason) ଓ ବୁଦ୍ଧିସ୍ତରୀୟ ଇଚ୍ଛାଶକ୍ତି (intelligent will) ଦ୍ୱାରା ଆମେ ଏହି ଉଭୟ ସାମର୍ଥ୍ୟ ମଧ୍ୟରେ ସଂଯୋଗ ଘଟାଇ ପାରିବା । ସୁତରାଂ ଶ୍ରୀଅରବିନ୍ଦ ଏହି ବିବେଚନାଶକ୍ତି ଓ ବୁଦ୍ଧିଗତ ଇଚ୍ଛାଶକ୍ତିକୁ ଆମର ସର୍ବଶ୍ରେଷ୍ଠ ସାମର୍ଥ୍ୟ (crowning capacity) ବୋଲି କହିବା ସଙ୍ଗେ ସଙ୍ଗେ ଆମ ପ୍ରକୃତିର ମୁକୁଟଧାରୀ ସାର୍ବଭୌମ ଶାସକ (crowned sovereign of our nature) ବୋଲି ମଧ୍ୟ ଅଭିହିତ କରିଛନ୍ତି । ❑

### ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୮)

### ଶ୍ରୀମା'ଙ୍କ ସହିତ ନିକଟ ସମ୍ପର୍କ :

ଶ୍ରୀମା'ଙ୍କର ଯଥାର୍ଥ ସନ୍ତାନ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି : ''ସେହିମାନେହିଁ ହେଉଛନ୍ତି ଶ୍ରୀମା'ଙ୍କର ନିକଟତମ ସନ୍ତାନ ଯେଉଁମାନେ ତାଙ୍କ ପ୍ରତି ଉନ୍ମୀଳିତ, ସେମାନଙ୍କର ଆନ୍ତର ସତ୍ତାରେ ନିକଟ, ତାଙ୍କ ସଂକଳ୍ପ ସହିତ ଏକ, ଅଭିନ୍ନ – ଯେଉଁମାନେ କେବଳ ସେମାନଙ୍କ ସ୍ଥୂଳ ଭୌତିକ ଶରୀରରେ ତାଙ୍କର ନିକଟତମ ଥା'ନ୍ତି ସେମାନେ ନୁହଁନ୍ତି ।''

(SABCL, Vol. 25, P. 170)

*

''ଯଦି ଶ୍ରୀମା'ଙ୍କ ପ୍ରତି ଜଣଙ୍କର ଘନିଷ୍ଠ ଆନ୍ତର ସମ୍ପର୍କ ରହିଥାଏ, ତେବେ ସିଏ ଶ୍ରୀମା'ଙ୍କୁ ଅତି ନିକଟରେ ଅନୁଭବ କରିଥାଏ, ଅନ୍ତରରେ ଏବଂ ନିଜର ପରିପାର୍ଶ୍ୱରେ । ଏବଂ ସେ କେବେ ହେଲେ ନିଜ ସକାଶେ ଶ୍ରୀମା'ଙ୍କର ନିକଟ ସ୍ଥୂଳ ସାନ୍ନିଧ୍ୟ ଲାଭ ଉପରେ ଜିଦ୍ କରେ ନାହିଁ । ଯେଉଁମାନଙ୍କର ଏହି ମନୋଭାବ ନାହିଁ, ସେମାନେ ଏଥିନିମିତ୍ତ ଆସ୍ପୃହା କରିବା ଉଚିତ ଏବଂ ସ୍ଥୂଳ ସାନ୍ନିଧ୍ୟ ସକାଶେ ତୀବ୍ର ଇଚ୍ଛା ପୋଷଣ କରିବା ବା ଲାଳାୟିତ ହେବା ଅନୁଚିତ । ଯଦି ସେମାନେ ଶ୍ରୀମା'ଙ୍କର ସ୍ଥୂଳ ସାନ୍ନିଧ୍ୟ ପାଆନ୍ତି, ସେମାନେ ଜାଣି ପାରନ୍ତି ଯେ ଆନ୍ତର ଏକାତ୍ମତା ଓ ନିକଟ ସମ୍ପର୍କ ବିନା ଏହି ସ୍ଥୂଳ ସାନ୍ନିଧ୍ୟର କୌଣସି ମୂଲ୍ୟ ନାହିଁ । ଜଣେ ସ୍ଥୂଳ ଭୌତିକ ଶରୀରରେ ଶ୍ରୀମା'ଙ୍କର ନିକଟରେହିଁ ରହି ଥାଇପାରେ ଏବଂ ତଥାପି ସେ ତାଙ୍କଠାରୁ ବହୁ ଦୂରରେ, ସାହାରା ମରୁଭୂମିରେ ରହିଥିବା ସଦୃଶ ରହିଥାଏ ।

(୧୧.୬.୧୯୩୪) (ତତ୍ରୈବ, ପୃଷ୍ଠା - ୧୭୦)

*

ଶ୍ରୀମାଙ୍କ ସହିତ ନିକଟ ସମ୍ପର୍କ ରଖିବା ସକାଶେ ସାଧକମାନଙ୍କ ସହ ଶ୍ରୀଅରବିନ୍ଦଙ୍କ ପତ୍ରାଳାପରୁ କିଛି :

ପ୍ରଶ୍ନ : ଆଜି ଉପର ମହଲାରେ ଶ୍ରୀମା'ଙ୍କ ପ୍ରକୋଷ୍ଠକୁ ଯିବା ସକାଶେ ତୀବ୍ର ଇଚ୍ଛା ହୋଇଥିଲା, ଯଦ୍ଦ୍ୱାରା ମୁଁ ତାଙ୍କର ନିକଟ ସାନ୍ନିଧ୍ୟ ଓ ଘନିଷ୍ଠତା ଲାଭ କରି ପାରିଥା'ନ୍ତି ।

ଶ୍ରୀଅରବିନ୍ଦଙ୍କ ଉତ୍ତର : କିନ୍ତୁ ବାହ୍ୟ ପ୍ରକୋଷ୍ଠରେ ନୁହେଁ, ଅନ୍ତରର ପ୍ରକୋଷ୍ଠରେହିଁ ଶ୍ରୀମା'ଙ୍କ ନିକଟକୁ ଆସିବା ଉଚିତ । କାରଣ ଆନ୍ତର ପ୍ରକୋଷ୍ଠଗୁଡ଼ିକରେହିଁ ଜଣେ ସର୍ବଦା ପ୍ରବେଶ କରିପାରେ ଏବଂ ସେଠାରେ ଏପରିକି ଚିରସ୍ଥାୟୀ ଭାବରେ ବାସ କରିପାରେ ।

(୮.୩.୧୯୩୫)

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ', ପୃଷ୍ଠା -୪୧୪)

*

ପ୍ରଶ୍ନ : ଏଠାରେ ଆଶ୍ରମରେ ରହି ଶ୍ରୀମା'ଙ୍କର ସମ୍ପର୍କ ଓ ସହାୟତା ଯେଉଁ ଭାବରେ ଗ୍ରହଣ କରାଯାଇପାରେ, ଦୂରରେ – ଯେପରି ବମ୍ବେ ବା କଲିକତାରେ – ରହି ମଧ୍ୟ ଠିକ୍ ସେହି ଭାବରେ ତାହା ଗ୍ରହଣ କରାଯାଇ ପାରିବ କି ?

ଶ୍ରୀଅରବିନ୍ଦଙ୍କ ଉତ୍ତର : ଯେକୌଣସି ସ୍ଥାନରେ ରହିଥିଲେ ବି ଜଣେ ଏହା ଗ୍ରହଣ କରିପାରେ ଏବଂ ଯଦି ଏକ ଶକ୍ତିଶାଳୀ ଆଧ୍ୟାତ୍ମିକ ଚେତନା ଥାଏ ତେବେ ଜଣେ ଖୁବ୍ ଅଧିକ ଅଗ୍ରଗତି କରିପାରେ । କିନ୍ତୁ ଅଭିଜ୍ଞତା ଏହି ଧାରଣାକୁ ସମର୍ଥନ କରେ ନାହିଁ ଯେ ଏହି ଦୁଇଟି ଭିତରେ କୌଣସି ପାର୍ଥକ୍ୟ ନାହିଁ ବା ଏ ଦୁଇଟି ପ୍ରାୟ ସମାନ ।

(୧୮.୮.୧୯୩୩) (ତତ୍ରୈବ, ପୃଷ୍ଠା ୪୦୭)

*

ପୁନଶ୍ଚ ଆଶ୍ରମରେ ଓ ବାହାରେ ଶ୍ରୀମା'ଙ୍କ ସହିତ ଚୈତ୍ୟ-ସମ୍ପର୍କ ସ୍ଥାପନ କରିବା ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କ ଏକ ପତ୍ରରୁ ଉଦ୍ଧୃତି :

''ଏକଥା ନିଶ୍ଚୟ ସତ୍ୟ ଯେ ମା'ଙ୍କ ସହିତ ସଂସ୍ପର୍ଶ ସୁଦୂରରେ ରହି ବି ହୋଇପାରେ ଏବଂ ଦିବ୍ୟସତ୍ତା ସର୍ବବ୍ୟାପୀ, ଦେଶର ସୀମାରେ ସେ ଆବଦ୍ଧ ନୁହେଁ । ପ୍ରତ୍ୟେକ ଲୋକ ପକ୍ଷରେ ଆଧ୍ୟାତ୍ମିକ ଜୀବନଯାପନ କରିବା ନିମିତ୍ତ ବା

ଯୋଗାଭ୍ୟାସ ନିମିତ୍ତ ଆଶ୍ରମରେ ବା ସ୍ଥୂଳ ଦେହରେ ମା'ଙ୍କ ସାନ୍ନିଧ୍ୟରେ ରହିବା ଅପରିହାର୍ଯ୍ୟ ନୁହେଁ, ବିଶେଷତଃ ଆରମ୍ଭରେ, କିନ୍ତୁ ସତ୍ୟର ଏହା କେବଳ ଗୋଟିଏ ଦିଗ । ଆହୁରି ଗୋଟିଏ ଦିଗ ବି ଅଛି, ନହେଲେ ଯୁକ୍ତିଶାସ୍ତ୍ରାନୁସାରେ ସାବ୍ୟସ୍ତ ହୋଇ ପାରିଥାଆନ୍ତା ଯେ ମା'ଙ୍କର ଏଠାରେ ରହିବାର କୌଣସି ପ୍ରୟୋଜନହିଁ ନ ଥିଲା, ଅଥବା ଆଶ୍ରମର କୌଣସି ଆବଶ୍ୟକତା ନ ଥିଲା ଅଥବା କାହାର ଏଠାକୁ ଆସିବାର ପ୍ରୟୋଜନ ନଥିଲା ।

ସମସ୍ତଙ୍କ ଭିତରେ ଚୈତ୍ୟପୁରୁଷ ରହିଛି କିନ୍ତୁ ଖୁବ୍ ଅଳ୍ପ କେଇଜଣଙ୍କ ମଧ୍ୟରେ ଏହା ସୁବିକଶିତ, ଚେତନାରେ ସୁଗଠିତ ବା ସମ୍ମୁଖରେ ପ୍ରକଟିତ ଅଧିକାଂଶଙ୍କ ଭିତରେ ଏହା ଆବୃତ ହୋଇ ରହିଥାଏ, ଅନେକ ସମୟରେ ଫଳପ୍ରଦ ଭାବରେ କାର୍ଯ୍ୟ କରିପାରେ ନାହିଁ କିଂବା ପ୍ରଭାବ ମାତ୍ର ହୋଇ ରହିଥାଏ, ଆଧ୍ୟାତ୍ମିକ ଜୀବନରେ ଅବଲମ୍ବନ ହେଲା ଭଳି ଯଥେଷ୍ଟ ରୂପେ ସଚେତ ବା ସୁଦୃଢ଼ ହୋଇ ନଥାଏ ।

ଏହି କାରଣରୁ, ଏହି ସତ୍ୟ ପ୍ରତି ଯେଉଁମାନେ ଆକର୍ଷିତ ସେମାନଙ୍କର ଏଠାକୁ ଆସିବା ଆବଶ୍ୟକ । ଏଇଥିପାଇଁ ଯେ ସେମାନେ ଯଥାର୍ଥ ସ୍ପର୍ଶ ପାଇପାରିବେ । ଏହି ସ୍ପର୍ଶହିଁ ସେମାନଙ୍କ ଭିତରେ ଚୈତ୍ୟପୁରୁଷଙ୍କ ଜାଗରଣ ଆଣିଦେବ ବା ସେଥିପାଇଁ ପଥ ପ୍ରସ୍ତୁତ କରିବ – ତାହାହିଁ ହେଲା ସେମାନଙ୍କ ପାଇଁ ସଫଳ ଚୈତ୍ୟ ସମ୍ପର୍କର ଆରମ୍ଭ ।

ଏହି କାରଣରୁ ମଧ୍ୟ ଅନେକଙ୍କର ଏଠାରେ ରହିବା ଆବଶ୍ୟକ – ଯଦି ସେମାନେ ପ୍ରସ୍ତୁତ ଥାଆନ୍ତି – ଏଇଥିପାଇଁ ଯେ ପ୍ରତ୍ୟକ୍ଷ ପ୍ରଭାବ ଓ ସାନ୍ନିଧ୍ୟରେ ରହିବା ଯୋଗୁଁ ସେମାନଙ୍କ ଚେତନାରେ ଚୈତ୍ୟପୁରୁଷର ବିକାଶ ଓ ଗଠନ ବା ଏହାର ସମ୍ମୁଖକୁ ଆସିବା ସମ୍ଭବ ହେବ । ଯେତେବେଳେ ସ୍ପର୍ଶ ଦିଆ-ଯାଇଥାଏ ଓ ସାଧକର ତତ୍କାଳୀନ ସାମର୍ଥ୍ୟ ଅନୁସାରେ ତାହାର ବିକାଶ ହୋଇ ସାରିଥାଏ, ସେତେବେଳେ ସେ ବାହାର ଜଗତକୁ ଫେରିଗଲେ ସଂରକ୍ଷଣ ଓ ଦିବ୍ୟ ଚାଳନା ଅଧୀନରେ ଦୂରରେ ରହି ମଧ୍ୟ ସମ୍ପର୍କ ରଖିବାକୁ ସମର୍ଥ ହୁଏ ଓ ନିଜର ଆଧ୍ୟାତ୍ମିକ ଜୀବନ ବଜାୟ ରଖେ । କିନ୍ତୁ ବାହାର ଜଗତର ପ୍ରଭାବ ଚୈତ୍ୟ ସମ୍ପର୍କ ବା ଚୈତ୍ୟ ବିକାଶ ପାଇଁ ଅନୁକୂଳ ନୁହେଁ, ଯଦି ସାଧକ ଯଥେଷ୍ଟ ସତର୍କ ଓ ଏକାଗ୍ର ନରହେ ତେବେ କିଛି ସମୟ ପରେ ସେ ଚୈତ୍ୟ ସମ୍ପର୍କକୁ ସହଜରେ ହରାଇପାରେ ବା ତାହା ଆବୃତ ହୋଇ ଯାଇପାରେ ଏବଂ ବିରୋଧୀ ଶକ୍ତିସବୁର କ୍ରିୟା ଓ ପ୍ରଭାବ ଫଳରେ ତାହାର ବିକାଶ ବ୍ୟାହତ, ଗତିହୀନ ଓ ହ୍ରାସ ପ୍ରାପ୍ତ ହୁଏ । ତେଣୁ ସମ୍ପର୍କକୁ ଦୃଢ଼ ଓ ପୁନଃ ପ୍ରତିଷ୍ଠିତ କରିବା ପାଇଁ କିଂବା ବିକାଶକୁ ପୁନରୁଜ୍ଜୀବିତ କରିବା ପାଇଁ ବା ଏକ ସଦ୍ୟ ଗତିବେଗ ଦେବା ପାଇଁ କେନ୍ଦ୍ରୀୟ ପ୍ରଭାବର ସ୍ଥାନକୁ ଫେରି ଆସିବାର ଆବଶ୍ୟକତା ଅନୁଭୂତ ହୁଏ ଏବଂ ଏହାର ଆବଶ୍ୟକତା ମଧ୍ୟ ରହିଛି । ମଝିରେ ମଝିରେ ଏହି ସାନ୍ନିଧ୍ୟ ପାଇଁ ଅଭୀପ୍ସା ପ୍ରାଣଜ କାମନା ନୁହେଁ, ଯେତେବେଳେ ଏହା ସହିତ ଅହଂଭାବାପନ୍ନ ଜିଦ୍ ବା ପ୍ରାଣିକ ଉଦ୍ଦେଶ୍ୟ ମିଶି ଯାଇଥାଏ ସେତେବେଳେ କେବଳ ଏହାକୁ ପ୍ରାଣିକ ବାସନା କୁହାଯାଇ ପାରେ । କିନ୍ତୁ ଯଦି ଏହା ଚୈତ୍ୟପୁରୁଷର ଅଭୀପ୍ସା ରୂପେ ଶାନ୍ତ ଓ ଗଭୀର ହୋଇଥାଏ ଏବଂ ଏଥିରେ କୌଣସି ପ୍ରକାର ହଟ୍ଟଗୋଳ ବା ବିକ୍ଷୋଭକାରୀ ଜିଦ୍ ନ ଥାଏ ତେବେ ଏହାକୁ ପ୍ରାଣିକ କାମନା ବୋଲି କୁହାଯାଇ ପାରିବ ନାହିଁ ।

ଏହା ସେମାନଙ୍କ ପାଇଁ ପ୍ରଯୁଜ୍ୟ ଯେଉଁମାନଙ୍କୁ କେନ୍ଦ୍ରୀୟ ଶକ୍ତି ଓ ଦିବ୍ୟ ଉପସ୍ଥିତିର ପ୍ରତ୍ୟକ୍ଷ ଚାପ ତଳେ ଆଶ୍ରମରେ ବାସ କରିବା ପାଇଁ ଡକାଯିବ ନାହିଁ ବା ଏପର୍ଯ୍ୟନ୍ତ ଡକାଯାଇ ନାହିଁ । ସେଇମାନେହିଁ ଏଠାରେ ବାସ କରିବେ ଯେଉଁମାନଙ୍କୁ ଆରମ୍ଭରୁହିଁ ଡକାଯାଇଥାଏ କିଂବା ଯେଉଁମାନେ ପ୍ରସ୍ତୁତ ହୋଇଛନ୍ତି କିଂବା ଏହି ଯୋଗ ଦ୍ୱାରା ପ୍ରସ୍ତୁତ ହେଉଥିବା ସୃଷ୍ଟି ବା କାର୍ଯ୍ୟରେ ଅଂଶ ଗ୍ରହଣ କରିବା ପାଇଁ ଯେଉଁମାନଙ୍କୁ କୌଣସି ନା କୌଣସି କାରଣରୁ ସୁଯୋଗ ଦିଆଯାଇଛି । ସେମାନଙ୍କ ପାଇଁ ଏଠାକାର ବାତାବରଣ ଓ ସାମୀପ୍ୟରେ ରହିବା ଅପରିହାର୍ଯ୍ୟ, ଏଠାରୁ ଚାଲିଯିବା ସେମାନଙ୍କ ପାଇଁ ହେବ ମିଳିଥିବା ଏକ ସୁଯୋଗର ପ୍ରତ୍ୟାଖ୍ୟାନ ଓ ଆଧ୍ୟାତ୍ମିକ ନିୟତି ପ୍ରତି ପୃଷ୍ଠ-ପ୍ରଦର୍ଶନ । ଅନେକ ସମୟରେ ଏମାନଙ୍କର ବାଧାବିଘ୍ନ ବାହାରେ ରହିଥିବା ସାଧକମାନଙ୍କ ସଂଗ୍ରାମ ଅପେକ୍ଷା ବହୁତ ଅଧିକ ବୋଲି ଦେଖାଯାଏ; କାରଣ ଏମାନଙ୍କ କ୍ଷେତ୍ରରେ ଦାବି ତଥା ଚାପ ଅପେକ୍ଷାକୃତ ଅଧିକ । କିନ୍ତୁ ତହିଁ ସଙ୍ଗେ ସଙ୍ଗେ ଏମାନଙ୍କର ସୁଯୋଗ ମଧ୍ୟ ଅଧିକ ଏବଂ ଏମାନଙ୍କର ବିକାଶ ପାଇଁ ଅଧିକତର ଶକ୍ତି ଓ ପ୍ରଭାବ ଢାଳି ଦିଆଯାଏ ଏବଂ ଆଧ୍ୟାତ୍ମିକ ଭାବରେ ଏମାନେ ଯାହା ହୋଇ ଉଠିପାରନ୍ତି ବା ହୋଇ ଉଠିବେ ତାହା ମଧ୍ୟ ବହୁ ଗୁଣରେ ଅଧିକ, ଯଦି ଏମାନେ ନିଜର ପଥ ନିର୍ବାଚନ ବା ଆଧ୍ୟାତ୍ମିକ ଆହ୍ୱାନ ପ୍ରତି ବିଶ୍ୱସ୍ତ ରହନ୍ତି ।''

(୭.୧୦.୧୯୩୧) (ତତ୍ରୈବ, ପୃଷ୍ଠା ୪୦୫-୦୬)

*

ଆନ୍ତର (ଅନ୍ତରାତ୍ମିକ) ସମ୍ପର୍କର ଅର୍ଥ ହେଲା ସାଧକ ମା'ଙ୍କର ଉପସ୍ଥିତି ଅନୁଭବ କରେ, ସର୍ବଦା ମା'ଙ୍କ ଆଡ଼କୁ ଉନ୍ମୁଖ ରହେ, ମା'ଙ୍କ ଶକ୍ତି ଯେ ତାକୁ ଚଳାଉଛି, ପଥ ଦେଖାଉଛି, ସାହାଯ୍ୟ କରୁଛି ତାହା ସେ ବୁଝିପାରେ, ସର୍ବଦା ମା'ଙ୍କ ପ୍ରତି ତାହାର ଅନ୍ତର ପ୍ରେମରେ ପୂର୍ଣ୍ଣ ଥାଏ; ସେ ମା'ଙ୍କ ପାଖରେ ଥାଉ ବା ଦୂରରେ ଥାଉ, ସର୍ବଦା ମା'ଙ୍କର ଏକାନ୍ତ ସାନ୍ନିଧ୍ୟ ଅନୁଭବ କରେ । ଏହି ଆତ୍ମାର ସମ୍ବନ୍ଧ ସାଧକର ମନ, ପ୍ରାଣ, ଆନ୍ତର ଦୈହିକ ସତ୍ତାକୁ ଅଧିକାର କରେ ଏବଂ ତାହା ଫଳରେ ସେ ଅନୁଭବ କରେ ଯେ ତା'ର ମନ ମା'ଙ୍କ ମନର ନିକଟସ୍ଥ, ତା'ର ପ୍ରାଣ ମା'ଙ୍କ ପ୍ରାଣ ସଙ୍ଗେ ସମନ୍ୱିତ ଏବଂ ତାହାର ଦୈହିକ ଚେତନା ବି ମା'ଙ୍କ ସତ୍ତାରେ ପୂର୍ଣ୍ଣ । ଏହାହିଁ ହେଲା ଆନ୍ତର ମିଳନର ଲକ୍ଷଣ, କେବଳ ପରମାତ୍ମିକ ଏବଂ ଅନ୍ତରାତ୍ମିକ ନୁହେଁ, ବାହ୍ୟିକ ପ୍ରକୃତିର ମଧ୍ୟ ।

ମୁଁ କ'ଣ ଲେଖିଥିଲି ମନେ ନାହିଁ । କିନ୍ତୁ ଯେଉଁ ବାହ୍ୟ ସମ୍ବନ୍ଧର ଉପାଦାନ ହେଲା କେବଳ ଏହି ଜାଗତିକ କ୍ଷେତ୍ରରେ ମା'ଙ୍କ ସହିତ ସାକ୍ଷାତ୍କାର, ତାହା ଅପେକ୍ଷା ଏହି ଆନ୍ତର ସମ୍ବନ୍ଧ ଘନିଷ୍ଠତର । ଏହା ବି ସମ୍ଭବପର ଏବଂ ଏହା ବି ଘଟିଥାଏ ଯେ ଏହି ଘନିଷ୍ଠ ଆନ୍ତର ସମ୍ବନ୍ଧ ରହି ପାରିବ ଯଦିଓ ସାଧକ ମା'ଙ୍କୁ ସ୍ଥୂଳ ରୂପେ କେବଳ ପ୍ରଣାମ ସମୟରେ ବା ଧ୍ୟାନ ସମୟରେ ବା ବର୍ଷରେ ଥରେ ତାହାର ଜନ୍ମଦିନରେ ଦେଖିବାକୁ ପାଏ ।

(ତତ୍ରୈବ, ପୃଷ୍ଠା ୪୦୦-୦୧)

*

''... ମା'ଙ୍କ କୃପା ହେଲା ଗୋଟିଏ ବିଷୟ, ପରିବର୍ତ୍ତନ ପାଇଁ ଡାକରା ଅନ୍ୟ ଏକ ବିଷୟ, ତାଙ୍କ ସାମୀପ୍ୟର ଚାପ ଆହୁରି ଅନ୍ୟ ଏକ ବିଷୟ । ଯେଉଁମାନେ ସ୍ଥୂଳ ଶାରୀରିକ ଭାବରେ ତାଙ୍କ ନିକଟରେ ଅଛନ୍ତି, ତାହା କୌଣସି ବିଶେଷ କୃପା ଓ ଅନୁଗ୍ରହ ଯୋଗୁଁ ନୁହେଁ, ଅଛନ୍ତି ସେମାନଙ୍କ କାର୍ଯ୍ୟର ପ୍ରୟୋଜନୀୟତା ଯୋଗୁଁ,– ଠିକ୍ ସେଇ କଥାହିଁ ଏଠାରେ କେହି ବୁଝିପାରନ୍ତି ନାହିଁ ବା ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ଘଟଣାଟି ହେଉଛି ଏହିପରି : ମା'ଙ୍କ ସାନ୍ନିଧ୍ୟ ଆପେ ଆପେ ଏକ ଚାପ ଭାବରେ କାର୍ଯ୍ୟ କରେ, ଅନ୍ୟ କୌଣସି କାରଣରୁ ନହେଲେ ବି ସେମାନଙ୍କ ଚେତନାକୁ ମା'ଙ୍କ ଚେତନାର ଉପଯୋଗୀ କରିବାକୁ, ଯାହାର ଅର୍ଥ ହେଉଛି ପରିବର୍ତ୍ତନ । କିନ୍ତୁ ସେମାନଙ୍କ ପାଇଁ ଏହା କଷ୍ଟକର ହୁଏ କାରଣ ଦୁଇଟି ଚେତନା ଭିତରେ ତାରତମ୍ୟ ଅତ୍ୟନ୍ତ ବେଶୀ, ବିଶେଷତଃ ସ୍ଥୂଳ ଭୌତିକ ସ୍ତରରେ ଏବଂ ଏହି ଭୌତିକ ସ୍ତରରେହିଁ ସେମାନେ ମା'ଙ୍କ ସହ କାର୍ଯ୍ୟରେ ମିଳିତ ହୁଅନ୍ତି ।

(୨୭.୪.୧୯୪୪) (ତତ୍ରୈବ : ପୃ. ୪୧୧)

*

ପ୍ରଶ୍ନ : ମା'ଙ୍କର ସ୍ଥୂଳ ସାନ୍ନିଧ୍ୟର କିଛି ବିଶେଷ ଫଳ ରହିଛି କି ?

ଉତ୍ତର : ଭୌତିକ ସ୍ତରରେ ସାଧନାର ପୂର୍ଣ୍ଣତା ପାଇଁ ଏହା ଅନିବାର୍ଯ୍ୟ । ନଚେତ୍ ଏହା ବିନା ବାହ୍ୟ ସତ୍ତା ଓ ଦୈହିକ ସତ୍ତାର ରୂପାନ୍ତର ସମ୍ଭବ ନୁହେଁ ।

(୧୮.୮.୧୯୩୩) (ତତ୍ରୈବ : ପୃ. ୪୦୭)

*

ସର୍ବଦା ଏପରି ଭାବରେ ରୁହ ଯେପରି ତୁମେ ପରମେଶ୍ୱର ଓ ଦିବ୍ୟ ଜନନୀଙ୍କ ଦୃଷ୍ଟି ସମ୍ମୁଖରେ ରହିଅଛ । ଏପରି କୌଣସି କାର୍ଯ୍ୟ କରିବ ନାହିଁ, ଏପରି କୌଣସି ଚିନ୍ତା କରିବ ନାହିଁ ଏବଂ ଏପରି କୌଣସି ଅନୁଭବକୁ ଆସିବାକୁ ଦେବ ନାହିଁ ଯାହା ଭଗବତ୍ ଉପସ୍ଥିତିର ଅଯୋଗ୍ୟ ।

(ତତ୍ରୈବ : ପୃ. ୩୮୬)

*

ଯଦିଓ ଶ୍ରୀଅରବିନ୍ଦ ତାଙ୍କର ଉପରୋକ୍ତ ସତ୍ୟୋକ୍ତି ସମ୍ବନ୍ଧେ ବିଭିନ୍ନ ସାଧକଙ୍କର ପ୍ରଶ୍ନ ସମ୍ବନ୍ଧେ ଏକାଧିକ ପତ୍ରରେ ବୁଝାଇଛନ୍ତି, ତଥାପି ପରିଶେଷରେ ଏହି ଦିବ୍ୟ ସମ୍ପର୍କ ସମ୍ବନ୍ଧରେ ''ଶ୍ରୀମା'ଙ୍କର ପ୍ରଶ୍ନୋତ୍ତର''ରୁ କିଛି ଉଦ୍ଧାର କରୁଛୁ :

''... ସାଧାରଣ ଭାବରେ କହିଲେ ମୋର ଦିବ୍ୟ ଶକ୍ତି ଅବିରତ ସକ୍ରିୟ ଥାଏ, ତୁମ ସତ୍ତାର ମନସ୍ତାତ୍ତ୍ୱିକ ଗତିବୃତ୍ତିସବୁକୁ ଅବିରତ ପରିବର୍ତ୍ତନ କରାଇବାରେ ଲାଗିଥାଏ, ସେସବୁକୁ ନୂତନ କିଛି ସହିତ ସମ୍ପର୍କିତ କରାଇବାରେ ଲାଗିଥାଏ ଏବଂ ତୁମ ଚରିତ୍ରର ବହୁମୁଖୀ ଦୃଷ୍ଟିଭଙ୍ଗୀକୁ ତୁମକୁ ଅବିରତ ଭାବରେ ସମ୍ପୂର୍ଣ୍ଣ ଠିକ୍ ରୂପେ ସୂଚାଇ ଦେଇଥାଏ ଯଦ୍ୱାରା ତୁମେ ଲକ୍ଷ୍ୟ କରି ପାରିବ କେଉଁସବୁ ଭାବଧାରାକୁ ପରିବର୍ତ୍ତନ କରିବାକୁ ହେବ, ସେସବୁକୁ ଧୀରେ ଧୀରେ ବିକଶିତ କରିବାକୁ ହେବ

ଏବଂ କେଉଁସବୁ ଗତିବିଧିକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । ... ...

ଯେଉଁମାନଙ୍କୁ ମୁଁ ଶିଷ୍ୟ ହିସାବରେ ଗ୍ରହଣ କରିଛି, ଯେଉଁମାନଙ୍କୁ ମୁଁ 'ହଁ' ବୋଲି କହିଛି, ସେମାନଙ୍କ ସହିତ ମୋର ଏକ ବନ୍ଧନରୁ ଅଧିକ, ମୋର ଏକ ବିଭୂତି ସର୍ବଦା ସେମାନଙ୍କ ସହିତ ରହିଥାଏ । ମୋର ଏହି ବିଭୂତି ଆବଶ୍ୟକ ସ୍ଥଳେ ସାଧକ ମଧ୍ୟରେ କ'ଣ ସବୁ ଘଟୁଛି ସେ ସମ୍ବନ୍ଧେ ବା ବିପଦାପଦର ଆଶଙ୍କା ସମ୍ବନ୍ଧେ ସତର୍କ କରି ଦେଇଥାଏ । ...

''ପୁନଶ୍ଚ କୌଣସି କାରଣରୁ ତୁମେ ମୋ ପାଖକୁ ମୋର ସହାୟତା ନିମିତ୍ତ ଲେଖିଲେ ଏବଂ ତା'ର ଉତ୍ତରରେ ମୁଁ 'ମୁଁ ତୁମ ସହିତ ରହିଛି' ବୋଲି ଲେଖି ପଠାଇଲି, ତା'ର ଅର୍ଥ ତୁମ ସହିତ ମୋର ସମ୍ପର୍କ ବା ଯୋଗାଯୋଗ ସକ୍ରିୟ ହୋଇ ଉଠିଲା, ତୁମେ କିଛି ସମୟ ସକାଶେ ଥରେ ମୋର ସକ୍ରିୟ ଚେତନାର ସଂସ୍ପର୍ଶରେ ଆସିଲ ଏବଂ ଆବଶ୍ୟକ ସ୍ଥଳେ ତୁମେ ମୋର ଏହି ସକ୍ରିୟ ଚେତନାର ସଂସ୍ପର୍ଶରେ ଆସିଯିବ । ... ...

''ସତରେ ମୁଁ ପ୍ରତ୍ୟେକଙ୍କର ଦାୟିତ୍ୱ ବହନ କରିଥାଏ, ଏପରିକି ମୋ ଜୀବନରେ ମୁହୂର୍ତ୍ତକ ସକାଶେ ଯେଉଁମାନଙ୍କୁ ଦେଖିଥାଏ, ସେମାନଙ୍କର ମଧ୍ୟ ଦାୟିତ୍ୱ ବହନ କରି ନେଇଥାଏ । ...''

(MCW, Vol. 13, P. 76 - 77)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

# ଅନ୍ତର ନିବାସୀ

## ଶାନ୍ତି ମହାନ୍ତି



ଦେହ ମନ୍ଦିରେ ଆଳତି ସଜାଇ
ଆରାଧନା ଶେଷେ ଦେଖେ,
ମନ୍ଦିର ମୋର ଶୂନ୍ୟ ଦିଶୁଛି
ପୂଜାବେଦୀ ଆର ପାଖେ ।

କାହାକୁ ତେବେ ମୁଁ ବରଣ କରୁଛି
ଏତେ ଅରଚନା ଦେଇ,
କିଏ ମୋ' ପୂଜାର ନୈବେଦ୍ୟ ନିଅନ୍ତି
ଅଗୋଚରେ ମୋର ରହି ।
ମୁଁ ଯେମିତି ଏକ ଶୂନ୍ୟ ମନ୍ଦିର
ଚେତନାର ଆର ପାଖେ ।

ଦେବତା ତ' ମୋର ଅନ୍ତର ନିବାସୀ
ଅଚିନ୍ତ୍ୟ ପ୍ରେମର ସିନ୍ଧୁ,
କେଉଁ ଉପଚାର ନଲୋଡ଼ି କେବଳ
ଲୋଡ଼ନ୍ତି ଜୀବନ ବିନ୍ଦୁ ।
ଅପ୍ରକାଶ ତାଙ୍କ ଅନନ୍ତ ବିଭବ
ଅର୍ଗଳା ଦ୍ୱାର ସେପାଖେ । ❑

# ଜିଜ୍ଞାସାର ଉତ୍ତରରେ


## ରାମକୃଷ୍ଣ ଦାସ


*ପ୍ରଶ୍ନ : ଚୈତ୍ୟ, ଅଧ୍ୟାତ୍ମ ଓ ଅତିମାନସ ରୂପାନ୍ତରର ସ୍ୱରୂପ କ'ଣ ?*

### ଚୈତ୍ୟ ରୂପାନ୍ତର

ଉତ୍ତର : ମନ, ପ୍ରାଣ ଏବଂ ଶରୀରର ଚେତନା ନିଜର ସୀମାକୁ ଭାଙ୍ଗି ନିମ୍ନ ଧର୍ମକୁ ତ୍ୟାଗ କରନ୍ତି ଏବଂ ସେସବୁ ମଧ୍ୟରେ ହେଉଥିବା ନିମ୍ନ ଶକ୍ତିର କ୍ରିୟା – କାମନା-ବାସନା, ଈର୍ଷା-ଦ୍ୱେଷ, କାମ-କ୍ରୋଧାଦିକୁ ବର୍ଜନ କରନ୍ତି ଓ ବିସ୍ତୃତ ହୋଇ ଅଖଣ୍ଡ ଚୈତ୍ୟସତ୍ତା ସଙ୍ଗେ ଏକ ହୋଇଯାଆନ୍ତି । ଏସବୁର ଧର୍ମ ହୋଇଯାଏ ଚୈତ୍ୟସତ୍ତାର ଧର୍ମ । ଚୈତ୍ୟସତ୍ତା ତାଙ୍କ ନିଜ ସ୍ୱଭାବରେ ଭଗବାନଙ୍କ ପ୍ରତି, ଅତିମାନସ ଦିବ୍ୟଶକ୍ତିଙ୍କ ପ୍ରତି ଅଭିମୁଖୀ ହୋଇଥାଆନ୍ତି । ତାଙ୍କ ଅଭୀପ୍‌ସା ବହ୍ନି ନିରନ୍ତର ଭଗବାନଙ୍କ ଆଡ଼କୁ ପ୍ରଜ୍ୱଳିତ ଥାଏ । ଏହି ଅବସ୍ଥାରେ 'ମୁଁ' କହିଲେ, ସାଧାରଣ ଲୋକଙ୍କ ପରି ଶରୀର-ମନ-ପ୍ରାଣବିଶିଷ୍ଟ ଜଣେ ବ୍ୟକ୍ତି ବୋଲି ସାଧକ ମନେକରେ ନାହିଁ, ସେ ଅନୁଭବ କରେ, 'ମୁଁ' ଭଗବାନଙ୍କର ଅଂଶ, ପ୍ରତିଭୂ, ଅନ୍ତରାତ୍ମା । ସେ ପରମ ଶାନ୍ତିରେ ନିବାସ କରେ, ଆନନ୍ଦରେ ମଗ୍ନ ରହେ । ଏହା ବ୍ୟକ୍ତିର ଯଥାର୍ଥ ସ୍ୱରୂପ । ଏହି ଅବସ୍ଥାକୁ ସାଧକର ନୂତନ ଜନ୍ମ କୁହାଯାଏ । କାରଣ ତାହାର ସମସ୍ତ ପୁରାତନ ଧର୍ମ ପରିବର୍ତ୍ତିତ ହୋଇ ନୂତନ ଧର୍ମରେ ପରିଣତ ହୁଏ । ସାଧକ ପୂର୍ବ ଜୀବନର ଠିକ୍ ବିପରୀତ ଅବସ୍ଥା ପ୍ରାପ୍ତ ହୁଏ । ତାହାର ପ୍ରତି କର୍ମ ନିୟନ୍ତ୍ରିତ ହୁଏ ଅନ୍ତରସ୍ଥ ଚୈତ୍ୟପୁରୁଷଙ୍କ ଦ୍ୱାରା । ଏହି ସମୟରେ ସେ ଭଗବାନଙ୍କ ଯନ୍ତ୍ର ହୋଇ ଭାଗବତ କର୍ମ ସମ୍ପାଦନ କରେ । ଏହିପରି ଅବସ୍ଥାରେ ମନ ବିସ୍ତୃତ ହେଲେ ମଧ୍ୟ ମନହିଁ ହୋଇ ରହେ; ପ୍ରାଣର ଧର୍ମ ଊର୍ଦ୍ଧ୍ୱଗାମୀ ହେଲେ ବି ରୂପାନ୍ତରିତ ହୁଏ ନାହିଁ । ଶରୀର-ଚେତନାର ତ ପରିବର୍ତ୍ତନ ହୁଏ, ଆଉ ସ୍ଥୂଳ ଜଡ଼ ଶରୀରରେ ବି କିଛି ନମନୀୟତା ଆସେ, କିନ୍ତୁ ତାହାର ତତ୍ତ୍ୱ ଯେପରି ଜଡ଼ ଥିଲା ସେହିପରି ଅପରିବର୍ତ୍ତିତ ରହିଯାଏ । ଏହି ଅବସ୍ଥାକୁ କୁହାଯାଏ ଚୈତ୍ୟ ରୂପାନ୍ତର । ଏହି ରୂପାନ୍ତର ଘଟିଲେ ସାଧକର ମନ, ପ୍ରାଣ ଓ ଶରୀରର ଚେତନା ସଂସାରର କୌଣସି ନିମ୍ନ କ୍ରିୟାରେ ଆସକ୍ତ ନ ହୋଇ ସ୍ୱଭାବତଃ ଯାଏ ଭଗବାନଙ୍କ ଆଡ଼କୁ, ହୁଏ ଭଗବତ୍ ଅଭିମୁଖୀ । ସମସ୍ତ ସତ୍ତା ବ୍ୟାକୁଳ ହୋଇଉଠେ ଭଗବାନଙ୍କ ସଙ୍ଗେ ଏକ ହୋଇଯିବାକୁ ।

### ଅଧ୍ୟାତ୍ମ ରୂପାନ୍ତର

ଦ୍ୱିତୀୟଟି ହେଲା ଆଧ୍ୟାତ୍ମିକ ରୂପାନ୍ତର; ଏହା ଠିକ୍ ଏହିପରି କ୍ରମବଦ୍ଧ ନୁହେଁ ଯେ ପ୍ରଥମ ରୂପାନ୍ତର ସଂପୂର୍ଣ୍ଣ ହେଲେ ଦ୍ୱିତୀୟ ରୂପାନ୍ତର ଆରମ୍ଭ ହେବ । ଏହା ମଧ୍ୟ ହୋଇପାରେ ଯେ ଚୈତ୍ୟ ରୂପାନ୍ତର କିଛି ଅଗ୍ରସର ହେବାପରେ ଆଧ୍ୟାତ୍ମିକ ରୂପାନ୍ତର ଆରମ୍ଭ ହୋଇଯାଏ । ଏହା ମଧ୍ୟ ସମ୍ଭବ ଯେ ଚୈତ୍ୟ ରୂପାନ୍ତର ପୂର୍ଣ୍ଣ ହେଉ ହେଉ ସେ ସମୟରେ ଆଧ୍ୟାତ୍ମିକ ରୂପାନ୍ତର ଅନେକଦୂର ଅଗ୍ରସର ହୋଇଥାଏ ।

ଚୈତ୍ୟ ରୂପାନ୍ତର ପରେ ଅଥବା ସେହି ସମୟ ମଧ୍ୟରେ ଆସିପାରେ ଶଙ୍କରଙ୍କ ଅଦ୍ୱୈତ ନିର୍ବିଶେଷ ବ୍ରହ୍ମଙ୍କର ଅନୁଭୂତି । ସାଧକ ଏକ ଶାନ୍ତ, ନିଷ୍କ୍ରିୟ, ଗତିହୀନ, ଅଚଳ ନିର୍ବିଶେଷ ସତ୍ତାରେ ବୁଡିଯାଇ ସେଥିରେ ନିଜ ବ୍ୟକ୍ତିତ୍ୱକୁ ବିଲୀନ କରି ତାହା ସହିତ ଏକ ହୋଇପାରେ, କେବଳ ରହିଯାଏ ଏକମାତ୍ର ସତ୍ତା । ସମସ୍ତ ବୈଚିତ୍ର୍ୟ ମାୟା, ଭ୍ରମ ଓ ସ୍ୱପ୍ନବତ୍ ପ୍ରତୀତ ହୁଏ । ସାଧକ ଯଦି ଏହି ଅନୁଭୂତିରେ ଅଟକି ଯାଏ, ତେବେ ଶଙ୍କରଙ୍କ ସିଦ୍ଧାନ୍ତ ଅନୁସାରେ ଶରୀର ତ୍ୟାଗ ପରେ ନିରାକାର ସତ୍ତାରେ ଏକେବାରେ ଲୀନ ହୋଇଯାଏ । ଏହାର ନାମ କୈବଲ୍ୟ ବା ମୁକ୍ତି ।

କିନ୍ତୁ ସାଧକର ଯଦି ସଂକଳ୍ପ ଥାଏ, ଚତୁଷ୍ପାଦ ବିଭୂତିଯୁକ୍ତ ବ୍ରହ୍ମଙ୍କ ସକ୍ରିୟ, ନିଷ୍କ୍ରିୟ ଓ ଉଭୟର ଧର୍ତ୍ତା ପୁରୁଷୋତ୍ତମତତ୍ତ୍ୱର ସିଦ୍ଧି ପ୍ରାପ୍ତ ହେବାକୁ ଏବଂ ପରାଜନନୀ ଆଉ ସୃଷ୍ଟିର ରହସ୍ୟ ଜାଣିବାକୁ ଏବଂ ଏଥି ସକାଶେ ଯଦି ଥାଏ କେନ୍ଦ୍ରୀୟ ସଂକଳ୍ପ ଓ ପରାଜନନୀଙ୍କ ପାଖରେ ଆତ୍ମ-ସମର୍ପଣ, ତେବେ ସାଧକ ଏହି ଅଦ୍ୱୈତ ଅନୁଭୂତିରେ ଅଟକି ନ ଯାଇ ଆଧ୍ୟାତ୍ମିକ ରୂପାନ୍ତର-ସିଦ୍ଧି ଆଡ଼କୁ ଅଗ୍ରସର ହୁଏ ।

ଚୈତ୍ୟ-ରୂପାନ୍ତରରେ ସାଧକର ସମସ୍ତ ସତ୍ତା ଭଗବାନ୍ ତଥା ପରାଜନନୀଙ୍କ ଆଡ଼କୁ ଉନ୍ମୁକ୍ତ ହୋଇ ଯାଇଥାଏ । ଏହି ଉନ୍ମୁକ୍ତ ମନ-ପ୍ରାଣ-ଶରୀରରେ ଓ ଏସବୁର ପ୍ରତ୍ୟେକ ସ୍ତରରେ ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ସତ୍ୟ, ଜ୍ଞାନ, ଭକ୍ତି, ସମତା ଓ ଏକାଗ୍ରତା କ୍ରମଶଃ ଅଧିକ ପରିମାଣରେ ଅବତରଣ କରେ ଏବଂ ଏହି ଅବତୀର୍ଣ୍ଣ ବସ୍ତୁକୁ ଧାରଣ କରି ରଖିବା ସକାଶେ ଏହା ସାଧକର ଆଧାରକୁ ପ୍ରସ୍ତୁତ କରେ । ଏହି କ୍ରିୟା ଦ୍ୱାରା ସାଧକର ଆଧାର ଦୃଢ଼ ହେଲେ ଏହି ଅବତୀର୍ଣ୍ଣ ବସ୍ତୁ ସ୍ଥାୟୀ ରୂପେ ପ୍ରତିଷ୍ଠିତ ହୁଏ । ଏହି କ୍ରିୟା ସଙ୍ଗେ ସଙ୍ଗେ ବିସ୍ତୃତ ମନ, ପ୍ରାଣ ଓ ଶରୀରର ଚେତନା ବିଶାଳ ହୋଇ ଊର୍ଦ୍ଧ୍ୱକୁ ଆରୋହଣ କରି ଊର୍ଦ୍ଧ୍ୱସ୍ଥ ମାନସ କ୍ଷେତ୍ରମାନଙ୍କରେ ପ୍ରବେଶ କରି ସେହି ଲୋକର ସତ୍ୟ, ଜ୍ୟୋତିଃ, ଶକ୍ତି, ଜ୍ଞାନ, ସମତା ଓ ବିଶାଳତାକୁ ନେଇ ପୁନର୍ବାର ଅବତରଣ କରନ୍ତି ଏବଂ ସେହିସବୁକୁ ସ୍ଥାପନ କରନ୍ତି ନିଜ ମାନସ ସ୍ତରରେ ଏବଂ ଅବଚେତନା ଓ ଅଚେତନାଦି ନିମ୍ନସ୍ତରମାନଙ୍କରେ । ଏହି ଉତ୍ତରଣ, ଅବତରଣ ଆଦି କ୍ରିୟାରେ ଅତିମାନସ ଶକ୍ତିର ପ୍ରଭାବ ପଡ଼ିବା ଦ୍ୱାରା ଏହି ସ୍ଥୂଳ ମନ ଊର୍ଦ୍ଧ୍ୱସ୍ଥ ସହଜାତ ମନ ଏବଂ ଉଚ୍ଚତର ମନ ଆଦି ଅତିମାନସ ସହିତ ସମ୍ବନ୍ଧ ସ୍ଥାପନ କରେ ଏବଂ ପାର୍ଥିବ ପ୍ରାଣ ଓ ଶରୀର-ଚେତନା ମଧ୍ୟ ଏହି ସ୍ତରର ପ୍ରାଣ ଓ ଶରୀର-ଚେତନା ସହିତ ସମ୍ପର୍କ ସ୍ଥାପନ କରେ । ଏହି ସମ୍ପର୍କ ସ୍ଥାପନରେ ଉଚ୍ଚତର ମନ-ପ୍ରାଣ-ଶରୀରର ଚେତନା ବି ଉତରି ଆସି ପାର୍ଥିବ ମନ-ପ୍ରାଣର ଚେତନାକୁ ଅଧିକାର କରେ । ଏହାଫଳରେ ଏହି ସ୍ଥୂଳ ମନ-ପ୍ରାଣ-ଶରୀର ଯେପରି ବିସ୍ତୃତ ସେହିପରି ବିଶାଳ ମଧ୍ୟ ହୋଇଯାଏ । ସେହି ଅବସ୍ଥାରେ ଅଧିମାନସ ସ୍ତର ପର୍ଯ୍ୟନ୍ତ ସାଧକର ଦୃଷ୍ଟିରେ ଉନ୍ମୁକ୍ତ ଓ ନିରାବରଣ ହୋଇଯାଏ । ସାଧକ ନିବାସ କରେ ସତ୍ୟରେ, ପରିଚାଳିତ ହୁଏ ସତ୍ୟ ଦ୍ୱାରା, ତାହାର ସମସ୍ତ କର୍ମ ହୁଏ ଭାଗବତ କର୍ମ । ସେ ହୁଏ ପରାଶକ୍ତିଙ୍କ ଯନ୍ତ୍ର । ତା' ମଧ୍ୟରେ ଅହଂକାର, କାମ, କ୍ରୋଧାଦି ନିମ୍ନ ପ୍ରକୃତିର କ୍ରିୟାର ସ୍ଥାନ ନ ଥାଏ । ସେ ସର୍ବତ୍ର ଦେଖେ ଭଗବାନଙ୍କୁ, ସକଳ କର୍ମରେ ଅନୁଭବ କରେ ପରାଶକ୍ତିଙ୍କ ପରିଚାଳନାକୁ । କେବଳ ଏତିକି ନୁହେଁ, ସ୍ଥୂଳ ଶରୀରରେ ବି ବହୁତ ପ୍ରଭାବ ପଡ଼େ । ସେଥିରେ ଅଧିକ ତାମସିକତା ରହେ ନାହିଁ । ତାହା ହୁଏ ଅଧିକ ଚେତନ ଓ ନମନୀୟ । ଏହି ପାର୍ଥିବ, ନଶ୍ୱର, ଜଡ଼ ଶରୀର ସେତେବେଳେ ଏପରି ଚୈତନ୍ୟମୟ ହୋଇଯାଏ ଯେ ତାହାର ପ୍ରତ୍ୟେକ ଅଣୁ, ପରମାଣୁ ବି ଅନୁଭବ କରନ୍ତି ଭଗବାନଙ୍କୁ, ପରାଜନନୀଙ୍କ କ୍ରିୟାକୁ । ସେତେବେଳେ ସାଧକର କେହି ଶତ୍ରୁ, ମିତ୍ର ରହେ ନାହିଁ, ସବୁକିଛିକୁ ସେ ଦେଖେ ଭଗବାନମୟ । ଏହି ଅବସ୍ଥାକୁ ଶ୍ରୀଅରବିନ୍ଦଙ୍କ ଯୋଗରେ କୁହାଯାଏ ଅଧ୍ୟାତ୍ମ-ରୂପାନ୍ତର । ଏହା ବି କୁହାଯାଇପାରେ ଯେ ଏହି ଅବସ୍ଥା ହେଲା ଅତିମାନସ ସ୍ତରର ସୀମାରେ ପହଞ୍ଚିବା । ଏହା ବହୁତ ଲୋଭନୀୟ, ଉଚ୍ଚତର, କଳ୍ପନାତୀତ ଅବସ୍ଥା ଏବଂ ମନ ପକ୍ଷେ ଅସମ୍ଭବ, କିନ୍ତୁ ଏ ଅବସ୍ଥା ଏତେ ଉତ୍କୃଷ୍ଟ ହେଲେ ସୁଦ୍ଧା ଅତିମାନସ ସିଦ୍ଧିର ଆରମ୍ଭ ମାତ୍ର ।

ଏହି ଅବସ୍ଥାରେ ସାଧକ ଭଗବାନଙ୍କୁ ସର୍ବଦା ଦେଖେ, କିନ୍ତୁ ଯେଉଁ ଭଗବାନ୍ ବସ୍ତୁରୂପ ଏବଂ ସେହି ଭଗବାନ୍ ବସ୍ତୁରୁ ପୃଥକ୍ – ଏହି ଉଭୟ ସ୍ୱରୂପକୁ ସେ ଏକସଙ୍ଗେ ଦେଖିପାରେ ନାହିଁ । ଶରୀର ଚେତନା, ମନ ଓ ପ୍ରାଣ ବିସ୍ତୃତ ଓ ବିଶାଳ ହୋଇଯାଏ; କିନ୍ତୁ ଏହିସବୁର ମୂଳତତ୍ତ୍ୱ ଯେପରି ଥିଲା ସେପରି ରହିଯାଏ, ରୂପାନ୍ତରିତ ହୁଏ ନାହିଁ । ଅହଂକାର, କାମ, କ୍ରୋଧ ଇତ୍ୟାଦିର କ୍ରିୟା ହୁଏ ନାହିଁ, କିନ୍ତୁ ସେସବୁ ଅପରିବର୍ତ୍ତିତ ରୂପେ ଅବଚେତନାରେ ନିଜ ମୂଳ ସ୍ୱରୂପରେ ପଡ଼ି ରହନ୍ତି । ମନ-ପ୍ରାଣ-ଶରୀର ଏବଂ ତାହାର ମୂଳତତ୍ତ୍ୱ ଆଉ ନିମ୍ନ ପ୍ରକୃତିସବୁ ପୂର୍ଣ୍ଣରୂପେ ରୂପାନ୍ତରିତ ହୁଅନ୍ତି ଅତିମାନସ ଶକ୍ତିର କ୍ରିୟା ଦ୍ୱାରା । ଅଧିମାନସ ସିଦ୍ଧି ପର୍ଯ୍ୟନ୍ତ ଅତିମାନସ କ୍ରିୟା କରେ ଅଧିମାନସ ଦ୍ୱାରା, ସିଧା ସିଧା ନୁହେଁ । ଅଧିମାନସର ସିଦ୍ଧି ହେଲେ ଅତିମାନସ ଶକ୍ତିର କ୍ରିୟା ସକାଶେ ଭୂମି ତିଆରି ହୁଏ ଯାହାକୁ ଆଧାର କରି ଅତିମାନସ ପ୍ରତ୍ୟକ୍ଷଭାବେ କ୍ରିୟା କରିପାରେ ।

### ଅତିମାନସ ରୂପାନ୍ତର

ଅତିମାନସ କ୍ରିୟା ସିଧା ସିଧା ଆରମ୍ଭ ହେଲେ ପ୍ରାୟ ସମର୍ପଣ ଶେଷ ହୋଇଯାଇଥାଏ । ଏହି ଶକ୍ତିର କ୍ରିୟା ଫଳରେ ସମସ୍ତ ସତ୍ତା ରୂପାନ୍ତରିତ ହୁଏ ତାହାର ଦିବ୍ୟ ମୂଳ ତତ୍ତ୍ୱରେ । ସାଧକକୁ ସେତେବେଳେ କେବଳ ଅତିମାନସ କ୍ରିୟାରେ ସମ୍ମତି ଦେବାକୁ ହୁଏ । ଅତିମାନସରେ ଦେଖାଯାଏ ଏକସଙ୍ଗେ ଏକ ଓ ବହୁ, ଏକତ୍ୱ ଓ ବୈଚିତ୍ର୍ୟ । ମନ-ପ୍ରାଣ-ଶରୀରର ତତ୍ତ୍ୱସକଳ ଏବଂ ସ୍ଥୂଳ ଜଡ଼ ଅବଚେତନା ପର୍ଯ୍ୟନ୍ତ ତାହାର ଦିବ୍ୟ ସଚ୍ଚିଦାନନ୍ଦ ତତ୍ତ୍ୱରେ ରୂପାନ୍ତରିତ ହୁଏ । ମନର ସ୍ଥାନକୁ ଅଧିକାର କରେ ଅତିମାନସ, ପ୍ରାଣର ସ୍ଥାନକୁ ଅଧିକାର କରେ ଚିତ୍‌ଶକ୍ତି । ଆଉ ରୂପାନ୍ତରିତ ଶରୀର ହୁଏ ନମନୀୟ, ଚିନ୍ମୟ, ଜ୍ୟୋତିର୍ମୟ ।

ଏହା ଆଉ ସୀମିତ ହୋଇ ରହେ ନାହିଁ, ହୁଏ ପୂର୍ଣ୍ଣ ଚୈତନ୍ୟ, ବ୍ୟାପକ ଏବଂ ରୋଗ, ଜରା, ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ । ସେତେବେଳେ ଶରୀର ହୁଏ ସ୍ୱତଃସ୍ଫୂର୍ତ୍ତ । କୌଣସି ପାର୍ଥିବ ସୀମା ତା' ମାର୍ଗରେ ବାଧା ଦେଇପାରେ ନାହିଁ । ସେ ରହେ ମୃତ ଆଉ ଅମୃତର ଊର୍ଦ୍ଧ୍ୱରେ । ଅର୍ଥାତ୍ ସେ ଯେପରି ମୃତ୍ୟୁର ଅଧୀନ ନୁହେଁ, ସେହିପରି ଅମୃତର ମଧ୍ୟ ଅଧୀନ ନୁହେଁ । ସେ କଳ୍ପନା କରିବାମାତ୍ରେ ନିଜ ଶରୀରକୁ ପରିତ୍ୟାଗ କରି ଇଚ୍ଛାନୁସାରେ ଶରୀର ଧାରଣ କରିପାରେ । ସଂକଳ୍ପ କରିବାମାତ୍ରେ ଯେକୌଣସି ସ୍ଥାନରେ ପହଞ୍ଚିପାରେ । କୌଣସି ଅସ୍ତ୍ର ଦ୍ୱାରା ତା'ର ଶରୀର ନଷ୍ଟ ହୁଏ ନାହିଁ, କାରଣ ତା'ର ତତ୍ତ୍ୱ ଅବିନାଶୀ ।

ସେହି ଅବସ୍ଥାରେ ଭଗବାନ୍ ପୁରୁଷୋତ୍ତମ ସତ୍-ଚିତ୍-ଆନନ୍ଦଙ୍କ ସହିତ ରୂପାନ୍ତରିତ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ଏକତ୍ୱ ସ୍ଥାପନ ହୁଏ । କେବଳ ଭଗବାନ୍ ହୁଅନ୍ତି କେନ୍ଦ୍ର । ସଂକଳ୍ପ ହୁଏ ତାଙ୍କଠାରୁ, ସେହି ସଂକଳ୍ପ କ୍ରିୟାଶୀଳ ହୁଏ ଅତିମାନସରେ ରୂପାନ୍ତରିତ ମନ-ପ୍ରାଣ-ଶରୀର ମଧ୍ୟଦେଇ । ଭଗବାନଙ୍କ ସଂକଳ୍ପରେ କେବଳ ମନ-ପ୍ରାଣ କ୍ରିୟାଶୀଳ ହୁଅନ୍ତି ନାହିଁ, ଶରୀର-ଚେତନା ଓ ଶରୀରର ଅଣୁ-ପରମାଣୁ ବି ଭଗବାନଙ୍କ ସଂକଳ୍ପକୁ ଜାଣନ୍ତି ଓ ସେହି ଅନୁସାରେ କ୍ରିୟା କରନ୍ତି । ଶରୀର-ମନ-ପ୍ରାଣରେ କୌଣସି ଗୋଟିଏ ତତ୍ତ୍ୱ ବା କୌଣସି ଗୋଟିଏ ଭାଗ ଜଡ଼ ବା ଅଚେତନ ରହେ ନାହିଁ, ସବୁ ହୁଏ ଚୈତନ୍ୟ ଓ ସତ୍ୟସ୍ୱରୂପ । ଭଗବାନଙ୍କ ସମସ୍ତ ସତ୍ତା ସଙ୍ଗେ ଅତିମାନବର ସମସ୍ତ ସତ୍ତା ଏକ ହୋଇଯାଏ ଏବଂ ଭଗବାନଙ୍କ ସଙ୍ଗେ ଐକ୍ୟବୋଧ ହେବା ସଙ୍ଗେ ସଙ୍ଗେ ବି ପୃଥଗ୍‌ବୋଧ ହୁଏ । ସାଧକର ପ୍ରତ୍ୟେକ କର୍ମ, ସ୍ନାନ, ଭୋଜନାଦି ନିତ୍ୟନୈମିତ୍ତିକ କର୍ମ କେବଳ ବାହ୍ୟ କର୍ମ ହୋଇ ରହେ ନାହିଁ, କର୍ମର ମୂଳସ୍ରୋତ ହୁଏ ପରମାନନ୍ଦ । ପ୍ରତ୍ୟେକ ବସ୍ତୁ – ଗୁଳ୍ମ, ଲତା, ବୃକ୍ଷ, ପଶୁ, ପକ୍ଷୀ, ବଣ, ପାହାଡ଼, ମନୁଷ୍ୟ ମଧ୍ୟରେ ସେ ଦେଖନ୍ତି ସେହି ପୁରୁଷୋତ୍ତମ, ପରମ ଆନନ୍ଦମୟ ସତ୍ୟସତ୍ତାଙ୍କୁ; ସକଳଙ୍କ ସହ ଏକତ୍ୱ, ସବୁ ନିଜେ, ଆଉ ନିଜେ ସବୁ । ଏହି ଅବସ୍ଥାରେ କାହାକୁ ଘୃଣା କରିବାର କୌଣସି ପ୍ରଶ୍ନ ରହେ ନାହିଁ । ସଂସାର ଓ ଜୀବନସବୁ ଆନନ୍ଦମୟ ହୁଏ,– ଆନନ୍ଦରୁ ଉତ୍ପନ୍ନ, ଆନନ୍ଦରେ ସ୍ଥିତି, ଆନନ୍ଦରେ ବିଶ୍ରାମ । ସକଳ ନୃତ୍ୟ, ଗୀତ, କଳା ସେହି ଆନନ୍ଦମୟଙ୍କୁ ପ୍ରକାଶ କରେ ଏବଂ ତାହାର ବାହ୍ୟରୂପ ବି ଦିବ୍ୟ ହୋଇଯାଏ । ଏହି ଅବସ୍ଥାରେ ହୁଏ ଯଥାର୍ଥ ଏକତ୍ୱ, ଏହାହିଁ ପରମ ମୋକ୍ଷ । ଏହି ସଂସାର ହୁଏ ପରମଧାମ, ବୈକୁଣ୍ଠ, ଗୋଲୋକ, ସାକେତ, କୈଳାସ ଇତ୍ୟାଦି । ଏହି ଅବସ୍ଥାରେ ଭଗବାନ୍ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ପୂର୍ଣ୍ଣ ନିରାବରଣ, ଅତିମାନବର ହୁଏ ଅବ୍ୟାହତ ଗତି ।

*ପ୍ରଶ୍ନ : ଯେଉଁମାନେ ସାଧନା ନ କରିବେ, ରୂପାନ୍ତରିତ ହେବାକୁ ନ ଚାହିଁବେ, ସେମାନଙ୍କର ଅର୍ଥାତ୍ ସମଗ୍ର ସଂସାର ଓ ମନୁଷ୍ୟଜାତିର ଲାଭ କ'ଣ ହେବ ?*

ଉତ୍ତର : ସଂସାରରୁ ହିଂସା-ଦ୍ୱେଷ, ଅଜ୍ଞାନ-ମୋହ ଦୂର ହୋଇଯିବ । ସଙ୍କୁଚିତ ସୀମାସବୁ କ୍ରମଶଃ ଭାଙ୍ଗିଯିବ, ଆଉ ଅନ୍ଧକାରର ପରଦା ଦୂର ହୋଇଯିବ । ବର୍ତ୍ତମାନ ବିଶ୍ୱ ଜଡ଼-ଶକ୍ତି ଦ୍ୱାରା ଯନ୍ତ୍ରବତ୍ ପରିଚାଳିତ ହେଉଛି, ସେତେବେଳେ ଅତିମାନସ ଶକ୍ତି ଦ୍ୱାରା ଶାସିତ ହେବ । ବର୍ତ୍ତମାନ ସଂସାରରେ ବହୁ ଜିନିଷ ଗୁପ୍ତଭାବେ ଲୁକ୍‌କାୟିତ ରହିଛି, ସେତେବେଳେ ବସ୍ତୁସକଳ ନିଜକୁ ପ୍ରକାଶ କରିବେ । ବର୍ତ୍ତମାନ ମନୁଷ୍ୟର ସକଳ କାର୍ଯ୍ୟ ହେଉଛି ଏକ ସୀମିତ ମନ ଦ୍ୱାରା, ଅନ୍ଧକାର ପରଦାର ପଶ୍ଚାତରେ । ସେତେବେଳେ ଅତିମାନସର ପ୍ରଭାବ ମନ ଉପରେ ପଡ଼ି ଅନ୍ଧକାରର ପରଦାକୁ ନଷ୍ଟ କରି ସ୍ୱୟଂ ପ୍ରକାଶିତ ହେବ ।

ଏହି ରୂପାନ୍ତର ବିଷୟ ବିସ୍ତୃତଭାବେ ଜାଣିବାକୁ ହେଲେ ଶ୍ରୀଅରବିନ୍ଦଙ୍କ ''ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' (The Supramental Manifestation upon Earth) ଗ୍ରନ୍ଥର ଶେଷ ଅଧ୍ୟାୟ ପାଠ କରନ୍ତୁ । ଯୋଗ-ସିଦ୍ଧାନ୍ତ ବିଶେଷରୂପେ ଜାଣିବାକୁ ହେଲେ ''ଯୋଗ ସମନ୍ୱୟ'' ପୁସ୍ତକ ଏବଂ ସାଧନାର ଅଭ୍ୟାସ ଜାଣିବାକୁ ହେଲେ ''ଯୋଗାଧାର'', ''ଯୋଗ-ପ୍ରଦୀପ'', ''ମା'', ''ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ'', ''ଶିକ୍ଷା'' ଓ ''ମାତୃବାଣୀ''ଇତ୍ୟାଦି ବହି ପଢ଼ନ୍ତୁ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା ୭୭ - ୮୦)

**– ରାମକୃଷ୍ଣ ଦାସ**

❑❑❑

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ମୋର ଆରାଧ୍ୟ ଅଧ୍ୟାପକ – ଏକ ଶ୍ରଦ୍ଧାଞ୍ଜଳି

## ନିମାଇଁ ଚରଣ ମହାପାତ୍ର

ପୁଣ୍ୟଶ୍ଳୋକ ପୂଜ୍ୟ ପ୍ରପତ୍ତିଙ୍କ ସହ ମୋର ପ୍ରଥମ ପରିଚୟ ହୁଏ ଆଜିକୁ ପ୍ରାୟ ଚାଳିଶ ବର୍ଷ ତଳେ ।* ସେତେବେଳେ ମୁଁ ପୁରୀ କଲେଜର ଛାତ୍ର ଓ ସେ ଦର୍ଶନ ବିଭାଗର ଅଧ୍ୟାପକ । ଗଣିତ ଓ ଅର୍ଥଶାସ୍ତ୍ର ସହ ତର୍କଶାସ୍ତ୍ର ମୋର ପଠିତବ୍ୟ ବିଷୟ ହୋଇଥିବାରୁ ତାଙ୍କ ଅଧ୍ୟାପନା ଦ୍ୱାରା ଉପକୃତ ହେବାର ସୁଯୋଗ ମୁଁ ଲାଭ କରିଥିଲି । କାଳର ପ୍ରବାହରେ ଛାତ୍ର ଜୀବନର ଅନେକ ସ୍ମୃତି ଆଜି ଅପୋହିତ ହୋଇଥିଲେହେଁ ତାଙ୍କର ଶାସ୍ତ୍ରୋଜ୍ଜ୍ୱଳା ବିଦ୍‌ବତ୍ତା ଓ ଅପୂର୍ବ ବାଚନପଟିମା ସ୍ମୃତି ଏବେ ମଧ ମୋ ମାନସପଟରେ ଅଙ୍କିତ ହୋଇ ରହିଛି ।

ମୋର ଯେତେଦୂର ମନେହୁଏ ସେ ମୋତେ ତର୍କଶାସ୍ତ୍ରର ଅବରୋହ ବା ନିଗମନ (Deductive logic) ଶାଖାଟି ପଢ଼ାଇ ଥିଲେ । ସେ ଶାସ୍ତ୍ରରେ ସେ ନିଷ୍ଣାତ ଓ କୃତବିଦ୍ୟ ଥିବାରୁ ବିଷୟଟିକୁ ପ୍ରାଞ୍ଜଳ ଓ ସ୍ୱଚ୍ଛଭାବରେ ପରିବେଷଣ କରୁଥିଲେ ଓ ଅନେକ ଉଦାହରଣ ଦେଇ ଶୁଷ୍କ ତର୍କଶାସ୍ତ୍ରକୁ ସରସ କରୁଥିଲେ । ତାଙ୍କର ବ୍ୟକ୍ତିତ୍ୱ ଓ ପ୍ରଜ୍ଜ୍ୱଳ ପ୍ରବଚନ ଦ୍ୱାରା ସେ ଏପରି ପରିବେଶ ସୃଷ୍ଟି କରୁଥିଲେ ଯେ ଆମ୍ଭେମାନେ ସମ୍ପୂର୍ଣ୍ଣ ଭାବେ ଅବହିତ ହୋଇ ତାଙ୍କ ଭାଷଣ ଶୁଣିବାକୁ ବାଧ ହେଉଥିଲୁ । ମୋର ଶାସ୍ତ୍ରଜିଜ୍ଞାସାକୁ ତାଙ୍କର ଅଧ୍ୟାପନା ବହୁଭାବରେ ଉଦ୍‌ବୁଦ୍ଧ ଓ ପରିପୁଷ୍ଟ କରିଥିଲା । ତରୁଣ ଜୀବନରେ ତାଙ୍କର ସେ ପ୍ରଭାବ ପାଇଁ ମୁଁ ବହୁଭାବେ ଉପକୃତ । ଶ୍ରେଣୀରେ ମୁଁ ତାଙ୍କୁ ଅନେକ ପ୍ରଶ୍ନ କରିଛି, କବିଙ୍କ ଭାଷାରେ ଚାପଳାୟ ପ୍ରଚୋଦିତ । ତାଙ୍କର ଉତ୍ତର ମୋର ସଂଶୟକୁ ନିରସନ କରିଛି ।

ଯୌବନରୁ ଏ ଯାବତ୍ ସେ ଥିଲେ ମୋ ଜୀବନର ପଥିକୃତ୍ । ସେ କିପରି ଭାବରେ ଆମ୍ଭମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ରୁଚି ଜାଗ୍ରତ୍ କରିଥିଲେ ତା'ର ଗୋଟିଏ ଉଦାହରଣ ଦେବି । ତର୍କଶାସ୍ତ୍ରରେ ସଂଜ୍ଞା ବା ଲକ୍ଷଣ (Definition) ଏକ ଆଲୋଚ୍ୟ ବିଷୟ । ସେ ପ୍ରସଙ୍ଗରେ ଥରେ ସେ ଆମ୍ଭମାନଙ୍କୁ ପ୍ରଶ୍ନ କଲେ, ''ମଣିଷର ସଂଜ୍ଞା କ'ଣ ?'' ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲ୍‌ଙ୍କ ପରିଭାଷା ଦ୍ୱାରା ପ୍ରଣୋଦିତ ହୋଇ ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତର କରିଥିଲେ ମଣିଷ ଏକ ବିଚାରଶୀଳ ବା ବିଚାରବାନ୍ ପ୍ରାଣୀ (rational animal) । ଆମ୍ଭମାନଙ୍କ ଉତ୍ତରକୁ ସେ ପୁଙ୍ଖାନୁପୁଙ୍ଖ ରୂପେ ବିଶ୍ଳେଷଣ କରି ସେସବୁର ଅନ୍ତର୍ନିହିତ ତ୍ରୁଟି ଓ ଅପୂର୍ଣ୍ଣତା ବିଷୟରେ ଆମ୍ଭମାନଙ୍କୁ ସଚେତ କରାଇ ଶେଷରେ ଯୋଗୀର ଋତମ୍ଭରା ପ୍ରଜ୍ଞା ପ୍ରସୂତ ନିର୍ବଚନଟି ଉପସ୍ଥାପିତ କରି ଆମ୍ଭମାନଙ୍କ ମଧ୍ୟରେ ଏକ ନବଚୈତନ୍ୟ ସଞ୍ଚାରିତ କରିଥିଲେ । ସେ କହିଥିଲେ ମାନବ ଏକ ଆସ୍ପୃହାଶୀଳ ସତ୍ତା (aspiring being) । ତାଙ୍କର ସେହି ବ୍ୟାଖ୍ୟା ଶୁଣି ମୋର ଜୀବନ ବେଦିକାରେ ସେହି ଦିନ ହୋଇଥିଲା ପ୍ରଥମ ଅଧିବାସ ଓ ମୁଁ ହେଲି ଆହିତାଗ୍ନି ।

କଲେଜର ଗ୍ରନ୍ଥାଗାରରେ ତାଙ୍କ ସହ ମୋର କେବେ କେବେ ସାକ୍ଷାତ୍ ହେଉଥିଲା ଓ ମୋ ମଧ୍ୟରେ ରୁଚି ଜାଗ୍ରତ୍ କରିବା ଉଦ୍ଦେଶ୍ୟରେ ସେ ବିଶେଷ ଗ୍ରନ୍ଥ ଅଧ୍ୟୟନ କରିବାକୁ ନିର୍ଦ୍ଦେଶ ଦେଉଥିଲେ । ଅଧ୍ୟାପକ ଭାବେ ସେ ଥିଲେ ଗମ୍ଭୀର ପ୍ରକୃତିର । ଏଣୁ ଆମ୍ଭେମାନେ ଅତ୍ୟନ୍ତ ସାବଧାନ ହୋଇ ତାଙ୍କ ସହ ବ୍ୟବହାର କରୁଥିଲୁ । ମୋର ଛାତ୍ରଜୀବନ ସମାପ୍ତ ହେବାର ବହୁବର୍ଷ ପରେ ବି ତାଙ୍କ ସହିତ ମୋ ବ୍ୟବହାରରେ ଥିଲା ସମିତ୍‌ପାଣି ଅନ୍ତେବାସୀର ସମ୍ଭ୍ରମ ।

ଆମ୍ଭମାନଙ୍କ କଲେଜରେ ସେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନ ଉପରେ ଆଲୋଚନା ପାଇଁ ସାନ୍ଧ୍ୟସତ୍ର ଆରମ୍ଭ କରିଥିଲେ । ମୋର ସେହି ସମୟର ଅପକ୍ୱ ଅପରିଣତ ବୟସରେ ବି ସେହି ଦୁରୂହ ଦୁରଧିଗମ୍ୟ ଦିବ୍ୟ ଜୀବନ (Life Divine) ଗ୍ରନ୍ଥପାଠ ପାଇଁ ମୁଁ ତାଙ୍କଠାରୁ ପ୍ରେରଣା ପାଇଥିଲି ।

କିଛିଦିନ ପରେ ସେ ପୁରୀ କଲେଜରୁ ସ୍ଥାନାନ୍ତରିତ ହୋଇ ମୋର ଯେତେଦୂର ମନେହୁଏ ବାରିପଦା କଲେଜରେ ଅବସ୍ଥାପିତ ହେଲେ । ମୁଁ କ୍ରମେ ଦର୍ଶନଶାସ୍ତ୍ର ଅନର୍ସ ଶ୍ରେଣୀର

* ପ୍ରବନ୍ଧଟିର ରଚନା କାଳ ୧୯୯୦ ମସିହା ଜୁନ ୨୮ ତାରିଖ ।

ଛାତ୍ର ହେଲି । ମୋର ସ୍ମରଣ ଅଛି କଲେଜ ପତ୍ରିକାରେ ପ୍ରକାଶିତ ଦର୍ଶନଶାସ୍ତ୍ର ପାଠର ଉପଯୋଗିତା ବିଷୟରେ ମୋର ପ୍ରବନ୍ଧଟି ପାଠ କରି ସେ ଉଚ୍ଛ୍ୱସିତ ପ୍ରଶଂସା କରି ଏକ ପତ୍ର ପଠାଇ ଥିଲେ । ସେ ପ୍ରବନ୍ଧର ଉପସଂହାରରେ ମୁଁ ଶ୍ରୀଅରବିନ୍ଦଙ୍କ ଦିବ୍ୟ ଜୀବନ ଗ୍ରନ୍ଥର କିଛି ଉଦ୍ଧାରଣ ଦେଇଥିଲି । ବିଶେଷ ଭାବେ ତାହା ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।

ମଝିରେ ମଝିରେ ପୁରୀ ଆସିବା ସମୟରେ ସେ ମୋର ଖବର ନେଉଥିଲେ । ମୋର ସ୍ପଷ୍ଟ ମନେ ଅଛି କୌଣସି ଏକ ଅବସରରେ ସେ ମୋତେ ତାଙ୍କର ଉପାଧ୍ୟୁତ୍ତର ଶ୍ରେଣୀରେ ପ୍ରସ୍ତୁତ ପାଶ୍ଚାତ୍ୟ ଦର୍ଶନ ଉପରେ ବିଶଦ ଟୀକା-ଟିପ୍ପଣୀ ସମ୍ବଳିତ ନୋଟ ବହିଟି ପଢ଼ିବାକୁ ଦେଇଥିଲେ ।

ମୁଁ ସ୍ନାତକ ଶ୍ରେଣୀର ଶେଷ ବର୍ଷ ପୁରୀ ବେଳାଭୂମିରେ ଅବସ୍ଥିତ ପାଥେର ପୁରୀ କଲେଜ ହଷ୍ଟେଲର ଅନ୍ତେବାସୀ ଥିଲି । ସେସମୟରେ ସେ ମୋ ଖବର ନେବା ପାଇଁ ଆମ ହଷ୍ଟେଲକୁ ଆସୁଥିଲେ ଓ ମୋର କକ୍ଷ ମଧ୍ୟରେ କିଛି ସମୟ ବସି ବିଶେଷ ବିଶେଷ ବିଷୟ ଉପରେ ଆଲୋଚନା କରୁଥିଲେ । ମୁଁ ସେ ସମୟରେ ଦିଲୀପ କୁମାର ରାୟଙ୍କର ''Among The Great'' ପୁସ୍ତକରୁ ଶ୍ରୀଅରବିନ୍ଦଙ୍କ ଉପରେ ଲେଖାଟି ପାଠକରି ବହୁଭାବେ ପ୍ରଭାବିତ ହୋଇଥାଏ । ଶ୍ରୀଅରବିନ୍ଦଙ୍କ ଭାବଧାରାକୁ ପରିବେଷଣ କରିବାରେ ଦିଲୀପ କୁମାର ରାୟଙ୍କ ଦକ୍ଷତାକୁ ମୁଁ ପ୍ରଶଂସା କରିବା ସମୟରେ ସେ ପ୍ରଥମଥର ପାଇଁ ମୋତେ ନଳିନୀଦା'ଙ୍କର ବ୍ୟାଖ୍ୟାନ ବୈଦଗ୍ଧ ବିଷୟରେ ସଚେତ କରାଇ ଥିଲେ । ସେହି ସମୟରେ ପ୍ରଥମଥର ପାଇଁ ମୁଁ ଶ୍ରୀମା'ଙ୍କର ମହିମା ଓ ଭୂମିକା ଉପରେ କିଛି ଶୁଣିବାର ସୌଭାଗ୍ୟ ଲାଭ କରିଥିଲି ।

ତା'ପରେ କେତେବର୍ଷ କାଳ ତାଙ୍କ ସହିତ ମୁଁ ସମ୍ପର୍କ ରକ୍ଷା କରି ପାରି ନଥିଲି ଯଦିଓ ତାଙ୍କଠାରୁ ଗ୍ରହଣ କରିଥିବା ବିଭିନ୍ନ ନିର୍ଦ୍ଦେଶ ବିଷୟରେ ମୁଁ ସଚେତ ଥିଲି ।

ଚାକିରି ଜୀବନରେ ପଶ୍ଚିମ ରେଲୱେରେ ଅବସ୍ଥାପିତ ହୋଇଥିବା ସମୟରେ ତାଙ୍କରି ପ୍ରେରଣାରେ ମୁଁ ପ୍ରଥମବାର ଆଶ୍ରମ ଦର୍ଶନ ପାଇଁ ଯାଇଥିଲି । ମୁଁ ସପରିବାର ଯାତ୍ରା କରିଥାଏ । ପଣ୍ଡିଚେରୀ ଷ୍ଟେସନରେ ଟ୍ରେନରୁ ଅବତରଣ କରବା ମାତ୍ରେ ଦେଖିଲି ମୋତେ ଆଶ୍ରମ ନେବା ପାଇଁ ସେ ଠିଆ ହୋଇଛନ୍ତି । ତାଙ୍କର ଏପରି ସାନୁକମ୍ପ ବ୍ୟବହାର ମୋତେ ଅଭିଭୂତ କଲା । ସେ ପରିବାରର ସୁଖ ସୁବିଧା ପାଇଁ ଯଥେଷ୍ଟ ଯତ୍ନ କରିଥିଲେ । ମୋତେ ଆଶ୍ରମର ବିଶିଷ୍ଟ ସାଧକ, ଯଥା ମାଧବ ପଣ୍ଡିତ ଓ ଋଷଭଚାନ୍ଦଙ୍କ ସହିତ ପରିଚୟ କରାଇ ଦେଇଥିଲେ । ତାଙ୍କରି ମାଧ୍ୟମରେ ମୁଁ ସେଥର ପୂଜ୍ୟ ବାବାଜୀ ମହାରାଜଙ୍କ ଦର୍ଶନ ଲାଭ କଲି । ସେହିଦିନଠାରୁ ଆରମ୍ଭ କରି ପ୍ରାୟ ଦୀର୍ଘ ୩୦ ବର୍ଷ ମୁଁ ବିଭିନ୍ନ ସମୟରେ ତାଙ୍କର ଦୟା ଓ ନିର୍ଦ୍ଦେଶ ଦ୍ୱାରା ଉପକୃତ ହୋଇଛି ।

୧୯୬୬ ମସିହା ଅକ୍ଟୋବର ମାସ । ମୁଁ ସେତେବେଳେ ଦକ୍ଷିଣପୂର୍ବ ରେଲୱେର ବିଶାଖାପାଟଣାରେ ଅବସ୍ଥାପିତ । ପଣ୍ଡିଚେରୀରୁ ଓଡ଼ିଶା ଯିବାପଥରେ ସେ ଆସି ମୋତେ ତାଙ୍କ ଆତିଥ୍ୟର ସୁଯୋଗ ଦେଇଥିଲେ । ସେହି ଅବସରରେ ମୋର ପିଲାମାନେ ତାଙ୍କଠାରୁ ନିର୍ଦ୍ଦେଶ ପାଇ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ବିଦ୍ୟାଧ୍ୟୟନ ପାଇଁ ଆବେଦନପତ୍ର ପଠାଇ ଥିଲେ । ଖାଲି ସେତିକି ନୁହେଁ, ପରିବାର ପାଇଁ ପଣ୍ଡିଚେରୀରେ ବାସସ୍ଥାନ ମଧ୍ୟ ତାଙ୍କରି ନିର୍ଦ୍ଦେଶରେ ଆମ୍ଭେମାନେ ପାଇଥିଲୁ । ତାଙ୍କରି ପ୍ରେରଣାରେ ଆଶ୍ରମ ସହିତ ଆମ୍ଭମାନଙ୍କର ସମ୍ପର୍କ ପ୍ରତିଷ୍ଠିତ ହେଲା, ଦିବ୍ୟ ମୂଲ୍ୟବୋଧ ପାଇ ଜୀବନ ହେଲା କୃତାର୍ଥ । ଓଡ଼ିଶାର ବିଭିନ୍ନ ସଭା ସମିତିରେ ତାଙ୍କର ଭାଷଣ ଶୁଣିବାର ମୋର ସୌଭାଗ୍ୟ ହୋଇଛି । ଦୁରୂହ ବିଷୟକୁ ଗଭୀର ପ୍ରତ୍ୟୟ ସହ ପ୍ରାଞ୍ଜଳ ଭାବେ ପରିବେଷଣ କରିବାରେ ତାଙ୍କର ପଟୁତା ଥିଲା । ଓଡ଼ିଶାର ପୁରପଲ୍ଲୀରେ ପାଠଚକ୍ରଗୁଡ଼ିକୁ ସଙ୍ଗଠିତ ଓ ସଞ୍ଚାଳିତ କରିବା ପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରିଥିଲେ ।

ସେ ଥିଲେ ଯଥାର୍ଥ ଶିକ୍ଷାବିତ୍ । ଯୋଗରେ ଯେ ଶିକ୍ଷାର ପ୍ରତିଷ୍ଠା, ସେ ଏହା ମର୍ମେ ମର୍ମେ ଅନୁଭବ କରିଥିଲେ । ଏଣୁ ସେ ଅଧ୍ୟାପକ ଜୀବନରୁ ଯୋଗସାଧନା ଆରମ୍ଭ କରିଥିଲେ । ସାଧନା ଫଳରେ ସେ ଦିବ୍ୟଦୃଷ୍ଟି ଲାଭ କରିଥିଲେ । ସେ ଯେ ସୂକ୍ଷ୍ମ ଦର୍ଶନ କରୁଥିଲେ ଏହାର ସୂଚନା ସେ କୌଣସି କୌଣସି ଅବସରରେ ମୋ ଆଗରେ ପ୍ରକାଶ କରିଛନ୍ତି ।

ତାଙ୍କ ଜୀବନ ଥିଲା ତ୍ୟାଗ ଓ ତିତିକ୍ଷାମୟ । ଛାତ୍ର ଜୀବନରେ ମୁଁ ଯେତେବେଳେ ଶୁଣିଲି ଯେ ସେ ଯୋଗସାଧନା ପାଇଁ ଅଧ୍ୟାପକ ପଦରୁ ଇସ୍ତଫା ଦେଇଛନ୍ତି ସେତେବେଳେ ମୋର ସ୍ମରଣ ହୋଇଥିଲା 'ବେଦାନ୍ତ ସିଦ୍ଧାନ୍ତ ମୁକ୍ତାବଳି'ର ସେହି ଉଦାହରଣଟି :

''କୁଳଂ ପବିତ୍ରଂ ଜନନୀ କୃତାର୍ଥା
ବସୁନ୍ଧରା ପୁଣ୍ୟବତୀ ନ ତେନ ।

ଅପାର-ସଚ୍ଚିତ୍-ସୁଖ-ସାଗରେଽସ୍ମିନ୍

ଲୀନଂ ପରେ ବ୍ରହ୍ମଣି ଯସ୍ୟ ଚେତଃ ॥''

ଏପରି ପୁଣ୍ୟଶ୍ଳୋକ ସତ୍ତାମାନଙ୍କୁ ପାଇ ପୃଥିବୀ ଯଥାର୍ଥରେ ପୁଣ୍ୟବତୀ ।

ଅନ୍ତିମ ଜୀବନରେ ଶଯ୍ୟାଶାୟୀ ଥିବା ସମୟରେ ମୁଁ ତାଙ୍କର ଦର୍ଶନ ଓ କରୁଣାଘନ ସ୍ପର୍ଶ ପାଇଛି । ସେ ଆଜି ମର ଶରୀରରେ ନାହାନ୍ତି, କିନ୍ତୁ ତାଙ୍କ ତ୍ୟାଗପୂତ ଅକଷାୟ ଅକଳ୍ମଷ ଜୀବନର ଅମର ପ୍ରଭାବ ମୁଁ ଓ ମୋ ପରି ଅନେକ ଅନୁଭବ କରୁଛନ୍ତି ଓ କରୁଥିବେ ।

ଆଜି ତାଙ୍କର ସ୍ମୃତିଚାରଣ କରିବା ସମୟରେ ମୋର ମନେ ପଡୁଛି ମହାକବି ଦାନ୍ତେଙ୍କର 'La Divina Commedia'ରୁ ଦୁଇଟି ପ୍ରସିଦ୍ଧ ପଙ୍କ୍ତି :

"O dolce Lume, a cui fidanza i'entro

Per lo nuovo cammin, tu ne conduci"

ଅର୍ଥାତ୍, ''ହେ ମଧୁର ଜ୍ୟୋତି, ତୁମରି ବିଶ୍ୱାସରେ ମୁଁ ଏ ନବପଥରେ ପ୍ରବେଶ କରିଛି । ତୁମେ ମୋତେ ମାର୍ଗ ଦର୍ଶନ କରାଅ ।''

ମୋର ଦୃଢ଼ ପ୍ରତ୍ୟୟ, ମୋର ଏ ପ୍ରାର୍ଥନା ତାଙ୍କର ଅମର ଆତ୍ମା ଶୁଣୁଛି ।

(୨୮ ଜୁନ୍ ୧୯୯୦ରେ ମାତୃଭବନ ଦ୍ୱାରା
ପ୍ରକାଶିତ "A Flame of Gratitude"
ଶୀର୍ଷକ ସ୍ମରଣିକାରୁ ସଂଗୃହୀତ)

❑❑❑

# ଅତିଥି

## ଶ୍ରୀଅରବିନ୍ଦ

ଖୋଜି ମୁଁ ପାଇଛି ମୋର ସୁଗଭୀର ମୃତ୍ୟୁହୀନ ସତ୍ତା :
ଆବୃତ ସେ ମୋ ମାନସ ପୁରୋଭାଗେ, ପ୍ରଶାନ୍ତ ବିପୁଳ
ଶାଶ୍ୱତର ଦୃଷ୍ଟି ନେଇ ନିରୀକ୍ଷଇ ଏ ବିଶ୍ୱ ବିଶାଳ
ମାନବୀୟ ଜୀବନର ଦୃଶ୍ୟରାଜି, ଏକ ଦେବଦ୍ରଷ୍ଟା ।

ଶରୀର, ହୃଦୟ ଅବା ଅନ୍ୟ କେଉଁ ଦୁଃଖ ଓ ଯାତନା
ପାରେନା ପ୍ରବେଶି ସେହି ବାଣୀହୀନ ପବିତ୍ର ମନ୍ଦିରେ ।
ନିୟତିର ସାରମେୟ ବିପତ୍ତି ଓ ଭୟପାଶ ଛେଦି
ଦୀର୍ଣ୍ଣ କରି ଦେହତନ୍ତ୍ରୀ,— ମୁକ୍ତ ସେହି କାଳହୀନ ଆତ୍ମା ।



ବକ୍ଷେ ମୋର ସଚେତନ, ସାକ୍ଷୀରୂପ ଦେବରଶ୍ମି କଣା
ଏ ଆତ୍ମାର ମୃତ୍ୟୁହୀନ ସାରତତ୍ତ୍ୱ, ଉଠ ତୁମେ ଜାଗି,
ଦୁର୍ଜ୍ଜେୟ ଅର୍ଚ୍ଚିଃସମ ସର୍ବଶକ୍ତିମାନ୍ ହେ ଅତିଥି !
ମରଣ ଆଗେଇ ଆସେ, ମାସୁଲ ତା' ଭାଗ୍ୟ ନିଏ ମାଗି ।

ଶୁଣନ୍ତି ସେହି ଆଘାତ, ଚୂର୍ଣ୍ଣ ହୁଏ ପ୍ରକୃତି ଭବନ
ସେ ଦୁର୍ଜ୍ଜେୟ, ଜ୍ୟୋତିର୍ମୟ ଧୀର ଶାନ୍ତ ସମାସୀନ ।

[ଶ୍ରୀଅରବିନ୍ଦଙ୍କ ରଚିତ **"The Guest"** କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

ସିନ୍ଧୁରୁ ବିନ୍ଦୁଏ :

# ହୃଦ ମନ୍ଦିର

## ସନ୍ତୋଷ ରଥ

Does one enter a temple with dirty feet?
Likewise, one does not enter the temple of the spirit with a sullied mind.
(CWM, Vol. 14, p. 341) – The Mother

ମଇଳା ପାଦରେ କେହି କ'ଣ କେବେ ମନ୍ଦିର ଭିତରକୁ ଯାଇପାରେ ?
ଠିକ୍ ସେହିପରି, ହୃଦୟ ମନ୍ଦିର ଭିତରକୁ କେହି ଜଣେ କଳୁଷିତ ମନ ନେଇ ପଶି ପାରିବ ନାହିଁ ।
– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି **'ହୃଦ ମନ୍ଦିର'** କବିତାଟିର ପରିକଳ୍ପନା ଓ ରୂପାୟନ ।]

ପରମ୍ପରା ବିଧି ଅତୁଟ ଅବଧି
ମନ୍ଦିର ହୋଇଛି ଗଢ଼ା
ରତ୍ନ ସିଂହାସନ ଦେବ ଅଧିଷ୍ଠାନ
ପରିକ୍ରମା ପାଇଁ ବେଢ଼ା । (୧)

କେତେ ଜନ୍ମ ସ୍ମୃତି ଚାରୁକଳା କୀର୍ତ୍ତି
ମୁକୁଳା ରହିଛି ଦ୍ୱାର
ବେଢ଼ାକୁ ଆବୋରି ରହିଛି ପାଚେରି
ତା' ମଧ୍ୟେ ଗମ୍ଭୀରା ଘର । (୨)

ପାର୍ଶ୍ୱ ଦେବଦେବୀ ପ୍ରୀତି ରତି ଛବି
ନବରସ ରସେ ମଜ୍ଜି
ଷଡ଼ ରିପୁ ନାଚ ଖସଡ଼ା ପାହାଚ
ହେଜ ଚାବି ଯାଏ ହଜି । (୩)

ଡାକେ ରହି ରହି ଗବାକ୍ଷରୁ ଚାହିଁ
ଗର୍ଭଗୃହ ଜଳା ଦୀପ
ମିଛ ମାୟା ଖେଳା ଘାଟ ବନ୍ଧା ଭେଳା
ଛାଡ଼ି ଅଜପାଙ୍କୁ ଜପ । (୪)

ନୁହଁଇ ସହଜ ନ ହୋଇଲେ ସଜ
ପାହିବନି ଅମା ନିଶି
ଅଧୁଆ ପାଦରେ ମନ୍ଦିର ଭିତରେ
ପାରିବ କି କେହି ପଶି । (୫)

ଚହଲା ଅନ୍ତର ଉଚ୍ଛୁଳା ଜୁଆର
ନୁହେଁ କେବେ ମୂକ ସାକ୍ଷୀ
ଯା' ମନ ମୁକୁର କାଚକେନ୍ଦୁ ନୀର
ଅଦେଖାଙ୍କୁ ପାରେ ଦେଖି । (୬)

ହେଲେ ସଚେତନ ଚମକେ ମଥାନ
ଢାଙ୍କିଲେ ବି ମେଘ ରବି
ହୃଦୟ କନ୍ଦର ପାଲଟେ ମନ୍ଦିର
ଧ୍ୟାୟି ପାରା ପ୍ରତିଛବି । (୭)

ମାତ୍ର ସେ ସୁବାସ ଫୁଟାଫୁଲ ବାସ
ଜୀବନଟା ପାଣିଗାର
ବେଳ ଗଲେ ଗଡ଼ି ପାରା ଯିବ ଉଡ଼ି
ଅଲୋଡ଼ା ଭବ ମନ୍ଦିର । (୮)

❑❑❑

# ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା


## ପ୍ରପତ୍ତି


ଏଥିପୂର୍ବରୁ ଆମ୍ଭେମାନେ ଏହି ପ୍ରବନ୍ଧରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅନୁସୃତ ଚତୁର୍ବିଧ ଶିକ୍ଷାନୀତି ସମ୍ବନ୍ଧରେ ଆଲୋଚନା କରିଅଛୁ । ପୂର୍ଣ୍ଣାଙ୍ଗ ଶିକ୍ଷାର ଯେଉଁ ଚାରୋଟି ପ୍ରଧାନ ଦିଗ ତାହା ହେଲା ଶାରୀରିକ ଶିକ୍ଷା, ପ୍ରାଣିକ ଶିକ୍ଷା, ମାନସିକ ଶିକ୍ଷା, ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା । ଗତ ପ୍ରବନ୍ଧରେ ଶାରୀରିକ ଶିକ୍ଷା, ପ୍ରାଣିକ ଶିକ୍ଷା ଓ ମାନସିକ ଶିକ୍ଷାର ମୂଳନୀତି ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା ହୋଇଛି । ଆଜି ଏହି ପ୍ରବନ୍ଧରେ ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିବା ।

ବ୍ୟକ୍ତିତ୍ୱର ଗଠନ, ବିକାଶ ଓ ଅଭିବୃଦ୍ଧି ସକାଶେ ଶାରୀରିକ, ପ୍ରାଣିକ ଏବଂ ମାନସିକ ଶିକ୍ଷା ଖୁବ୍ ଉପକାରୀ, ଏପରିକି ଅପରିହାର୍ଯ୍ୟ । ମନୁଷ୍ୟର ଅସଂସ୍କୃତ, ଅସଂଯତ ଓ ଖଣ୍ଡ ବିଖଣ୍ଡ ଜୀବନକୁ ଏକ ସଂହତ, ସୁସ୍ପଷ୍ଟ ଓ ଯଥାଯଥ ସବଳ ରୂପ ଦେବାକୁ ଏହି ଶିକ୍ଷା ସର୍ବାଦୌ ଆବଶ୍ୟକ । ଏହାହିଁ ମନୁଷ୍ୟକୁ ଅଚେତନ ଜଡ଼ ଓ ପ୍ରାଣମୟ ଜଗତ୍ ମଧ୍ୟରୁ ଏକ ଦୃଢ଼ ଓ ଅଭଙ୍ଗ ବସ୍ତୁ ରୂପେ ଗଢ଼ି ତୋଳେ । ପୁନଶ୍ଚ ଏହି ସବୁ ଶିକ୍ଷା ବୃତ୍ତିମୂଳକ, ଜୀବନ ଯାତ୍ରାପଥରେ ଏକାନ୍ତ ସହାୟ । କିନ୍ତୁ ଏସବୁ ଶିକ୍ଷା ଛଡ଼ା ଆଉ ଏକ ପ୍ରକାର ଶିକ୍ଷା ଅଛି ଯାହା ମନୁଷ୍ୟକୁ ଏକ ବୃହତ୍ତର, ମହତ୍ତର ଓ ଉଦାରତର ଲକ୍ଷ୍ୟ ଓ ଆଦର୍ଶ ସମ୍ବନ୍ଧରେ ସଚେତନ କରାଏ । ମନୁଷ୍ୟ କେବଳ ଦେହ-ପ୍ରାଣ-ମନ ବିଶିଷ୍ଟ ସତ୍ତା ନୁହେଁ, ତାହା ମଧ୍ୟରେ ଏକ ବିଶାଳ ଭୂମା-ଚେତନାର ସ୍ପର୍ଶ ରହିଛି । ଏହି ଚେତନାର ବିକାଶ ଓ ଅଭିବୃଦ୍ଧି ଦ୍ୱାରା ଜୀବନର ପୁନର୍ଗଠନ କରିବାହିଁ ଚୈତ୍ୟ ଶିକ୍ଷାର ପ୍ରାରମ୍ଭ ମାତ୍ର ।

ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା କଥା ଆଲୋଚନା କଲାବେଳେ ସାଧାରଣତଃ ମନରେ ନାନା ପ୍ରକାର ପ୍ରଶ୍ନର ଉଦୟ ହୁଏ – ଚୈତ୍ୟ ଶିକ୍ଷାର ବାସ୍ତବ ସ୍ୱରୂପ କ'ଣ ? ଚୈତ୍ୟ ପୁରୁଷ କିଏ ? ଚୈତ୍ୟ ଶିକ୍ଷା କ'ଣ ଧର୍ମ ଶିକ୍ଷା ? ଏହା କ'ଣ ଏକ ମନସ୍ତାତ୍ତ୍ୱିକ ଶୃଙ୍ଖଳା, ନିୟମନ ନା ଆଧ୍ୟାତ୍ମିକ ଉପଲବ୍ଧି ? ଅଥବା ନୈତିକ ବିଧାନ ? ଏହି ଶିକ୍ଷା କି ଉପାୟରେ ସମ୍ଭବ ହୁଏ ? ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଏହି ଶିକ୍ଷା କିପରି ଅନୁସୃତ ହୁଏ ? ଏହିସବୁ ପ୍ରଶ୍ନର ଏଠାରେ ଆଲୋଚନା ହେବା ଉଚିତ ।

ମାନବ ବ୍ୟକ୍ତିତ୍ୱର ବିଭିନ୍ନ ଅଂଶ ସମ୍ବନ୍ଧେ ଆଲୋଚନା କଲାବେଳେ ଏକଥା ସ୍ପଷ୍ଟ ଭାବେ ମନେ ରଖିବାକୁ ହେବ ଯେ ଚୈତ୍ୟ ପୁରୁଷ ଆମ୍ଭମାନଙ୍କର କେନ୍ଦ୍ରୀୟ ସତ୍ତା (Central being), ଅନ୍ତରାତ୍ମା, ଅନ୍ତଃ-ପୁରୁଷ, ହୃତ୍‌ପୁରୁଷ । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଦୁଇଟି ସତ୍ତା ବାସ କରନ୍ତି – ଚୈତ୍ୟ ପୁରୁଷ ଓ ଆତ୍ମା । ଚୈତ୍ୟ ପୁରୁଷ ଭଗବାନଙ୍କର ଅଂଶ, ସେ ହୃଦୟଗୁହାରେ ବହୁତ ଗଭୀରରେ ଅବସ୍ଥିତ । ଅନ୍ୟ ସତ୍ତା ହେଲେ ଆତ୍ମା, ସେ ଶରୀରର ଊର୍ଦ୍ଧ୍ୱରେ ଦ୍ରଷ୍ଟା ରୂପେ ସ୍ଥିତ, ଭଗବାନଙ୍କର ପ୍ରତିଭୂ କିନ୍ତୁ ଅପରିବର୍ତ୍ତନୀୟ । ଚୈତ୍ୟସତ୍ତା କ୍ରମବିବର୍ତ୍ତନ ଅନୁସାରେ ବିକାଶଶୀଳ । ସେ ଊର୍ଦ୍ଧ୍ୱସ୍ଥ ଆତ୍ମା ପରି ନିଷ୍କ୍ରିୟ, ଅପରିବର୍ତ୍ତନୀୟ ନୁହନ୍ତି । ସେ ମନ-ପ୍ରାଣ-ଶରୀର ପଶ୍ଚାତରେ ରହି ସମସ୍ତ ସତ୍ତା ଉପରେ ପ୍ରଭାବ ନିକ୍ଷେପ କରନ୍ତି । ଶ୍ରୀଅରବିନ୍ଦ 'ଯୋଗ-ପ୍ରଦୀପ' ପୁସ୍ତକରେ ଲେଖି ଅଛନ୍ତି, ''ଏହି ଅଧସ୍ତନ ଭୁବନରେ, ଅପରା ପ୍ରକୃତିରେ ଭଗବାନଙ୍କର ସେହିଁ ଚିରନ୍ତନ ଅଂଶ ଅନ୍ତରାତ୍ମା ରୂପେ, ଦିବ୍ୟ ଅଗ୍ନିର ସ୍ଫୁଲିଙ୍ଗ ରୂପେ ଆବିର୍ଭୂତ ହୁଅନ୍ତି ଏବଂ ସେ ବ୍ୟକ୍ତିଗତ କ୍ରମ-ବିକାଶ ଓ ମନ-ପ୍ରାଣ-ଦେହମୟ ସତ୍ତାକୁ ଧାରଣ କରି ରହି ଅଛନ୍ତି । ଚୈତ୍ୟ ପୁରୁଷହିଁ ହେଲେ ଏହି ସ୍ଫୁଲିଙ୍ଗ ଯେ କ୍ରମବର୍ଦ୍ଧିତ ହୋଇ ଅଗ୍ନିଶିଖାରେ ପରିଣତ ହୁଅନ୍ତି, ଚେତନାର ବିକାଶ ସଙ୍ଗେ ସଙ୍ଗେ ବିକଶିତ ହୁଅନ୍ତି ।'' ଅନ୍ୟ ଏକ ପ୍ରସଙ୍ଗରେ ସେ ଚୈତ୍ୟ ପୁରୁଷଙ୍କ ସମ୍ବନ୍ଧେ ବର୍ଣ୍ଣନା କରି କହୁ ଅଛନ୍ତି, ''ମନୁଷ୍ୟ ତାହାର ଅନ୍ତରାତ୍ମା ବା ଜୀବାତ୍ମାକୁ ଜାଣେ ନାହିଁ, ସେ କେବଳ ଜାଣେ ନିଜର ଅହଂକୁ ବା ନିଜର ଦେହ-ପ୍ରାଣର ନିୟାମକ ମନୋମୟ ପୁରୁଷକୁ, କିନ୍ତୁ ଆହୁରି ଗଭୀର ସ୍ତରରେ ପହଞ୍ଚିଲେ ସେ ଚିହ୍ନିପାରେ ତା'ର ଅନ୍ତରାତ୍ମା ବା ଚୈତ୍ୟ ପୁରୁଷଙ୍କୁ ନିଜର ଯଥାର୍ଥ କେନ୍ଦ୍ର ବୋଲି, ଆପଣା ହୃଦୟରେ ପ୍ରତିଷ୍ଠିତ ପୁରୁଷ ବୋଲି । ବିବର୍ତ୍ତନର କେନ୍ଦ୍ରୀୟ ସତ୍ତା ହେଲେ ଚୈତ୍ୟ ପୁରୁଷ, ସେ ଭଗବାନଙ୍କର ସନାତନ ଅଂଶ, ଜୀବାତ୍ମାରୁ ଉଦ୍ଭୂତ ଏବଂ ତାହାଙ୍କର ପ୍ରତିଭୂ ଏବଂ ଯେତେବେଳେ ପୂର୍ଣ୍ଣ ଚେତନାର ଆବିର୍ଭାବ ହୁଏ, ସେତେବେଳେ ଜୀବାତ୍ମା ଓ ଅନ୍ତରାତ୍ମା ଏକତ୍ର ମିଶି ଯାଆନ୍ତି ।'' 'ଶିକ୍ଷା' ପୁସ୍ତକରେ ଶ୍ରୀମା ଅନ୍ତରାତ୍ମାକୁ ନିର୍ଦ୍ଦେଶ କରିବାକୁ ଯାଇ

କହୁ ଅଛନ୍ତି, ''ସକଳ ସୃଷ୍ଟିର ଆଦି ଉତ୍ସର ଅସଂଖ୍ୟ ସମ୍ଭାବନା ମଧ୍ୟରେ ସେ ହେଲା ଗୋଟିଏ ସୂତ୍ରଧାରା; ଏକ ଅଦ୍ୱିତୀୟ ଏବଂ ବିଶ୍ୱବ୍ୟାପୀ ଚୈତନ୍ୟର ସହାୟତାରେ ନିଜକୁ ଦେଶ ଏବଂ କାଳ ମଧ୍ୟରେ ନିକ୍ଷେପ କଲା, ବ୍ୟଷ୍ଟି ନିୟମ ବା ବ୍ୟଷ୍ଟି ସତ୍ୟ ମଧ୍ୟରେ ନିଜକୁ ସ୍ଥୂଳରେ ଅଭିଭୂତ କରି ଧରିଲା, ଏହିପରି ଗୋଟିଏ କ୍ରମ-ସ୍ଫୂର୍ତ୍ତ ଧାରାରେ ହୋଇ ଉଠିଲା ତାହାର ଅନ୍ତରାତ୍ମା ବା ଚୈତ୍ୟ ପୁରୁଷ ।'' ଚୈତ୍ୟ ପୁରୁଷଙ୍କ ସମ୍ବନ୍ଧରେ ବହୁ ବର୍ଣ୍ଣନା ଉପନିଷଦ୍, ଗୀତା ଓ ବୈଷ୍ଣବ ଶାସ୍ତ୍ରମାନଙ୍କରେ ଦେଖିବାକୁ ମିଳେ । କଠୋପନିଷଦ୍‌ରେ ଅଛି, ''ଅଙ୍ଗୁଷ୍ଠମାତ୍ରଃ ପୁରୁଷୋଽନ୍ତରାତ୍ମା ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟଃ'' ଇତ୍ୟାଦି । ମୋଟରେ କହିବାକୁ ଗଲେ ମନୁଷ୍ୟ ମଧ୍ୟସ୍ଥ ଭାଗବତ ସତ୍ତାହିଁ ତାହାର ଚୈତ୍ୟପୁରୁଷ ! ଚୈତ୍ୟ ପୁରୁଷଙ୍କ ସ୍ୱାଭାବିକ ଗତି ଭଗବାନଙ୍କ ଆଡ଼କୁ । ଚୈତ୍ୟ ପୁରୁଷଙ୍କ ଯଥାର୍ଥ ଭାବ ହେଲା ନିଜକୁ ଶିଶୁ ରୂପେ, ଭଗବାନଙ୍କ ସନ୍ତାନ ଓ ଭକ୍ତ ରୂପେ ଅନୁଭବ କରିବା । ଏହାଙ୍କର ଜାଗୃତି ବିନା କେହି ବି ଭଗବାନଙ୍କ ଆଡ଼କୁ ଯାଇପାରେ ନାହିଁ । ଯାହାଙ୍କର ଚୈତ୍ୟ ପୁରୁଷ ନିଷ୍କ୍ରିୟ କିନ୍ତୁ ମନ, ବୁଦ୍ଧି ବିକଶିତ, ସେମାନଙ୍କ ବିଚାର ଅଭ୍ରାନ୍ତ ବା ଜ୍ୟୋତିର୍ମୟ ନୁହେଁ । ଚୈତ୍ୟ ପୁରୁଷଙ୍କ ଜାଗରଣହିଁ ଆମ୍ଭମାନଙ୍କର ନବଜନ୍ମ (New Birth) ଏବଂ ଯଥାର୍ଥ ଆତ୍ମୋନ୍ମୀଳନ ।

ଚୈତ୍ୟପୁରୁଷଙ୍କ ଅନୁଭୂତି ଜୀବନରେ ବହୁ ଭାବରେ ଆସିଥାଏ । ସାଧାରଣତଃ ଚୈତ୍ୟପୁରୁଷ ପର୍ଦ୍ଦାର ଅନ୍ତରାଳରେ ରହି ଅଜଣା ଓ ଅଚିହ୍ନା ଭାବରେ ବ୍ୟକ୍ତିକୁ ସ୍ପର୍ଶ କରନ୍ତି, ପ୍ରଭାବିତ କରନ୍ତି, କେବେ କେବେ ତାହା ମଧ୍ୟରେ ଭାଗବତ ନିର୍ଦ୍ଦେଶର ଅଚାନକ ସୂଚନା ଦିଅନ୍ତି । କେବେ ନାନା ବିପଦ ଜଞ୍ଜାଳ ମଧ୍ୟରେ ଭଗବାନଙ୍କ ଅହେତୁକୀ କୃପା ଲାଭ କରନ୍ତି । କେବେ କେବେ ଏକ ପୂର୍ଣ୍ଣତର ଓ ମହତ୍ତର ଜୀବନ ପ୍ରାପ୍ତି ନିମିତ୍ତ ସକଳ ବାଧାବିଘ୍ନକୁ ବରଣ କରି ଆଗେଇ ଚାଲନ୍ତି । ବହୁ ମହାପୁରୁଷ, ସାଧୁ, ସନ୍ଥ ଏହାଙ୍କର ଚାଳନାରେ ଚାଳିତ ହୁଅନ୍ତି । ବହୁ ଶିଶୁଙ୍କ ମଧ୍ୟରେ ବି ଏହି ଚୈତ୍ୟ-ପୁରୁଷଙ୍କ କ୍ରିୟା ଦେଖାଯାଏ । ସେମାନଙ୍କ ସ୍ୱତଃସ୍ଫୂର୍ତ୍ତତା, ନିଷ୍କପଟତା, ସରଳତା ଓ ସତ୍ୟ ଦୃଷ୍ଟିହିଁ ଚୈତ୍ୟ-ପୁରୁଷଙ୍କ ପ୍ରଭାବ । କିନ୍ତୁ ଦୁଃଖର ବିଷୟ ମାତାପିତା ଶିଶୁର ଏହି ଅବସ୍ଥାକୁ ବୁଝି ନପାରି ତାକୁ ଅଯଥା ବହିର୍ମୁଖୀ କରାନ୍ତି । ଆମ୍ଭମାନଙ୍କ ମଧ୍ୟରେ ବେଳେ ବେଳେ ପ୍ରଶ୍ନ ଉଠେ – ଏହି ଜୀବନର ଲକ୍ଷ୍ୟ କ'ଣ, ଜୀବନଯାତ୍ରାର ଉଦ୍ଦେଶ୍ୟ କ'ଣ, ବିଶ୍ୱ ସହିତ, ମାନବସମାଜ ସହିତ ଆମର ସମ୍ବନ୍ଧ କ'ଣ ? ଭଗବାନଙ୍କ ପାଖେ ବ୍ୟକ୍ତିର ଆତ୍ମ-ନିବେଦନ କି ବସ୍ତୁ ? ଏହି ଜୀବନର ପରମ ରହସ୍ୟ ଉଦ୍‌ଘାଟନ କରିବା ସମ୍ଭବ କି ? ଏହିସବୁ ପ୍ରଶ୍ନର ଉତ୍ଥାପନ ମୂଳରେ ଚୈତ୍ୟ-ପୁରୁଷଙ୍କର କିଛି ପ୍ରଭାବ ମଧ୍ୟ ଥାଏ । ଅନେକଙ୍କର ମନରେ ଏକ ସ୍ୱତଃ ଆତ୍ମ-ଆବିଷ୍କାର ଓ ରହସ୍ୟମୟ ଧର୍ମଭାବର ପ୍ରେରଣା ଅତି ବାଲ୍ୟକାଳରୁ ଦେଖା ଯାଇଥାଏ । ଏହାର ଅର୍ଥ ତାଙ୍କ ମଧ୍ୟରେ ଚୈତ୍ୟପୁରୁଷ ଜାଗ୍ରତ ଥିଲେ । ତାଙ୍କର ପୂର୍ବଜନ୍ମରୁ ସାଧନା ଦ୍ୱାରା ଚୈତ୍ୟପୁରୁଷଙ୍କର ବିକାଶ ହୋଇଥିବାରୁ ଏହାର ଜାଗୃତି ବାଲ୍ୟାବସ୍ଥାରୁହିଁ ସମ୍ଭବ ହେଲା ।

ଏହି ଚୈତ୍ୟ-ଉପଲବ୍ଧି ସକାଶେ, ଏକ ପ୍ରସ୍ତୁତି ମଧ୍ୟ ଚାଲେ । ଏହା ପାଇଁ ସର୍ବାଦୌ ଆବଶ୍ୟକ ହେଲା ଆନ୍ତରିକତା, ନିଷ୍ଠା, ଐକାନ୍ତିକତା ଓ ସ୍ୱତଃସ୍ଫୂର୍ତ୍ତତା । ଯେ ଆମ୍ଭମାନଙ୍କ ଜୀବନର ପରମ ଦିବ୍ୟବସ୍ତୁ, ତାଙ୍କୁ ଆବିଷ୍କାର କରିବାରେ କୌଣସି ପ୍ରକାର ଶଠତା ବା ଠକାମି ଚଳେ ନାହିଁ । ଏଥିପାଇଁ କୌଣସି ଯୁକ୍ତିତର୍କ ବା ବୁଦ୍ଧିଗତ ଜ୍ଞାନର ପ୍ରୟୋଜନ ନାହିଁ । ଚୈତ୍ୟ-ଅନୁଭୂତି ଏକାବେଳକେ ସତ୍ୟ ଓ ଅଭ୍ରାନ୍ତ ଅନୁଭୂତି । ଦ୍ୱିତୀୟତଃ, ଏହି ପଥରେ ଆଗେଇ ଯିବାକୁ ଦରକାର ଏକ ଦୃଢ଼, ଗଭୀର ଓ ତୀବ୍ର ସଙ୍କଳ୍ପ । ଏହି ଆବିଷ୍କାର ଏକାନ୍ତ ବ୍ୟକ୍ତିଗତ । ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆବଶ୍ୟକ ଅଟଳ ସଙ୍କଳ୍ପ, ଦୃଢ଼ ଇଚ୍ଛାଶକ୍ତି, ଅକ୍ଲାନ୍ତ ଅଧ୍ୟବସାୟ । କହିବାକୁ ଗଲେ ଏ କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ପଥ କାଟି ଚାଲିବାକୁ ହୁଏ । ସାହସ ଓ ସହିଷ୍ଣୁତାର ସହିତ ଗୋଟାଏ ଅଗମ୍ୟ ଅରଣ୍ୟ ଭେଦ କରି ଦେଶ ଆବିଷ୍କାର କଲା ଭଳି ଚୈତ୍ୟ-ଆବିଷ୍କାର ବୋଧହୁଏ । ତୃତୀୟତଃ, ଏହି ଆବିଷ୍କାର ଲକ୍ଷ୍ୟ ସାଧନରେ ବ୍ୟକ୍ତି ଏକମୁଖୀ ହେଲେ ସଫଳତା ଶୀଘ୍ର ଆସେ । ଏଠାରେ ଛୋଟ ବଡ଼ ବୋଲି କିଛି ନାହିଁ । ସକଳ କାର୍ଯ୍ୟ, ସକଳ ଚିନ୍ତା, ସକଳ ପ୍ରକାର ପରିସ୍ଥିତିରେ ଆମ୍ଭମାନଙ୍କର ଜୀବନର ଏହି ମହତ୍ ଓ ବିରାଟ ଲକ୍ଷ୍ୟ ନିରନ୍ତର ପରିସ୍ଫୁଟ ହେବା ବାଞ୍ଛନୀୟ । ସମଗ୍ର ଜୀବନକୁ ଭଗବତ୍ ଅଭିମୁଖୀ କରି ମନରେ ସର୍ବଦା ସମର୍ପଣ ଓ ନିବେଦନର ଭାବ ରଖିବାକୁ ହେବ । ଭୋଜନ କରିବା ପୂର୍ବରୁ କିଛି ସମୟ ଏକାଗ୍ରତା ସହ ଆହାରକୁ ପ୍ରସାଦ ରୂପେ ସେବନ କରିବ । ସେହିପରି ଶୋଇବା ପୂର୍ବରୁ କିଛିକ୍ଷଣ ଏକାଗ୍ର ହେବ । ସଙ୍କଳ୍ପ କରିବ ଯେପରି ନିଦ୍ରାକାଳରେ ସ୍ନାୟବିକ କ୍ଳାନ୍ତି ଦୂର ହୁଏ ଏବଂ ମସ୍ତିଷ୍କରେ ସ୍ଥିରତା ଓ ପ୍ରଶାନ୍ତି ଦେଖାଦିଏ, ଯାହା ଫଳରେ ନିଦ୍ରାଭଙ୍ଗ ପରେ ସାଧନା ପଥରେ ଦ୍ୱିଗୁଣ ଉତ୍ସାହରେ ଅଗ୍ରଗତି

କରିହୁଏ । ସେହିପରି ପ୍ରତ୍ୟେକ କର୍ମ ମଧ୍ୟ ଭଗବାନଙ୍କୁ ଅର୍ପଣ କରିବ । ଏହି ଶିକ୍ଷାର ମୂଳନୀତି ହେଉଛି "Remember and offer" ଅର୍ଥାତ୍, ''ସ୍ମରଣ ରଖ ଓ ସମର୍ପଣ କର'' । ଅନ୍ତରର ଭାଗବତୀ ଶକ୍ତିର କ୍ରିୟା ଓ ଉତ୍ତରୋତ୍ତର ସଞ୍ଚାଳନା ଏହା ଦ୍ୱାରାହିଁ ଅନୁଭୂତ ହୁଏ ।

ଏହିପରି ନିରବଚ୍ଛିନ୍ନ ପ୍ରୟାସ, ଅକ୍ଳାନ୍ତ ଉଦ୍ୟମ ଓ ତୀବ୍ର ଅଭୀପ୍ସା ଫଳରେ ଏକ ଦ୍ୱାର ଖୋଲିଯାଏ ଏବଂ ବ୍ୟକ୍ତି ନିଜ ଅନ୍ତରରେ ଏକ ଦିବ୍ୟ ପ୍ରେରଣାର ଇଙ୍ଗିତ ପାଏ । ସେତେବେଳେ ଏହି ସ୍ଥୂଳ ଜଗତର ଅତି ନଗଣ୍ୟ ବସ୍ତୁ ମଧ୍ୟ ଅନ୍ୟ ପ୍ରକାର ପ୍ରତିଭାତ ହୁଏ । ନିଜ ଭିତରର ଭାଗବତ ଅନୁଭୂତି ସକଳ ସ୍ତରରେ ସେହି ଅନୁଭୂତି ଆଣି ଦିଏ । ଏହା ଚୈତ୍ୟ ରୂପାନ୍ତର ଓ ସିଦ୍ଧିର ଗୋଟାଏ ଦିଗ । ଏହି ଭଗବତ୍ ପ୍ରାପ୍ତିର କ୍ରିୟାଧାରା ବଢ଼ି ଚାଲେ ଏବଂ ବ୍ୟକ୍ତି ଏହା ପରେ ଆଧ୍ୟାତ୍ମିକ ଶିକ୍ଷାର କ୍ଷେତ୍ରରେ ଉପନୀତ ହୁଏ । ଚୈତ୍ୟ ସିଦ୍ଧିଠାରୁ ଆଧ୍ୟାତ୍ମିକ ସିଦ୍ଧି ଆହୁରି ବୃହତ୍ତର ସିଦ୍ଧି ଏବଂ ଏହି ସିଦ୍ଧି ଫଳରେ ଊର୍ଦ୍ଧ୍ୱଲୋକର ଜ୍ୟୋତିଃ, ଶକ୍ତି, ଆନନ୍ଦ, ଶାନ୍ତି ଆଦି ମହତୀ ଭାଗବତୀ ଶକ୍ତି ଅବତରଣ କରି ବ୍ୟକ୍ତିର ଆଧାରରେ ସ୍ଥାୟୀ ରୂପେ ପ୍ରତିଷ୍ଠିତ ହୁଅନ୍ତି । ସେତେବେଳେ ବ୍ୟକ୍ତିର ଜଡ଼ ଶରୀର ପର୍ଯ୍ୟନ୍ତ ବି ଚିନ୍ମୟ ବସ୍ତୁ ହୋଇଉଠେ । ଏସବୁ ହେବା ସତ୍ତ୍ୱେ ପ୍ରକୃତିର ରୂପାନ୍ତର ଘଟେ ନାହିଁ । ପ୍ରକୃତିର ରୂପାନ୍ତର ଘଟେ ଏକମାତ୍ର ଅତିମାନସରୂପୀ ବିଶାଳ ଅଧ୍ୟାତ୍ମ-ଶକ୍ତିର କ୍ରିୟା ଫଳରେ । ସୁତରାଂ ଚୈତ୍ୟ ଓ ଅଧ୍ୟାତ୍ମ-ଶିକ୍ଷାର ଶେଷ ପରିଣାମ ରୂପେ ଦେଖା ଦିଏ ଅତିମାନସ ଶିକ୍ଷା । ଅତିମାନସ ସିଦ୍ଧିର ଏକମାତ୍ର ଅବତାରଣା କରି ଅଛନ୍ତି ଶ୍ରୀଅରବିନ୍ଦ ଓ ଶ୍ରୀମା । ସ୍ୱୟଂ ଶ୍ରୀଅରବିନ୍ଦ ଏହି ଶକ୍ତିକୁ ଅବତରଣ କରାଇ ଏହି ଧରାପୃଷ୍ଠରେ ଅଧ୍ୟାତ୍ମ ସାଧନାର ନବଯୁଗ ଆନୟନ କରିଛନ୍ତି । ଶ୍ରୀମା ଆଜି ଏହି ଶକ୍ତି ସ୍ୱୟଂ ଧାରଣ କରି ମାନବ-ପ୍ରକୃତି ଉପରେ କ୍ରିୟା କରୁ ଅଛନ୍ତି । ଅତିମାନସ କ୍ରିୟା ଫଳରେ ପୃଥିବୀରେ ଦେଖା ଦେବ ନୂତନ ମାନବ-ଜୀବନ ଓ ନୂତନ ମାନବଜାତି । ଅତିମାନସର ପ୍ରାଥମିକ କ୍ରିୟା ଫଳରେ ମନୁଷ୍ୟ ମଧ୍ୟରେ ଏକ ଊର୍ଦ୍ଧ୍ୱତନ ଚେତନାର ବିକାଶ ହେବ ଓ ତା'ର ଅଜ୍ଞାନ ଚେତନା ଜ୍ୟୋତିର୍ମୟ ହେବ । ଏହି ଶକ୍ତି କ୍ରମଶଃ ଆଭ୍ୟନ୍ତରୀଣ ମନ-ପ୍ରାଣକୁ ମଧ୍ୟ ପରିବର୍ତ୍ତନ କରିବ । ମନୁଷ୍ୟ ପ୍ରକୃତିର ଆମୂଳଚୂଳ ପରିବର୍ତ୍ତନ ଓ ଅତିମାନସ ଜାତି ସ୍ଥାପନା କେବଳ ଏହି ଶକ୍ତି ବଳରେହିଁ ହୋଇ ପାରିବ ।

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ମୂଳ ଲକ୍ଷ୍ୟ ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ ଆମ୍ଭେମାନେ କହିଅଛୁ ଯେ ପୃଥିବୀରେ ନୂତନ ରୂପାୟିତ ଦିବ୍ୟଜୀବନ ସ୍ଥାପନ ଓ ନୂତନ ସମାଜ ଗଠନହିଁ ଏହାର ଉଦ୍ଦେଶ୍ୟ । ଏହି ଲକ୍ଷ୍ୟର ସୁସ୍ପଷ୍ଟ ଫଳାଫଳ ଏପର୍ଯ୍ୟନ୍ତ ବାସ୍ତବ କ୍ଷେତ୍ରରେ ସାଧାରଣ ଚକ୍ଷୁରେ ଦେଖିବାକୁ ହେବ । ତେବେ ଏହି ଚୈତ୍ୟ, ଅଧ୍ୟାତ୍ମ ଓ ଅତିମାନସ ଶିକ୍ଷା ଏଠାରେ ଅନୁସୃତ ହୁଏ କିପରି ? ଏଠାରେ ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷାର ମୂଳଭିତ୍ତି ହେଲା ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ-ବ୍ୟକ୍ତିତ୍ୱ, ଅଧ୍ୟାତ୍ମ-ସାଧନା, ଅଧ୍ୟାତ୍ମ-ପ୍ରଭାବ ଓ ଆଧ୍ୟାତ୍ମିକ କ୍ରିୟା । ସ୍ୱୟଂ ମା' ଏହି ଶକ୍ତିକୁ ଧାରଣ କରି କ୍ରିୟା କରୁ ଅଛନ୍ତି । ଯେଉଁମାନେ ଶ୍ରଦ୍ଧା, ଭକ୍ତି, ସରଳତା ସହ ନିଜକୁ ମା'ଙ୍କ ପ୍ରତି ଖୋଲି ଧରି ପାରିବେ ସେମାନେ ଏହି ଶିକ୍ଷାର ସକଳ ପାବଚ୍ଛଗୁଡ଼ିକ ପାର ହୋଇଯିବେ । ଏଥିପାଇଁ ଏଠାରେ ଛାତ୍ରମାନଙ୍କୁ କୌଣସି ପ୍ରକାର ବାଧ୍ୟତାମୂଳକ ଧର୍ମଗ୍ରନ୍ଥ ବା ନୀତିଶାସ୍ତ୍ର ପଢ଼ିବାକୁ ଦିଆ ହୁଏ ନାହିଁ । କୌଣସି ପ୍ରକାର କାର୍ଯ୍ୟରେ ବି ଏଠାରେ ବାଧ୍ୟବାଧକତା ନାହିଁ । ଆଶ୍ରମର ସକଳ ସ୍ତରରେ, ସବୁ କ୍ଷେତ୍ରରେ ରହିଛି ଏକ ଶାଶ୍ୱତ ଅଧ୍ୟାତ୍ମ ଶକ୍ତିର ବ୍ୟାପକ ଖେଳା ଏବଂ ଏହାହିଁ ଏକ ତୀବ୍ର ଆଧ୍ୟାତ୍ମିକ ବାତାବରଣ (Spiritual atmosphere) ସୃଷ୍ଟି କରିଛି । ଏହି ବାତାବରଣରେ ଯେ କେହି ବ୍ୟକ୍ତି ରହିଲେ ମଧ୍ୟ ସ୍ୱାଭାବିକ ରୂପେ ମା'ଙ୍କ କ୍ରିୟା ପ୍ରତି ଉନ୍ମୁକ୍ତ ହୁଅନ୍ତି । ଯେଉଁମାନେ ହୃଦୟର ଅମାୟିକ ଶ୍ରଦ୍ଧା ଓ ନିର୍ମଳତା ସହ ନିଜର ସବୁକିଛିକୁ ମା'ଙ୍କ ଚରଣରେ ଅର୍ପଣ କରି ଆଗେଇ ଯିବାକୁ ଚାହିଁଛନ୍ତି, ମା' ସେମାନଙ୍କର ଅଧ୍ୟାତ୍ମ ଜୀବନ ଓ ଅଗ୍ରଗତିର ସମସ୍ତ ଭାର ଗ୍ରହଣ କରିଛନ୍ତି । ଏତଦ୍ ବ୍ୟତୀତ ସୁସ୍ଥ, ସବଳ, ନିର୍ମଳ ଚୈତ୍ୟ-ଜୀବନର ଆଦର୍ଶ, ଉଦାହରଣ ଓ କାର୍ଯ୍ୟକାରିତା ଏଠାରେ ଚୈତ୍ୟଶିକ୍ଷାର ଅନ୍ୟ ଗୋଟିଏ ଦିଗ । ଯେକୌଣସି ବ୍ୟକ୍ତି ଏହି ଆଶ୍ରମରେ କିଛିଦିନ ରହିଲା ପରେ ଏହା ସ୍ପଷ୍ଟ ରୂପେ ହୃଦୟଙ୍ଗମ କରେ । ବାହାରେ ରହି ମଧ୍ୟ ମା'ଙ୍କ ପ୍ରତି ଉନ୍ମୁକ୍ତ ରହିଲେ ଏହି ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା ଗ୍ରହଣ କରାଯାଇପାରେ । ଶ୍ରୀଅରବିନ୍ଦ ଏହି ବିଷୟ ପୁଙ୍ଖାନୁପୁଙ୍ଖ ରୂପେ ତାଙ୍କର ବିଭିନ୍ନ ରଚନାବଳିରେ ଆଲୋଚନା କରିଛନ୍ତି । ଏହା ସତ୍ୟ ଯେ ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା ଅନ୍ୟାନ୍ୟ ସକଳ ଯୋଗଠାରୁ ଅଧିକ କଠିନ ଓ ଜଟିଳ, କିନ୍ତୁ ପକ୍ଷାନ୍ତରରେ ଏହା ବି ସତ୍ୟ ଯେ ଏହି ସାଧନା ଅନ୍ୟାନ୍ୟ ସାଧନାଠାରୁ ଅଧିକ ସରଳ ଓ ସହଜ । ସାଧନାର ଅତି ସହଜ

ପଥ ହେଲା ସମର୍ପଣ, ଅଭୀପ୍ସା ଓ ତ୍ୟାଗ । ଯେଉଁମାନେ ଜୀବନରେ ଯଥାର୍ଥରେ ଅଧ୍ୟାତ୍ମ-ଉନ୍ନୟନ ଚାହାଁନ୍ତି ସେମାନେ କି ଗଭୀର ଭାବରେ ଓ କେତେ ଶୀଘ୍ର ଶ୍ରୀଅରବିନ୍ଦଙ୍କ ଯୋଗରେ ଅଗ୍ରଗତି କରିପାରନ୍ତି, ତାହା ଅନୁଭବୀ ବିନା ଅନ୍ୟ କେହି ସ୍ୱୀକାର କରିପାରିବ ନାହିଁ । ଆଜି ସମୟ ଆସିଛି ଯେତେବେଳେ ଜୀବନ ଓ ସମାଜ ପୁନର୍ବାର ଏକ ଅଧ୍ୟାତ୍ମ-ଭିତ୍ତିରେ ସ୍ଥାପିତ ହେବ । ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଏ ଦିଗରେ ଯେ ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରୁଛି, ଏକଥା ସମାଜର ଭବିଷ୍ୟତ୍ ବଂଶଧର ନିଶ୍ଚୟ ସ୍ୱୀକାର କରିବେ ।

❑❑❑

## ସମାଲୋଚନା

''ସବୁ ମଣିଷ ଲୋକପ୍ରିୟ ହେବାକୁ ଚାହାନ୍ତି । କଳାକାର, ଇଞ୍ଜିନିୟର, ଅଧ୍ୟାପକ, ଓକିଲ, ଡାକ୍ତର ଏବଂ ଏ ତାଲିକାର ସବା ଆଗରେ ରହିବାକୁ ଚାହୁଁଥିବା ରାଜନେତା । ମାତ୍ର ଜଣେ ଯେତେ ଚାହିଁଲେ ବି କ'ଣ ସମସ୍ତଙ୍କ ନିକଟରେ ଲୋକପ୍ରିୟ ହୋଇ ପାରିବ । ମୁଁ ତ ପାରୁ ନାହିଁ । ମୋତେ ଅନେକେ ସମାଲୋଚନା କରୁଛନ୍ତି ।''

ବିଚଳିତ ଚିତ୍ତରେ ଏ ପ୍ରଶ୍ନଟି ପଚାରି ତରୁଣ ଅଧ୍ୟାପକ ବିଦାୟ ନେଇ ଯାଉଥିବା ତାଙ୍କ କୁଳପତିଙ୍କ ପରାମର୍ଶ ଲୋଡ଼ୁ ଥାଆନ୍ତି । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ କୁଳପତି ଜଣକ ଥିଲେ ସେ ସମୟର ସର୍ବମାନ୍ୟ ଶିକ୍ଷାବିତ୍ । ପ୍ରସଙ୍ଗଟି ଜୀବନର ପ୍ରଶସ୍ତ ପରିସରକୁ ସ୍ପର୍ଶ କରୁଥିବା ଅନୁଭବ କରି ସେଇ କୋଠରିକୁ ଯାଉଥିବା ଛାତ୍ର ଜଣେ ଦୁଆର ପାଖରେ ଅଟକିଗଲା । କୁଳପତି ଏହାର କି ଉତ୍ତର ଦେଉଛନ୍ତି ତାହା ଶୁଣିବା ପାଇଁ ତା' ମନରେ ଅସୀମ ଆଗ୍ରହ ।

କୁଳପତି ଉତ୍ତର ଦେଲେ , ''ଜଣେ ସମସ୍ତଙ୍କ ନିକଟରେ ପ୍ରିୟ ହୋଇପାରିବ କି ? – ତୁମର ପ୍ରଶ୍ନଟି ଯଦି ଏଇଆ ହୁଏ, ତାହାହେଲେ ତା'ର ସିଧା ଉତ୍ତର ହେବ 'ନା' । ଏହା ସମ୍ଭବ ନୁହେଁ । କାରଣ ଭିନ୍ନ ଭିନ୍ନ ମଣିଷ ଭିନ୍ନ ଭିନ୍ନ ଆଗ୍ରହର ପ୍ରତିନିଧିତ୍ୱ କରୁ ଥାଆନ୍ତି । ଏହାପରେ ରହୁଛି ତୁମର ବିଚଳିତ ଭାବ । କାରଣ, ତୁମକୁ କିଛି ଲୋକ ସମାଲୋଚନା କରୁଛନ୍ତି । ଆଚ୍ଛା, ତୁମେ ପୃଥିବୀର ତିନିଜଣ ବିଖ୍ୟାତ ମଣିଷଙ୍କ ନାଁ କହିଲ ?

ତରୁଣ ଅଧ୍ୟାପକ ଉତ୍ତର ଦେଲେ, ''ଯିଶୁଖ୍ରୀଷ୍ଟ, ସକ୍ରେଟିସ୍ ଓ ଗାନ୍ଧି ।''

ବୃଦ୍ଧ କୁଳପତି କହିଲେ, ''ଏମାନେ ତୁମ ଦୃଷ୍ଟିରେ କାହିଁକି, ମଣିଷ ସଭ୍ୟତାର ଇତିହାସ ଦୃଷ୍ଟିରେ ସବୁଠୁ ସଫଳ ତିନି ବ୍ୟକ୍ତି । ଯିଶୁଖ୍ରୀଷ୍ଟଙ୍କୁ କିଭଳି ନିର୍ଦ୍ଦୟ ଭାବେ ହତ୍ୟା କରାଯାଇଥିଲା ତାହା ତୁମେ ପଢ଼ିଛ । ସକ୍ରେଟିସ୍‌ଙ୍କୁ ବିଷ ପିଆଇ ମାରି ଦିଆଗଲା ଏବଂ ଗାନ୍ଧିଙ୍କୁ ଗୁଳି । ଆମ ବିଚାରରେ ସବୁଠୁ ସଫଳତମ ମଣିଷମାନଙ୍କୁ ଯଦି ଏଭଳି 'ଦୁର୍ଭାଗ୍ୟ' ଭୋଗିବାକୁ ପଡ଼ିଥିଲା ତାହାହେଲେ ଆମେ ସାମାନ୍ୟ ସମାଲୋଚନାରେ କାହିଁକି ବିଚଳିତ ହେବା ? ମନେରଖ, ତୁମ ସମ୍ପର୍କରେ କେଉଁଠି ଆଲୋଚନା ହେଉଛି ଅର୍ଥ ତୁମର ଉଚ୍ଚତା ବଢ଼ିଛି । ଯେଉଁ ବସ୍ତୁର ଉଚ୍ଚତା ଯେତେ, ତା'ର ଛାଇ ମଧ ସେତେ ଦୀର୍ଘ । ବଡ଼ ବଡ଼ ମଣିଷଙ୍କୁ ପ୍ରଥମେ ସମାଲୋଚନା, ତା'ପରେ ଢେଲା ଓ ଶେଷରେ ବିଷ କିଂବା ଗୁଳି ଉପହାର ମିଳିଥାଏ । ତୁମେ ତ ଏପର୍ଯ୍ୟନ୍ତ ସମାଲୋଚନା ସ୍ତରରେ ଅଟକି ଯାଇଛ !''

କୁଳପତି ଶେଷକଥା କହିଲେ, ''ପ୍ରତ୍ୟେକ ମଣିଷ ତା' ନିଜର ବିବେକ ନିକଟରେ ହିଁ ଉତ୍ତରଦାୟୀ । ଯଦି ସେ ନିଜ ବିବେକର ସାମନାସାମନି ହୋଇ ପାରୁଛି, ତାହାହେଲେ ଅନ୍ୟ କୌଣସି କଥା ପାଇଁ ଭୟ ନ କରି ନିଜ କର୍ମ ପଥରେ ଆଗେଇ ଯିବା ଉଚିତ ।'' ସେ ସକ୍ରେଟିସ୍‌ଙ୍କୁ ଉଦ୍ଧାର କରି କହିଲେ, ''କେବଳ ଜିଇଁବାଟା ବଡ଼ କଥା ନୁହେଁ, ଠିକଣା ମାର୍ଗରେ ଜିଇଁବାଟାହିଁ ସବୁଠାରୁ ବଡ଼ କଥା ।''

ଉଭୟ ତରୁଣ ଅଧ୍ୟାପକ ଏବଂ ଅନୁସନ୍ଧିତ୍ସୁ ଛାତ୍ରଙ୍କ ମନକୁ କୁଳପତିଙ୍କ ଉତ୍ତର ଛୁଇଁଗଲା ।

('**କଥାଟିଏ**'ରୁ ସଂଗୃହୀତ । ସଂକଳକ : ଗୌରହରି ଦାସ) ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୮୩)

**ମହେନ୍ଦ୍ରନାଥ ସ୍ୱାଇଁ**

**ମାତୃକୃପା :**

ଆମ ଆତ୍ମା ଯେପର୍ଯ୍ୟନ୍ତ ପରମପ୍ରଭୁଙ୍କ ସହ ଏକାକାର ହେବାର ଅବସ୍ଥାକୁ ପ୍ରାପ୍ତ ହୋଇ ନାହିଁ ସେପର୍ଯ୍ୟନ୍ତ ଆମକୁ ଏହି ଭବ ପାରାବାରରେ ଆହୁଲା ଏବଂ ସୁକାନୀ ବିହୀନ ଏକ ନୌକା ସଦୃଶ ବୁଡୁଥିବା ଏବଂ ଉଠୁଥିବା ଏହି ଅନନ୍ତ ଏବଂ ଅନ୍ତହୀନ କାଳ ବକ୍ଷରେ, ପବନରେ ଦୋହଲି ଦୋହଲି ହଲୁଥିବା ଦୀପ ଶିଖାଟିଏ ପରି । ଆମ ମନ ଏପର୍ଯ୍ୟନ୍ତ ସୁଦ୍ଧା ଉନ୍ନତ ହୋଇ ନାହିଁ । ଶାରୀରିକ ସତ୍ତାର ଦାବୀ ଓ ପ୍ରାଣର କାମନା-ବାସନା ତାକୁ ଅଧିକାଂଶ ସମୟରେ ମାଡ଼ି ବସୁଛନ୍ତି । ମନ ସ୍ୱୟଂ ହେଉଛି ଏକ ଭ୍ରାନ୍ତିପୂର୍ଣ୍ଣ ସତ୍ତା, ବେଳେ ବେଳେ ଏହା ଆମର ପିଲାଳିଆ ଦୁଷ୍ଟାମି ଏବଂ ଅର୍ଦ୍ଧ-ନୈତିକତାର ସମର୍ଥନ ଲାଭ କରି (half-backed morality) ଆମକୁ ପଥଚ୍ୟୁତ କରିଥାଏ । ଆମେ ନିର୍ଦ୍ଦିଷ୍ଟ ଅବସ୍ଥାଟିକୁ ନେଇ ଆମ ପାଇଁ ନିର୍ଦ୍ଧାରିତ ହୋଇ ରହିଥିବା ଚଲା ପଥଟିକୁ ଅନ୍ୱେଷଣ କରି ଚାଲିଛୁ, ବେଳେ ବେଳେ ଆମ ଅନ୍ୱେଷଣ ଭିତରକୁ ଭାବପ୍ରବଣତା ପଶି ଆସି ଆମକୁ ବିପଥରେ ନେଇ ଯାଉଛି । ଆମ ସମ୍ମୁଖରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସଳଖ ରାସ୍ତାଟିଏ ଥିଲେ ମଧ୍ୟ ଆମେ ତାକୁ ଅଣଦେଖା କରିଦେଇ ରାସ୍ତା ଭାଙ୍ଗି ଚାଲିଯାଉଛୁ । ଦିବ୍ୟାନନ୍ଦ ଆଡ଼କୁ ମାତ୍ର ଗୋଟିଏ ପଥ ଲମ୍ବିଛି ଏବଂ ତାହା ହେଉଛି ଭଗବାନଙ୍କ ସହିତ ଏକାକାର ହୋଇଯିବା ।

ଫେବ୍ରୁଆରୀ ୧୩, ୧୯୧୪ ମସିହାରେ ଦିବ୍ୟଜନନୀ ଶ୍ରୀମା ସରଳ, ସୁନ୍ଦର ଏବଂ ସାବଲୀଳ ଭାଷାରେ ପରମପ୍ରଭୁଙ୍କ ନିକଟରେ ପହଞ୍ଚିବାର ଦ୍ୱାରଟିକୁ ଉନ୍ମୋଚନ କରି ଦେଇଛନ୍ତି । ତାହା ହେଲା –

"IN the silence of an intense concentration I would unite my consciousness with Thy absolute consciousness, I would identify myself with Thee, O sovereign Lord of our being, divine Master of love, so that Thy law may become clear and perceptible to us and we may live only by it and for it.

How beautiful, grand, simple and calm everything is in the hours when my thought takes its flight to Thee and unites with Thee! And from the day it becomes possible for us to keep this supreme clear-sightedness constantly, with what an airy and yet sure step we shall walk through life above all obstacles and unhesitatingly! For, – this I know through experience – all doubt, all hesitation ceases the very moment one is conscious of Thy law; and if one perceives clearly the extreme relativity of all human action, one knows at the same time, with exactitude and precision, which action is the least relative in regard to one's body and one's own way of acting ... and all obstacles *really* vanish as if by magic. All our efforts, O Lord, will henceforth be bent on an ever more constant realisation of this marvellous state.

May the peace of Thy certitude awaken in every heart!"

('Prayers and Meditations', p. 73) – The Mother

''ଗଭୀର ଧ୍ୟାନମଗ୍ନ ଅବସ୍ଥାର ନୀରବତା ଭିତରେ ମୁଁ ମୋର ଚେତନାକୁ ତୁମର ସର୍ବୋତ୍ତମ ଚେତନା ସହିତ ଏକତ୍ରିତ କରିଦେବି, ମୁଁ ତୁମ ସହିତ ନିଜକୁ ମିଶାଇ ଦେବି । ହେ ଆମ୍ଭମାନଙ୍କ ସତ୍ତାର ସର୍ବୋତ୍ତମ ସାର୍ବଭୌମ ପ୍ରଭୁ, ପ୍ରେମର ଦିବ୍ୟ ଗୁରୁ, ଫଳରେ ତୁମର ବିଧାନ ସୁସ୍ପଷ୍ଟ ହୋଇଯିବ ଏବଂ ସହଜରେ ସେସବୁ ଆମକୁ ବୋଧଗମ୍ୟ ହେବ, ଏବଂ

ଆମେ କେବଳ ଏହା ଦ୍ୱାରା ଏବଂ ଏହା ନିମନ୍ତେ ବଞ୍ଚି ରହିବୁ ।

''ଯେଉଁ ସମୟରେ ମୋର ଚିନ୍ତା ଓ ଭାବନା ତୁମ ପାଖକୁ ଉଡ଼ି ଯାଉଥାଏ ଏବଂ ତୁମ ସହ ଏକତ୍ରିତ ହୋଇ ଯାଉଥାଏ, ସେତେବେଳେ ପ୍ରତ୍ୟେକ ଜିନିଷ କେତେ ସୁନ୍ଦର, କେତେ ମହାନ୍, କେତେ ସରଳ ଓ କେତେ ପ୍ରଶାନ୍ତ ହୋଇ ଦେଖା ନ ଦିଏ ! ଏବଂ ସେହି ନିର୍ଦ୍ଦିଷ୍ଟ ଦିନଠାରୁ ଆମ ପକ୍ଷରେ ଏହା ସମ୍ଭବପର ହୋଇଥାଏ ସେହି ସର୍ବୋତ୍ତମ ପରମ ଦିବ୍ୟଦୃଷ୍ଟିକୁ ନିରବଚ୍ଛିନ୍ନ ଧରି ରଖିବା ପାଇଁ — ଆମକୁ କେତେ ପ୍ରଶସ୍ତ, ଆଲୋକିତ ପଥରେ ଏକ ଦୃଢ଼ନିଶ୍ଚିତ ପଦକ୍ଷେପର ସହିତ ଆମ ଜୀବନକାଳ ମଧ୍ୟରେ ଆଗକୁ ବଢ଼ିବାକୁ ହୋଇଥାଏ, ସକଳ ପ୍ରକାର ପ୍ରତିବନ୍ଧକର ଊର୍ଦ୍ଧ୍ୱରେ ରହି ଏବଂ କୌଣସି ଆଗପଛ ଚିନ୍ତା ନରଖି ! କାରଣ, ମୁଁ ମୋର ଅନୁଭୂତିରୁ ଏହା ଜାଣିଛି — ଯେଉଁ ମୁହୂର୍ତ୍ତରେ ଜଣେ ତୁମର ଦିବ୍ୟ ବିଧାନ ସମ୍ପର୍କରେ ସଚେତନ ହୋଇଉଠେ ସେହି ମୁହୂର୍ତ୍ତରେ ସକଳ ପ୍ରକାର ସନ୍ଦେହ, ଇତସ୍ତତଃ ଭାବ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇ ଯାଇଥା'ନ୍ତି; ଏବଂ ଯଦି ଜଣେ ମାନବିକ କର୍ମସକଳର ପାରସ୍ପରିକ ସମ୍ପର୍କ ସହିତ ଯୁକ୍ତ ହୋଇ କ୍ରିୟାନ୍ୱିତ ହେଉଛି ବୋଲି ତାହା ଭଲ ଭାବରେ ବୁଝିଯାଏ, ତତ୍ ସହିତ ସେ ସମ୍ପୂର୍ଣ୍ଣ ଠିକ୍ ଏବଂ ନିର୍ଦ୍ଦିଷ୍ଟ ଭାବରେ ସେସବୁକୁ ଜାଣି ଯାଇଥାଏ ଯେ କେଉଁ କ୍ରିୟାଟି ତା'ର ଶରୀର ଏବଂ ନିଜର କର୍ମ କରିବାର ଧାରା ସହିତ ଖୁବ୍ କମ୍ ପରିମାଣରେ ସମ୍ପର୍କିତ ... ଏବଂ ତତ୍‌କ୍ଷଣାତ୍ ଯାଦୁ କଲା ପରି ସବୁ ବାଧା ଓ ପ୍ରତିବନ୍ଧକ ପ୍ରକୃତରେ କେଉଁ ଆଡ଼େ ଅନ୍ତର୍ଦ୍ଧାନ ହୋଇଯାଏ । ହେ ପ୍ରଭୁ, ଆମ ସକଳ ପ୍ରଚେଷ୍ଟା ଏଣିକି ଏହି ଚମତ୍କାର ସର୍ବୋତ୍କୃଷ୍ଟ ଅବସ୍ଥା ସହିତ ଅଧିକ ପରିମାଣରେ ଏକ ନିରବଚ୍ଛିନ୍ନ ସମ୍ପର୍କ ଆଡ଼କୁ ଢଳି ରହିବ, ଅର୍ଥାତ୍ ତାହାରି ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ବାଟ ଚାଲୁଥିବ ।

''ହେ ପ୍ରଭୁ, ତୁମର ଦୃଢ଼ନିଶ୍ଚିତ ପ୍ରଶାନ୍ତି ପ୍ରତ୍ୟେକଟି ହୃଦୟରେ ଜାଗ୍ରତ ହୋଇଉଠୁ !''

ଦିବ୍ୟଜନନୀ ଶ୍ରୀମା ଉକ୍ତ ପ୍ରାର୍ଥନାରେ କହୁଛନ୍ତି ଯେ ସମସ୍ତ ମାନବ ପ୍ରଚେଷ୍ଟା ହେଉଛି ପରସ୍ପର ଉପରେ ନିର୍ଭରଶୀଳ ଏବଂ ଏହି ବ୍ୟବସ୍ଥାର ସର୍ବୋତ୍ତମ ପ୍ରଚେଷ୍ଟାଟି ମଧ୍ୟ ସମସ୍ତଙ୍କ ଭିତରେ ପରମପ୍ରଭୁ ଯାହା କରିବାକୁ ଇଚ୍ଛା କରୁଛନ୍ତି ତାହାର ଏକ ଅସମ୍ପୂର୍ଣ୍ଣ ଆନୁପାତିକ ପ୍ରଚେଷ୍ଟା ମାତ୍ର । ମନ ଜଗତରେ କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ସମାହିତ ହୋଇ ପାରିବ ନାହିଁ । କିଏ କହିପାରିବ ପରିପୂର୍ଣ୍ଣତା ହେଉଛି ଅତିମାନସ ଜଗତର ବିଷୟ ଏବଂ ଏହାର ନିମ୍ନରେ କେଉଁ ଜିନିଷଟି ସର୍ବୋତ୍ତମ ? ସବୁଠାରୁ ଭଲ ହେବ ଆମର ବର୍ତ୍ତମାନ ସାମର୍ଥ୍ୟ ଅନୁସାରେ ଆମକୁ ଯେଉଁ ସର୍ବୋତ୍ତମ ଚେତନାଟି ପ୍ରାପ୍ତ ହୋଇଛି ତାହାରି ନିର୍ଦ୍ଦେଶରେ କର୍ମ କରିଯିବା । ଶ୍ରୀମା କହନ୍ତି ଯେ ଯଦି ଜଣେ ତା'ର ସର୍ବୋତ୍ତମ ଚେତନାରେ ରହି କର୍ମ କରେ ଏବଂ ସେହି କର୍ମର ଅନ୍ୟାନ୍ୟ ଧାରାଗୁଡ଼ିକୁ ଯଦ୍ୟପି ଅଧିକ ଜ୍ଞାନୀ ବ୍ୟକ୍ତିଗଣ ସମାଲୋଚନା କରୁଥା'ନ୍ତି, ତଥାପି ତା'ର କର୍ମରେ ଭୁଲ୍ ଭ୍ରାନ୍ତି ବାଛି ହେବ ନାହିଁ । ଯଦି ଜଣେ ପ୍ରଭୁଙ୍କ ବିଧାନକୁ ମାନି ଚଳୁଥାଏ, ପ୍ରଭୁ କ'ଣ ଇଚ୍ଛା କରୁଛନ୍ତି ସେ ତାହା ଜାଣିପାରିବ । ସେତେବେଳେ ଯାଇ ଭିତରେ ଥିବା ସକଳ ପ୍ରକାର ସନ୍ଦେହ, ଇତଃସ୍ତତଃ ଭାବ ହଠାତ୍ ବନ୍ଦ ହୋଇଯିବ ଏବଂ ଠିକ୍ ସେତିକିବେଳେ ପ୍ରଭୁଙ୍କ ବିଧାନକୁ ଜଣେ ବୁଝିଯିବ ।

ଦିବ୍ୟଜନନୀ ଶ୍ରୀମା କହୁଛନ୍ତି ଯେ କର୍ମ କର୍ମୀର ନିଜସ୍ୱ ଧାରା 'own way of acting' ଅନୁସାରେ ହେବା ଭଲ; ଅନ୍ୟ ଅର୍ଥରେ କହିବାକୁ ଗଲେ ଏହା ଆମର 'ସ୍ୱଭାବ ଏବଂ ସ୍ୱଧର୍ମ' ସହିତ ସଙ୍ଗତି ରକ୍ଷା କରିବା ଉଚିତ ଏବଂ କର୍ମର ପରିଣାମ ଯେପରି ଆତ୍ମାର କ୍ଷତି ନକରେ । ମଦ୍ୟପାନ କରିବା, ସିଗାରେଟ ଟାଣିବା, ଡ୍ରଗ୍‌ସ ସେବନ କରିବା ଇତ୍ୟାଦି ମନ, ପ୍ରାଣ ଓ ଶରୀର ଉପରେ କୁପ୍ରଭାବ ପକାଇଥାଏ । ବ୍ୟକ୍ତି ଉଚ୍ଚତର ଆଲୋକ ଓ ଉଚ୍ଚତର ଜ୍ଞାନ ଦ୍ୱାରା ପରିଚାଳିତ ହୋଇ ବିପଥଗାମୀ ହୋଇଥିବା ମନ ଓ ପ୍ରାଣକୁ ଠିକ୍ ବାଟକୁ ଆଣିବାରେ ସମର୍ଥ ହୋଇପାରେ କିନ୍ତୁ ଶରୀରରେ ହୋଇଥିବା କ୍ଷତିକୁ ସଜାଡ଼ିବା, ଭରଣା କରିବା କାଠିକର ପାଠ ହୋଇପଡ଼େ । ସେଥିପାଇଁ ଆଲୋଚ୍ୟ ପ୍ରାର୍ଥନାରେ ଶ୍ରୀମା କହୁଛନ୍ତି ବ୍ୟକ୍ତିର କର୍ମ ହେବା ଉଚିତ "least related in regard to one's body", ତାହା ଶରୀର ଉପରେ ବା ଶରୀରର କର୍ମଧାରାରେ ଯେପରି କୁପ୍ରଭାବ ପକାଇ ପାରିବ ନାହିଁ । ଏହା ଶରୀର ସମ୍ପର୍କରେ ଆମକୁ ସଚେତନ କରାଇ ଦେବ, ଏହା ଶ୍ରୀମା'ଙ୍କର ଏକ ନିର୍ଦ୍ଦେଶ । ଆମେ ଯଦି ଏହି ସତର୍କବାଣୀ ପ୍ରତି ପ୍ରଯତ୍ନଶୀଳ ହେବା ଏବଂ ନିଜକୁ ପ୍ରଭୁଙ୍କ ପାଦପଦ୍ମରେ ସମର୍ପିତ କରିଦେବା ତେବେ ଶ୍ରୀମା'ଙ୍କର ଦୃଢ଼ ପ୍ରତିଶ୍ରୁତି ଅନୁସାରେ ଆମର ସକଳ ପ୍ରକାର ବାଧା ପ୍ରତିବନ୍ଧକ ଏକ କୁହୁକ (magic) ଦ୍ୱାରା ଉଭେଇଯିବା ପରି ଅନୁଭୂତ ହେବ । ପରମପ୍ରଭୁଙ୍କ ଦିବ୍ୟ ଆନନ୍ଦ ଭିତରେ ରହି କର୍ମ କରିବା

କେତେ ଯେ ଆରାମଦାୟକ ସେକଥା ଅନୁଭବୀହିଁ ଅନୁଭବ କରିଥାଏ । ସକଳ ଚିନ୍ତା ଓ ଭାବନା ଭିତରେ ଆଲୋକ ପରିପୂର୍ଣ୍ଣ ହୋଇଯାଏ ଏବଂ ଅନ୍ଧକାରକୁ ଖୋଜିଲେ ମଧ୍ୟ ମିଳେ ନାହିଁ ।

ଆମେ ଦିବ୍ୟଜନନୀଙ୍କ ଦିବ୍ୟ ଆଲୋକ ଭିତରେ ବାସ କରିବା ମାତ୍ରକେ ସବୁ ସମସ୍ୟାର ସମାଧାନ ହୋଇଯାଏ ଏବଂ ସବୁକଥା ସରଳ ହୋଇଯାଏ ।

ବିପଦ-ଆପଦରେ ଶ୍ରୀମା'ଙ୍କର ସହାୟତା ନିମନ୍ତେ ସରଳ ଭାଷାରେ ଥରେ ତାଙ୍କୁ ଜଣାଇ ଦେଲେ ଅଥବା ଶ୍ରୀମା ସ୍ପର୍ଶ କରିଥିବା ଆଶୀର୍ବାଦ ପୁଷ୍ପଟିଏ ପକେଟରେ ରଖିଦେଲେ, ଜଣଙ୍କର ଅସୁସ୍ଥ ଅବସ୍ଥାରେ ସେହି ଆଶୀର୍ବାଦ ପୁଷ୍ପଟିଏ ରୋଗୀର ତକିଆ ତଳେ ରଖି ଦେଲେ ସବୁ ସମସ୍ୟାର ସମାଧାନ ହୋଇ ଯାଇଥାଏ । ଏ କଥା ଶ୍ରୀମା'ଶ୍ରୀଅରବିନ୍ଦଙ୍କ ଅନୁଗାମୀ ଆଶ୍ରିତ ବ୍ୟକ୍ତିଙ୍କର ଅନୁଭୂତିରେ ଲୁଚି ରହିଥିବ, ସ୍ମୃତିର ସିନ୍ଦୁକରେ ସାଇତା ହୋଇ ରହିଥିବ । ନିମ୍ନରେ ଉଲ୍ଲିଖିତ ସେହିପରି ଏକ ଘଟଣାରୁ ଏହା ଅଧିକ ହୃଦୟଙ୍ଗମ କରି ହେବ ।

'ବ' ଦିବ୍ୟଜନନୀ ଶ୍ରୀମାଙ୍କର ଅନ୍ୟତମ ଭକ୍ତ ଏବଂ ଅନୁଗତ । ସେ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ) ଏୟାର୍ ପୋର୍ଟରେ କଷ୍ଟମସ୍ ଅଫିସର୍ ଭାବରେ କାର୍ଯ୍ୟରତ ଥାଆନ୍ତି । ଥରେ ତାଙ୍କୁ ଉତ୍ତର ପ୍ରଦେଶକୁ ଟ୍ରେନିଂ ନିମନ୍ତେ ପଠାଇ ଦିଆଗଲା । ସମ୍ପୂର୍ଣ୍ଣ ଅପରିଚିତ ଜାଗା । ପଡ଼ୋଶୀମାନଙ୍କ ସହିତ ତାଙ୍କର ପରିଚୟ ହୋଇ ନଥାଏ । କିନ୍ତୁ ସେ ପିଲାମାନଙ୍କୁ ଖୁବ୍ ଭଲ ପାଆନ୍ତି । ସେଥିପାଇଁ ପାଖ ପଡ଼ିଶା ପିଲାମାନେ ତାଙ୍କ ପରିବାର ସହିତ ଘନିଷ୍ଠ ହେବାକୁ ଲାଗିଲେ । ତାଙ୍କ ଘରେ ଥିବା ମା'ଙ୍କର ଫଟୋଟି ଦେଖି ଥରେ ପିଲାମାନେ ପଚାରିଲେ, ''ଫଟୋରେ ଥିବା ସେହି ଭଦ୍ରମହିଳା ଜଣକ କିଏ ?'' 'ବ' ଉତ୍ତର ଦେଲେ ''ସେ ହେଉଛନ୍ତି ମା' ।'' ଗୋଟିଏ ପିଲା ଅତ୍ୟନ୍ତ ଉତ୍ସୁକତାର ସହ ପ୍ରଶ୍ନ କଲା, ''ସେ ତ ଜଣେ ବିଦେଶିନୀ, ତୁମର ମା' ହେଲେ କିପରି ?'' 'ବ' ନିଜର ସାମର୍ଥ୍ୟ ଅନୁସାରେ ପିଲାମାନଙ୍କୁ ସବୁକଥା ବୁଝାଇ ଦେଲେ । ପିଲାମାନେ ତାଙ୍କ କଥା ଶୁଣି ମା'ଙ୍କ ଆଡ଼କୁ ଉନ୍ମୁକ୍ତ ହୋଇଗଲେ । ସେମାନଙ୍କ ଭିତରେ ଥିବା ଛୋଟ ଝିଅଟିଏ ସବୁକଥା ଶୁଣି ସାରିଲା ପରେ ମା'ଙ୍କ ଫଟୋ ପାଖରେ ମୁଣ୍ଡ ଲଗାଇ ପ୍ରଣାମ କଲା ଏବଂ ମା'ଙ୍କୁ ନିଜର କରି ନେଲା ।

ଦିନକର ଘଟଣା । ସେହି ଛୋଟ ଝିଅଟିର ବାପା ଦୌଡ଼ି ଦୌଡ଼ି ଆସି 'ବ'ଙ୍କୁ ଜଣାଇଲେ ଯେ ତାଙ୍କ ଝିଅର ଦେହ ହଠାତ୍ ଖରାପ ହୋଇ ଯିବାରୁ ତାକୁ ସ୍ଥାନୀୟ ହସ୍‌ପିଟାଲରେ ଇନ୍‌ଟେନ୍‌ସିଭ କେୟାର ଇଉନିଟ୍‌ରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । 'ବ' ତତ୍‌କ୍ଷଣାତ୍ ଡାକ୍ତରଖାନାକୁ ଯାଇ ଦେଖନ୍ତି ଯେ ଛୋଟ ଝିଅଟି 'ଆଇ. ସି. ୟୁ.' ବେଡ୍‌ରେ ଅଚେତ ହୋଇ ଶୋଇ ରହିଛି । ତା' ନାକ ଦେଇ ବିଭିନ୍ନ ପ୍ରକାରର ନଳୀ ପେଟ ଭିତରକୁ ଦିଆଯାଇଛି, ସାଲାଇନ୍ ମଧ୍ୟ ଲାଗିଛି । 'ବ' ସାଙ୍ଗରେ ନେଇଥିବା ମା'ଙ୍କ ଆଶୀର୍ବାଦ ପୁଷ୍ପ ପ୍ୟାକେଟଟି ବାହାର କଲେ ଏବଂ ଡିଉଟିରେ ଥିବା ନର୍ସଙ୍କୁ ସେଇଟିକୁ ଝିଅର ତକିଆ ତଳେ ରଖି ଦେବାକୁ ଅନୁରୋଧ କଲେ । କିନ୍ତୁ ନର୍ସ କହିଲେ, ''ଦାୟିତ୍ୱରେ ଥିବା ଡାକ୍ତରଙ୍କ ବିନା ଅନୁମତିରେ ମୁଁ ଏହି କାମ କରିପାରିବି ନାହିଁ ।'' ବହୁତ ଅନୁରୋଧ କଲା ପରେ ସେ 'ବ' ଓ ଝିଅର ବାପାଙ୍କୁ ନେଇ ଡାକ୍ତରବାବୁଙ୍କ ପାଖକୁ ଗଲେ । ଡାକ୍ତର ବାବୁ ସବୁକଥା ଶୁଣିଲେ, ପ୍ରଥମେ ଆଶୀର୍ବାଦ ପ୍ୟାକେଟଟିକୁ ନିଜ ମୁଣ୍ଡରେ ଲଗାଇଲେ ଏବଂ ନର୍ସଙ୍କୁ କହିଲେ, ''ଏମାନଙ୍କୁ ସାଙ୍ଗରେ ନେଇ ଝିଅଟିର ତକିଆ ତଳେ ଏହି ପ୍ୟାକେଟଟିକୁ ଯତ୍ନ ସହକାରେ ରଖିଦିଅ ।''

ପିଲାଟି ନିକଟରେ ଆଶୀର୍ବାଦ ପୁଷ୍ପର ପ୍ୟାକେଟଟି ପହଞ୍ଚିବା ମାତ୍ରକେ 'ବ' ଭାବବିହ୍ୱଳ ହୋଇ ପଡ଼ିଲେ, ତାଙ୍କ ଚକ୍ଷୁଦ୍ୱୟରୁ ଦୁଇଧାର ଅଶ୍ରୁ ନିର୍ଗତ ହେବାକୁ ଲାଗିଲା । ସେହି ସମୟରେ ତାଙ୍କ ଅନ୍ତଃପ୍ରଦେଶରୁ ସର୍ବାନ୍ତଃକରଣରେ ଗୋଟିଏ ମାତ୍ର ପ୍ରାର୍ଥନା ଉଚ୍ଚାରିତ ହେଉଥାଏ – ''ମା', ପିଲାଟିକୁ ରକ୍ଷାକର ।'' ସେ ନିଜ ହାତରେ ଝିଅର ତକିଆ ତଳେ ଆଶୀର୍ବାଦ ପ୍ୟାକେଟଟିକୁ ରଖିଦେଲେ ଏବଂ ପିଲାଟିର ମୁହଁକୁ ଚାହିଁ ରହିଲେ । ହଠାତ୍ ଦେଖାଗଲା ଅଚେତ ଥିବା ପିଲାଟି ଧୀରେ ଧୀରେ ଆଖି ଖୋଲି ସମସ୍ତଙ୍କୁ ଚାହୁଁଛି । ଏହା ପୂର୍ବରୁ ପିଲାଟିର ଅବସ୍ଥା ନିମ୍ନଗାମୀ ହେଉଥିଲା, ବଞ୍ଚିବାର ଆଶା ସମସ୍ତେ ଛାଡ଼ି ଦେଇଥିଲେ । ଏହା ଦେଖି ନର୍ସ ଡାକ୍ତରବାବୁଙ୍କ ନିକଟକୁ ଦୌଡ଼ିଲେ ଏବଂ ଚିତ୍କାର କରି କହୁଥା'ନ୍ତି, ''ସାର୍ ! ଏକ ଅଲୌକିକ ଘଟଣା (miracle) ଘଟିଛି ! ଅଲୌକିକ, ଝିଅଟି ଆଖି ଖୋଲି ଚାହୁଁଛି !''

ଦିବ୍ୟଜନନୀ ଶ୍ରୀମା'ଙ୍କ ଅପାର କରୁଣାରୁ ଝିଅଟି ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ ଲାଭ କଲା । ପରେ ଜଣା ପଡ଼ିଲା ସେହି ଡାକ୍ତରବାବୁ ମଧ୍ୟ ଶ୍ରୀମା'ଙ୍କର ଅନୁଗତ ଭକ୍ତ ।

('ସୁଧା ସମାଚାର' ପୁସ୍ତକର ପୃଷ୍ଠା. ୧୬୯-୧୭୧)

(କ୍ରମଶଃ) ❑

# ଦ୍ୱୀପାନ୍ତରର କଥା

## (ଷଷ୍ଠ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଉପେନ୍‌ର କଥା – ଧର୍ମଘଟ
### (୪)

... ଅନେକଙ୍କର ଏଇ ସମୟରେ ସ୍ୱାସ୍ଥ୍ୟ ଭଙ୍ଗ ହେବାକୁ ଲାଗିଲା । ଅଧିକନ୍ତୁ ପୋର୍ଟ ବ୍ଲେୟାରରେ ମ୍ୟାଲେରିଆର ପ୍ରଚଣ୍ଡ ପ୍ରକୋପ; ଜ୍ୱର, ଥଣ୍ଡା ତ ଲାଗି ରହିଛି, ତା'ପରେ ଆମାଶୟ ଆରମ୍ଭ ହେଲା । କର୍ତ୍ତୃପକ୍ଷ ବି ବୋଧହୁଏ ଭାବିନେଲେ ଯେ ଅବସ୍ଥାର ଟିକିଏ ପରିବର୍ତ୍ତନ ଆବଶ୍ୟକ । ସେଥିପାଇଁ ଆମ ମଧ୍ୟରୁ ବାଛି ବାଛି କେତେଜଣଙ୍କୁ ରାଜ୍ୟାଭିଷେକ (Coronation) ଉତ୍ସବ ସମୟରେ ଜେଲର ବାହାରେ ଥିବା ସେଟଲ୍‌ମେଣ୍ଟ୍‌କୁ ପଠାଗଲା । ବାରୀନ୍ଦ୍ର ଗଲେ ଇଞ୍ଜିନିୟରିଂ ଲାଇନକୁ, ଅର୍ଥାତ୍ – ରାଜମିସ୍ତ୍ରୀ ସହ ମଜୁରି କରିବାକୁ । ଉଲ୍ଲାସ କର ଗଲେ ମାଟି ହାଣି ଇଟା ତିଆରି କରିବାକୁ, କେହି କେହି ଜଙ୍ଗଲକୁ ଗଲେ (Forest department) କାଠ କାଟିବାକୁ, କେହି ଅବା ଗଲେ ରିକ୍ସା ଟାଣିବାକୁ, ଆଉ କେହି କେହି ଗଲେ ବନ୍ଧ ବାନ୍ଧିବାକୁ ।

କିନ୍ତୁ ଆମର କପାଳରେ 'ଓଲଟା ବୁଝିଲୁ ରାମ' ହୋଇ ଛିଡ଼ା ହେଲୁ । ଜେଲଖାନା ଭିତରେ କାମ ଯେତେ ବି କଷ୍ଟକର ହେଉନା କାହିଁକି, ସରକାରଙ୍କଠାରୁ ନିର୍ଦ୍ଦିଷ୍ଟ ତଥା ସମ୍ପୂର୍ଣ୍ଣ ଖୋରାକ ମିଳି ଯାଉଥାଏ ଏବଂ ମେଘ ବର୍ଷାରେ ବେଶୀ ଭିଜିବାକୁ ହେଉ ନଥାଏ । ବାହାରକୁ ଯାଇ ସେଇ ସୁଖ ଟିକକ ବି ଚାଲିଗଲା । ସକାଳ ଛ'ଟାରୁ ଦଶଟା ଏବଂ ଅପରାହ୍ଣରେ ଗୋଟାଏରୁ ସାଢ଼େ ଚାରିଟା ପର୍ଯ୍ୟନ୍ତ କଠୋର ପରିଶ୍ରମ ତ କରିବାକୁ ହେବ; ଅଧିକନ୍ତୁ ଖରାରେ ଜଳିବାକୁ ଏବଂ ବର୍ଷାରେ ଭିଜିବାକୁ ବି ହୁଏ । ଏମିତିକି ପୋର୍ଟ ବ୍ଲେୟାରରେ ବର୍ଷକୁ ୭ ମାସ ବର୍ଷାକାଳ । ତା' ସହିତ ଜଙ୍ଗଲରେ ଜୋକର ଉପଦ୍ରବ । ଜଙ୍ଗଲରେ କାମ କରିବା ଭୟରେ କେତେ ଲୋକ ଯେ ପଳାଇବାକୁ ଚେଷ୍ଟା କରିଛନ୍ତି, ତା'ର ହିସାବ ନାହିଁ ।

ଏମିତି ତ' ଏଇ କଷ୍ଟ, ତା' ଉପରେ ପୂରା ଖୋରାକ ବି ମିଳେ ନାହିଁ । କଏଦୀର ଖୋରାକସବୁ ଚୋରି ହୋଇ ବଜାର ଓ ଗ୍ରାମେ ଗ୍ରାମେ ବିକ୍ରୀ ବି ହୁଏ । ସାଧାରଣ କଏଦୀଠାରୁ ଇଉରୋପୀୟ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଏଇ ଚୋରିର କଥା ବେଶ୍ ଜାଣନ୍ତି; କିନ୍ତୁ ଚୋରି କେତେବେଳେ ବି ବନ୍ଦ ହୁଏନା । ଅଧିକାଂଶ କର୍ମଚାରୀହିଁ ଲାଞ୍ଚଖିଆ; ସୁତରାଂ ଏଇ ଚୋରି ରୋଗର ପ୍ରତିକାର ନାହିଁ । ସାଧାରଣ କଏଦୀ ଏହାର ବିରୋଧରେ ସହଜରେ କିଛି କହିବାକୁ ଚାହେଁନା; କାରଣ ସେ ଅସାଧାରଣ ବ୍ୟକ୍ତି ଜାଣେ ଯେ ମୁହଁ ଖୋଲିଲେ ତାକୁ ବିପଦରେ ପଡ଼ିବାକୁ ହେବ ।

ରୋଗୀମାନଙ୍କ ପାଇଁ ଜେଲର ବାହାରେ ଚାରିଟି ଡାକ୍ତରଖାନା; କିନ୍ତୁ ସେଗୁଡ଼ିକ ବେଙ୍ଗଲୀ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ରହିଥିବାରୁ ଚିଫ୍ କମିଶନର କର୍ଣ୍ଣେଲ୍ ବ୍ରାଉନିଂ ଆଦେଶ ଦେଲେ ଯେ ଆମର ଦେହ ଖରାପ ହେଲେ ଆମେ ସେଇସବୁ ହସ୍‌ପିଟାଲକୁ ଯାଇ ପାରିବୁ ନାହିଁ; ଆମକୁ ଜେଲକୁ ଫେରି ଆସିବାକୁ ହେବ । ଜ୍ୱରରେ କମ୍ପି କମ୍ପି ବିଛଣା ଏବଂ ଥାଳି ବାଟି କାନ୍ଧରେ ଲଦି ୫, ୭, ୧୦ ମାଇଲ ଚାଲି ଚାଲି ଆସିବାଟା ଖୁବ୍ ସୁବିଧାର କଥା ନୁହେଁ । ପୁଣି ଜେଲକୁ ଆସି ମଧ୍ୟ ସୁଚିକିତ୍ସା କାହିଁ ? ଡାକ୍ତରଖାନା ସଂଲଗ୍ନ କେତେଗୁଡ଼ିଏ ଛୋଟ ଛୋଟ କୋଠରି ମଧ୍ୟରେ ଆମକୁ ଦିନରେ ପ୍ରାୟ ୨୧ ଘଣ୍ଟା ପଡ଼ି ରହିବାକୁ ହୋଇଥାଏ; ଆଉ ସେଇ କୋଠରି ଭିତରେ ଗୋଟିଏ ଗାମଲାରେ ପୁଣି ମଳମୂତ୍ର ତ୍ୟାଗର ବ୍ୟବସ୍ଥା । ବର୍ଷା ସମୟରେ କାନ୍ଥରେ ଥିବା ଗୋଲ ରନ୍ଧ୍ର ମଧ୍ୟଦେଇ ପାଣିର ଛାଟ ଆସିବାର ବେଶ୍ ସୁବ୍ୟବସ୍ଥା ଅଛି, କିନ୍ତୁ କୋଠରି ମଧ୍ୟରେ ବିଶୁଦ୍ଧ ବାୟୁ ସଞ୍ଚାଳନର ସେମିତି କିଛି ଉପାୟ ନାହିଁ । ୧୯୨୦ ମସିହା ଜାନୁଆରୀ ମାସରେ ଜେଲ କମିଶନର ପୋର୍ଟ ବ୍ଲେୟାରକୁ ପରିଦର୍ଶନ କରିବାକୁ ଆସନ୍ତି, ସେମାନେ ଏଇ କୋଠରିଗୁଡ଼ିକ ବିରୋଧରେ ତୀବ୍ର ମନ୍ତବ୍ୟ ପ୍ରକାଶ କରନ୍ତି; ଏଗୁଡ଼ିକର ଶୀଘ୍ର ସଂସ୍କାର କରିବାକୁ ହେବ ।

ଛାଡ଼ ସେ କଥା । ଏତେଦିନ ପର୍ଯ୍ୟନ୍ତ ଆମେ ଭାବିଥିଲୁ ଯେ ହୁଏତ ଜେଲରୁ ବାହାରକୁ ଗଲେ ଆମର ଦୁଃଖ କେତେକ ପରିମାଣରେ ଘୁଞ୍ଚିବ; କିନ୍ତୁ ସେ ଆଶା ଏଥର ନିର୍ମୂଳ ହେଲା । ଆମ ଲାଗି ଜଳରେ କୁମ୍ଭୀର, ଡଙ୍ଗାରେ ବାଘ – ସାଧାରଣ

କଏଦୀ କ୍ରମେ ଓ୍ୱାର୍ଡ଼ର, ପେଟି ଅଫିସର୍ ବା ଲେଖାପଢ଼ା ଜାଣିଥିଲେ ମୁନ୍‌ସୀ ହୋଇ କଠୋର କର୍ମରୁ ଅବ୍ୟାହତି ପାଇ ଥାଆନ୍ତି, କିନ୍ତୁ ଆମ ପାଇଁ ସେ ପଥ ମଧ୍ୟ ବନ୍ଦ ।

ଜଣ ଜଣ କରି ପ୍ରାୟ ସମସ୍ତେ କ୍ରମେ ବାହାରେ କାର୍ଯ୍ୟ କରିବାକୁ ଅସ୍ୱୀକାର କରି ଜେଲକୁ ଫେରି ଆସିଲେ ।

ଏଇ ସମୟରେ ଏକ ଶୋଚନୀୟ ଘଟଣା ଘଟିଲା । ଇନ୍ଦୁଭୂଷଣ ଗଳାରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଲା । ତା'ର ବଳିଷ୍ଠ ଶରୀର କଠୋର ପରିଶ୍ରମରେ କେତେବେଳେ ବି କାତର ହୋଇ ନାହିଁ; କିନ୍ତୁ ଜେଲଖାନାର ଛୋଟ ଛୋଟ ଅପମାନରେ ସେ ଯେପରି ଦିନକୁ ଦିନ ଅସହିଷ୍ଣୁ ହୋଇ ଉଠୁଥିଲା; ମଝିରେ ମଝିରେ କହୁଥିଲା – 'ଜୀବନର ଦଶ ବର୍ଷ ଏଇ ନରକରେ ରହିବା ମୋ ପକ୍ଷରେ ଅସମ୍ଭବ ।' ଦିନେ ରାତିରେ ସେ ନିଜର ଜାମା ଛିଣ୍ଡାଇ ଦଉଡ଼ି ବଳି ପଛରେ ଥିବା କାନ୍ଥର ଗୋଲ ଛିଦ୍ରରେ ତାକୁ ବାନ୍ଧି ଫାଶୀ ଚଢ଼ିଗଲା । ରାତିରେହିଁ ଜେଲର ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ଟେଲିଫୋନ କରାଗଲା, କିନ୍ତୁ ପରଦିନ ଆଠଟା ପର୍ଯ୍ୟନ୍ତ ତାଙ୍କର ଦେଖା ମିଳି ନଥିଲା । ସେଦିନ ରାତିରେ ଜେଲର୍ ସହ ଯେଉଁ ସମସ୍ତ ପ୍ରହରୀ ଇନ୍ଦୁଭୂଷଣ କୋଠରି ମଧ୍ୟକୁ ଯାଇଥିଲେ, ତାଙ୍କ ଭିତରୁ ଅନେକେ କହିଲେ, ତା'ର କଣ୍ଠାଭରଣ (neck ticket)ରେ ଖଣ୍ଡେ କାଗଜ ବନ୍ଧା ଥିଲା । ସତ୍ୟମିଥ୍ୟା ଭଗବାନ୍ ଜାଣନ୍ତି; କିନ୍ତୁ ସେ କାଗଜର କୌଣସି ସନ୍ଧାନ ମିଳି ନଥିଲା । ପରେ ଆମେ ଜେଲର୍ ସାହେବଙ୍କୁ ଏଇ କାଗଜ ବିଷୟରେ ଜିଜ୍ଞାସା କରିଥିଲୁ, ସେ ସେସବୁ କଥାକୁ ଅସ୍ୱୀକାର କରନ୍ତି । ପରେ ଇନ୍ଦୁଭୂଷଣର ବଡ଼ ଭାଇ ତା'ର ମୃତ୍ୟୁ ସମ୍ବନ୍ଧରେ ତଦନ୍ତ କରିବା ପାଇଁ ଗର୍ଭର୍ଣ୍ଣମେଣ୍ଟ୍ ପାଖରେ ଆବେଦନ କରିବାରୁ ପୋର୍ଟ ବ୍ଲେୟାରର ଡେପୁଟି କମିଶନରଙ୍କ ଉପରେ ଏଇ ଭାର ଅର୍ପିତ କରାହେଲେ ମଧ୍ୟ ଫଳ କିଛି ବି ହେଲା ନାହିଁ । ବ୍ୟାପାରଟି ଗୋଳମାଳିଆ ହୋଇ ଚାପା ପଡ଼ିଗଲା ।

ଏଇ ସମୟରେ କାର୍ଯ୍ୟର ଭୀଷଣତାର ଭୟ ଯୋଗୁଁ ଅନେକେ ବାହାରୁ ଭିତରକୁ ଚାଲି ଆସିବାକୁ ଲାଗିଲେ । ଉଲ୍ଲାସକର ବି ତାହାହିଁ କଲେ । ତାଙ୍କୁ ଖରାରେ ଇଟା ତିଆରି କରିବାକୁ ଦିଆ ହୋଇଥିଲା । ସେଠାକାର ଡାକ୍ତରଖାନାର ଯେ ଛୋଟ ଡାକ୍ତର ଥିଲେ, ସେ କହିଲେ ଯେ ଉଲ୍ଲାସକରଙ୍କର ଖରାରେ କାମ କରିବା କଥାଟା ତାଙ୍କ ପାଇଁ ସହ୍ୟ ହେବ ନାହିଁ । କିନ୍ତୁ ବେଙ୍ଗଲୀ ଡାକ୍ତରଙ୍କ କଥା ଗୋରା ଓଭରସିୟର୍ ସାହେବ ଶୁଣିବେ ଅବା କାହିଁକି ? ଉଲ୍ଲାସକରକୁ ସେଇ କାର୍ଯ୍ୟରେହିଁ ନିଯୁକ୍ତ ରଖା ହେଲା, ଫଳରେ ସେ କାର୍ଯ୍ୟ କରିବାକୁ ଅସ୍ୱୀକୃତ ହୋଇ ପୁନରାୟ ଜେଲକୁ ଫେରି ଆସି କହିଲେ ଯେ କେବଳ ପୀଡ଼ା ଭୟରେ କାର୍ଯ୍ୟ କରିବାକୁ ହେଲେ ମନୁଷ୍ୟତ୍ୱ ସଙ୍କୁଚିତ ହୋଇଯାଏ; ଶାସ୍ତିର ଭୟରେ କାର୍ଯ୍ୟ କରିବାକୁ ସେ ରାଜି ହେଲେ ନାହିଁ । ତାଙ୍କର ସାତଦିନ ଧରି ଦଣ୍ଡାୟମାନ ଅବସ୍ଥାରେ ହାତକଡ଼ିର ବ୍ୟବସ୍ଥା ହେଲା । କିନ୍ତୁ ସେଇ ସାତଦିନ ଆଉ ପୂର୍ଣ୍ଣ ହେଲା ନାହିଁ । ପ୍ରଥମ ଦିନହିଁ ବେଳ ୪ଟା ୩୦ ମିନିଟରେ ହାତ କଡ଼ି ଖୋଲିବାକୁ ଯାଇ ପେଟି ଅଫିସର୍ ଦେଖିଲେ ଯେ ଉଲ୍ଲାସକର ଜ୍ୱରରେ ଅଚେତ ହୋଇ ହାତକଡ଼ିରେ ଝୁଲୁଛି । ତତ୍‌କ୍ଷଣାତ୍ ତାଙ୍କୁ ଡାକ୍ତରଖାନାକୁ ପଠାଇ ଦିଆ ହେଲା । ରାତିରେ ଶରୀରର ଉତ୍ତାପ ୧୦୬ ଡିଗ୍ରୀ ପର୍ଯ୍ୟନ୍ତ ଉଠିଗଲା । ପ୍ରାତଃକାଳରେ ଦେଖାଗଲା ଯେ ଜ୍ୱର ଛାଡ଼ି ଯାଇଛି, କିନ୍ତୁ ଉଲ୍ଲାସକର ଆଉ ସେ ଉଲ୍ଲାସକର ନାହାନ୍ତି । ଆସନ୍ନ ବିପଦ ଭିତରେ ସେ ଯେ ଚିରଦିନ ନିର୍ବିକାର, ତୀବ୍ର ଯନ୍ତ୍ରଣାରେ ଯାହାଙ୍କ ମୁଖରୁ କେବେ ବି ହସର ରେଖା ଲୁଚି ନାହିଁ, ସେ ଆଜି ବି ଉନ୍ମାଦଗ୍ରସ୍ତ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ଯାହାକିଛି ବାଧାବିପତ୍ତି ବା ଜଟିଳ ପରିସ୍ଥିତି ସୃଷ୍ଟି ହେଉ ନା କାହିଁକି, ଏଥିରେ ତୁମେ ସମ୍ପୂର୍ଣ୍ଣ ଦୃଢ଼ନିଶ୍ଚିତ ରହିବ ଯେ ପ୍ରତ୍ୟେକଟି ମନ୍ଦ ପରିସ୍ଥିତି ମଧ୍ୟଦେଇ ମୁଁ ତୁମକୁ ସିଧା ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଜୀବନ ଦିଗରେ ପରିଚାଳିତ କରୁଛି ।

– ଶ୍ରୀଅରବିନ୍ଦ

ପ୍ରଣାମ ନାରୀଶକ୍ତି (୧୪) :

# ରାଣୀ ଅହଲ୍ୟାବାଈ ହୋଲ୍‌କର

## ସୂର୍ଯ୍ୟକାନ୍ତି ମହାନ୍ତି

ଭାରତର ପ୍ରାକ୍ ଆଧୁନିକ କାଳରେ ମରାଠା ସାମ୍ରାଜ୍ୟରେ ଯେଉଁ ଉଦାର ବ୍ୟକ୍ତିତ୍ୱସମ୍ପନ୍ନା ମହାନ୍ ରାଣୀ ଶାସନ କରୁଥିଲେ, ସେ ହେଉଛନ୍ତି ଅହଲ୍ୟାବାଈ ହୋଲ୍‌କର । ସେ ନିଜ ସ୍ୱାମୀ ଖଣ୍ଡେ ରାଓ ହୋଲ୍‌କର ଏବଂ ଶ୍ୱଶୁର ମାଲ୍‌ହାର ରାଓ ହୋଲ୍‌କରଙ୍କର ମୃତ୍ୟୁ ପରେ ହୋଲ୍‌କର ବଂଶର ଶାସନ ଭାର ଗ୍ରହଣ କରି ଏବଂ ସେନାପତି ତୁକୋଜି ରାଓ ହୋଲ୍‌କରଙ୍କ ସହିତ ମିଶି ବ୍ୟକ୍ତିଗତ ଭାବରେ ଯୁଦ୍ଧରେ ସୈନ୍ୟ ପରିଚାଳନା କରି ଆକ୍ରମଣକାରୀଙ୍କ କବଳରୁ ମାଲୱା ରାଜ୍ୟକୁ ସୁରକ୍ଷା ଦେଇଥିଲେ ।

ଅହଲ୍ୟାବାଈ ମହାରାଷ୍ଟ୍ରର ଅହମ୍ମଦ ନଗର ଜିଲ୍ଲାରେ ଚୌଣ୍ଡି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ୧୭୨୫ ମସିହା ମେ ୩୧ ତାରିଖରେ । ତାଙ୍କର ପିତାଙ୍କ ନାମ ମାଙ୍କୋଜି ସିନ୍ଦେ ଏବଂ ମାତାଙ୍କ ନାମ ସୁଶୀଳା ସିନ୍ଦେ । ଧାଙ୍ଗର ପରିବାରର ଜଣେ ଉଚ୍ଚ ବ୍ୟକ୍ତିତ୍ୱସମ୍ପନ୍ନ ବ୍ୟକ୍ତି ଥିଲେ ତାଙ୍କ ପିତା । ଯଦିଓ ସେସମୟରେ ନାରୀମାନଙ୍କୁ ଶିକ୍ଷାରୁ ବଞ୍ଚିତ କରାଯାଉଥିଲା, ତଥାପି ଅହଲ୍ୟାଙ୍କ ପିତା ତାଙ୍କୁ ଲେଖାପଢ଼ା ଶିଖାଇଥିଲେ ।

ଏକଦା ମାଲୱାର ଶାସକ ମାଲ୍‌ହାର ରାଓ ହୋଲ୍‌କର ତାଙ୍କ ପୁନେ ଯିବା ରାସ୍ତାରେ ଏକ ଗ୍ରାମର ମନ୍ଦିର ସେବାରେ ଥିବା ଆଠ ବର୍ଷ ବୟସର ଅହଲ୍ୟାଙ୍କର ଧର୍ମ ପରାୟଣତାରେ ମୁଗ୍ଧ ହୋଇ ନିଜ ପୁତ୍ର ଖଣ୍ଡେ ରାଓଙ୍କ ସହିତ ବିବାହ କରାଇବାକୁ ସ୍ଥିର କଲେ ଏବଂ ପେଶୱାଙ୍କ ସହିତ ପରାମର୍ଶ କରି ୧୭୩୩ ମସିହାରେ ବିବାହ ସମ୍ପନ୍ନ କରିଥିଲେ । ସମଗ୍ର ବୈବାହିକ ଜୀବନରେ ଅହଲ୍ୟା ତାଙ୍କ ଶାଶୁ ଗୌତମାବାଈଙ୍କ ଦ୍ୱାରା ପାଳିତ ହୋଇଥିଲେ, ଯିଏ ତାଙ୍କୁ ଜୀବନର ମୂଲ୍ୟବୋଧଭିତ୍ତିକ ଶିକ୍ଷା, ଶାସନ, କୌଶଳ, ଆୟବ୍ୟୟର ହିସାବ ଏବଂ ରାଜନୀତି ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ ।

୧୭୫୪ ମସିହାରେ ଜାଠ ରାଜା ସୁରଜ ମଲ୍ଲଙ୍କ ସହ ଏକ ଯୁଦ୍ଧରେ ଖଣ୍ଡେ ରାଓ ମୃତ୍ୟୁ ବରଣ କରିଥିଲେ । ଏଥିରେ ଅହଲ୍ୟା ମ୍ରିୟମାଣ ହୋଇ ସ୍ୱାମୀଙ୍କ ଚିତାଗ୍ନିରେ 'ସତୀ' ହେବାକୁ ଇଚ୍ଛା କରିଥିଲେ । କିନ୍ତୁ ତାଙ୍କ ଶ୍ୱଶୁର ମାଲ୍‌ହାର ରାଓ ହୋଲ୍‌କର ତାଙ୍କୁ 'ସତୀ' ନ ହେବାକୁ ଅନୁରୋଧ କରିଥିଲେ । ମାତ୍ର ଅହଲ୍ୟା ଏଥିରେ ରାଜି ନ ହେବାରୁ ଶ୍ୱଶୁର ତାଙ୍କୁ ଏଥିରୁ ନିବର୍ତ୍ତାଇବାକୁ ଯାଇ ଆବେଗଭରା କଣ୍ଠରେ ନିବେଦନ କରି କହିଲେ,– ''କନ୍ୟା, ମୋ ବୃଦ୍ଧାବସ୍ଥାରେ ସାହାଯ୍ୟ ପାଇବା ପାଇଁ ଯେଉଁ ପୁତ୍ରକୁ ସମସ୍ତ ଆଶା ନେଇ ଲାଳନପାଳନ କରିଥିଲି ସେ ମୋତେ ଛାଡ଼ି ଚାଲିଗଲା । ବର୍ତ୍ତମାନ ତୁମେ କ'ଣ ଏହି ବୃଦ୍ଧକୁ ଅଗାଧ ସମୁଦ୍ରରେ ଏକାକୀ ଅସହାୟ ଅବସ୍ଥାରେ ପରିତ୍ୟାଗ କରି ଚାଲିଯିବ ? ତଥାପି ବି ଯଦି ତୁମେ ତୁମର ମନ ପରିବର୍ତ୍ତନ କରିବାକୁ ଚାହଁ ନାହିଁ, ତା'ହେଲେ ପ୍ରଥମେ ମୋତେ ମରିବାକୁ ଦିଅ ।''

ଏଥିରେ ଅହଲ୍ୟା ଅତ୍ୟନ୍ତ ଦୁଃଖିତ ହୋଇ 'ସତୀ' ହେବାରୁ ନିବୃତ୍ତ ରହିଥିଲେ ।

ଖଣ୍ଡେ ରାଓଙ୍କ ମୃତ୍ୟୁର ବାରବର୍ଷ ପରେ ପିତା ମାଲ୍‌ହାର ରାଓଙ୍କର ୧୭୬୬ ମସିହାରେ ମୃତ୍ୟୁ ହୋଇଥିଲା । ସେହି ବର୍ଷ ଅହଲ୍ୟାଙ୍କର ରାଜ ପ୍ରତିନିଧି ଭାବରେ ତାଙ୍କର ଛୋଟ ପୁତ୍ର ମଲେ ରାଓ ହୋଲ୍‌କର ଇନ୍ଦୋରର ଶାସକ ହେଲେ । ମାତ୍ର ଏହାର ଅଳ୍ପ କେତେ ମାସ ପରେ ୧୭୬୭ ମସିହାରେ ତାଙ୍କର ମୃତ୍ୟୁ ହେଲା । ଏହାରି ମଧ୍ୟରେ ତାଙ୍କର ଏକମାତ୍ର କନ୍ୟା ମୁକ୍ତା ବାଈ ମଧ୍ୟ 'ସତୀ' ହୋଇଥିଲେ ।

ସ୍ୱାମୀ, ଶ୍ୱଶୁର ଓ ପୁତ୍ରଙ୍କର ବିୟୋଗ ପରେ ଶାସନ କରିବାର କୌଶଳରେ ପ୍ରଶିକ୍ଷିତା ଅହଲ୍ୟା ବାଈ ନିଜକୁ ହୋଲ୍‌କର ରାଜବଂଶର ଶାସକ ଭାବେ ଗ୍ରହଣ କରିବାକୁ ପେଶୱା ମାଧବ ରାଓ ପ୍ରଥମଙ୍କୁ ଏକ ଲିଖିତ ପ୍ରାର୍ଥନା କରିଥିଲେ । ଏଥିରେ କିଛି ଲୋକ ଆପତ୍ତି ଉଠାଇଥିଲେ ମଧ୍ୟ ମରାଠା ସାମରିକ ବାହିନୀ ଓ ହୋଲ୍‌କର ଗୋଷ୍ଠୀ ଅହଲ୍ୟା ବାଈଙ୍କର ପୂର୍ଣ୍ଣ ସପକ୍ଷ ନେଇଥିଲେ । ପେଶୱା ମଧ୍ୟ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲେ ଏବଂ ସୁବେଦାର ତୁକୋଜି ରାଓ ହୋଲ୍‌କର୍‌ଙ୍କୁ ସାମରିକ ମୁଖ୍ୟ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏଣୁ ଅହଲ୍ୟାବାଈ ୧୭୬୭ ମସିହା ଡିସେମ୍ବର ୧୧ ତାରିଖ ଦିନ ସିଂହାସନ ଆରୋହଣ କରିଥିଲେ ।

ଅହଲ୍ୟାବାଈଙ୍କ ଦକ୍ଷତା ବିଷୟରେ ଶ୍ୱଶୁର ମାଲ୍‌ହାର

ରାଓଙ୍କର ଏକ ପତ୍ରରୁ ଜଣାଯାଏ ଯେ – ସେ କେବଳ ଯେ ଯୁଦ୍ଧ କଳା ଶିକ୍ଷାରେ ନିପୁଣ ଥିଲେ ତାହା ନୁହେଁ, ତାଙ୍କର ମଧ ବେସାମରିକ ବ୍ୟାପାରରେ ପରିଚାଳନାଗତ ଦକ୍ଷତା ଥିଲା । ଯେତେବେଳେ ୧୭୬୫ ମସିହାରେ ପଞ୍ଜାବକୁ ଅହମ୍ମଦ ଶାହ ଦୁରାନି ଆକ୍ରମଣ କଲା ସେତେବେଳେ ମାଲ୍‌ହାର ରାଓ ଦିଲ୍ଲୀରେ ଅବଦାଲି ରୋହିଲା ଆର୍ମି ସହିତ ଯୁଦ୍ଧରେ ବ୍ୟସ୍ତ ଥିଲେ । ସେହି ସମୟ ମଧ୍ୟରେ ଅହଲ୍ୟାବାଈ ଗୋଆଲିୟର ନିକଟବର୍ତ୍ତୀ ଗୋହାଦ ଦୁର୍ଗ ଅଧିକାର କରିଥିଲେ ।

ତେବେ ଶ୍ୱଶୁର ମାଲ୍‌ହାର ରାଓଙ୍କର ମୃତ୍ୟୁ ପରେ ତାଙ୍କର ଦେଓ୍ୱାନ ଗଙ୍ଗାଧର ରାଓ ବିଶ୍ୱାସ କରୁଥିଲେ ଯେ ଅହଲ୍ୟା ବାଈ ଜଣେ ଅସମର୍ଥ, ଦୁର୍ବଳ ବିଧବା ମହିଳା, ଯିଏ ନିଜ ରାଜ୍ୟକୁ ନିଜ ଅଧୀନରେ ରଖିପାରିବେ ନାହିଁ । ଏଣୁ ଦେଓ୍ୱାନ ନିଜ ପାଇଁ ଅନ୍ୟାୟ ଉପାୟରେ ବଳପୂର୍ବକ ସିଂହାସନ ଜବରଦଖଲ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କଲେ । ସେହି ଅନୁଯାୟୀ ସେ ଅହଲ୍ୟାବାଈଙ୍କୁ ଅନୁରୋଧ କଲେ ଯେ ତାଙ୍କୁ ପାଳିତ ପୁତ୍ର କରାଇ ନେବାକୁ ଏବଂ ଶାସନ କ୍ଷମତା ତାଙ୍କୁ ହସ୍ତାନ୍ତର କରିବାକୁ । ମାତ୍ର ରାଣୀ ତୁରନ୍ତ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ । ଫଳରେ ଗଙ୍ଗାଧର ରାଓ ରାଣୀଙ୍କ ବିରୋଧରେ ସଶସ୍ତ୍ର ଆକ୍ରମଣ ପାଇଁ ପ୍ରସ୍ତୁତ ହେଲେ ।

ମାତ୍ର ରାଣୀ ଗୁପ୍ତଚରମାନଙ୍କ ଠାରୁ ସମ୍ବାଦ ପାଇଲେ ଯେ ସିପ୍ରାନଦୀ କୂଳରେ ଶତ୍ରୁପକ୍ଷ ସୈନ୍ୟ ଶିବିର ପକାଇଛନ୍ତି । ଏଣୁ ସେ ତତ୍‌କ୍ଷଣାତ୍ ତାଙ୍କ ସ୍ୱର୍ଗୀୟ ଶ୍ୱଶୁରଙ୍କ ବନ୍ଧୁ ମାଧବଜି ସିନ୍ଧିଆ ଓ ଦାମ୍‌ଜି ରାଓ ଗାଏକ୍‌ୱାଡ଼୍‌ଙ୍କୁ ସାହାଯ୍ୟ ପାଇଁ ପତ୍ର ପ୍ରେରଣ କଲେ ଏବଂ ନିଜର ସେନାପତି ତୁକୋଜି ରାଓଙ୍କ ସହାୟତାରେ ସେନା ଏକତ୍ର କରାଇଲେ । ସିନ୍ଧିଆ ଓ ଗାଏକ୍‌ୱାଡ଼୍‌ଙ୍କ ସହ ନାଗପୁରର ଭୋନ୍‌ସଲେ ମଧ ତାଙ୍କୁ ସହାୟତାର ହାତ ବଢ଼ାଇଲେ । ଏପରିକି ରାଣୀ ନିଜେ ମହିଳା ଅଙ୍ଗରକ୍ଷୀଙ୍କ ସହ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ । ଏଥିରେ ଭୟଭୀତ ହୋଇ ଶତ୍ରୁପକ୍ଷ ଛତ୍ରଭଙ୍ଗ ଦେଇଥିଲେ । ରାଣୀଙ୍କର ଏହି ବିଜୟ ତାଙ୍କୁ ପ୍ରତିଷ୍ଠିତ କରିବାରେ ସହାୟକ ହେଲା । ପୁନଶ୍ଚ ସେ ରାଜପୁତଙ୍କଠାରୁ ବି ନିଜ ରାଜ୍ୟକୁ ସୁରକ୍ଷିତ ରଖିଥିଲେ ।

ଏହାପରେ ଅହଲ୍ୟାବାଈ ଅତ୍ୟନ୍ତ ଉନ୍ନତମାନର ଶାସନ ପନ୍ଥା ଗ୍ରହଣ କରି ଅଗ୍ରସର ହେଲେ । ତାଙ୍କ ଶାସନ କାଳରେ ସେ ତାଙ୍କ ପ୍ରଜାମାନଙ୍କୁ ନିୟମିତ ପରିଦର୍ଶନ କରି ସେମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରୁଥିଲେ । ଏକଥା ଜଣାଶୁଣା ଥିଲା ଯେ ହୋଲକ୍‌ର ପରିବାର ନିଜର ବ୍ୟକ୍ତିଗତ ଖର୍ଚ୍ଚ ତୁଲାଇବା ପାଇଁ କେବେ ବି ଜନତାଙ୍କ ଅର୍ଥ ଉପରେ ନିର୍ଭର କରୁ ନଥିଲେ । ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତିକୁ ଠୁଳ କରି ନିଜସ୍ୱ ପାଣ୍ଠି ତିଆରି କରିଥିଲେ । ଅହଲ୍ୟାବାଈ ଉତ୍ତରାଧିକାରୀ ସୂତ୍ରରେ ସେସମୟରେ ଷୋହଳ ସହସ୍ର ଟଙ୍କା ଲାଭ କରିଥିଲେ, ଯାହାକୁ ଦାନ ଆକାରରେ ପ୍ରଜାଙ୍କ ପାଇଁ କାର୍ଯ୍ୟରେ ବିନିଯୋଗ କରିଥିଲେ । ଅହଲ୍ୟାବାଈଙ୍କ ଶାସନ କାଳରେ ତାଙ୍କର ପାରଦର୍ଶିତା ପ୍ରକାଶିତ ହୋଇଥିଲା ।

ନର୍ମଦା ନଦୀ କୂଳରେ ଅବସ୍ଥିତ ଥିଲା ଅହଲ୍ୟାବାଈଙ୍କର ରାଜଧାନୀ ମହେଶ୍ୱର । ଏହା ସାହିତ୍ୟ, ସଙ୍ଗୀତ, କଳା ଏବଂ ଶିଳ୍ପୋଦ୍ୟୋଗର ଏକ କେନ୍ଦ୍ର ଥିଲା । ମରାଠୀ କବି, ସଂସ୍କୃତ ପଣ୍ଡିତ, ଶିଳ୍ପୀ, କାରିଗର ଓ ଭାସ୍କରମାନେ ବେତନ ଓ ସମ୍ମାନ ଲାଭ କରୁଥିଲେ । ଏପରିକି ଏକ ବୟନ ଶିଳ୍ପ କାରଖାନା ମଧ ସେ ମହେଶ୍ୱରରେ ସ୍ଥାପନ କରିଥିଲେ । ରାଜ୍ୟରେ ବହୁ ଅର୍ଥନୈତିକ ଯୋଜନା କାର୍ଯ୍ୟକାରୀ କରିଥିଲେ ।

ଉତ୍ତର ପ୍ରଦେଶରେ ଔରଙ୍ଗଜେବଙ୍କ ସମୟରେ ୧୬୬୯ ମସିହାରେ କାଶୀ ବିଶ୍ୱନାଥ ମନ୍ଦିର ଭଙ୍ଗା ଯାଇ ମସଜିଦରେ ପରିଣତ ହୋଇଥିଲା । ଅହଲ୍ୟାବାଈ ଏହି ମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ୧୭୮୦ ମସିହାରେ କରିଥିଲେ । ଏହା ବ୍ୟତୀତ ଅନେକ ହିନ୍ଦୁ ମନ୍ଦିର ନିର୍ମାଣ, ନିୟମିତ ପୂଜନ ଓ ପର୍ବପର୍ବାଣୀ ନିମନ୍ତେ ଅର୍ଥର ବ୍ୟବସ୍ଥା କରିଥିଲେ । ସେ ମଧ ଭାରତୀୟ ଉପମହାଦେଶରେ ଅନେକ ଘାଟର ପୁନଃ ନିର୍ମାଣ, କୂପ, ପୁଷ୍କରିଣୀ ଓ ଅତିଥି ଭବନ ନିର୍ମାଣ କରିଥିଲେ । ଏଗୁଡ଼ିକ ମଧ୍ୟରେ ମଣିକର୍ଣ୍ଣିକା ଘାଟ, ଦଶାଶ୍ୱମେଧ ଘାଟ, ଅହଲ୍ୟା ଘାଟ, ଶୀତଳା ଘାଟ ଏବଂ ଉତ୍ତରକାଶୀ ଧର୍ମଶାଳା, ରାମେଶ୍ୱର ପଞ୍ଚକୋଶି ଧର୍ମଶାଳା, କପିଳା ଧାରା ଧର୍ମଶାଳା ଓ ଅନେକ ଉଦ୍ୟାନର ନିର୍ମାଣ କାର୍ଯ୍ୟ କରିଥିଲେ । ବର୍ତ୍ତମାନର ବିଷ୍ଣୁପଦ ମନ୍ଦିର ତାଙ୍କ ଦ୍ୱାରା ଫଲ୍‌ଗୁ ନଦୀ କୂଳରେ ନିର୍ମିତ ହୋଇଥିଲା । ହିମାଳୟଠାରୁ ଦକ୍ଷିଣ ଭାରତର ବିଭିନ୍ନ ତୀର୍ଥସ୍ଥାନ ପର୍ଯ୍ୟନ୍ତ ଏହା ବିସ୍ତାରିତ ଥିଲା ।

ଅହଲ୍ୟାବାଈ ନିଜ ପ୍ରଜାଙ୍କର କିପରି ତତ୍ତ୍ୱାବଧାନ ବା ଯତ୍ନ ନେଉଥିଲେ ଏ ସମ୍ପର୍କରେ ଅନେକ କାହାଣୀ ବି ଅଛି । ରାଜ୍ୟର ବ୍ୟବସାୟୀ ଓ କୃଷକଙ୍କୁ ଏକତ୍ର କରି ଏକ ସମବାୟ ସମିତି ଗଠନ କରି ସେମାନଙ୍କର ଉନ୍ନତି ସାଧନ କରିଥିଲେ ।

ଏପରିକି ସେମାନଙ୍କର ସମ୍ପତ୍ତି ଉପରେ ରାଜକୀୟ ନ୍ୟାଯ୍ୟତା ବା ଟିକସ ଅଧିକାର ବି ରଖି ନଥିଲେ । ପୂର୍ବରୁ ପ୍ରଚଳିତ ଥିବା ଏକ ପାରମ୍ପରିକ ଆଇନ ଅନୁଯାୟୀ ସନ୍ତାନହୀନ ବିଧବାର ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ଆଇନକୁ ରାଣୀ ରଦ୍ଦ କରି ଦେଇଥିଲେ । ଭିଲ୍ ଓ ଗଣ୍ଡମାନଙ୍କ ସହ ସଂଘର୍ଷର ଶାନ୍ତିପୂର୍ଣ୍ଣ ସ୍ଥାୟୀ ସମାଧାନ କରିପାରି ନଥିଲେ ମଧ୍ୟ ସେମାନଙ୍କୁ ପତିତ ପାହାଡ଼ି ଜମିକୁ ବ୍ୟବହାର ନିମିତ୍ତ ମଞ୍ଜୁର କରିଥିଲେ ।

ରାଣୀ ଅହଲ୍ୟାବାଈ ହୋଲ୍‌କରଙ୍କର ଗୌରବମୟ ତଥା ମର୍ଯ୍ୟାଦାପୂର୍ଣ୍ଣ, ସୁଦୀର୍ଘ ଜୀବନର ଅବସାନ ଘଟିଲା ତାଙ୍କର ସତୁରୀ ବର୍ଷ ବୟସରେ ୧୭୯୫ ମସିହା ଅଗଷ୍ଟ ୧୩ ତାରିଖ ଦିନ । ଭାରତ ସରକାର ଅହଲ୍ୟାବାଈଙ୍କ ଉପରେ ଦୁଇଟଙ୍କା ମୂଲ୍ୟର ଏକ ସ୍ମାରକ ଡାକଟିକଟ ୧୯୯୬ ମସିହା ଅଗଷ୍ଟ ୨୫ ତାରିଖରେ ପ୍ରକାଶ କରିଥିଲେ ।

*

୧. ଜବାହରଲାଲ ନେହେରୁଙ୍କ ମତରେ – ''ଅହଲ୍ୟାଙ୍କର ତିରିଶ ବର୍ଷ ଶାସନ କାଳ ସମ୍ପୂର୍ଣ୍ଣ ଭାବରେ ଶୃଙ୍ଖଳିତ ଏବଂ ଉନ୍ନତମାନର ଥିଲା । ସେ ଥିଲେ ଜଣେ ଅତ୍ୟନ୍ତ ଦକ୍ଷ ଶାସକ, ସଙ୍ଗଠକ ଏବଂ ଉଚ୍ଚ ସମ୍ମାନର ଅଧିକାରିଣୀ ଏବଂ ତାଙ୍କର ମୃତ୍ୟୁ ପରେ କୃତଜ୍ଞ ଜନତା ତାଙ୍କୁ ଜଣେ ସନ୍ଥ ଭାବରେ ଅଭିହିତ କରିଥିଲେ ।''

– Discovery of India

*

୨. କବି Joanna Baillie ତାଙ୍କ ଇଂରାଜୀ କବିତା (୧୮୪୯)ରେ ଲେଖିଛନ୍ତି –

"... In latter days from Brahma came,  
To rule our land, a Noble Dame,  
Kind was her heart and bright her fame,  
And Ahilya was her honoured name."

*

୩. ଜନୈକ ବ୍ରିଟିଶ ଅଫିସର୍ Sir John Malcolmଙ୍କ ଭାଷାରେ – ''ଅହଲ୍ୟାବାଈଙ୍କର ଅସାଧାରଣ ଯୋଗ୍ୟତା ତାଙ୍କ ପ୍ରଜାମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲା । ମାଲୱାର ଅଧିବାସୀଙ୍କ ମତରେ ସେ ଥିଲେ ଜଣେ ସନ୍ଥ ଏବଂ ଜଣେ ଐଶ୍ୱରୀୟ ଅବତାର । ସେ ବିଶୁଦ୍ଧତମ ଓ ସର୍ବୋତ୍ତମ ବ୍ୟକ୍ତିତ୍ୱସମ୍ପନ୍ନ ଶାସକମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ।''

*

୪. ହାଇଦ୍ରାବାଦର ନିଜାମ କହନ୍ତି – ''ନିଶ୍ଚିତ ଭାବରେ ଅହଲ୍ୟାବାଈ ହୋଲ୍‌କରଙ୍କ ଭଳି କେହି ନାରୀ ଏବଂ କେହି ଶାସକ ନାହାନ୍ତି ।''

*

୫. ଅରବିନ୍ଦ ଜାଭଲେକର୍‌ଙ୍କ ଭାଷାରେ – (Javlekar) ''ରାଜା ଦିଲ୍ଲୀପ, ଜନକ, ଶ୍ରୀରାମ ଏବଂ ଯୁଧିଷ୍ଠିରଙ୍କ ଭଳି ସମସ୍ତ ଆଦର୍ଶ ଗୁଣ ଓ ପୁଣ୍ୟ ଭାବର ଉପସ୍ଥିତି ଅହଲ୍ୟାବାଈଙ୍କର ଥିଲା । ବିଶ୍ୱର ସୁଦୀର୍ଘ ଇତିହାସକୁ ପର୍ଯ୍ୟାଲୋଚନା କରିବା ପରେ ଆମେ ଦେଖିବାକୁ ପାଉ ଯେ କେବଳ ମାତ୍ର ଜଣେ ଲୋକମାତା ଦେବୀ ଅହଲ୍ୟାବାଈଙ୍କର ବ୍ୟକ୍ତିତ୍ୱରେ ଥିଲା ପୂର୍ଣ୍ଣ ଉଦାରତା ।''

*

୬. Joan Keay ରାଣୀଙ୍କର ନାମକରଣ କରିଥିଲେ – ''ଦର୍ଶନଶାସ୍ତ୍ରବିତ୍ ରାଜା ଭୋଜଙ୍କ ପରି ସେ ଥିଲେ ଦାର୍ଶନିକା ରାଣୀ ।''

(India : A History)

*

୭. Khadpekarଙ୍କ ଦ୍ୱାରା ଲିଖିତ 'Ahilya Bai Holkar' ପୁସ୍ତକରୁ ଉଦ୍ଧୃତ କରି ଜଣେ ଇଂରେଜ ଲେଖକ କହନ୍ତି – ''ଅହଲ୍ୟାବାଈ ଜଣେ ମରାଠା ନାରୀ ଶାସକ ଥିଲେ ଯିଏ ଜ୍ଞାନ, ଦୟା ଓ ପୁଣ୍ୟର ମହତ୍ତମ ଉଦାହରଣ । ପୁରୁଷ ଶାସକମାନଙ୍କ ମଧ୍ୟରେ ଥିଲେ ଆକବର ଏବଂ ନାରୀ ଶାସକଙ୍କ ମଧ୍ୟରେ ଅହଲ୍ୟାବାଈ ।''

ଏହିପରି ଭାବରେ ରାଣୀ ଅହଲ୍ୟାବାଈଙ୍କ ଉପରେ ଆହୁରି ଅନେକ ମତାମତ ରହିଛି ।

ତାଙ୍କ ସମ୍ମାନାର୍ଥେ ଇନ୍ଦୋର ଆନ୍ତର୍ଜାତିକ ବିମାନ ବନ୍ଦରର ନାମକରଣ କରାଯାଇଛି 'ଦେବୀ ଅହଲ୍ୟାବାଈ ହୋଲ୍‌କର ବିମାନ ବନ୍ଦର' ।

୨୦୦୨ ମସିହାରେ ତାଙ୍କ ନାମରେ ଏକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି, ଯାହାର ନାମ 'ଦେବୀ ଅହଲ୍ୟାବାଈ' ।

ମହାରାଷ୍ଟ୍ରର ଥାନେ ସହରରେ ଏକ ଶିଶୁ ପାର୍କର ନାମ

*(ଅବଶିଷ୍ଟାଂଶ ପୃଷ୍ଠା ୩୬ ରେ ଦେଖନ୍ତୁ)*

# ନୂତନ ଶିକ୍ଷାର ଆହ୍ୱାନ

## (୬)

### ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

**ଭାରତୀୟ ଶିକ୍ଷାର ବିକାଶ ଧାରା**

ମନୁଷ୍ୟ ଓ ସମାଜ ପରି ଶିକ୍ଷାର ଏକ ଆତ୍ମା ରହିଛି, ଯାହା ବିବର୍ତ୍ତନର କ୍ରମବିକାଶ ଧାରାରେ ଚେତନାର ଅଭିବୃଦ୍ଧି ଅନୁସାରେ ବିକଶିତ ହେବାରେ ଲାଗିଛି । ଶିକ୍ଷା ଏକ ସାମଗ୍ରିକ ସଚେତନତା ଯାହା ମନୁଷ୍ୟ, ଜଗତ୍, ଈଶ୍ୱରଙ୍କୁ ଗୋଟିଏ ଭୂମିରେ ରଖି ସତ୍ୟର ଅଭିବ୍ୟକ୍ତିକୁ ବାସ୍ତବ ରୂପ ଦେବା ସକାଶେ ସତତ କ୍ରିୟାଶୀଳ ହୋଇଥାଏ । ମନୁଷ୍ୟ, ଜଗତ୍ ଓ ଈଶ୍ୱରଙ୍କୁ ଭିନ୍ନ ଭିନ୍ନ ଭୂମିରେ ରଖି ପୃଥକ୍ ଭାବେ ବିଚାର କଲେ ଶିକ୍ଷାର ବିଚାର ଧାରାଟି ମଧ୍ୟ ପୂର୍ଣ୍ଣାଙ୍ଗ ହୋଇ ନଥାଏ । ଶିକ୍ଷା ମଧ୍ୟ ବିଶ୍ୱପ୍ରକୃତିର ଏକ ଶକ୍ତି ବା ସାଧନ । ବିଶ୍ୱ ପ୍ରକୃତି ଏହି ଶକ୍ତିର ପ୍ରୟୋଗ କରି ମନୁଷ୍ୟ ଓ ସମାଜକୁ ନୂତନ ରୂପ ଦିଏ । ଅନନ୍ତକାଳରୁ ବିଶ୍ୱପ୍ରକୃତିର ଏହି ଦିବ୍ୟଶକ୍ତି କ୍ରିୟା କରି ଚାଲିଛି ଏବଂ ନିଜକୁ ଅଭିବ୍ୟକ୍ତ କରି ଚାଲିଛି । କେଉଁଠି ଓ କେତେବେଳେ ଏହାର ଅଭିବ୍ୟକ୍ତି କିପରି ହୋଇଛି ତାହା ଜାଣିବା ସହଜସାଧ୍ୟ ନୁହେଁ । ମାନବ ଚେତନାର କ୍ରମବିକାଶ ଧାରା ଅନୁସାରେ ଶିକ୍ଷାର ବିକାଶ ଧାରାକୁ ବିଚାର କରାଯାଇପାରେ । ଏହି ବିକାଶ ଧାରା କୌଣସି ନିର୍ଦ୍ଦିଷ୍ଟ ଦେଶ, ଜାତି, ଧର୍ମ, ବ୍ୟକ୍ତି ଓ ସମାଜର ସୀମାଭୁକ୍ତ ନୁହେଁ । ତେଣୁ କେଉଁ ଦେଶ ବା ସମାଜରେ, କେଉଁ କାଳରେ ଏବଂ କେଉଁ ପରିସ୍ଥିତିରେ ଶିକ୍ଷାର ଆତ୍ମଶକ୍ତିଟି ସୁପ୍ତ କି ଜାଗ୍ରତ୍ ରହିଛି, କିପରି ନିଜକୁ ଅଭିବ୍ୟକ୍ତ କରିଛି ତାହାର ପୂର୍ଣ୍ଣାଙ୍ଗ ଚିତ୍ର ଅଙ୍କନ କରିବା ମଧ୍ୟ ସମ୍ଭବ ନୁହେଁ । ବିଶେଷତଃ ଦେବଭୂମି ଭାରତରେ ଶିକ୍ଷା ଆତ୍ମାଟିର କିପରି ଅଭିବୃଦ୍ଧି ଘଟିଛି, ତାହାର ଏକ ସଂକ୍ଷିପ୍ତ ପରିଚୟ ପାଇବା ପାଇଁ ଆଶା ରଖିବା ।

ଭାରତୀୟ ଶିକ୍ଷାର ବିକାଶ ଧାରାକୁ ଆମେ ମୁଖ୍ୟତଃ ତିନୋଟି ଯୁଗରେ ବିଭକ୍ତ କରିପାରିବା । ଯଥା – ପ୍ରାଚୀନ ଯୁଗ, ମଧ୍ୟବର୍ତ୍ତୀ ଯୁଗ ଓ ଆଧୁନିକ ଯୁଗ ।

**ପ୍ରାଚୀନ ଯୁଗର ଶିକ୍ଷା**

ବିବର୍ତ୍ତନ ଧାରାରେ କେଉଁ ସମୟରେ ମନଧାରୀ ମନୁଷ୍ୟଟିଏ ପୃଥିବୀପୃଷ୍ଠରେ ଜନ୍ମ ଲାଭ କରିଛି ତାହାକୁ ନିର୍ଦ୍ଦିଷ୍ଟ ଭାବରେ କୁହାଯାଇ ପାରିବ ନାହିଁ । ଏଥି ନିମନ୍ତେ ଐତିହାସିକମାନଙ୍କର ଭିନ୍ନ ଭିନ୍ନ ମତ ରହିଛି । ପ୍ରାୟ ଦୁଇ ଲକ୍ଷ ବର୍ଷ ପୂର୍ବରୁ ମନୁଷ୍ୟର ପ୍ରାଚୀନ ରୂପାକୃତି 'homosapien'ର ଆବିର୍ଭାବ ଘଟିଛି ବୋଲି କେତେକ ଐତିହାସିକ ମତ ପ୍ରକାଶ କରିଛନ୍ତି । ଅନ୍ୟ କେତେକଙ୍କ ମତରେ ପ୍ରାୟ ୫୦,୦୦୦ ବର୍ଷ ପୂର୍ବରୁ ଏହି ମାନବାକୃତି ପ୍ରାଣୀ ଭାଷା ବ୍ୟବହାର କରିବାର ସାମର୍ଥ୍ୟ ଲାଭ କଲା । ତତ୍ପରେ ତା'ର ଚେତନାର ବିକାଶ ଘଟିବାରୁ ସେ ପ୍ରକୃତିରୁ ନାନା ବିଷୟ ଶିକ୍ଷା କରିବାକୁ ଆରମ୍ଭ କଲା । ପ୍ରସ୍ତର ଯୁଗ, ବ୍ରୋଞ୍ଜ ଯୁଗ ଓ ଲୌହ ଯୁଗ ଦେଇ ମାନବର ବିକାଶ ଘଟି ଚାଲିଛି । ପ୍ରସ୍ତର ଯୁଗଟି ପ୍ରାୟ ଖ୍ରୀ.ପୂ. ୩୩୦୦ ପର୍ଯ୍ୟନ୍ତ ରହିଥିବା ବେଳେ ବ୍ରୋଞ୍ଜ ଯୁଗଟି ପ୍ରାୟ ଖ୍ରୀ. ପୂ. ୩୩୦୦ରୁ ୧୩୦୦ ପର୍ଯ୍ୟନ୍ତ ରହିଛି ବୋଲି ଐତିହାସିକମାନେ ମତ ପ୍ରକାଶ କରିଛନ୍ତି । ଖ୍ରୀ. ପୂ. ୪୦୦୦ରୁ ୩୫୦୦ ମଧ୍ୟରେ ମେସୋପଟାମିଆ (Mesopotamia) (ଆଧୁନିକ ଇରାକ)ରେ ପ୍ରଥମ ମାନବ ସଭ୍ୟତାର ଆବିର୍ଭାବ ଘଟିଥିବାର ଅନୁମାନ କରାଯାଏ । ଭାରତ ଭୂମିରେ ଖ୍ରୀ.ପୂ. ୨୬୦୦ରୁ ୧୩୦୦ ମଧ୍ୟରେ ଇନ୍ଦ୍ ଉପତ୍ୟକା ସଭ୍ୟତା ବା ହରପ୍ପା-ମହେଞ୍ଜୋଦାରୋ ସଭ୍ୟତାର ବିକାଶ ଘଟିଥିଲା । ଏହା ଇନ୍ଦୁସ୍ ନଦୀର ଉପତ୍ୟକାରେ ଗଢ଼ି ଉଠିଥିଲା । ଇନ୍ଦୁସ୍ ନଦୀଟି ହିମାଳୟରୁ ବାହାରି ଭାରତ ଓ ପାକିସ୍ଥାନ ଦେଇ ଆରବ ସାଗରରେ ମିଶିଛି । ଏହାର ଉପନଦୀଗୁଡ଼ିକ ହେଲେ ଝେଲମ୍, ଚେନାବ୍, ରାବି, ବିପାସା ଓ ସତଲେଜ୍ । ଏହି ନଦୀର ଅବବାହିକା ଅଞ୍ଚଳଗୁଡ଼ିକ ଉର୍ବର ଓ ଶସ୍ୟଶ୍ୟାମଳା ହୋଇଥିବାରୁ ଆର୍ଯ୍ୟ ସଭ୍ୟତା ଏହି ଅଞ୍ଚଳରେ ଗଢ଼ି ଉଠିଥିଲା ଏବଂ ଶିକ୍ଷାର ବିକାଶ ମଧ୍ୟ ଘଟିଥିଲା । ହିମାଳୟର ମୂଳ ଅକ୍ଷର 'ହି' ଏବଂ ଇନ୍ଦୁ ସରୋବର (ନଦୀ)ର ଶେଷ ଅକ୍ଷର 'ନ୍ଦୁ'ର ଦ୍ୱୟ ମିଶି

'ହିନ୍ଦୁ' ଶବ୍ଦର ଉତ୍ପତ୍ତି ହୋଇଛି ବୋଲି 'ବୃହସ୍ପତି ଆଗମ'ରେ ଲିଖିତ ଅଛି ।

''ହିମାଳୟାତ୍ ସମାରଭ୍ୟ ଯାବତ୍ ଇନ୍ଦୁ ସରୋବରମ୍ ।
ତଂ ଦେବନିର୍ମିତଂ ଦେଶଂ ହିନ୍ଦୁସ୍ଥାନ ପ୍ରଚକ୍ଷ୍ୟତେ ॥''

ଇନ୍ଦୁସ୍ ନଦୀଟି ସିନ୍ଧୁ ନାମରେ ପରିଚିତ । ସପ୍ତସିନ୍ଧୁ ଯାହା ବେଦରେ ଉଲ୍ଲେଖ ରହିଛି ତାହା ମୁଖ୍ୟତଃ ପଞ୍ଜାବ ଅଞ୍ଚଳକୁ ବୁଝାଏ । ଇନ୍ଦୁସ୍, ସରସ୍ୱତୀ, ଚେନାବ୍, ଝେଲମ୍, ରାବି, ସତଲେଜ୍ ଓ ବିପାସା ଆଦି ସାତଟି ନଦୀକୁ ନେଇ ସପ୍ତସିନ୍ଧୁ ହୋଇଛି । ଏହି ଅଞ୍ଚଳରେ ଇନ୍ଦୁ ସଭ୍ୟତା ଯାହା ଆର୍ଯ୍ୟ ସଭ୍ୟତା ନାମରେ ପରିଚିତ, ତାହା ଗଢ଼ି ଉଠିଥିଲା । ଆର୍ଯ୍ୟ ସଭ୍ୟତା ପ୍ରାୟ ଖ୍ରୀ.ପୂ. ୧୫୦୦ରୁ ଖ୍ରୀ.ପୂ. ୬୦୦ ମଧ୍ୟରେ ଗଢ଼ି ଉଠିଥିଲା । କେତେକ ଐତିହାସିକଙ୍କ ମତରେ ଆର୍ଯ୍ୟମାନେ ମଧ୍ୟ ଏସିଆରୁ ଭାରତକୁ ପ୍ରାୟ ଖ୍ରୀ.ପୂ. ୧୫୦୦ ପୂର୍ବରୁ ଆସି ସପ୍ତସିନ୍ଧୁ ଅଞ୍ଚଳରେ ବାସ କରିଥିଲେ । କିନ୍ତୁ ବୈଦିକ ମତରେ ଆର୍ଯ୍ୟମାନେ ଭାରତର ଅଧିବାସୀ । ଭାରତର ମୂଳ ଅଧିବାସୀ ଦ୍ରାବିଡ଼ମାନେ । ସେମାନେ ମୁଖ୍ୟତଃ ଭାରତର ଦକ୍ଷିଣ ଭାଗରେ ବାସ କରୁଥିଲେ । 'ଆର୍ଯ୍ୟ' ଶବ୍ଦଟି ଏକ ଜାତି, ସମ୍ପ୍ରଦାୟ, ଗୋଷ୍ଠୀ ବା ଧର୍ମକୁ ବୁଝାଏ ନାହିଁ । ବେଦ ଓ ବୌଦ୍ଧ ଶାସ୍ତ୍ର ଅନୁସାରେ 'ଆର୍ଯ୍ୟ' ଶବ୍ଦର ଅର୍ଥ ହେଉଛି 'ମହତ୍' ବା ଉଚ୍ଚ ଚେତନାଧାରୀ ବ୍ୟକ୍ତି ଯିଏ ଆଲୋକାଭିମୁଖୀ ଜଣେ ଅଧ୍ୟାତ୍ମ ଯୋଦ୍ଧା । ଏହା ଏକ ସଂସ୍କୃତ ଶବ୍ଦ (ଆର୍ୟ) ହୋଇଥିବାରୁ 'ଆର୍ଯ୍ୟ' ଶବ୍ଦଟି କୌଣସି ଜାତି ବା ସମ୍ପ୍ରଦାୟକୁ ବୁଝାଏ ନାହିଁ ।

ସପ୍ତସିନ୍ଧୁ ଅଞ୍ଚଳରେ ଯେଉଁମାନେ ବାସ କରୁଥିଲେ ସେମାନଙ୍କର ଜୀବନଧାରା ଉନ୍ନତ ଥିଲା ଏବଂ ସେମାନେ ବୈଦିକ ଧର୍ମକୁ ପାଳନ କରୁଥିଲେ । ଭାରତୀୟ ସଂସ୍କୃତି ଏହି ସମୟରେ ବାସ୍ତବ ରୂପ ନେଇଥିଲା । ସେହି ସପ୍ତସିନ୍ଧୁ ଅଞ୍ଚଳକୁ ବ୍ରହ୍ମାବର୍ତ୍ତ ବା ଆର୍ଯ୍ୟାବର୍ତ୍ତ ବୋଲି କୁହାଯାଉଥିଲା । ଶିକ୍ଷା ହେଉଛି ଭାରତୀୟ ସଂସ୍କୃତିର ଏକ ବିଶେଷ ଅଙ୍ଗ ଯାହା 'ବିଦ୍ୟା' ରୂପେ ପରିଚିତ ଥିଲା । ଏହି ସମୟକୁ ମଧ୍ୟ ଲୌହ ଯୁଗ ବୋଲି କୁହାଯାଏ ଯାହା ପ୍ରାୟ ଖ୍ରୀ.ପୂ. ୬୦୦ ପର୍ଯ୍ୟନ୍ତ ରହିଥିଲା ।

ଐତିହାସିକମାନଙ୍କ ମତରେ ଖ୍ରୀ.ପୂ. ୫୦୦ରୁ ଖ୍ରୀ.ପୂ. ୨୦୦ ପର୍ଯ୍ୟନ୍ତ କାଳକୁ ପ୍ରାଚୀନ ଯୁଗ କୁହାଯାଏ । ଏହି ସମୟ ମଧ୍ୟରେ ବୈଦିକ, ବ୍ରାହ୍ମଣ୍ୟ, ବୌଦ୍ଧ ଓ ଜୈନ ଦର୍ଶନ, ଧର୍ମ ଶିକ୍ଷା ଆଦି ପ୍ରସାରିତ ହୋଇଛି । ସେହି ସମୟରେ ଶିକ୍ଷାର ବିକାଶ ଧାରାଟି ଏଠାରେ ଅତି ସଂକ୍ଷିପ୍ତରେ ଉଲ୍ଲେଖ କରାଯାଇଛି ।

## ବୈଦିକ ଓ ଉପନିଷଦ୍ ଯୁଗୀୟ ଶିକ୍ଷା

ବୈଦିକ ଓ ଉପନିଷଦୀୟ ଯୁଗଟି ଖ୍ରୀ.ପୂ. ୩୦୦୦ରୁ ଖ୍ରୀ.ପୂ. ୬୦୦ ମଧ୍ୟରେ ସୀମିତ ଥିବାର ଅନୁମାନ କରାଯାଏ । ଇନ୍ଦୁ ଉପତ୍ୟକା ସଭ୍ୟତା ତଥା ସିନ୍ଧୁ ସଭ୍ୟତା ବା ଆର୍ଯ୍ୟ ସଭ୍ୟତାଗୁଡ଼ିକ ଏହି ସମୟରେ ବିକାଶ ଲାଭ କରିଛି । ସେତେବେଳେ ଆର୍ଯ୍ୟାବର୍ତ୍ତର ଏକ ମୁଖ୍ୟ ରାଜ୍ୟର ନାମ ଥିଲା ଭାରତ । ଦୁଷ୍ମନ୍ତଙ୍କ ପୁତ୍ର ଭରତଙ୍କ ବଂଶଧରମାନେ ଯେଉଁ ଭୂଖଣ୍ଡର ଅଧିବାସୀ ଥିଲେ ତାହାକୁ ଭାରତ ବୋଲି କୁହାଯାଉଥିଲା ଯାହା ମୁଖ୍ୟତଃ ସିନ୍ଧୁ ଉପତ୍ୟକା ଅଞ୍ଚଳ ବୋଲି ଅନୁମାନ କରାଯାଇଛି । ପରେ ପାର୍ସି, ଗ୍ରୀକ୍ ଓ ବ୍ରିଟିଶର ବଣିକମାନେ ଏହି ଭୂଖଣ୍ଡକୁ ଆସି ବସବାସ କରିବା ପରେ ହିନ୍ଦୋସ୍ (Hindos), ଇନ୍ଦୁସ୍ (Indus), ଇଣ୍ଡିଓସ୍ (Indios), ଇଣ୍ଡିକା (Indica), ଇଣ୍ଡିଆ (India) ଆଦି ନାମରେ ଏହାକୁ ନାମିତ କରିଛନ୍ତି । ସୁତରାଂ ସିନ୍ଧୁ ଉପତ୍ୟକାରେ ଗଢ଼ି ଉଠିଥିବା ସଭ୍ୟତାହିଁ ପ୍ରାଚୀନ ସଭ୍ୟତା ଏବଂ ଏହି ସଭ୍ୟତାଟି ବୈଦିକ ଓ ଉପନିଷଦୀୟ ବିଚାରଧାରା ବା ଆଦର୍ଶ ଅନୁସାରେ ଗଢ଼ିଉଠିଛି । ବୈଦିକ ଓ ଉପନିଷଦୀୟ ଯୁଗରେ ମୁଖ୍ୟତଃ ମୁନିଋଷିମାନଙ୍କର ବିଚାରଧାରା ବା ଆଦର୍ଶଟି ସମାଜ ଓ ଜୀବନ-ଧାରାକୁ ପ୍ରଭାବିତ କରୁଥିଲା । ସେତେବେଳେ ମନୁଷ୍ୟର ଜୀବନକୁ ଚାରୋଟି ଆଶ୍ରମରେ ବିଭକ୍ତ କରାଯାଇଥିଲା । ଯଥା– ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଯତିବ୍ରତ । ବ୍ରହ୍ମଚର୍ଯ୍ୟ ଆଶ୍ରମରେ ପ୍ରାୟ ୭ ବର୍ଷ ବୟସରୁ ଜଣେ ଶିଶୁ ଗୁରୁକୁଳରେ ରହି ବିଦ୍ୟା ଅର୍ଜନ କରୁଥିଲା । ତାକୁ ୨୫ ବର୍ଷ ହେବା ପର୍ଯ୍ୟନ୍ତ କିଂବା ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ଗୁରୁକୁଳରେ ରହିବାକୁ ପଡୁଥିଲା । ଏହି ଗୁରୁକୁଳଟି ଜନପଦର ବାହାରେ ପ୍ରକୃତିର ମନୋରମ ପରିବେଶ ମଧ୍ୟରେ ଗଢ଼ି ଉଠିଥିଲା । ସତ୍ୟଦ୍ରଷ୍ଟା, ମହାନ୍ ତପସ୍ୱୀମାନଙ୍କ ଆଶ୍ରମରେ ରହି ବିଦ୍ୟାଶିକ୍ଷା କରିବାକୁ ପଡୁଥିଲା । ଜୀବନର ଲକ୍ଷ୍ୟ ଥିଲା ଆତ୍ମ-ଉପଲବ୍ଧି । ତେଣୁ ଆତ୍ମ-ଶିକ୍ଷା ଥିଲା ମୁଖ୍ୟ ଶିକ୍ଷା । ପରା ଓ ଅପରା ବିଦ୍ୟାର ଅଧିକାରୀ ହେବା ଥିଲା ଗୁରୁକୁଳ ଶିକ୍ଷାର ବିଶେଷତ୍ୱ । ବ୍ରାହ୍ମମୁହୂର୍ତ୍ତ (ପ୍ରାତଃ ୪ ଘଟିକା)ଠାରୁ ଜୀବନଚର୍ଯ୍ୟା ଆରମ୍ଭ ହେଉଥିଲା ।

କୌଣସି ନିର୍ଦ୍ଦିଷ୍ଟ ପୁସ୍ତକ ନଥିଲା କି ପାଠ୍ୟଖସଡ଼ା ମଧ୍ୟ ନଥିଲା । ଗୁରୁଙ୍କର ମୁଖନିଃସୃତ ବାଣୀ ବା ଉପଦେଶ ଥିଲା ପାଠ୍ୟ ବିଷୟ । ଶ୍ରବଣ, ମନନ, ନିଦିଧ୍ୟାସନ ଥିଲା ଶିକ୍ଷାର ପଦ୍ଧତି । ଆତ୍ମ-ସମୀକ୍ଷା ବା ଆତ୍ମ-ଅନୁଶାସନ ଥିଲା କୌଶଳ ଯଦ୍ୱାରା ଶିଷ୍ୟଟି ନିଜର ଜୀବନକୁ ସୁସଙ୍ଗଠିତ କରିବା ସହ ଏକ ଉଚ୍ଚ ଚେତନାର ଅଧିକାରୀ ହୋଇ ପାରୁଥିଲା । ଗୃହକାର୍ଯ୍ୟ, କୃଷି, ପଶୁପାଳନ, ଯଜ୍ଞାନୁଷ୍ଠାନ ଏବଂ ସମିଧ, ଫୁଲ, ଫଳ, ଶସ୍ୟ ସଂଗ୍ରହ ସହ ଭିକ୍ଷା କରିବା ଥିଲା ଦୈନନ୍ଦିନ କାର୍ଯ୍ୟ । ଆତ୍ମ ବିଦ୍ୟା ସହ ଶିଳ୍ପ ବିଦ୍ୟା, ଭେଷଜ ବିଦ୍ୟା, ଅସ୍ତ୍ର ବିଦ୍ୟା, ଧନୁର୍ବିଦ୍ୟା ସହ ନାନା ବୃତ୍ତିଗତ ବିଦ୍ୟା ମଧ୍ୟ ଶିକ୍ଷା ଦିଆଯାଉଥିଲା । ବ୍ୟକ୍ତିଗତ ଅଭୀପ୍ସା ଥିଲା—

''ଅସତୋ ମା ସଦ୍ ଗମୟ ।
ତମସୋ ମା ଜ୍ୟୋତିର୍ଗମୟ ।
ମୃତ୍ୟୋର୍ମାଽମୃତଂ ଗମୟ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥''

ସାମୂହିକ ପ୍ରାର୍ଥନା ଥିଲା —

''ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାଗ୍ ଭବେତ୍ ॥''

ଏଥି ସହ 'ଶାନ୍ତି' ମନ୍ତ୍ର ମଧ୍ୟ ଗାନ କରାଯାଉଥିଲା । ସମଗ୍ର ଜଗତ୍ ତଥା ମାନବ ସମାଜର କଲ୍ୟାଣ ପାଇଁ ନିରନ୍ତର ପ୍ରାର୍ଥନା କରାଯାଉଥିଲା । 'ଆତ୍ମାନାମ୍ ବିଦ୍ଧି' ସହିତ 'ବସୁଧୈବ କୁଟୁମ୍ବକମ୍' ଥିଲା ଶିକ୍ଷାର ଉଦ୍ଦେଶ୍ୟ । ପ୍ରଣିପାତ, ପରିପ୍ରଶ୍ନ ଓ ସେବା ଥିଲା ଶିକ୍ଷାର ବିଧି । ସତ୍ୟ ଓ ଜ୍ଞାନ ପ୍ରତି ଶ୍ରଦ୍ଧା ବା ଅନୁରାଗହିଁ ଶିକ୍ଷାର ମୂଳମନ୍ତ୍ର ଥିଲା ।

(କ୍ରମଶଃ)

❑❑❑

---

*(ପୃଷ୍ଠା ୩୩ ର ଅବଶିଷ୍ଟାଂଶ)*

'ଅହଲ୍ୟାବାଈ ହୋଲ୍‌କର ଉଦ୍ୟାନ' ଏବଂ ସହରର ଏକ ରାସ୍ତା ମଧ୍ୟ ତାଙ୍କ ନାମରେ ନାମିତ କରାଯାଇଛି ।

ମଧ୍ୟପ୍ରଦେଶର ଇନ୍ଦୋର ବିଶ୍ୱବିଦ୍ୟାଳୟର ନାମ 'ଦେବୀ ଅହଲ୍ୟାବାଈ ବିଶ୍ୱବିଦ୍ୟାଳୟ' ଏବଂ ମହାରାଷ୍ଟ୍ରର ସୋଲାପୁରରେ ''ପୁଣ୍ୟଶ୍ଳୋକ ଅହଲ୍ୟା ଦେବୀ ହୋଲ୍‌କର ସୋଲାପୁର ବିଶ୍ୱବିଦ୍ୟାଳୟ'' ଭାବରେ ପ୍ରତିଷ୍ଠା କରାଯାଇଛି ।

୨୦୦୬ ମସିହାରେ ପାର୍ଲାମେଣ୍ଟ୍ ଲାଇବ୍ରେରି ବିଲ୍‌ଡିଂରେ ଅହଲ୍ୟାବାଈ ହୋଲ୍‌କରଙ୍କର ଏକ ପ୍ରତିମୂର୍ତ୍ତି ଉପରାଷ୍ଟ୍ରପତି ଭୈରୋ ସିଂ ଶେଖାୱତ୍ ଉନ୍ମୋଚନ କରିଥିଲେ ।

ପ୍ରାକ୍ତନ ଲୋକସଭା ବାଚସ୍ପତି ସୁମିତ୍ରା ମହାଜନ ରାଣୀଙ୍କ ଜୀବନୀ ଉପରେ ଏକ ପୁସ୍ତକ ରଚନା କରିଛନ୍ତି, ଯାହାର ନାମ 'ମାତୋଶ୍ରୀ' ।

୨୦୧୬ ମସିହାରେ ଟି. ଭି. କଲର୍‌ସର ମରାଠୀ ଚାନେଲ୍‌ରେ 'ପୁଣ୍ୟଶ୍ଳୋକ ଅହଲ୍ୟାବାଈ' ପ୍ରଦର୍ଶିତ ହୋଇଥିଲା ।

୨୦୨୧ ମସିହାରେ 'ସୋନି' ଚାନେଲ୍‌ରେ ଧାରାବାହିକ 'ପୁଣ୍ୟଶ୍ଳୋକ ଅହଲ୍ୟାବାଈ' ମଧ୍ୟ ପ୍ରଦର୍ଶିତ ହୋଇଥିଲା ।

ଏହି ଉଦାର, ମହାନୁଭବ, ଦକ୍ଷ ଓ ସଚ୍ଚ ଶାସକ ଏବଂ ଦାର୍ଶନିକ ରାଣୀ ପୁଣ୍ୟଶ୍ଳୋକା ଅହଲ୍ୟାବାଈଙ୍କ ସମ୍ମୁଖରେ ଏ କୃତଜ୍ଞ ଜାତି ମଥାନତ କରି ରହିଛି ଓ ରହିଥିବ ଯୁଗ ଯୁଗ ଧରି । ଏହି ଐଶ୍ୱରୀ ଶକ୍ତିସମ୍ପନ୍ନା ଦେବୀ ଅହଲ୍ୟାବାଈଙ୍କ ଉଦ୍ଦେଶ୍ୟରେ ସହସ୍ର ବାର ଭକ୍ତିଭରା ପ୍ରଣାମ ।

❑❑❑

ନିଜସ୍ୱ ଧାରାରେ ସ୍ୱାଧୀନ ଭାବେ ସତ୍ୟର ଅନୁସନ୍ଧାନ କରିବା ଓ ସ୍ୱାଧୀନ ଭାବେ ତା'ର ନିକଟବର୍ତ୍ତୀ ହେବା ହେଉଛି ଜଣେ ବ୍ୟକ୍ତିର ଅଧିକାର । କିନ୍ତୁ ପ୍ରତ୍ୟେକେ ଏକଥା ଜାଣିବା ଉଚିତ ଯେ ତା'ର ନିଜର ଆବିଷ୍କାର କେବଳ ତା' ନିଜ ପାଇଁ ଉତ୍ତମ ଓ ଏହା ଅନ୍ୟମାନଙ୍କ ଉପରେ ଆରୋପ କରାଯିବା ଉଚିତ ନୁହେଁ ।

— ଶ୍ରୀମା

# ପ୍ରାଗୈତିହାସିକ ସ୍ମୃତି ଓ ସଂସ୍କାର !

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ପ୍ରାଗୈତିହାସିକ ସ୍ମୃତି ଓ ସଂସ୍କାର !**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ଆକାରର ବିଶାଳତା କେମିତି ଆମକୁ ପ୍ରଭାବିତ କରେ, ସେକଥା ଦୃଷ୍ଟାନ୍ତ ସହକାରେ ଗତଥର ଆଲୋଚିତ ହୋଇଥିଲା । କୁହାଯାଇଥିଲା ଯେ ତାହା ଆମର ଏକ ଅପରିପକ୍ୱତା । ଆମର ବୁଦ୍ଧିର ବିକାଶ ଯଥେଷ୍ଟ ହେଲେ ମଧ୍ୟ ଏଭଳି ଦୁର୍ବଳତା ଆମ ଅବଚେତନରେ ଥାଇ ଆମ ଆଚରଣକୁ ପ୍ରଭାବିତ କରୁଥାଏ ।

ଆକାରର ବିଶାଳତାଜନିତ ସଙ୍କୋଚ ବା ଭୟ ତୁଳନାରେ ବହୁ ଅଧିକ ନିନ୍ଦନୀୟ ଏକ ଦୁର୍ବଳତା ହେଲା କଳା ବର୍ଣ୍ଣ ପ୍ରତି ଆମର ବିତୃଷ୍ଣା । ଏହା ଲଜ୍ଜାଜନକ, କାରଣ ଏହା ମୂଳରେ ରହିଛି ପ୍ରାଗୈତିହାସିକ ଯୁଗରେ ଅନ୍ଧକାର ପ୍ରତି ମଣିଷର ଭୟ ଏବଂ ତଜ୍ଜନିତ ଆତଙ୍କ । ସୌନ୍ଦର୍ଯ୍ୟର ଅଭିବ୍ୟକ୍ତିରେ ପ୍ରତି ବର୍ଣ୍ଣର ଭୂମିକା ରହିଛି । କୌଣସି ବର୍ଣ୍ଣ ବା ରଙ୍ଗ ପ୍ରକୃତରେ କମ୍ ମୂଲ୍ୟବାନ୍ ନୁହେଁ । ମଣିଷଟିଏ ରଙ୍ଗରେ କଳା ହୋଇଥିଲେ ତାହା ପ୍ରତି କମ୍ ଆକର୍ଷଣ ବା ବିତୃଷ୍ଣା ଭାବ ଜଣଙ୍କର ରୁଚିଗତ ସଂସ୍କାର ହୋଇପାରେ, କିନ୍ତୁ ସେଭଳି ରୁଚି ବିକଶିତ ଚେତନାର ପରିଚୟ ନୁହେଁ ।

ଏହି ଅସଂସ୍କୃତ ରୁଚିବୋଧକୁ ସାମ୍ପ୍ରତିକ ବଣିକ ସଭ୍ୟତା ଉତ୍ସାହ ପ୍ରଦାନ କରି ଚାଲିଛି । ନାରୀମାନେ ନିଜ ବର୍ଣ୍ଣକୁ ସଫେଦ କରିବା ଆକାଙ୍କ୍ଷାରେ ବ୍ୟବହାର କରିବା ନିମନ୍ତେ ପ୍ରସାଧନର ବିଜ୍ଞାପନ କମ୍ ନୁହେଁ । ପୁରୁଷ-ଅଧ୍ୟୁଷିତ ସମାଜରେ ଏହା ସମ୍ଭବ ହେବା ସ୍ୱାଭାବିକ, କିନ୍ତୁ ଏହା ପୁରୁଷମାନଙ୍କ ରୁଚିଗତ ପରିପକ୍ୱତାର ପରିଚୟ ନୁହେଁ କି ଏଭଳି ବିଜ୍ଞାପନ ପ୍ରତି ଆକୃଷ୍ଟ ହୋଇ ନିଜ ବର୍ଣ୍ଣ ପରିବର୍ତ୍ତନ ନିମନ୍ତେ ଲାଳାୟିତ ହେବା ନାରୀମାନଙ୍କ ଆତ୍ମସମ୍ମାନର ପରିଚୟ ନୁହେଁ । ଅର୍ଥାତ୍ ଏହା ଖାଲି ନାରୀମାନଙ୍କ ପ୍ରତି ନୁହେଁ, ଏହା ମାନବତା ପ୍ରତି ଅପମାନ ।

ଏଭଳି ମନୋଭାବ ଆମ ଦୃଷ୍ଟିକୋଣର ସ୍ଥୂଳତାର ପ୍ରମାଣ । ରୂପ ବା ଚେହେରା ଚରିତ୍ରର ପ୍ରତିଫଳନ ନୁହେଁ, ଏକଥା ତତ୍ତ୍ୱଗତ ଭାବରେ ନଜାଣେ କିଏ ? ଅଥଚ ସେହି ରୂପ ବା ଚେହେରାର ଏକ ଉପାଦାନ ଦେହର ରଙ୍ଗ ଆମ ପସନ୍ଦ ଅପସନ୍ଦକୁ ନିୟନ୍ତ୍ରଣ କରିବାକୁ ଆମେ ସ୍ୱାଭାବିକ ବୋଲି ଧରି ନେଉ । ଏହା ଆମ ପାଇଁ ଗୌରବଜନକ କଥା ନୁହେଁ ।

ସଂସ୍କାର ଆମ ରୁଚିବୋଧ ଏବଂ ଦୃଷ୍ଟିକୋଣକୁ କେତେ ମାତ୍ରାରେ ବିକଳ କରିପାରେ, ଏହା ତା'ର ଏକ ଦୃଷ୍ଟାନ୍ତ । ଅବଚେତନର ଅନ୍ଧକାର ପ୍ରତି ପ୍ରାଗୈତିହାସିକ ଭୟ ସହିତ ମିଶି ଯାଇଛି ବହୁ ପୁରୁଷର ଗୋଟାଏ ଅଜ୍ଞାନ ସଂସ୍କାର । ଏହି

ଦୁର୍ଭାଗ୍ୟଜନକ ସମନ୍ୱୟହିଁ କଳା ପରିବର୍ତ୍ତେ ଗୋରା ଚମ ପ୍ରତି ଆମ ଆକର୍ଷଣର ହେତୁ ।

ଏକ ଗହନ ସତ୍ୟ ହେଲା, ଆପଣ ଯଦି ଏହି ବିକଳ ରୁଚିବୋଧରୁ ଉତ୍ତୀର୍ଣ୍ଣ ହୋଇ ପାରିବେ, ଆପଣଙ୍କ ଚେତନାରେ ବିପୁଳ ପ୍ରଗତି ସାଧିତ ହୋଇପାରିବ । କାରଣ, ମାନସିକ ଗଠନର ଯେଉଁ ପର୍ଯ୍ୟାୟରେ ଏହି ରୁଚିବୋଧର ସ୍ଥିତି, ସେହି ପର୍ଯ୍ୟାୟର ସବୁ ଅପୂର୍ଣ୍ଣତା ଆପଣ ଅତିକ୍ରମ କରିଯିବେ । ଆପଣ ଅନୁଭବ କରିବେ ଆପଣଙ୍କ ଦୃଷ୍ଟିକୋଣରେ ଏକ ପ୍ରକାର ମୁକ୍ତିର ଶିହରଣ । ଅନୁଭବ ମାଧ୍ୟମରେହିଁ ଆପଣ ଏହା ହୃଦୟଙ୍ଗମ କରିବେ ।

ବଙ୍ଗଳାର ଲୋକ-ଯାତ୍ରାରେ ରହିଛି ଗୋଟିଏ ସୁନ୍ଦର ସଂଳାପ । ରାଧାଙ୍କୁ ତାଙ୍କ ସଖୀମାନେ କହୁଛନ୍ତି ଯେ, କୃଷ୍ଣ ଗୋଟାଏ କଳା ତରୁଣ । ତା' ପ୍ରତି ତୋ'ର ଏଡ଼େ ଆକର୍ଷଣ କେମିତି ସମ୍ଭବ ହେଲା ?

ରାଧାଙ୍କ ଉତ୍ତର : ''କଳା ଯଦି ମନ୍ଦ, ତେବେ କେଶ ଧଳା ହୋଇ ଗଲେ ଲୋକେ ବ୍ୟଥିତ ହୁଅନ୍ତି କାହିଁକି ?''

('ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ'ରୁ ସଂଗୃହୀତ, ପୃଷ୍ଠା. ୬୨-୬୪)

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଅମୃତ
## (୧)

ପଣ୍ଡିଚେରୀର ଉତ୍ତର-ପଶ୍ଚିମ ଦିଗରେ ପ୍ରାୟ ପନ୍ଦର କିଲୋମିଟର ଦୂରସ୍ଥ କଲ୍‌ଲୁପୁରମ୍ବକମ୍ ଗ୍ରାମରେ ଏକ କୁଳୀନ ବ୍ରାହ୍ମଣ ଆୟେଙ୍ଗାର ବଂଶରେ ୧୮୯୫ ମସିହା ସେପ୍‌ଟେମ୍ବର ୧୯ ତାରିଖରେ ଜନ୍ମ ନେଇଥିଲେ ଅରଭମୁଦାଚାରୀ । ପିତା ଶ୍ରୀ ରାଜଗୋପାଳାଚାରୀ ଥିଲେ ଜଣେ ସ୍ୱନାମଧନ୍ୟ ଗ୍ରାମ୍ୟ ମୁନ୍‌ସିଫ୍ ଏବଂ କକା ଥିଲେ ଜଣେ ସ୍ୱଦେଶପ୍ରେମୀ ।

ପରବର୍ତ୍ତୀ କାଳରେ ଅରଭମୁଦାଚାରୀ ନିଜର ପଢ଼ା ଶେଷ କରି ୧୯୧୯ ମସିହାରେ ଶ୍ରୀଅରବିନ୍ଦଙ୍କ ସହ ବାସ କରି ହୋଇ ଉଠିଥିଲେ 'ଅମୃତ' ।

୧୯୧୦ ମସିହା ଏପ୍ରିଲ ୪ ତାରିଖରେ ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀ ଆଗମନର ଗୁପ୍ତ ଖବର ପଣ୍ଡିଚେରୀରେ ଯେଉଁ ମୁଷ୍ଟିମେୟ ବ୍ୟକ୍ତି, କହିବାକୁ ଗଲେ ଯେଉଁ ଚାରି, ପାଞ୍ଚ ଜଣ ସ୍ୱଦେଶପ୍ରେମୀ ବ୍ୟକ୍ତି ପ୍ରଥମ ଦିନରୁ ଜାଣିଥିଲେ ଓ ଯେଉଁମାନେ ଶଙ୍କର ଚେଟ୍ଟୀଙ୍କ ବାସଭବନର ତୃତୀୟ ମହଲାରେ ଶ୍ରୀଅରବିନ୍ଦଙ୍କୁ ପ୍ରଥମ ଆଗମନୀ ସମ୍ଭାଷଣ ଜଣାଇଥିଲେ ତନ୍ମଧ୍ୟରେ ଅମୃତଙ୍କର କକା ଥିଲେ ଅନ୍ୟତମ । ଏହି କକାଙ୍କ ମାଧ୍ୟମରେହିଁ ବାଳକ ଅମୃତ ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀ ଆଗମନର ତୃତୀୟ ଦିନରେହିଁ ଖବରଟି ଜାଣି ପାରିଥିଲେ ।

ପିଲାଦିନୁ ଭାରତର ସ୍ୱାଧୀନତା ଆନ୍ଦୋଳନର ପୁରୋଧା କର୍ମୀ ହିସାବରେ ସେତେବେଳେ ଯେଉଁ ଚାରି ଜଣଙ୍କ ନାମକୁ ଅମୃତ ଶୁଣିବାକୁ ପାଉଥିଲେ (ଲାଲ୍-ବାଲ୍-ପାଲ୍ ଓ ଅରବିନ୍ଦ ଘୋଷ) ତନ୍ମଧ୍ୟରୁ କେବଳ ଗୋଟିଏ ମାତ୍ର ନାମ ତାଙ୍କର କୋମଳ ହୃଦୟକୁ ଅଧିକାର କରି ବସିଥିଲା ଏବଂ ତାଙ୍କ ହୃଦୟତନ୍ତ୍ରୀରେ ଉକ୍ତ ନାମଟି ସଦାବେଳେ ଅନୁରଣିତ ହେଉଥିଲା — 'ଅରବିନ୍ଦ' । ୧୯୧୦ରେ ତାଙ୍କର ଅନ୍ତର ଖୋଜି ବୁଲିଲା ହୃଦୟ-ଦେବତାଙ୍କ ସହ ଚିର ସାନ୍ନିଧ୍ୟ ।

ସେହି ମିଳନ ମୁହୂର୍ତ୍ତ ଆସିଲା ୧୯୧୩ ମସିହାରେ । ପ୍ରଥମ ସାକ୍ଷାତରେ ଗୁରୁଙ୍କୁ ପଶ୍ଚାତରୁ କେବଳ ତାଙ୍କର ପଦଯୁଗଳ ଦର୍ଶନ କରିବା ମୁହୂର୍ତ୍ତଠାରୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ମୁହୂର୍ତ୍ତେ ମାତ୍ର ତାଙ୍କୁ ଭୁଲି ପାରି ନାହାନ୍ତି । ଏହାହିଁ ଥିଲା ଜୀବନଭରି ଗୁରୁଙ୍କ ସହିତ ନିବିଡ଼ ସମ୍ପର୍କର ଅୟମାରମ୍ଭ । ଯୁଗେ ଯୁଗେ ଅବତାରଙ୍କର ପାର୍ଶଦ ସ୍ୱରୂପ ଅମୃତ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ସେବା ସଦା-ଜାଗ୍ରତ ରହି ଅକପଟ ଭାବରେ କରି ଯାଇଛନ୍ତି ।

ପ୍ରକାଶ ଥାଉକି, ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀ ଆଗମନର ପରେ ପରେ ତତ୍କାଳୀନ ସ୍ୱନାମଧନ୍ୟ ସ୍ୱଦେଶପ୍ରେମୀମାନଙ୍କ ସମେତ ଯେଉଁ କେତେ ଜଣ ତାମିଲ ବ୍ୟକ୍ତି ତାଙ୍କ ପ୍ରତି ଆକୃଷ୍ଟ ହୋଇ ବେଶ୍ କିଛି ବର୍ଷ ତାଙ୍କ ସଂସ୍ପର୍ଶରେ ରହିଥିଲେ, ସେମାନଙ୍କ ଭିତରେ ଅମୃତ କନିଷ୍ଠ କହିଲେ ଅତ୍ୟୁକ୍ତି ହେବ ନାହିଁ ଏବଂ ସେସମସ୍ତଙ୍କ ମଧ୍ୟରୁ କେବଳ ଅମୃତହିଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଗୁରୁଙ୍କ ସାନ୍ନିଧ୍ୟରେ ତାଙ୍କ ଆଶ୍ରମର ଅନ୍ତେବାସୀ ରୂପେ ଜୀବନ ବିତାଇ ଥିଲେ । କେବଳ ସେତିକି ନୁହେଁ, ନିଜକୁ ପ୍ରଭୁଙ୍କ ଚରଣରେ ସମ୍ପୂର୍ଣ୍ଣ ସମର୍ପଣ କରି ଏକ ଅହଂଶୂନ୍ୟ ଦିବ୍ୟକର୍ମୀ ଭାବରେ ସେ ଏକ ଅସାଧାରଣ ଆଦର୍ଶ ଦେଖାଇ ଯାଇଛନ୍ତି ।

ଅମୃତ ଥିଲେ ଆଶ୍ରମର ଜଣେ ଟ୍ରଷ୍ଟି ଏବଂ ଜେନେରାଲ ମ୍ୟାନେଜର । ଶ୍ରୀମା ଅମୃତଙ୍କର ୪୪ବର୍ଷ (୧୯୧୪ ରୁ ୧୯୫୮)ର କର୍ତ୍ତବ୍ୟ-ସାଧନାରେ ଅତ୍ୟନ୍ତ ପ୍ରୀତ ହୋଇ ତାଙ୍କୁ ଲେଖିଥିଲେ,

''After 44 years of faithful service, I greet you at the threshold of Realisation, with love and confidence.''

(''୪୪ ବର୍ଷର ଭକ୍ତିପୂର୍ଣ୍ଣ ବିଶ୍ୱାସଯୋଗ୍ୟ ସେବାର ପୂର୍ତ୍ତି ଦିବସରେ ମୁଁ ତୁମକୁ ପୂର୍ଣ୍ଣସିଦ୍ଧିର ଦ୍ୱାରଦେଶରେ ଅଭିନନ୍ଦନ ଜଣାଉଛି, ମୋର ପ୍ରେମ ଓ ଦୃଢ଼ବିଶ୍ୱାସ ସହିତ ।'')

ଅମୃତଙ୍କ ଶରୀରତ୍ୟାଗ ପରେ ତାଙ୍କ ସ୍ଥାନ କିଏ ପୂରଣ କରିବ — ଏ ବିଷୟ ନେଇ କେତେକ ସାଧକ ଯେତେବେଳେ ଶ୍ରୀମା'ଙ୍କୁ ପଚାରିଲେ, ଶ୍ରୀମା କହିଲେ : ''ଅମୃତ ହେଉଛନ୍ତି ଆଶ୍ରମର ପ୍ରଥମ ଓ ଶେଷ ମ୍ୟାନେଜର ।''

ଅମୃତ ୧୯୬୯ ମସିହା ଜାନୁୟାରୀ ୩୧ ତାରିଖ, ଶୁକ୍ରବାର, ରାତି ୮ଟା ୪୦ମି.ରେ ୭୪ ବର୍ଷ ବୟସରେ ଆଶ୍ରମରେହିଁ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଶ୍ରୀମା ଏହି ମର୍ମରେ

ମନ୍ତବ୍ୟ ଦେଇଥିଲେ : ''ଅମୃତକୁ ପଚାଶ ବର୍ଷ ବେଳେ ତା'ର ଆତ୍ମା ଶରୀର ଛାଡ଼ି ନିଜ ଧାମକୁ ବାହୁଡ଼ି ଯିବାକୁ ଚାହିଁଥିଲା, କିନ୍ତୁ ମୁଁ ତାକୁ ମୋ ନିଜର ଦିବ୍ୟକର୍ମରେ ନିଯୁକ୍ତ ରଖିବା ପାଇଁ ତା'ର ସେହି ତିରୋଧାନର ଗତିରୋଧ କରି ଆହୁରି ଚବିଶ ବର୍ଷ ଅଧିକ ବଢ଼ାଇ ଦେଇଥିଲି ।''

୧୭ ମେ, ୧୯୬୯ରେ ଶ୍ରୀମା କଥା ପ୍ରସଙ୍ଗରେ ଅମୃତଙ୍କ ସମ୍ବନ୍ଧେ କହିବାକୁ ଯାଇ ଏହି ମର୍ମରେ କହିଥିଲେ : ''ଅମୃତ ତା'ର ଶରୀରର ଅସୁସ୍ଥତା ସତ୍ତ୍ୱେ ପ୍ରତିଦିନ ପାହାଚ ଚଢ଼ି ମୋତେ ସାକ୍ଷାତ୍ କରିବାକୁ ଆସୁଥିଲା । ସକାଳେ ଥରେ ଏବଂ ସନ୍ଧ୍ୟାରେ ଥରେ; ଏବଂ ସେ ଆସି ତା' ପାଇଁ ଉଦ୍ଦିଷ୍ଟ ସ୍ଥାନରେ ବସୁଥିଲା । ତୁମେ ଦେଖିଥିବ ପାହାଚ ଚଢ଼ିବା ପାଇଁ ତାକୁ କେତେ ପରିଶ୍ରମ କରିବାକୁ ପଡୁ ନଥିଲା । ପରେ ଡାକ୍ତର ତାକୁ କହିଥିଲେ, 'ମାସକ ପାଇଁ ଆପଣ ପାହାଚ ଚଢ଼ିବା ବନ୍ଦ ରଖନ୍ତୁ ।' ସେ କିନ୍ତୁ ଡାକ୍ତରଙ୍କ କଥା ଗ୍ରହଣ ନକରି ମୋ ପାଖକୁ ଦିନବେଳେ କେବଳ ଆସୁଥିଲା । ତା'ପରେ ସେ ଯେତେବେଳେ ଶରୀର ତ୍ୟାଗ କଲା, ସେ ସିଧା ସିଧା ମୋ ପାଖକୁ ଚାଲି ଆସିଲା । ସେ କିନ୍ତୁ ନିଜ ସହିତ, 'ନିଜର ଶାରୀରିକ ଆକାର ସହିତ', ମୋ ପାଖକୁ ଆସିଲା; କିନ୍ତୁ ଅଧିକ ସୂକ୍ଷ୍ମ, ଏକେବାରେ ସ୍ପଷ୍ଟ, କିନ୍ତୁ (ଶ୍ରୀମା ହାତରେ ଡ୍ରଇଂ କରି ଅମୃତଙ୍କର ଶାରୀରିକ ଆକାରର ସୀମାରେଖା ଟାଣି କହିଲେ) ତା' ନିଜ ଆକାରର ବେଶ୍ ସାମଞ୍ଜସ୍ୟ ରକ୍ଷା କରି, ଏହିଠାରେ ଆସି ରହିଲା, କେତେବେଳେ ସକ୍ରିୟ, କେତେବେଳେ ବିଶ୍ରାମରତ (ବେଶୀ ଭାଗ ବିଶ୍ରାମରତ, କିନ୍ତୁ ସମୟ ସମୟରେ ପୁଣି ସକ୍ରିୟ) । ସେ ଏକ ... ଏକ ଛାୟା ଭଳି, ବୁଝି ପାରୁଛ, ମୋ ପରିବେଶରେ ପୂରାମାତ୍ରାରେ ରହିଛି, ବିଶ୍ରାମ ନେଇଛି ।''

ପରେ ପବିତ୍ରଙ୍କର ତିରୋଧାନ ପରେ ଶ୍ରୀମା ଏହି ଦୁଇ ଜଣଙ୍କ ସମ୍ବନ୍ଧେ କହିବାକୁ ଯାଇ ଅମୃତଙ୍କ ସମ୍ବନ୍ଧେ କହିଥିଲେ, ''... ବାରଂବାର ଅମୃତ ତା'ର ସୂକ୍ଷ୍ମଶରୀରରୁ ବାହାରି ଆସି ମୋ ସାମନାରେ ବସେ ଯେତେବେଳେ ମୁଁ କୌଣସି ବ୍ୟକ୍ତି ସହିତ ସାକ୍ଷାତ୍ କରୁଥାଏ । ଅମୃତ ଏବଂ ପବିତ୍ର ଦୁଇଜଣଯାକ ମୋ ଭିତରେହିଁ ରହିଛନ୍ତି ।''

ଥରେ ତାଙ୍କ ଜନ୍ମଦିନ ୧୯.୦୯.୧୯୪୯ରେ ଅମୃତ ଶ୍ରୀମା'ଙ୍କୁ ପଚାରିଲେ : ''ମା, ତୁମେ ମୋତେ ଗତ ଦଶ ବର୍ଷ ଧରି କହି ଆସୁଛ ଯେ ମୁଁ ଜଣେ ବ୍ରାହ୍ମଣ । କିନ୍ତୁ କେଉଁ ଅର୍ଥରେ ମୁଁ ଜଣେ ବ୍ରାହ୍ମଣ ? ମୁଁ ତ ଜଣେ ବ୍ରାହ୍ମଣର କୌଣସି ଚିହ୍ନ ବର୍ଣ୍ଣ ମୋ'ଠାରେ ରଖି ନାହିଁ !'' ଶ୍ରୀମା ଏକଥା ଶୁଣି ତାଙ୍କୁ ଖୁବ୍ ଜୋର୍ ଦେଇ କହିଲେ : ''ମୁଁ ତୋତେ କହୁଛି, ତୁ ଜଣେ ବ୍ରାହ୍ମଣ ଅଟୁ ଏବଂ ଏହା ଏକେବାରେ ସତ୍ୟ ।''

ଶାରୀରିକ ଗଠନ ଦୃଷ୍ଟିରୁ ସେ ଦେଖିବାକୁ ଜଣେ ଦାକ୍ଷିଣାତ୍ୟ ବ୍ରାହ୍ମଣ ସଦୃଶ । ଉଜ୍ଜ୍ୱଳ ଶ୍ୟାମଳ ବର୍ଣ୍ଣର ଶରୀର, ମଧ୍ୟମ ଉଚ୍ଚତା, ଭାବଗମ୍ଭୀର ମୁଖମଣ୍ଡଳ, ଉଜ୍ଜ୍ୱଳ ଲଲାଟ, ଶୁଭ୍ର ବସ୍ତ୍ର(ଧୋତି ଓ ଗେଞ୍ଜି)ପରିହିତ ହାସ୍ୟପ୍ରିୟ ବ୍ରହ୍ମଚାରୀ ।

ଆଶ୍ରମର ବେତନଧାରୀ ସେବାକାରୀଙ୍କର ବୁଝାମଣା କରିବା ବିଭାଗର ନାମ ଥିଲା, 'ପଦ୍ମାସିନୀ ବିଭାଗ' । ଅମୃତ ପଦ୍ମାସିନୀଙ୍କ ସହିତ ଏହି ବିଭାଗର ମୁଖ୍ୟ ହିସାବରେ ଦେଖାଶୁଣା କରୁଥିଲେ । ଅମୃତଙ୍କ ଶରୀର ତ୍ୟାଗ ପରେ ସେହି ବିଭାଗର କର୍ମୀମାନେ ଯେତେବେଳେ ଶୁଣିଲେ ଯେ ତାଙ୍କ ମରଶରୀରକୁ ଦାହ କରାଯିବ, ସେତେବେଳେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ସ୍ୱରୂପ ସେମାନେ ଆଶ୍ରମ ଟ୍ରଷ୍ଟିମାନଙ୍କ ମାଧ୍ୟମରେ ଶ୍ରୀମା'ଙ୍କୁ ଏକ ନିବେଦନ ପତ୍ରରେ ଏହି ମର୍ମରେ ଲେଖିଲେ ଯେ ଆମର ପରମ୍ପରାନୁଯାୟୀ ବଡ଼ ବଡ଼ ମୁନି, ଋଷି ବା ଅନ୍ୟାନ୍ୟ ମହାନ୍ ଆତ୍ମାଗଣଙ୍କୁ ସମାଧିସ୍ଥ କରାଯାଏ । ଆମେ ଚାହୁଁ ଅମୃତଙ୍କୁ ସମାଧିସ୍ଥ କରାଯାଉ । ଶ୍ରୀମା ତାହାହିଁ କରିବାକୁ ଆଦେଶ ଦେଲେ ।

ଏକଦା ଅମୃତ ବନ୍ଧୁମାନଙ୍କ ସବିନୟ ଅନୁରୋଧରେ ଗୁରୁ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ବର୍ଣ୍ଣନା ଦେବାକୁ ଯାଇ କିଂକର୍ତ୍ତବ୍ୟବିମୂଢ଼ ହୋଇ କେବଳ ଏତିକି କହିଛନ୍ତି : ''ମୁଁ ଯେତେବେଳେ ତାଙ୍କ ସମ୍ମୁଖରେ ଯାଇ ଛିଡ଼ା ହେଉଥିଲି ବା ତାଙ୍କର ଅତି ନିକଟସ୍ଥ ହେଉଥିଲି, ମୋର ମନେ ହେଉଥିଲା ସତେ ଯେପରି ମୁହୂର୍ତ୍ତେ ମାତ୍ର କାଳବିଳମ୍ବ ନକରି ସେ ଅତି ସହଜରେ ତାଙ୍କର ଉତ୍ତୁଙ୍ଗ ଶିଖରରୁ ମୋ ସ୍ତରକୁ ଓହ୍ଲାଇ ଆସି ମୋ ସହିତ ଏକାକାର ହୋଇ ଯାଇଛନ୍ତି । ତଥାପି ମୋର ପ୍ରତ୍ୟେକ ଥର ଏହି ଅନୁଭବ ହେଉଥିଲା, ଯେପରି ମୁଁ ଏକ କୂଳବିହୀନ ଅନନ୍ତ ସମୁଦ୍ର ସମ୍ମୁଖରେ, ଦିଗନ୍ତବ୍ୟାପୀ ମହାଶୂନ୍ୟ ସମ୍ମୁଖରେ ଛିଡ଼ା ହୋଇଛି ଏବଂ ଯାହାକିଛି ବ୍ୟକ୍ତ ଏବଂ ଯାହା ଅବ୍ୟକ୍ତ ସେସବୁର ଉତ୍ସ ଏବଂ ଧାତ୍ରୀ, ଅସୀମଙ୍କର, ଭୂମା ପୁରୁଷଙ୍କର ସ୍ୱର୍ଶଲାଭର ଅନୁଭୂତି ଲାଭ କରୁଥିଲି ।

''ତଥାପି ଆଉ ଗୋଟିଏ କଥା । ଯଦିଓ ଆମ ସମ୍ମୁଖରେ ସେ ଠିକ୍ ଆମରି ପରି, ତଥାପି ଆମେ ଦେଖିପାରୁ ଏବଂ ଅନୁଭବ କରିପାରୁ ଯେ ତାଙ୍କରି ସାମୀପ୍ୟରେ, ତାଙ୍କରି

ଅପାର କରୁଣାରେ ଆମର ବ୍ୟକ୍ତିତ୍ୱର ଛାୟାମୂର୍ତ୍ତିଟି ଧୀରେ ଧୀରେ ଖସି ପଡୁଛି ଏବଂ ଆମର ଯଥାର୍ଥ ସତ୍ତାଟି ଦିବ୍ୟ ଆଲୋକ, ଶକ୍ତି ଓ ଆନନ୍ଦରେ ପ୍ଲାବିତ ହୋଇଉଠୁଛି । ଏହି ଅନୁଭୂତି ମୁଁ ଅତି ସ୍ପଷ୍ଟ ରୂପେ ଓ ନିଃସନ୍ଦେହ ଭାବରେ ଲାଭ କରିଛି ।''

ଅମୃତଙ୍କର ସାହିତ୍ୟ-ସୃଷ୍ଟିର ଧାରା ଥିଲା ଅତି ଅପୂର୍ବ । ନଳିନୀଙ୍କ ଭାଷାରେ : ''ଆମେ ଦୁହେଁ ନିତି ସନ୍ଧ୍ୟାରେ ସମୁଦ୍ରକୂଳକୁ ବୁଲିବାକୁ ଯାଉଥିଲୁ – ସମୁଦ୍ରକୁ ଲମ୍ବି ଯାଇଥିବା ଜେଟିର ଏକେବାରେ ଶେଷ ପ୍ରାନ୍ତରେ ଯାଇ ବସି ଗଳ୍ପ କରିବା ସହ ଧ୍ୟାନ ମଧ କରୁଥିଲୁ । ଦିନେ, ସାୟଂକାଳୀନ ସାନ୍ଦ୍ରାବସ୍ଥାରେ ଅମୃତ ଯେତେବେଳେ ନିସ୍ତବ୍ଧ ହୋଇ ବସିଥିଲେ, (ମୋତେ ଏସବୁ କଥା ସେ ପରେ କହିଥିଲେ) ଦୂର ଦିଗନ୍ତରୁ, ସମୁଦ୍ରର ଅନ୍ୟ ପାରିରୁ ସେ ଏକ କଣ୍ଠସ୍ୱର ଶୁଣିବାକୁ ପାଇଲେ – ସେ କଣ୍ଠସ୍ୱର କ୍ରମଶଃ ନିକଟତର ହେବାକୁ ଲାଗିଲା, ପ୍ରଥମେ କ୍ଷୀଣ ଓ ମୃଦୁ କିନ୍ତୁ ପରେ ସ୍ପଷ୍ଟ ଓ ଉଚ୍ଚସ୍ୱରରେ ଶୁଣାଗଲା । ମଧୁର ଉଚ୍ଚାରଣରେ ଛନ୍ଦୋବଦ୍ଧ ଧ୍ୱନି-କମ୍ପିତ ସେଇ ବାଣୀ ଯେମିତି ବାୟୁମଣ୍ଡଳରେ ଭାସି ଆସିଲା ତାଙ୍କ ପାଖକୁ । କିଏ ଯେମିତି ତାଙ୍କୁ ସମ୍ପୂର୍ଣ୍ଣ ଗୋଟିଏ କବିତା ଆବୃତ୍ତି କରି ଶୁଣାଇଲା । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତାହା ଶ୍ରବଣ କରି ଶୀଘ୍ର ଘରକୁ ଫେରିଆସି ସେ ସେଇଟିକୁ ଲେଖି ପକାଇଲେ । ଏହା ହେଉଛି ତାଙ୍କର ପ୍ରଥମ କବିତା ଯାହା ମାଧ୍ୟମରେ ସେ ତାଙ୍କର 'Visions and Voices' ବହିଟିକୁ ଆରମ୍ଭ କରିଥିଲେ ।

''ଏକଦା ଆମେ ଶ୍ରୀଅରବିନ୍ଦଙ୍କ ସହିତ ଏକତ୍ର ଟେବୁଲ ପାଖରେ ବସିଥିଲୁ (ଗେଷ୍ଟ ହାଉସ୍‌ରେ); ହଠାତ୍ ଅମୃତ କହିଲେ, ସେ ସେହି ବାଣୀ ଶୁଣି ପାରୁଛନ୍ତି । ତଳକୁ ଓହ୍ଲାଇ ଆସି ସେ ନିଜ ଘରେ ପ୍ରବେଶ କରି ଭିତରୁ ଦରଜା ବନ୍ଦ କରିଦେଲେ । କିଛିକ୍ଷଣ ପରେ ସମ୍ପୂର୍ଣ୍ଣ କବିତାଟିଏ ହାତରେ ଧରି ସେ ଫେରି ଆସିଲେ, ଆଉ କହିଲେ ଯେ ସେହି କବିତାରେ ଏପରି କେତେଟା ଶବ୍ଦ ଅଛି ଯାହାକି ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂତନ ଏବଂ ଯାହାର ଅର୍ଥ ସେ ନିଜେ ବି ଜାଣନ୍ତି ନାହିଁ । କିଛି ନୂତନ ଏକ ବହିଃପ୍ରକାଶ ସକାଶେ ତାଙ୍କର ମସ୍ତିଷ୍କ ହୋଇ ଉଠିଥିଲା ଏକ ଯନ୍ତ୍ର ମାତ୍ର ।

''ଶୂନ୍ୟବାଣୀ ଶ୍ରବଣ କରିବା ବ୍ୟତୀତ ସେ ପାଇଥିଲେ ଦୃଷ୍ଟି, ଅର୍ଥାତ୍ ବସ୍ତୁ ଓ ଘଟଣାରାଜିର ଛବିଗୁଡ଼ିକୁ ସେ ସିନେମା ପର୍ଦାରେ ଚଳଚ୍ଚିତ୍ର ପରି ଦେଖି ପାରୁଥିଲେ । ସେସବୁକୁ ପରେ ଯଥାସମ୍ଭବ ଅବିକଳ ସେ ଲିପିବଦ୍ଧ କରୁଥିଲେ । ତାଙ୍କର ଏକମାତ୍ର ଇଂରାଜୀ ପୁସ୍ତକରେ ସେ ସେହିସବୁ ରୂପଛବି କିଛି କିଛି ପ୍ରକାଶିତ କରିଛନ୍ତି । ...''

ଅମୃତଙ୍କର ପରିମିତ ସାହିତ୍ୟ-ସୃଷ୍ଟିରେ 'Hymn to the Mother of Radiances'ଟି ୧୯୨୭ ମସିହା, ଜାନୁଆରୀରେ ଲିଖିତ । ତାଙ୍କର ପାଣ୍ଡୁଲିପିଟିକୁ ଶ୍ରୀଅରବିନ୍ଦ ସଂଶୋଧନ କରି ତିନି ପଙ୍କ୍ତି ବିଶିଷ୍ଟ ସ୍ତୋତ୍ରାବଳୀରେ ସଜାଇ ଦେଇଥିଲେ ଏବଂ ସେହି ସଂଶୋଧିତ ସ୍ତୋତ୍ରଗୁଡ଼ିକୁ ମଧ ସ୍ୱହସ୍ତରେ ନକଲ କରି ଦେଇଥିଲେ ।

ଦ୍ୱିତୀୟତଃ, ତାଙ୍କର 'Visions and Voices' ସମ୍ବନ୍ଧେ ନଳିନୀଙ୍କ ଉପରୋକ୍ତ ସୂଚନା ଯଥେଷ୍ଟ ।

ତୃତୀୟତଃ, ତାଙ୍କର 'Old Long Since' (ଅତୀତ-ସ୍ମୃତି) ବିଷୟରେ ତ ନବପ୍ରକାଶର ପାଠକବୃନ୍ଦ ସୁପରିଚିତ ।

ଏତତ୍ ବ୍ୟତୀତ ସେ ଶ୍ରୀମା'ଙ୍କ ପ୍ରଦତ୍ତ ନାମ 'Vaikerai'(ଉଷା) ନାମରେ ଆଶ୍ରମରୁ ପ୍ରକାଶିତ ତାମିଲ ତ୍ରୈମାସିକ ପତ୍ରିକାର ସମ୍ପାଦନା କରୁଥିଲେ । ଏହି ପତ୍ରିକାଟି ଧାରାବାହିକ ରୂପେ ଏବେ ବି ଆଶ୍ରମରୁ ପ୍ରକାଶ ପାଉଛି ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ପୃଥିବୀପୃଷ୍ଠସ୍ଥ ଜୀବନ ପ୍ରଧାନତଃ ଅଗ୍ରଗତି ନିମନ୍ତେ ଏକ କ୍ଷେତ୍ର । କିନ୍ତୁ ଯେଉଁସବୁ ଅଗ୍ରଗତି କରିବାକୁ ହେବ ତା' ତୁଳନାରେ ଜୀବନ କେତେ ସଂକ୍ଷିପ୍ତ !

ନିଜର କ୍ଷୁଦ୍ର କ୍ଷୁଦ୍ର କାମନା-ବାସନାକୁ ଚରିତାର୍ଥ କରିବା ନିମନ୍ତେ ଚାହିଁବାରେ ସମୟ ନଷ୍ଟ କରିବା ତୁଚ୍ଛା ନିର୍ବୋଧତା ଛଡ଼ା ଆଉ କିଛି ନୁହେଁ । ଯଥାର୍ଥ ସୁଖ ସେତିକିବେଳେ ସମ୍ଭବ ଯେତେବେଳେ ତୁମେ ଭଗବାନଙ୍କୁ ପାଇବ ।

– ଶ୍ରୀମା

# ସୁବର୍ଣ୍ଣ ଜୟନ୍ତୀ ପରେ

## ପ୍ରସାଦ ତ୍ରିପାଠୀ

ପୂର୍ଣ୍ଣାଙ୍ଗ ଶିକ୍ଷାର ୫୦ ବର୍ଷ ଅତିକ୍ରମ କରିବା (୨୦୨୦ ଜୁଲାଇ) – ଏହା ମଧ୍ୟରେ ସାଢ଼େ ତିନି ବର୍ଷ ହୋଇ ଗଲାଣି । କୋଭିଡ଼୍‌ର ଅପ୍ରତ୍ୟାଶିତ ପ୍ରଭାବ ଯୋଗୁଁ ଆମେ ତାହାକୁ ରାଜ୍ୟବ୍ୟାପୀ ଯେପରି ପାଳନ କରିବା କଥା, କରିପାରିଲୁ ନାହିଁ । ମାତ୍ର ଏବେ ତେପନ ବର୍ଷ ପରେ ଆମର ସ୍ୱର୍ଣ୍ଣ ଜୟନ୍ତୀ ପାଳନ ଆଦୌ ପ୍ରାସଙ୍ଗିକ ହେବ ନାହିଁ । ସ୍ୱର୍ଣ୍ଣ ଜୟନ୍ତୀକୁ କୌଣସି ଏକ ଆନୁଷ୍ଠାନିକ ପର୍ବ ଭଳି ପାଳନ ନକରି ବାସ୍ତବରେ ଆମକୁ ବର୍ତ୍ତମାନ କ'ଣ କରିବାକୁ ପଡ଼ିବ, ସେ ସମ୍ପର୍କରେ ଅଧିକ ସଚେତନ ବା ସତର୍କ ହେବା ଆମ ପାଇଁ ପରମ କର୍ତ୍ତବ୍ୟ ହେବ ବରଂ ତାହା ପ୍ରକୃତ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ଭଳି ଅନୁଭବ ହେବ । ତେଣୁ :

୧. ଗତ ଯେତେ ବର୍ଷ ଧରି ଏ କାର୍ଯ୍ୟରେ ଅଂଶଗ୍ରହଣ କରିଛୁ ତା'ର ଏକ ସମୀକ୍ଷା କରିବା ।

୨. ଆମ ସ୍କୁଲମାନଙ୍କରେ ଅଧ୍ୟୟନ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଅନ୍ତତଃ ଶହେ ଜଣଙ୍କଠାରୁ ସ୍କୁଲରେ ତାଙ୍କର ମନୋଭାବକୁ ପ୍ରଶ୍ନୋତ୍ତର ମାଧ୍ୟମରେ ସଂଗ୍ରହ କରିବା ।

୩. ସେମାନେ ଅଧ୍ୟୟନ କରୁଥିବା ସମୟରେ ଯେଉଁ କାର୍ଯ୍ୟକ୍ରମଟି ତାଙ୍କୁ ସବୁଠାରୁ ଭଲ ଲାଗୁଥିଲା ସେଇ କାର୍ଯ୍ୟକ୍ରମ ଭଲ ଲାଗିବା ପଛରେ ତାଙ୍କର ନିଜର ଭୂମିକା କ'ଣ ଥିଲା ସେ ସମ୍ପର୍କରେ ତର୍ଜମା କରିବା ।

୪. ସେମାନେ ଅଧ୍ୟୟନ କରୁଥିବା ସମୟଠାରୁ ବର୍ତ୍ତମାନ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦଶଟି ଭିନ୍ନତା ସମ୍ପର୍କରେ ମତାମତ ଦେବେ । ଏଗୁଡ଼ିକ ସକାରାତ୍ମକ ହୋଇ ପାରିଲେ ଭଲ ହେବ ।

୫. ଆମ ସ୍କୁଲରେ ଅଧ୍ୟାପନା କରିଥିବା ତତ୍କାଳୀନ ଅପା, ଭାଇମାନଙ୍କୁ(ଯେଉଁମାନେ ଆଉ ଆମ ସ୍କୁଲରେ ନାହାନ୍ତି) ସାକ୍ଷାତ୍ କରି ସେମାନଙ୍କର ସ୍କୁଲ ପ୍ରତି ରହିଥିବା ମନୋଭାବ ସବୁକୁ ଗ୍ରହଣ କରିବା ।

୬. ପୁରାତନ ଅଭିଭାବକମାନଙ୍କ ଠାରୁ ମଧ୍ୟ ମତାମତ ସଂଗ୍ରହ କରିବା ।

୭. ବର୍ତ୍ତମାନ ସ୍କୁଲରେ ଅଧ୍ୟାପନା କରୁଥିବା ଅପା, ଭାଇ ଯେଉଁମାନେ ଏବେ ମଧ୍ୟ ଆମର ଭବିଷ୍ୟତ୍ ସମ୍ପର୍କରେ ନିଃସନ୍ଦେହ ସେମାନଙ୍କଠାରୁ ସମସ୍ତ ସକାରାତ୍ମକ ମନୋଭାବ ଗ୍ରହଣ କରିବା ।

୮. ପ୍ରତ୍ୟେକ ଅନୁଷ୍ଠାନରେ ସେହି ବ୍ୟକ୍ତିମାନଙ୍କୁ ବାଛିବା ଯେଉଁମାନେ କେବେ ହେଲେ କାହାରି ବିରୋଧରେ ଅଭିଯୋଗ କରନ୍ତି ନାହିଁ । ସେମାନେ ଆମ ପାଇଁ Asset ହେବେ ।

୯. ଏଭଳି ବ୍ୟକ୍ତି (ଆମ ସାଙ୍ଗରେ ତଥା ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିବା)ଙ୍କ ସହିତ ପରାମର୍ଶ କରିବା, ଯିଏ କି ବୁଝାଇ ଦେଇ ପାରିବେ ଯେ ଅତୀତ ଏବଂ ବର୍ତ୍ତମାନ ମଧ୍ୟରେ ଯାହା ପରିବର୍ତ୍ତନ ଦେଖାଯାଉଛି – ସେସବୁ ସ୍ୱାଭାବିକ; ଏଥିରେ ଅସ୍ୱାଭାବିକତା କିଛି ବି ନାହିଁ । ତେଣୁ ଆମ ମଧ୍ୟରେ କୌଣସି ଅବସାଦ, ବିଷାଦ, ଆଶଙ୍କା ଇତ୍ୟାଦିକୁ ଆଦୌ ସ୍ଥାନ ଦେବା ନାହିଁ ।

୧୦. ସର୍ବୋପରି ପ୍ରତ୍ୟେକ ଅନୁଷ୍ଠାନରେ ଅନ୍ତତଃ ଜଣେ ବ୍ୟକ୍ତି ବାଛିବା, ଯିଏକି ବୁଝିଥିବେ ଏବଂ ବୁଝାଇ ଦେଇ ପାରୁଥିବେ ଯେ ଯାହା ଯାହା ସବୁ ଘଟୁଛି ସେସବୁ ପଶ୍ଚାତରେ ମା'ଙ୍କ ଦିବ୍ୟ କରୁଣା ଅହରହ କାର୍ଯ୍ୟ କରୁଛି । ଆମକୁ ଭଲ ଲାଗିବା, ନଲାଗିବା ଉପରେ କିଛି ନିର୍ଭର କରୁ ନାହିଁ ।

ଶେଷରେ ଏକ ଶିଶୁର ମନୋଭାବରେ ନିରଳସ ସରଳତାର ସହିତ ମା'ଙ୍କ ଚରଣରେ ନିଜକୁ ଏବଂ ଆମ ଅନୁଷ୍ଠାନକୁ ପୂର୍ଣ୍ଣ ଭାବରେ ସମର୍ପଣ କରି ଅନ୍ତରରେ ତାଙ୍କର ନିର୍ଦ୍ଦେଶକୁ ଅପେକ୍ଷା କରିବା ।

ଏସବୁ କେବେହେଲେ ଆମର ଦାୟିତ୍ୱ ନୁହେଁ ବରଂ ଆବଶ୍ୟକତା ବୋଲି ଅନୁଭବ କରିବା । ଗୋଟିଏ କଥା ଯାହା ସର୍ବତ୍ର ସମସ୍ତେ ଆଲୋଚନା କରୁଛନ୍ତି ତାହା ହେଲା ଆମ ଅନୁଷ୍ଠାନଗୁଡ଼ିକ ଆଗେ ଯେଉଁଭଳି ଥିଲେ ଏବେ ଆଉ ସେହିଭଳି ନାହାନ୍ତି । ସାଙ୍ଗେ ସାଙ୍ଗେ ଉଦାହରଣ ଦେଇଛନ୍ତି ଆଗେ ଯେଉଁଭଳି ସବୁ ଚାଲୁଥିଲା ଏବେ କ'ଣ ଠିକ୍ ସେମିତି ଚାଲିଛି ? ଏପରିକି କେହି କେହି ଉଦାହରଣ ଦେଉଛନ୍ତି ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମ ଆମ ପିଲାଦିନେ ଯେଉଁଭଳି ଚାଲୁଥିଲା ଏବେ ଆଉ ସେଭଳି ଚାଲିଛି କି ? ଆଗେ ଯେମିତି ଲାଗୁଥିଲା ଏବେ ଆଉ ସେମିତି ଲାଗୁଛି କି ?

ଯଦି ସବୁ ସ୍ଥାନରେ ସବୁକିଛି ବଦଳି ଗଲା ଭଳି ଲାଗୁଛି ତେବେ ଏହା ତ' ଏକ ସାର୍ବଜନୀନ ପ୍ରକ୍ରିୟା, ଅର୍ଥାତ୍ ଏହା ହେବା ଅନିବାର୍ଯ୍ୟ । କାରଣ ବିବର୍ତ୍ତନ ଧାରାରେ ସବୁକିଛି ପ୍ରତ୍ୟେକ ମୁହୂର୍ତ୍ତରେ ପରିବର୍ତ୍ତନ ହୋଇ ଚାଲୁଛି । ଯେଉଁମାନେ ଏହିଭଳି ମତାମତ ଦେଉଛନ୍ତି, ସେମାନେ ମଧ୍ୟ ଅତୀତରେ ଯେପରି ଥିଲେ ଆଉ ସେପରି ନାହାନ୍ତି । ହୁଏତ ସେଥିପାଇଁ ସବୁକିଛି ଭିନ୍ନ ଭିନ୍ନ ଲାଗୁଥାଇପାରେ ।

ଆମେ ବିବର୍ତ୍ତନ କଥା କହୁଛୁ । ପ୍ରଭୁଙ୍କ ବିବର୍ତ୍ତନ ତତ୍ତ୍ୱକୁ ସବୁ ସ୍ଥାନରେ ଆଲୋଚନା କରୁଛୁ; ମାତ୍ର ଭିତରେ ବିଶ୍ୱାସ ରଖୁନୁ ଯେ ବିବର୍ତ୍ତନ ମାଧ୍ୟମରେ ଅନେକ କିଛି ପରିବର୍ତ୍ତନ ହୋଇଯିବ । ମାଙ୍କଡ଼ରୁ ମଣିଷ ହେବା ବେଳେ ଯେପରି ସବୁ ପରିବର୍ତ୍ତନ ଧୀରେ ଧୀରେ ହୋଇଥିବ — ତାହା କେବେହେଲେ ପୁରାତନ ମାଙ୍କଡ଼ମାନଙ୍କୁ ସୁହାଇ ନଥିବ । ସେମାନେ କେବେହେଲେ ସନ୍ତୁଷ୍ଟ ନଥିବେ । ତାଙ୍କର ଗଛଡ଼ିଆଁ କମି ଯାଇଥିବ । ଲାଙ୍ଗୁଡ଼ ଛୋଟ ହୋଇ ଯାଇଥିବ । ତେଣୁ ସେମାନେ ସନ୍ତୁଷ୍ଟ ନହୋଇ ସେମିତି ଅସନ୍ତୁଷ୍ଟ ହୋଇ ରହିଥିବେ । ମାତ୍ର ସେଇ ଅସନ୍ତୋଷ ମଧ୍ୟରେହିଁ ସେମାନେ ଧୀରେ ଧୀରେ ମଣିଷ ହେଲେ । ତେଣୁ ଆମ ଭିତରେ ଯେଉଁ ଅସନ୍ତୋଷ ପ୍ରକାଶ ପାଉଛି ତାହା ନିଶ୍ଚୟ ଏକ ପୁରାତନ ଧାରାକୁ ଛାଡ଼ିବା ପ୍ରତି ଅସହଯୋଗ ମନୋଭାବର ପ୍ରତିକ୍ରିୟା । ତେଣୁ ଖୁବ୍ ସ୍ୱାଭାବିକ ଭାବରେ ଅନୁଭବ କରିବାକୁ ହେବ ଯେ ଏସବୁ ଘଟିବା ପ୍ରକୃତରେ ବାସ୍ତବତାର ଚିହ୍ନ । ଜଣେ ଶିକ୍ଷାବିତ୍ ଗୋଟିଏ ଅଭିଭାବକ ସଭାରେ ଉପସ୍ଥିତ ଥିବାବେଳେ କହିଲେ ଯେ ଆପଣମାନଙ୍କର କାହାରି ଘରେ ଗୋଟିଏ ବି ଶାନ୍ତ ପିଲା ନଥିବେ । ସବୁପିଲା ଖୁବ୍ ନହେଲେ ମଧ୍ୟ କିଛି କିଛି ଦୁଷ୍ଟ ନିଶ୍ଚୟ ହୋଇଥିବେ । ଜଣେ ଭଦ୍ରମହିଳା ଠିଆ ହୋଇ କହିଲେ ଯେ, ସାର୍, ମୋ' ପିଲାଟି ଅତ୍ୟନ୍ତ ଶାନ୍ତ, ମାଛିକୁ 'ମ' ବୋଲି କହେ ନାହିଁ । ଶିକ୍ଷାବିତ୍ ତୁରନ୍ତ କହିଲେ, ତାକୁ ଡାକ୍ତର ଦେଖାନ୍ତୁ । ତା'ର ଡାକ୍ତରୀ ଚିକିତ୍ସା ଦରକାର ପଡ଼ିପାରେ ।

ବର୍ତ୍ତମାନ କଥା ହେଲା ଆମକୁ ଭଲ ଲାଗୁ ବା ନଲାଗୁ ସ୍ୱାଭାବିକତାକୁ ସ୍ୱୀକାର କରିବାକୁ ହେବ । ତା' ନହେଲେ ଆମେ ପଛେଇ ରହିଯିବା ଏବଂ ବିବର୍ତ୍ତନ ଧାରାରେ ପରିବର୍ତ୍ତନ ଆଗେଇ ଆଗେଇ ଚାଲିଥିବ ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଭୂମିକା ଅତି ମହାନ୍ । ପ୍ରଚଳିତ ଶିକ୍ଷାର ପରିସର ଭିତରେ ଆମେ ପୂର୍ଣ୍ଣାଙ୍ଗତାକୁ ଆହ୍ୱାନ କରୁଛୁ । ଆମକୁ କେତେ ଯେ ପରିବର୍ତ୍ତନର ସମ୍ମୁଖୀନ ହେବାକୁ ହେବ ତାହା କହିବା ସମ୍ଭବ ନୁହେଁ । ଆମ ପାଇଁ ଆବଶ୍ୟକତା ହେଲା ସାହସ, ଧୈର୍ଯ୍ୟ, ବିଶ୍ୱାସ ସହିତ ଅତ୍ୟନ୍ତ ସରଳ ମନୋଭାବ — ବାସ୍ — ତେଣିକି ତାଙ୍କ ଦାୟିତ୍ୱ ।

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩-୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

କାହାଣୀ :

# ସର୍ବନାଶୀ ସମ୍ମାନ

## ମନୋଜ ଦାସ

ବାଗଦାଦରେ ଅନେକ ଖଲିଫା ରାଜୁତି କରିଥିଲେ । କିନ୍ତୁ ସେମାନଙ୍କ ଭିତରେ ଇତିହାସ ଓ କିଂବଦନ୍ତି ଯେଉଁ କେତେଜଣଙ୍କୁ ମନେ ରଖିଛି, ସେ ତାଲିକାରେ ଅନ୍ୟତମ ହେଲେ ଆଲ୍ ମାମୁନ୍ ।

ଖଲିଫା ଆଲ୍ ମାମୁନ୍ ଜଣେ ଗୁଣଗ୍ରାହୀ ଶାସକ ଥିଲେ । ପ୍ରତି ମାସରେ ସେ ଗୋଟାଏ ବିତର୍କ ସଭାର ଆୟୋଜନ କରୁଥା'ନ୍ତି । ବିଖ୍ୟାତ ଦାର୍ଶନିକ, କବି, ଭାବୁକ ଏବଂ ଶିକ୍ଷକମାନେ ବକ୍ତା ରୂପେ ଖଲିଫାଙ୍କ ସାମନାରେ ତିନୋଟି ଧାଡ଼ିରେ ବସୁଥିଲେ । ରାଜାଙ୍କ ବାମକୁ ବସୁଥିଲେ ମନ୍ତ୍ରୀମାନେ, ଡାହାଣକୁ ଓ ପଛକୁ ଅମାତ୍ୟବର୍ଗ ତଥା ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନେ ।

ଥରେ ଜଣେ ଅମାତ୍ୟଙ୍କ ଅନୁରୋଧରେ ଜଣେ ଗ୍ରାମୀଣ ଶିକ୍ଷକ ଆସି ବକ୍ତାମାନଙ୍କ ସହ ତୃତୀୟ ଧାଡ଼ିରେ ବସିଥା'ନ୍ତି । ଖଲିଫା ଗୋଟାଏ ବିଷୟର ଅବତାରଣା କରନ୍ତେ ଜଣେ ଜଣେ ବକ୍ତା ତାହା ଉପରେ ନିଜ ନିଜ ଟିପ୍ପଣୀ ଓ ବ୍ୟାଖ୍ୟା ଦେଇଗଲେ । ସବାଶେଷରେ ଆସିଲା ନବାଗତ ଶିକ୍ଷକଙ୍କ ପାଳି । ସେ ଏଡ଼େ ଚମତ୍କାର ଭାଷଣଟିଏ ଦେଲେ, ଯାହା ସମସ୍ତଙ୍କୁ ମୁଗ୍ଧ କଲା । ଖଲିଫା ତାଙ୍କୁ ବକ୍ତାମାନଙ୍କର ସବା ଆଗ ଧାଡ଼ିରେ ବସିବାକୁ କହିଲେ ।

ଖଲିଫା ଆଉ ଗୋଟିଏ ବିଷୟର ଅବତାରଣା କରନ୍ତେ ପୁଣି ସଭିଏଁ ତାହା ଉପରେ ମନ୍ତବ୍ୟ ଦେଲେ । ତେବେ ନବାଗତ ଶିକ୍ଷକଙ୍କ ବକ୍ତବ୍ୟ ସମସ୍ତଙ୍କୁ ସବୁଠୁ ଅଧିକ ପ୍ରଭାବିତ କଲା ।

ଖଲିଫା ତାଙ୍କୁ ଆସି ନିଜ ବାମରେ ମନ୍ତ୍ରୀମାନଙ୍କ ସହିତ ଆସନ ଗ୍ରହଣ କରିବାକୁ ନିମନ୍ତ୍ରଣ କଲେ ।

ଯେତେବେଳେ ରାଜାଙ୍କ ପ୍ରସ୍ତାବିତ ତୃତୀୟ ବିଷୟ ଉପରେ ଆଲୋଚନା ହେଲା ସେତେବେଳେ ସେ ଶିକ୍ଷକ ସମସ୍ତଙ୍କୁ ଚମତ୍କୃତ କଲେ । ସମସ୍ତେ କହିଲେ, ''ଚମତ୍କାର ! ଚମତ୍କାର !''

ଖଲିଫା ଶିକ୍ଷକଙ୍କୁ ଇଙ୍ଗିତରେ ଡାକି ଆଣି ନିଜ ସିଂହାସନ ପାଖ ଆସନରେ ବସାଇଲେ ।

ଏହାପରେ ମହାମନ୍ତ୍ରୀ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ଦେବା ଉତ୍ତାରୁ ବିତର୍କ-ସଭା ଶେଷ ହେଲା । ଶିକ୍ଷକ ଅନ୍ୟମାନଙ୍କ ସହ ବିଦାୟ ନେବାକୁ ଯାଉଥିଲେ; କିନ୍ତୁ ଖଲିଫା ତାଙ୍କୁ ଅଟକାଇ ରଖିଲେ ।

ସନ୍ଧ୍ୟା ହେଲା । ଖଲିଫା ଶିକ୍ଷକଙ୍କୁ ନିଜ ଅବସର ବିନୋଦନ କୋଠରିକୁ ଡାକି ପାଖରେ ବସାଇଲେ ଓ କହିଲେ, ''ତୁମ ପ୍ରତିଭା ଏଡ଼େ ପ୍ରଶଂସାଯୋଗ୍ୟ ଯେ ମୁଁ ତୁମକୁ ଦେଉଛି ଏହି ଦୁର୍ଲଭ ସମ୍ମାନ – ମୋ ସହ ସୁରାପାନ କରିବାର ସୁଯୋଗ । ଦୂରାଗତ ରାଜା, ମହାରାଜା ଅଥବା ମୋର କେତେଜଣ ଅନ୍ତରଙ୍ଗ ବନ୍ଧୁ ଛଡ଼ା ଆଉ କାହାକୁ ମୁଁ ଏ ଯାବତ୍ ଏ ସମ୍ମାନ ଦେଇ ନାହିଁ । ଆସ ପଣ୍ଡିତ, ପାନ କର ।''

ଖଲିଫା ସୁବର୍ଣ୍ଣ ସୁରାପାତ୍ରଟିଏ ଶିକ୍ଷକଙ୍କ ଆଡ଼େ ଠେଲି ଦେଇ ନିଜେ ଏକ ପାତ୍ରରୁ ଢୋକେ ପାନ କଲେ ।

ଶିକ୍ଷକ ଟିକିଏ ହସି ଦେଇ କହିଲେ, ''ମୁଁ ଏ ସମ୍ମାନ ସକାଶେ କୃତଜ୍ଞ, ହେ ମହାନ୍ ଖଲିଫା !''

''ବେଶ୍ ଏଥର ଆରମ୍ଭ କର ।''

ଶିକ୍ଷକ କିନ୍ତୁ ଚୁପ୍‌ଚାପ୍ ବସି ରହିଲେ ।

''କଥା କ'ଣ ?'' ସାମାନ୍ୟ ବିସ୍ମୟଭରେ ପଚାରିଲେ ଖଲିଫା ।

''ହଜୁର ! ଆପଣ ମୋତେ ବକ୍ତାମାନଙ୍କ ପାଇଁ ଉଦ୍ଦିଷ୍ଟ ତିନି ଧାଡ଼ିରୁ ସବା ଆଗ ଧାଡ଼ିକୁ ଆସିବାକୁ କହିଲେ କାହିଁକି ?'' ସେ ନମ୍ର କଣ୍ଠରେ ପ୍ରଶ୍ନ କଲେ ।

''ତୁମ ବିଦ୍ୱତ୍ତା ପାଇଁ ।'' ଉତ୍ତର ଦେଲେ ଖଲିଫା ।

''ହଜୁର ! ଆପଣ ପୁଣି ଥରେ ମୋତେ ଆହୁରି ଆଗକୁ ଆଣି ମନ୍ତ୍ରୀମାନଙ୍କ ଗହଣରେ ଆସନ ଦେଲେ କାହିଁକି ?''

''ତୁମ ବିଦ୍ୱତ୍ତାରେ ଅଧିକ ମୁଗ୍ଧ ହେବା ଯୋଗୁଁ ।''

''ହଜୁର ! ଆପଣ ଆହୁରି ମଧ୍ୟ ମୋତେ ଡାକି ଆପଣଙ୍କ ନିଜ ପାଖରେ ବସାଇଲେ କାହିଁକି ?''

''ତୁମ ବିଦ୍ୱତ୍ତା ଓ ଜ୍ଞାନକୁ ପ୍ରକାଶ କରିବାର ଶୈଳୀ ଏବଂ ନମ୍ରତା ଯୋଗୁଁ ।''

''ହଜୁର ! ବର୍ତ୍ତମାନ କହନ୍ତୁ, ଏସବୁ ଗୁଣ ମୋ'ଠୁଁ ଉଭେଇ ଯିବ, ଆପଣ ସେଭଳି ଇଚ୍ଛା ପୋଷଣ କରିବେ କି ?''

''କଦାପି ନୁହେଁ । କିନ୍ତୁ ତୁମର ଏଭଳି ସନ୍ଦେହର କାରଣ ?'' ବେଶ୍ ବିସ୍ମୟଭରେ ପ୍ରଶ୍ନ କଲେ ଖଲିଫା ।

''କ୍ଷମା କରନ୍ତୁ ହଜୁର, ଆପଣଙ୍କ ଉଦ୍ଦେଶ୍ୟକୁ ମୁଁ ସନ୍ଦେହ କରିବାର ପ୍ରଶ୍ନ ନାହିଁ । ଆପଣ ମୋତେ ଯେଉଁ ମର୍ଯ୍ୟାଦା ଦେଉଛନ୍ତି ସେଥିରେ ମୁଁ ଅଭିଭୂତ । କିନ୍ତୁ ଆପାତତଃ ଶ୍ରଦ୍ଧାଭରେ ଆପଣ ମୋତେ ଯାହା କରିବାକୁ କହୁଛନ୍ତି ତାହା ମୋର ସର୍ବନାଶ କରିଦେବ । ସୁରାରେ ଅଭ୍ୟସ୍ତ ହେଲେ ମୋର ଜ୍ଞାନ ଆହରଣ ଶକ୍ତି ମଳିନ ହୋଇଯିବ; ମୁଁ ଗଭୀର ଭାବରେ ଚିନ୍ତା କରିପାରିବି ନାହିଁ । ଜ୍ଞାନକୁ ପ୍ରକାଶ କରିବାର ଶୈଳୀରେ ଅସଙ୍ଗତି ଦେଖାଯିବ । ଆଉ ରହିଲା ନମ୍ରତା କଥା । ସୁରାସକ୍ତମାନେ ଯେତିକି ନମ୍ର ହୋଇପାରନ୍ତି, ସେତିକି ଉଗ୍ର ଏବଂ ଉଦ୍ଧତ ମଧ୍ୟ ହୋଇପାରନ୍ତି । ସେମାନେ ନିଜ ମିଜାଜ ଏବଂ ଆଚରଣ ଉପରେ ନିୟନ୍ତ୍ରଣ ହରାଇଥା'ନ୍ତି । ହଜୁର, ଆପଣଙ୍କ କଥା ଅଲଗା । ଆପଣ ଏଥିରେ ଅଭ୍ୟସ୍ତ, ସଙ୍ଗେ ସଙ୍ଗେ ଆପଣ ସଂଯତ ମାତ୍ରାରେ ପାନ କରନ୍ତି ବୋଲି ଶୁଣିଛି । କିନ୍ତୁ ମୁଁ ଅନଭ୍ୟସ୍ତ । ଥରେ ସୁରା ପ୍ରତି ଆସକ୍ତି ଆସିଗଲେ ସଂଯତ ରହିପାରିବି କି ନାହିଁ ତାହା କହିବା ସମ୍ଭବ ନୁହେଁ । ତେଣୁ ମୋତେ କ୍ଷମା କରନ୍ତୁ ।''

ଖଲିଫା ଟିକିଏ ନୀରବ ରହି କହିଲେ, ''ତୁମକୁ କ୍ଷମା କରିବାର ପ୍ରଶ୍ନ ଉଠିବ କିପରି ? ତୁମେ ଖାଲି ସୁପଣ୍ଡିତ ନୁହଁ, ତୁମେ ସ୍ପଷ୍ଟଭାଷୀ । ତୁମକୁ ଅଶେଷ ଅଭିନନ୍ଦନ ।''

ଖଲିଫା ଅର୍ଥ ସମେତ ନାନାଦି ଉପହାର ଦେଇ ଶିକ୍ଷକଙ୍କୁ ସେଦିନ ପାଇଁ ବିଦାୟ ଦେଲେ । ସଙ୍ଗେ ସଙ୍ଗେ ତାଙ୍କୁ ଭବିଷ୍ୟତରେ ବିତର୍କ ସଭା ପରିଚାଳନା କରିବାର ଦାୟିତ୍ୱ ମଧ୍ୟ ଦେଲେ ।

('ମନୋଜ କିଶୋର ସାହିତ୍ୟ ସଙ୍କଳନ'ରୁ ସଂଗୃହୀତ, ପୃଷ୍ଠା. ୬୭୩ - ୬୭୬)

❑❑❑

## ଦୁଇ ଦୃଷ୍ଟିକୋଣ

ଖ୍ରୀଷ୍ଟପୂର୍ବ ଚତୁର୍ଥରୁ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ଭିତରେ ମାସିଡନ୍(ଗ୍ରୀସ୍)ର ରାସ୍ତା କଡ଼ରେ ରହୁଥା'ନ୍ତି ଡାଇଓଜିନିସ୍ ନାମକ ଦାର୍ଶନିକ । ତାଙ୍କର କୌଣସି ସଞ୍ଚୟ ବା ସମ୍ପତ୍ତି ନଥାଏ । ଜଣେ ପଡ଼ୋଶୀ ତାଙ୍କୁ ସବୁଦିନ ପେଜ ଭଳି କିଛି ଖାଦ୍ୟ ବା ପାନୀୟ ଦେଉଥାଏ । ସେହିଥିରେ ସେ ସନ୍ତୁଷ୍ଟ ଥା'ନ୍ତି ।

ସେତେବେଳେ ମାସିଡନ୍‌ର ରାଜସଭାରେ ଥା'ନ୍ତି ଆଉ ଜଣେ ଦାର୍ଶନିକ, ଆରିଷ୍ଟିପାସ୍ । ଦିନେ ସେ ଭଦ୍ରଲୋକ ବାଟରେ ଯାଉଁ ଯାଉଁ ଡାଇଓଜିନିସ୍ ପେଜ ଗଳାଧଃକରଣ କରୁଥିବାର ଦେଖି ରହିଗଲେ ଓ କହିଲେ, ''ବନ୍ଧୁ ! ତୁମେ ଯଦି ଆମ ରାଜାଙ୍କୁ ପ୍ରଶଂସା କରି ଦୁଇପଦ କହନ୍ତ, ତେବେ ପେଜ ପିଇ ତୁମକୁ ଜିଇଁ ରହିବାକୁ ପଡ଼ନ୍ତା ନାହିଁ !''

ଉତ୍ତର ଦେଲେ ଡାଇଓଜିନିସ୍, ''ବନ୍ଧୁ ! ତୁମେ ଯଦି ପେଜ ଖାଇ ଜିଇଁବାକୁ ଶିଖନ୍ତ, ତେବେ ତୁମକୁ ରାଜାଙ୍କ ପ୍ରଶସ୍ତିଗାନ କରିବାକୁ ପଡ଼ନ୍ତା ନାହିଁ ।''

# ଅବିକମ୍ପିତ ଆସ୍ପୃହା

ସଂସାରବିରାଗୀ ରାଜପୁତ୍ର ଗୌତମ । ଗତାନୁଗତିକ ଜୀବନ ତାଙ୍କ ପାଇଁ ଅଳୀକ, ଅର୍ଥହୀନ । ଜୀବନ-ଯାତନାର ଅନେକ ଜଟିଳ ପ୍ରଶ୍ନ ଯେତେବେଳେ ତାଙ୍କୁ ହତଚକିତ କରି-ତୋଳିଲା ସେ ନିଜର ପ୍ରିୟତମା ପତ୍ନୀ, ପୁତ୍ର, ରାଜଗାଦି, ଐଶ୍ୱର୍ଯ୍ୟ ତଥା ଜୀବନର ସମସ୍ତ ସୁଖ-ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ହେଲେ ଗୃହତ୍ୟାଗୀ । ଲକ୍ଷ୍ୟ ତାଙ୍କର ଜୀବନର ଯଥାର୍ଥ ସତ୍ୟ-ଉଦ୍‌ଘାଟନ କରିବା, ଦୁଃଖ-ବିହୀନ ପରମ ଐଶ୍ୱର୍ଯ୍ୟ ପ୍ରାପ୍ତ ହେବା । ଲକ୍ଷ୍ୟ ବେଶ୍ ସୁଦୂରର, ଯାତ୍ରା ଶ୍ରମକ୍ଳିଷ୍ଟ । ପଥପ୍ରାନ୍ତରେ ତାଙ୍କର ଦିନ ପରେ ଦିନ ଆଲୁଅ ଢାଳି କେତେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ବିଦାୟ ନେଲେଣି । ବର୍ଷ, ମାସର ହିସାବ କରି ଘୂର୍ଣ୍ଣାୟମାନ ଋତୁଚକ୍ର ଭିତରେ କେତେ ଗ୍ରୀଷ୍ମ, ବର୍ଷା ଆଉ ବସନ୍ତ ଅତିକ୍ରାନ୍ତ ହୋଇଗଲେଣି । କାହିଁ ତାଙ୍କର ସେ ଅଭାବନୀୟ, ଅଚିନ୍ତ୍ୟ ଉପଲବ୍ଧି ! କେବେ ସେ ଜୀବନର ବାସ୍ତବ ରହସ୍ୟ ଉନ୍ମୋଚନରେ ହେବେ ସିଦ୍ଧକାମ !

ପଥ ମଧ୍ୟରେ କ୍ଷଣକ ପାଇଁ ଅଟକି ଗଲେ ଗୌତମ । ଭିତରେ ଗୋଟାଏ ଅବସାଦର ଘୂର୍ଣ୍ଣି । ଲକ୍ଷ୍ୟସ୍ଥଳ ବୋଧହେଉଛି ସୁଦୂର ପରାହତ । ସନ୍ଦେହ ତାଙ୍କର ପଥରୋଧ କଲା । ତାଙ୍କର ସବୁ ସଂକଳ୍ପ, ସବୁ ପ୍ରୟାସ କ'ଣ ବ୍ୟର୍ଥ ହୋଇଯିବ ? ଆଗକୁ ଲମ୍ବିଯାଇଥିବା ସାଧନାର ପଥ କଙ୍କରିତ, କଣ୍ଟକିତ । ସେ ବିଦେହୀଙ୍କର ଆହ୍ୱାନ ଯେମିତି କ୍ଷୀଣରୁ କ୍ଷୀଣତର ହୋଇଉଠୁଛି । ପଛକୁ ଫେରି ଚାହିଁଲେ ଅତୀତର ଜୀବନ ମନେ ହେଉଛି ଅଧିକ ବାସ୍ତବ, ଅଧିକ ଆକର୍ଷଣୀୟ । ଭିତରେ ଅନେକ ଅସମାହିତ ପ୍ରଶ୍ନ ଲହଡ଼ି ଭାଙ୍ଗୁଛି । ଏବେ ତାଙ୍କର ଯାତ୍ରା କେଉଁ ଦିଗରେ ? କେଉଁ ଲକ୍ଷ୍ୟର ସଂଧାନରେ ସେ ବଞ୍ଚିବେ ବାକି ଜୀବନତକ ?

ଯାତ୍ରାପଥରେ ଅଟକି ଗଲେ ସତ୍ୟସଂଧାନୀ ଗୌତମ । ସମ୍ମୁଖରେ ଏକ ସ୍ୱଚ୍ଛ, ଶୀତଳ ଉପନଦୀଟିଏ କଳକଳ ନାଦରେ ବହିଯାଉଛି କେଉଁ ଅଜଣା ରାଇଜର ସଂଧାନରେ । ଶୀତଳ ଜଳରେ ଅବଗାହନ କଲେ କିଛିଟା କ୍ଳାନ୍ତି ଅପନୋଦନ ହେବ — ଏହି ମାନସରେ ସେ ନଦୀରେ ପ୍ରବେଶ କଲେ । ସ୍ନାନାନ୍ତେ ସେ ଉପବେଶନ କରିଥା'ନ୍ତି କୂଳରେ ଥିବା ଶିଳାଖଣ୍ଡ ଉପରେ ।

ହଠାତ୍ ତାଙ୍କର ଦୃଷ୍ଟି ପଥାରୂଢ଼ ହେଲେ ଦୁଇଟି ଛୋଟ ଗୁଣ୍ଡୁଚିମୂଷା । ଗୌତମଙ୍କୁ ଅଦ୍ଭୁତ ଲାଗିଲା ସେମାନଙ୍କର କାର୍ଯ୍ୟକଳାପ । ଗୁଣ୍ଡୁଚିମୂଷା ଦୁଇଟି କୂଳରେ ଥିବା ବାଲି ଉପରେ ଗଡ଼ିଯାଉଥିଲେ, ତପ୍ରରେ ପାଣି ଭିତରକୁ ଲମ୍ଫ ପ୍ରଦାନ କରୁଥିଲେ । ଅବିଶ୍ରାନ୍ତଭାବେ ସେମାନେ ସେହି କାର୍ଯ୍ୟଟିର ପୁନରାବୃତ୍ତି କରିଚାଲିଥିଲେ । ପାରିପାର୍ଶ୍ୱିକ ଘଟଣା ପ୍ରତି ସେମାନେ ଥିଲେ ସମ୍ପୂର୍ଣ୍ଣ ଅଚେତନ, ବୀତସ୍ପୃହ । ଅବିଚଳିତ ଓ ଏକାଗ୍ରଭାବେ ସେମାନେ ସେଇ ଗୋଟିଏ କାର୍ଯ୍ୟହିଁ କରି ଚାଲିଥିଲେ । ଅବାକ୍ ଚକିତ ହୋଇ ଗୌତମ ସେମାନଙ୍କୁ ଚାହିଁ ରହିଲେ । ଗୁଣ୍ଡୁଚିମୂଷାର ଭାଷା ବୁଝିବାର ସାମର୍ଥ୍ୟ ଥିଲା ଗୌତମଙ୍କର । କୋମଳ, ମଧୁରଭାବେ ସେ ଜିଜ୍ଞାସା କଲେ : ''ହେ ମୋର କୁନି କୁନି ବନ୍ଧୁମାନେ, ଏ ତୁମେ କ'ଣ କରୁଛ ?''

ସେମାନେ ନିର୍ବିକାରଭାବେ ଉତ୍ତର ଦେଲେ : ''ଆମେ ଏହି ଜଳସ୍ରୋତକୁ ବାଲୁକାପୂର୍ଣ୍ଣ କରି ଶୁଖାଇ ଦେବାକୁ ପ୍ରୟାସ କରୁଛୁ ।''

ଆଶ୍ଚର୍ଯ୍ୟ ହେଲେ ଗୌତମ, କହିଲେ : ''ଏହା ତ ପାହାଡ଼ ଉପରୁ ଝରି ଆସୁଥିବା ଏକ ଚିରସ୍ରୋତା ନଦୀ । ଏହାର ସ୍ରୋତ ଖୁବ୍ ପ୍ରଖର । ତୁମେ କ'ଣ କଳ୍ପନା କରିପାରୁ ନାହଁ ଯେ ଏହାର ଗତିରୋଧ କରି ଏହାକୁ ଶୁଖାଇଦେବା ତୁମ ପାଇଁ ସମ୍ପୂର୍ଣ୍ଣ ଅସମ୍ଭବ ? ହେ ମୋର ପ୍ରିୟ ବନ୍ଧୁ, କାହିଁକି ତୁମର ଏ ବୃଥା ପ୍ରୟାସ ?''

ତହୁଁ ଏ କାର୍ଯ୍ୟ ପଶ୍ଚାତ୍‌ରେ ଥିବା କାରଣକୁ କହି ବସିଲେ ଗୁଣ୍ଡୁଚି ଦ୍ୱୟ : କିଛିଦିନ ପୂର୍ବେ ଭୀଷଣ ବର୍ଷା ହୋଇଥିଲା । ଫଳରେ ଏ ନଦୀରେ ଆସିଥିଲା ବନ୍ୟା । ସେତେବେଳେ ସେମାନଙ୍କର ଦୁଇଟି ଶିଶୁ ଶାବକଙ୍କୁ ଜଳସ୍ରୋତ ଭସାଇ ନେଇଥିଲା । ସେବେଠାରୁ ସେମାନେ ସଂକଳ୍ପ କରିଛନ୍ତି ଏହି ଜଳସ୍ରୋତକୁ ବାଲି ଦ୍ୱାରା ଶୁଖାଇ ଦେବେ । ଫଳରେ ଭବିଷ୍ୟତରେ ଏହି ଦାରୁଣ ଘଟଣାର ଆଉ ପୁନରାବୃତ୍ତି ଘଟିବ ନାହିଁ ।

ଗୌତମ ସେମାନଙ୍କର ଦୁଃଖ ହୃଦୟଙ୍ଗମ କଲେ । ମାତ୍ର ସେମାନଙ୍କର ପ୍ରୟାସ ତ ସମ୍ପୂର୍ଣ୍ଣ ଅର୍ଥହୀନ ! ଶାନ୍ତ ଓ କୋମଳ କଣ୍ଠରେ କହିଲେ, ''ହେ ମୋର ଆଦରଣୀୟ ବନ୍ଧୁ ! ବୁଝୁଛି ତୁମର ଉଦ୍ଦେଶ୍ୟ ଅତୀବ ମହତ୍ । ମାତ୍ର ତୁମେମାନେ କ'ଣ ଜାଣିପାରୁ ନାହଁ ଯେ ତୁମର ସମସ୍ତ ଚେଷ୍ଟା କେବେ ବି ଫଳବତୀ ହେବ ନାହିଁ । ଏପରି ବ୍ୟର୍ଥ ପ୍ରୟାସ କରିବାର ପ୍ରୟୋଜନ କ'ଣ ?''

ଗୁଣ୍ଡୁଚି ଦ୍ୱୟ କ୍ଷଣକାଳ ପାଇଁ କ୍ରୋଧିତ ହୋଇଉଠିଲେ । ତା'ପରେ ନିଜକୁ ସଂଯତ କରି କହିଲେ, ''ହେ ମହାଭାଗ, ଆପଣ ଆମକୁ ବନ୍ଧୁ ବୋଲି ସମ୍ବୋଧନ କରୁଛନ୍ତି । ଅଥଚ ଆମର ଲକ୍ଷ୍ୟପଥରେ ଅନ୍ତରାୟ ହେଉଛନ୍ତି କିପରି ? ନିରୁତ୍ସାହିତ କରି ଆମର ସଂକଳ୍ପକୁ ଦୁର୍ବଳ କରିବାର ପ୍ରୟାସ କରୁଛନ୍ତି କାହିଁକି ? ଆମେ ଏହି କାର୍ଯ୍ୟ କରିବା ପାଇଁ ସିଦ୍ଧାନ୍ତ ନେଇସାରିଛୁ । କାର୍ଯ୍ୟରେ ସଫଳ ହେବା ଯାଏଁ ଆମେ ଆମର ଉତ୍ସାହ ତଥା ଉଦ୍ୟମ ଜାରି ରଖିବୁ, ଯେତେ ଯାହା ବାଧା କି ପ୍ରତିବନ୍ଧକ ଆସୁନା କାହିଁକି ।''

ସେମାନଙ୍କ ଭାଷାରେ କି ଯାଦୁକାରୀ ଶକ୍ତି ଥିଲା କେଜାଣି ଗୌତମଙ୍କ ହୃଦୟରେ ନୂତନ ଉତ୍ସାହ ପ୍ରଜ୍ୱଳିତ ହୋଇଉଠିଲା । ହତାଶର ସୁଡ଼ଙ୍ଗ ଶେଷରେ ଯେମିତି ଆଲୁଅ ଚେନାଏ ଜଳିଉଠିଲା । ଜାଗିଉଠିଲା ଝାଉଁଳି ଯାଇଥିବା ଅଭୀପ୍ସା । ତେଜୋଦୀପ୍ତ କଣ୍ଠରେ ସେ ସେହି ଗୁଣ୍ଡୁଚି ଦମ୍ପତିଙ୍କୁ କହିଲେ, ''ମୁଁ ତୁମର ଦୃଢ଼ ସଂକଳ୍ପ ଦେଖି ବିମୋହିତ । ତୁମେ ତୁମର ପ୍ରୟାସରେ ଲାଗିରୁହ ।''

ଆଗକୁ ପାଦ ବଢ଼ାଇଲେ ଗୌତମ । ଲକ୍ଷ୍ୟ ପ୍ରାପ୍ତି ନହେବା ଯାଏଁ ତାଙ୍କର ଯାତ୍ରା ରହିବ ଅବ୍ୟାହତ । ଯିଏ ସ୍ୱପ୍ନ ଦେଇଛନ୍ତି, ସିଏହିଁ ଦେବେ ତାକୁ ସାକାର କରିବାର ସାମର୍ଥ୍ୟ । ତାଙ୍କରି ଆହ୍ୱାନରେ ଅନୁପ୍ରେରିତ ହୋଇ ସମ୍ପୂର୍ଣ୍ଣ ଆତ୍ମନିବେଦନ ସହ ଏ ମହାନ୍ ଯାତ୍ରାରେ ବ୍ରତୀ ହେବା ବାଞ୍ଛନୀୟ । ପରିବେଶଟି ଲାଗୁଥିଲା ପୁଲକିତ । ମୁହୂର୍ତ୍ତମାନେ ଅନାହତ ପ୍ରାର୍ଥନା ସହ ତାଙ୍କର ସହଚର ହୋଇଉଠିଲେ । ପୃଥିବୀର ଅଧ୍ୟାତ୍ମ ଇତିହାସରେ ନୂତନ ଅଧ୍ୟାୟ ସଂଯୋଗକାରୀ ପୁରୋଧା ତାଙ୍କର ଯାତ୍ରା ଅବ୍ୟାହତ ରଖିଲେ ।

ଉପସ୍ଥାପନା : ଜୟନ୍ତୀ ❑

*ପ୍ରଶ୍ନ : ମା', ଆମର ସଂକଳ୍ପକୁ ଆମେ ଖୁବ୍ ଦୃଢ଼ କରିବୁ କିପରି ?*

**ଶ୍ରୀମା** : ଖୁବ୍ ଦୃଢ଼ କରିବା ପାଇଁ ଇଚ୍ଛା କରିବା ଦ୍ୱାରା (ହାସ୍ୟ) ନା, ଏହା ହୁଏତ ପରିହାସ ପରି ଲାଗୁଛି ... କିନ୍ତୁ ପ୍ରକୃତରେ ଏହା ନିର୍ଭୁଲ ଭାବରେ ସତ୍ୟ । ଆମେ ଯଥାର୍ଥରେ ଏଥିପାଇଁ ଇଚ୍ଛା କରୁନା । ... ଏଥିପାଇଁ ଆନ୍ତରିକତାର ଅଭାବ ଥାଏ । ତୁମେ ଯଦି ଆନ୍ତରିକଭାବରେ ଦେଖ ତା'ହେଲେ ଦେଖି ପାରିବ କୌଣସି ବିଷୟରେ ତୁମେ ନିଷ୍ପତ୍ତି ନେଇଛ ଯେ ଏହି ବିଷୟଟି ଏହି ଭାବରେ ହେବା ଉଚିତ, କିନ୍ତୁ ତା'ପରେ ଦେଖିବ ତା' ତଳେ ଏପରି କିଛି ରହିଯାଇଛି ଯାହାକି ଆଦୌ ଏହି ନିଷ୍ପତ୍ତି ନେଇ ନାହିଁ ଏବଂ ଏହା ଦ୍ୱିଧା ବା କୁଣ୍ଠାର ସେହି ମୁହୂର୍ତ୍ତଟିକୁ ଅପେକ୍ଷା କରୁଛି ଯେତେବେଳେ ଏହା ପଦାକୁ ବାହାରି ଆସିବାର ସୁଯୋଗ ପାଇବ । ତୁମେ ଯଦି ଆନ୍ତରିକ ହୋଇଥିବ, ଯଦି ଆନ୍ତରିକ ଭାବରେ ସତ୍ତାର ସେହି ଅଂଶଟିକୁ ଧରି ଦେଇପାରିବ ଯେ ନିଜକୁ ଲୁଚାଇ ରଖିଛି, ଅପେକ୍ଷା କରୁଛି, ନିଜକୁ ଦେଖାଉ ନାହିଁ, ଯେ ଜାଣେ ଯେ ଦ୍ୱିଧାର ସେହି ମୁହୂର୍ତ୍ତଟି ଆସିବ ଯେତେବେଳେ କି ସେ ବାହାରକୁ ବାହାରି ଆସିବ ଏବଂ ଯେଉଁ ଜିନିଷଟି ନ କରିବା ପାଇଁ ତୁମେ ନିଷ୍ପତ୍ତି କରିଥିଲ ତାହା ପୁଣି ତୁମ ଦ୍ୱାରା କରାଇ ନେବ ...

କିନ୍ତୁ ପ୍ରକୃତରେ ଯଦି ତୁମେ ତାହା ଚାହଁ, ପୃଥିବୀରେ ଏପରି କିଛି ନାହିଁ ଯାହାକି ତୁମେ ନିଷ୍ପତ୍ତି କରିଥିବା ଜିନିଷଟିକୁ କରିବା ପାଇଁ ବାଟ ଛାଡ଼ିବ ନାହିଁ । ଏପରି ହେବାର କାରଣ ହେଉଛି ଏଥିପାଇଁ କିପରି ସଂକଳ୍ପ କରିବାକୁ ହୁଏ ତାହା ତୁମେ ଜାଣ ନାହିଁ । ଏହାର କାରଣ ହେଉଛି ତୁମ ନିଜ ସଂକଳ୍ପ ଦ୍ୱିଧା ବିଭକ୍ତ । ତୁମେ ଯଦି ନିଜ ସଂକଳ୍ପରେ ଦ୍ୱିଧା ବିଭକ୍ତ ହୋଇ ନ ଥା'ନ୍ତ, ତେବେ ମୁଁ କହିବି କୌଣସି ଜିନିଷ ନାହିଁ, ପୃଥିବୀରେ ଏପରି କେହି ନାହିଁ ଯେ କି ତୁମ ସଂକଳ୍ପକୁ ବଦଳାଇ ଦେଇ ପାରିବ । ❑

# ସୁଜାନର ସାହସ

## ବନମାଳୀ ଆଚାର୍ଯ୍ୟ

ଜଣେ ଶିକ୍ଷକ ଶ୍ରେଣୀରେ କୌଣସି ଏକ ପ୍ରସଙ୍ଗ ଉପରେ କିଛି ଉପସ୍ଥାପନ କରି କହିଲେ – ଦିବ୍ୟଜନନୀ ଶ୍ରୀମା କହିଛନ୍ତି, ''ପ୍ରତ୍ୟେକେ ନିଜ ନିଜ ଜୀବନର ଯତ୍ନନେବା ଏବଂ ନିରାପତ୍ତା ପାଇଁ ସାହସ ଦେଖାଇବା ଉଚିତ। ତେବେ ଏହା ଅପେକ୍ଷା ଅନ୍ୟ ଏକ ମହତ୍ତର ସାହସ ରହିଛି, ଯେଉଁ ସାହସକୁ ଅନ୍ୟର ନିରାପତ୍ତା ପାଇଁ ବ୍ୟବହାର କରାଯାଇପାରେ।'' ଛାତ୍ରଛାତ୍ରୀମାନେ ଏକଥାକୁ ଆଗ୍ରହର ସହ ଶୁଣୁଥିଲେ ଏବଂ ବୁଝିବାକୁ ଚେଷ୍ଟା କରୁଥିଲେ। ସେମାନଙ୍କର ଉତ୍ସାହକୁ ଲକ୍ଷ୍ୟ କରି କଥାଟିକୁ ଅଧିକ ବୋଧଗମ୍ୟ କରାଇବା ଉଦ୍ଦେଶ୍ୟରେ ଶିକ୍ଷକ କାହାଣୀଟିଏ ଆରମ୍ଭ କଲେ। କାହାଣୀଟି ଜଣେ ଚଉଦ ବର୍ଷିୟ ପିତୃହରା ବାଳକ ସୁଜାନ ବିଷୟରେ ଥିଲା।

ଡିସେମ୍ବର ମାସର ଏକ ଶୀତ ସକାଳ। ସୁଜାନ ନିଜର ଚାଷଜମି ଆଡ଼େ ବୁଲି ବାହାରିଲା। ଛୁଟିଦିନଗୁଡ଼ିକର ନରମ ସକାଳ ସମୟରେ ଜମିରେ ଫଳିଥିବା ଫସଲ ଉପରେ ଦୃଷ୍ଟି ବୁଲାଇ ଆଣିବା ତା'ର ଏକ ନିୟମିତ କାର୍ଯ୍ୟ ଥିଲା। ସ୍ୱଳ୍ପ ଜମିରେ ଭଲ ଫସଲ ଅମଳ କରିବା ଉପରେ ତା'ର ମା' ଓ ସେ ଉଭୟ ନିର୍ଭରଶୀଳ ଥିଲେ। ଶସ୍ୟକ୍ଷେତ ଇଲାକାର ମୁକ୍ତ ବାତାବରଣ ଏବଂ ତା' ମଧ୍ୟରେ ପ୍ରାତଃଭ୍ରମଣ ସ୍ୱାଭାବିକଭାବେ ତା' ବୟସର ଜଣେ ବାଳକ ପାଇଁ ରୋମାଞ୍ଚକର ଥିଲା। ଅବଶ୍ୟ ସେହି ସମୟରେ ନାଗସାପର ସମ୍ଭାବ୍ୟ ଉପସ୍ଥିତି ବା ଅଚାନକଭାବେ ବଣୁଆ ଭାଲୁର ପାହାଡ଼ି ଗୁହା ଆଡ଼କୁ ପ୍ରତ୍ୟାବର୍ତ୍ତନର ସମ୍ଭାବନା ଭୟରୁ ସୁଜାନ ସମ୍ପୂର୍ଣ୍ଣ ମୁକ୍ତ ନଥିଲା। ସରଳ ଓ ନିରହଂକାରୀ ବାଳକ ଜଣକ ସେଦିନ ସକାଳର ପ୍ରାକୃତିକ ପରିବେଶ ମଧ୍ୟରେ ନିଜକୁ ହଜାଇ ଦେଇଥିଲା ଏବଂ ବେଶ୍ ଖୁସି ଜଣା ପଡୁଥିଲା।

ସୁଜାନ ତା'ର ଧାନଜମିକୁ ଭଲ ଭାବରେ ଲକ୍ଷ୍ୟ କଲା। ବହଳ ଫସଲ ମଧ୍ୟରୁ କିଛି ଅଂଶ ଉଭାନ ହୋଇ ଯାଇଥିବା ଭଳି ତାକୁ ଲାଗିଲା। ସେ ପାଚିଲା ଶସ୍ୟର କିଆରି ଦେଇ ଭିତରକୁ ପାଦ ବଢ଼ାଇଲା ଏବଂ ସ୍ଥାନଟିକୁ ମନ ଦେଇ ନିରୀକ୍ଷଣ କଲା। ପରଦିନ କଟା ହେବାକୁ ଥିବା ଫସଲ ମଧ୍ୟରୁ ଗୋଟିଏ ମଳା ବିପର୍ଯ୍ୟସ୍ତ ଭାବେ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିଲା ଏବଂ ତାହା ଏକ ସବୁଜ ହଳଦୀବର୍ଣ୍ଣ ଗାଲିଚାର ଭ୍ରମ ସୃଷ୍ଟି କରୁଥିଲା। ତା' ଉପରେ ଦୁଇଟି ନବଜାତ ଭାଲୁ ଛୁଆ ଅସ୍ଥିର ଭାବରେ ଗୁରୁଣ୍ଡି ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଗତିଶୀଳ ଥିଲେ। ମା' ଭାଲୁ ନିକଟରେ ଦୃଶ୍ୟମାନ ନଥିଲା। ତା' ଭଳି ଜଣେ ଅପରିଚିତ ଆଗନ୍ତୁକର ଅଚାନକ ଉପସ୍ଥିତିକୁ ବାରି ନେଇ ପ୍ରବୃତ୍ତି ବଶରେ ଭାଲୁ ଛୁଆ ଦୁଇଟି ପରସ୍ପରକୁ ଜାବୁଡ଼ି ଧରୁଥିଲେ। ସୁଜାନ ମନକୁ ମନ କହିଲା – କେଡ଼େ ଭୟଙ୍କର ଏ ଦୃଶ୍ୟ ! ମୁଁ ଏହା ଦେଖୁଥିବାର ଯଦି ମା'ଭାଲୁ ଦୃଷ୍ଟିରେ ପଡ଼ିଯାଏ, ମୁଁ ତା'ର କ୍ରୋଧରୁ ବର୍ତ୍ତିଯାଇ ପାରିବି ତ ? ମାତ୍ର ସୌଭାଗ୍ୟବଶତଃ ସେପରି କିଛି ଘଟିଲା ନାହିଁ। ସେ ଅନୁମାନ କରିନେଲା, ହୁଏତ ମା' ଭାଲୁଟି କ୍ଷୁଧା ନିବାରଣ କରିବା ଉଦ୍ଦେଶ୍ୟରେ ନିକଟବର୍ତ୍ତୀ କୌଣସି ସ୍ଥାନକୁ ଯାଇଥିବ। ଓଦା ମାଟି ଉପରେ ପଶୁଟିର ସଦ୍ୟ ଅସ୍ପଷ୍ଟ ପାଦଚିହ୍ନ ଗୋଟିଏ ଦିଗରେ ଆଗକୁ ଆଗକୁ ପଡ଼ିଥିଲା। ଏହାକୁ ସେ ଭଲ ଭାବରେ ଦେଖିନେଲା। ସେ ଭାବିଲା – ଅସହାୟ ଭାଲୁ ଛୁଆ ଦୁଇଟି ପାଇଁ କିଛି କରାଯିବା ଏକାନ୍ତ ଜରୁରୀ; ସେମାନେ ଭୋକ ଓ ଶୋଷରେ ଅସ୍ଥିର ହୋଇ ଏଣେ ତେଣେ ମା'କୁ ଖୋଜି ଚାଲିଛନ୍ତି। ମା' ଭାଲୁର ଦୋଷ ବା କ'ଣ ? ସେ ତ ଏକ ପଶୁ ! ସେ ତା'ର ଛୁଆଙ୍କ ପାଇଁ ନିରାପଦ ସ୍ଥାନଟିଏ ଖୋଜୁଥିବ କିଂବା ସେମାନଙ୍କୁ ଖୁଆଇବାକୁ ଏହି ଆଡ଼କୁ ଆସୁଥିବ। ଉଜୁଡ଼ା ଫସଲ କାରଣରୁ ସେ ଦୁଃଖିତ ଥିଲା ସତ, ମାତ୍ର ମା'କୁ ଖୋଜୁଥିବା ଭାଲୁ ଛୁଆ ଦୁଇଟିର ଦୁରବସ୍ଥାକୁ ଅନୁଭବ କରିବା ପରେ ତା'ର ଭାବନା ସେମାନଙ୍କର ସୁରକ୍ଷା ଦିଗରେ ବଢ଼ି ଚାଲିଲା। କ୍ଷୁଧା ଓ ତୃଷାରେ ଛଟପଟ ହୋଇ ଭାଲୁ ଛୁଆ ଦୁଇଟି ଯେପରି ମରି ନଯାଆନ୍ତି, ସେଥିଲାଗି ମନେ ମନେ ସେ ଭଗବାନଙ୍କୁ ପ୍ରାର୍ଥନା କଲା। ସେମାନଙ୍କର ଉପସ୍ଥିତି ବିଷୟରେ ବାହାର ଲୋକ ଯେପରି ଜାଣି ନପାରନ୍ତି, ସେଥି ସକାଶେ ଘଟଣାଟିକୁ ଗୁପ୍ତ ରଖିବାକୁ ସେ ସଂକଳ୍ପବଦ୍ଧ ହେଲା। କାରଣ ଏଥିରେ ବ୍ୟତିକ୍ରମ ହେଲେ ସେମାନଙ୍କ ଉପରକୁ ବିପଦ ମାଡ଼ି ଆସିପାରେ। ଏହା ପରେ ଅଦୂରରେ ଥିବା ଏକ ଆଖୁ କିଆରି ନିକଟକୁ ଯାଇ ସେଠାରୁ ଭାଲୁଛୁଆ ଦୁଇଟି ଉପରେ ସେ ନଜର ରଖିଲା।

ସେହି ସମୟରେ ଆଖୁ କିଆରି ଭିତରୁ କୌଣସି ପଶୁର

ହୃଦୟ ବିଦାରକ ଯନ୍ତ୍ରଣାଯୁକ୍ତ ସ୍ୱର ତା'ର କାନରେ ବାଜିଲା । ସତର୍କତାର ସହ ସେ ଆଖୁ କିଆରି ଭିତରକୁ ପ୍ରବେଶ କଲା । ଯନ୍ତା ଭିତରେ ଭାଲୁଟିଏ ପଡ଼ି ଅସ୍ତବ୍ୟସ୍ତ ହେଉଥିବାର ସେ ଦେଖିଲା । ସେହି ଜନ୍ତୁଟି ଯେ ମା' ଭାଲୁ ଏ ବିଷୟରେ ତା'ର କୌଣସି ସନ୍ଦେହ ରହିଲା ନାହିଁ । ସୁଜାନ ବିରକ୍ତି ମିଶା କଣ୍ଠରେ କହିଲା – ''ତେବେ ତୁ ଶେଷରେ ଜମି ମାଲିକର ଯନ୍ତା ଭିତରେ ସହଜରେ ଧରା ପଡ଼ିଗଲୁ । ସେ ନିଶ୍ଚୟ ତୋତେ ଠେଙ୍ଗାରେ ପିଟି ପିଟି ମାରି ଦେବ । କାରଣ ତୁ ତା'ର ଆଖୁ ଫସଲକୁ ନଷ୍ଟ କରି ଆସୁଛୁ । ତା'ପରେ ତୋ'ର ସେହି ଛୁଆ ଦୁଇଟିର କ'ଣ ହେବ ? ନିର୍ବୋଧ ପଶୁ !''

ସୁଜାନ ଜମି ମାଲିକଙ୍କୁ ଧାନକ୍ଷେତ ଭିତରେ ଧସେଇ ଆସୁଥିବାର ଦେଖି ପାରିଲା । ତାଙ୍କର ହାତରେ ଥିଲା ଗୋଟିଏ ଠେଙ୍ଗା, ଏକ ଶକ୍ତ ଲମ୍ବା ଦଉଡ଼ି ଓ ଟାଙ୍ଗିଆ । ମା' ଭାଲୁର ଜୀବନକୁ ନେଇଯିବା ସକାଶେ ସତେ ଯେପରି ଜଣେ ଯମଦୂତ ଆଗେଇ ଆସୁଥିଲେ ! ସୁଜାନର ହୃତ୍ସ୍ପନ୍ଦନ ବଢ଼ିଗଲା । ଭାଲୁର ପରିବାରକୁ ବଞ୍ଚାଇବାର ଇଚ୍ଛା ଶକ୍ତିଟି ମଧ୍ୟ ତା' ଭିତରେ ଦୃଢ଼ତର ହେବାକୁ ଲାଗିଲା । ସେ ଦ୍ରୁତ ଗତିରେ ଜମି ମାଲିକ ଆଡ଼କୁ ଦୌଡ଼ିବା ଆରମ୍ଭ କରି ଦେଲା ।

– ''ହେ, କାହିଁକି ଅଣନିଶ୍ୱାସୀ ହୋଇ ଦୌଡୁଛ ?''

– ''ଭାଲୁ ... ସେ ପାଖରେ ଗୋଟିଏ ଭାଲୁ ...''

– ''କାହିଁ, କେଉଁଠାରେ ସେ ପଶୁ ?''

– ''ଆଖୁ କିଆରି ଆରପଟେ ... ଜଙ୍ଗଲ ମୁହାଁ ଦୌଡୁଛି ।''

– ''ତା'ହେଲେ ସେ ପୁଣି ଆସିଲା । ହେ ଭଗବାନ୍, ମୋର ସବୁକିଛି ଶେଷ ହୋଇଗଲା ! ଧର ଏ ଦଉଡ଼ି ଓ ଟାଙ୍ଗିଆ । ମୁଁ ତାକୁ ଘଉଡ଼ାଇବାକୁ ବାହାରିଲି ।''

ସୁଜାନ ବତାଇଥିବା ଦିଗରେ ଜମି ମାଲିକ ବାହାରି ଗଲେ । କିଛି ସମୟ ପରେ ସେ ଆଉ ଦେଖାଗଲେ ନାହିଁ । ସୁଜାନ ଧୀର ପାଦରେ ଛପି ଛପି ଭାଲୁର ଯନ୍ତା ଆଡ଼କୁ ଆଗେଇଲା । ମୁକ୍ତି ପାଇଁ ବାରଂବାର ସଂଗ୍ରାମ କରି କ୍ଳାନ୍ତ ମା' ଭାଲୁଟି ଯନ୍ତା ଭିତରେ ଅସହାୟ ଅବସ୍ଥାରେ ପଡ଼ି ରହିଥିଲା ।

ସୁଜାନ ନିଜର ସମସ୍ତ ବଳ ଖଟାଇ ଟାଙ୍ଗିଆ ସାହାଯ୍ୟରେ ଯନ୍ତାକୁ ଠେଲିବାରେ ମନ ଦେଲା ଏବଂ ସଫଳ ମଧ୍ୟ ହେଲା । ଯନ୍ତାର ଉଲ୍ଲମ୍ବ ପାର୍ଶ୍ୱଟି ମାଟି ଉପରକୁ ବୁଲି ଆସିଲା । ତାହାର ଦ୍ୱାର ଓ ଖିଡ଼ିକି ଭୂମି ସହ ସମାନ୍ତରାଳ ଭାବରେ ଖୋଲିବା ଅବସ୍ଥାରେ ରହିଲା । ତା'ପରେ ସେ ଲମ୍ବା ଦଉଡ଼ିର ଗୋଟିଏ ମୁଣ୍ଡକୁ ଦ୍ୱାର ଓ ଖିଡ଼ିକି ସହ ସଂଯୁକ୍ତ କଲା ଯେପରିକି ଟାଣିବା ଦ୍ୱାରା ଦ୍ୱାରଟି ଖୋଲି ଯାଇପାରିବ । ମା' ଭାଲୁର ବିକଟାଳ ଶବ୍ଦ ଓ ରୂପ ପ୍ରତି ତା'ର ଧ୍ୟାନ ନଥିଲା । କିଛି ଆଖୁ ପତ୍ରକୁ ମୋଡ଼ି ଦଉଡ଼ି ଭଳି କଲା ଏବଂ ତାହାକୁ ମୂଳ ଦଉଡ଼ି ସହ ଯୋଡ଼ି ଦେଲା । ଦଉଡ଼ିର ଲମ୍ୱ ପ୍ରାୟ ପଚାଶ ଫୁଟ ହୋଇଗଲା । ଏହାକୁ ଯଥା ସମ୍ଭବ ମୁକ୍ତ ଅବସ୍ଥାରେ ରଖି ଅପରମୁଣ୍ଡରେ ଏକ ଶକ୍ତ ଝିଙ୍କା ଦେଲା । ଯନ୍ତାର ଦ୍ୱାର ଖୋଲିଗଲା । ମା' ଭାଲୁ ଯନ୍ତା ଭିତରୁ ଏକ ପ୍ରକାର ଲମ୍ଫ ପ୍ରଦାନ କରି ଏକ ମୁହାଁ ସୁଜାନର ଧାନକ୍ଷେତ ଆଡ଼କୁ ଦୌଡ଼ିବାରେ ଲାଗିଲା ।

ଜମି ମାଲିକ ଭାଲୁର କୌଣସି ସନ୍ଧାନ ନପାଇ ନିରାଶ ମନରେ ଫେରି ଆସିଲେ । ସୁଜାନ ତାଙ୍କର ଜିନିଷଗୁଡ଼ିକୁ ତାଙ୍କ ହାତକୁ ବଢ଼ାଇ ଦେଲା । ଦୁଇଜଣ କୌଣସି କଥାବାର୍ତ୍ତା ନହୋଇ ନୀରବରେ ଘର ଆଡ଼କୁ ଚାଲିଲେ । ଭାଲୁ ପରିବାରଟି ନିରାପଦରେ ବଣ ଭିତରକୁ ଚାଲି ଯାଇଛି, ଏ ବିଷୟରେ ସୁଜାନ ନିଶ୍ଚିତ ହେଲା ଏବଂ ଶାନ୍ତିରେ ନିଃଶ୍ୱାସ ମାରିଲା । ପରବର୍ତ୍ତୀ ଦିନ ଗ୍ରାମ-ବିଦ୍ୟାଳୟର ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହେଉଥିଲା । ବିଦ୍ୟାଳୟ କମିଟିର ସଭାପତି ଭାବେ ଜମି ମାଲିକ ସେ ସଭାରେ ସୁଜାନ ପାଇଁ ଏକ ପୁରସ୍କାର ଘୋଷଣା କଲେ । ଏହା ସହିତ ନିକଟରେ ଘଟିଥିବା ଘଟଣାବଳିକୁ ଲୋକମାନଙ୍କ ଆଗରେ ବର୍ଣ୍ଣନା କଲେ । ସୁଜାନର ଯଥାର୍ଥ ସାହସ ପ୍ରଦର୍ଶନ ଦ୍ୱାରା ଭାଲୁ ପରିବାର କିପରି ରକ୍ଷା ପାଇଥିଲା ତାହା ପ୍ରକାଶ କଲେ । ଶ୍ରୋତାବର୍ଗ କରତାଳି ଦ୍ୱାରା ନିଜର ସମର୍ଥନ ପ୍ରକାଶ କରୁଥିଲେ । ବିନମ୍ର ଭାବରେ ସୁଜାନ ଜାଣିବାକୁ ଚେଷ୍ଟା କରୁଥିଲା କିପରି ସେଦିନର ଗୁପ୍ତ କଥାଗୁଡ଼ିକ ବାହାରକୁ ଚାଲି ଆସିଲା ।

କାହାଣୀଟିରେ ସୁଜାନ ନିରୀହ ଭାଲୁ ପରିବାରକୁ, ଜମି ମାଲିକର କ୍ରୋଧ ଓ ଆକ୍ରମଣରୁ ରକ୍ଷା କରି ପାରିଥିଲା । ପ୍ରଥମତଃ ସେ ନିଜକୁ ମା' ଭାଲୁର ସମ୍ଭାବ୍ୟ ଆକ୍ରମଣରୁ ସୁରକ୍ଷିତ ରଖିଥିଲା । ଦ୍ୱିତୀୟତଃ ସାହସ ପ୍ରଦର୍ଶନ କରି ମା' ଭାଲୁ ଓ ତା'ର ଛୁଆଙ୍କୁ ସେ ରକ୍ଷା କରିଥିଲା । ଅନ୍ୟର ନିରାପତ୍ତା ପାଇଁ ଯେଉଁ ସାହସ ଦେଖା ଯାଇଥାଏ ତାହା ଯଥାର୍ଥ ସାହସ । ଶିକ୍ଷକ ଏହି କଥାଟିକୁ ଶିକ୍ଷା କରିବା ସକାଶେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଶେଷରେ ସେ କହିଲେ – ଗଳ୍ପଶ୍ରୀରେ ଶ୍ରୀମା କହିଛନ୍ତି, ''ଯେ କେହି ହେଉନା କାହିଁକି, ଯଦି ତା'ର ସାହସ ଥାଏ, ତେବେ ସେ ଅନ୍ୟମାନଙ୍କୁ ମଧ୍ୟ ସାହସ ଦେଇ ପାରିବ, ଠିକ୍ ଯେପରି ଗୋଟିଏ ଜ୍ୱଳନ୍ତ ଦୀପ ଅନ୍ୟ ଦୀପରେ ଅଗ୍ନି ସଂଯୋଗ କରିପାରେ ।'' ❑

# ସମ୍ରାଟ୍
## ଖଲିଲ୍ ଜିବ୍ରାନ୍

ଦିନେ ହଠାତ୍ ସାଦିକ ନଗରୀର ସମ୍ରାଟଙ୍କ ବିରୋଧରେ ବିଦ୍ରୋହର ସ୍ଲୋଗାନ ଦେଇ ତାଙ୍କ ପ୍ରଜାମାନେ ରାଜପ୍ରାସାଦକୁ ଘେରିଗଲେ । ସୂଚନା ପାଇବା ମାତ୍ରେ ସମ୍ରାଟ୍ ରାଜପ୍ରାସାଦର ଉପର ମହଲାରୁ ପାହାଚ ଦେଇ ତଳକୁ ଓହ୍ଲାଇ ଆସିଲେ । ସମ୍ରାଟ୍‌ଙ୍କ ଉପସ୍ଥିତିରେ ସମଗ୍ର ପରିବେଶ ଶାନ୍ତ ହୋଇଗଲା । ସେ ନିଜ ମସ୍ତକରୁ ରାଜମୁକୁଟ ଓହ୍ଲାଇ ଦେଲେ ଏବଂ ହାତରେ ଧରିଥିବା ରାଜଦଣ୍ଡଟିକୁ ମଧ୍ୟ ସମସ୍ତଙ୍କ ସମ୍ମୁଖରେ ଭୂଇଁ ଉପରେ ରଖିଦେଲେ । ତା'ପରେ ସେ ଛିଡ଼ା ହୋଇ ସମ୍ବୋଧନ କଲେ –

''ବନ୍ଧୁଗଣ ! ଏଇ ଦେଖନ୍ତୁ, ମୁଁ ଆପଣମାନଙ୍କ ସମ୍ମୁଖରେ ରାଜମୁକୁଟ ଓହ୍ଲାଇ ଦେଲି । ରାଜଦଣ୍ଡ ମଧ୍ୟ ରଖି ଦେଲି । ଏବେ ଆମ୍ଭମାନଙ୍କ ମଧ୍ୟରେ ରାଜା-ପ୍ରଜା ସମ୍ପର୍କର ପରିସମାପ୍ତି ଘଟିଲା । ଏବେ ଠାରୁ ମୁଁ ମଧ୍ୟ ଆପଣମାନଙ୍କ ଭିତରେ ଜଣେ ହୋଇ ଗଣା ହେବି । ମୁଁ ପ୍ରଥମେ ଜଣେ ମଣିଷ, ତା'ପରେ ଆଉ ଯାହା କିଛି । ଜଣେ ମଣିଷ ହିସାବରେ ମୁଁ ମଧ୍ୟ ଆପଣମାନଙ୍କ ସହିତ ମିଶି ସେଇସବୁ କାର୍ଯ୍ୟ କରିବାକୁ ଉଦ୍ୟମ କରିବି ଯଦ୍ଵାରା ଆମ ରାଜ୍ୟ ପ୍ରଗତି ପଥରେ ଅଗ୍ରସର ହୋଇ ପାରିବ । ଏଠାରେ ଜଣେ ଶାସକଙ୍କର ଆବଶ୍ୟକତା ବା କ'ଣ ? ଚାଲନ୍ତୁ, ଆମ୍ଭେମାନେ ସମସ୍ତେ ନିଜ ନିଜର କ୍ଷେତରେ ଏବଂ ଦ୍ରାକ୍ଷାକୁଞ୍ଜମାନଙ୍କରେ ଶ୍ରମଦାନ କରିବା । ଦୟାକରି କେହି ଏବେ ମୋତେ ଗୋଟିଏ କ୍ଷେତ ଅଥବା ଦ୍ରାକ୍ଷାକୁଞ୍ଜର ଠିକଣା ବତାଇ ଦିଅନ୍ତୁ, ଯେଉଁଠି ମୁଁ ମନଖୁସିରେ ଶ୍ରମଦାନ କରି ପାରିବି । ଏବେ ଆପଣମାନେ ସମସ୍ତେ ହେଉଛନ୍ତି ଏ ରାଜ୍ୟର ସମ୍ରାଟ୍ ।''

ସମ୍ରାଟ୍‌ଙ୍କର ଏତାଦୃଶ ସ୍ଵାର୍ଥତ୍ୟାଗ ଓ ହୃଦୟସ୍ପର୍ଶୀ ବାଣୀ ଶୁଣି ଉପସ୍ଥିତ ଜନତା ସ୍ତବ୍ଧ ଚକିତ ହୋଇଗଲେ । ଯେଉଁ ସମ୍ରାଟ୍‌ଙ୍କ ଉପରେ ସେମାନେ ଏତେ ଅସନ୍ତୁଷ୍ଟ ଥିଲେ ଏବଂ ଯାହାଙ୍କ ବିରୋଧରେ ସେମାନେ ବିଦ୍ରୋହର ସ୍ଲୋଗାନ ଦେଉଥିଲେ, ମୁହୂର୍ତ୍ତକ ମଧ୍ୟରେ ସେ ନିଜର ବହୁମୂଲ୍ୟ ମୁକୁଟ ଏବଂ ରାଜଦଣ୍ଡ ତ୍ୟାଗ କରି ସେମାନଙ୍କ ମଧ୍ୟରେ ସାମିଲ ହୋଇ ଯାଇଛନ୍ତି ।

ଏଥର ସମସ୍ତେ ନିଜ ନିଜ ରାସ୍ତାରେ ଚାଲିଗଲେ । ସମ୍ରାଟ୍ ମଧ୍ୟ ଶ୍ରମଦାନ ପାଇଁ ଜନୈକ କୃଷକଙ୍କ ସହିତ ତାଙ୍କର ଦ୍ରାକ୍ଷାକୁଞ୍ଜକୁ ଚାଲିଗଲେ ।

ଏକଥା ଘଟିଲା ସତ । କିନ୍ତୁ ଶାସକଶୂନ୍ୟ ସାଦିକ ନଗରୀରେ ଅରାଜକତା ଦେଖାଦେଲା । ଚାରିଆଡ଼େ ଅସନ୍ତୋଷର କଳାମେଘ ଘୋଟିଗଲା । ପୁରପଲ୍ଲୀ ଚାରିଆଡ଼େ ହାହାକାର । ଲୋକମାନେ ଚିତ୍କାର କରି କହିବାକୁ ଲାଗିଲେ – ''ବିନା ଶାସକରେ ରାଜ୍ୟ ଚାଲିପାରିବ ନାହିଁ, ଆମକୁ ଆମର ଶାସକ ଦରକାର ।'' ତା'ପରେ ଆବାଳବୃଦ୍ଧବନିତା ସମସ୍ଵରରେ ଚିତ୍କାର ଛାଡ଼ିଲେ – ''ଆମେ ଆମର ସମ୍ରାଟ୍‌ଙ୍କୁ ପୁଣି ଥରେ ଫେରାଇ ଆଣି ସିଂହାସନରେ ଆରୂଢ଼ କରାଇବୁ । ଆମେ ଚାହୁଁ ଆମର ସମ୍ରାଟ୍‌ଙ୍କୁ ।''

ଏଥର ସମସ୍ତେ ଯାଇ ସମ୍ରାଟ୍‌ଙ୍କ ନିକଟରେ ଉପସ୍ଥିତ ହେଲେ । ସେମାନେ ଦେଖିଲେ ସମ୍ରାଟ୍ ସାଧାରଣ ନାଗରିକ ଭଳି ଜଣେ କୃଷକର ଦ୍ରାକ୍ଷାକୁଞ୍ଜରେ ଶ୍ରମଦାନ କରୁଛନ୍ତି । ସେମାନେ ତାଙ୍କୁ ସସମ୍ମାନେ ଫେରାଇ ଆଣି ସିଂହାସନାରୂଢ଼ କରାଇଲେ । ପୁଣିଥରେ ତାଙ୍କ ମଥାରେ ମୁକୁଟ ପିନ୍ଧାଇ ଦେଲେ ଏବଂ ତାଙ୍କ ହାତରେ ରାଜଦଣ୍ଡ ଧରାଇ ଦେଲେ । ତାଙ୍କୁ ନିବେଦନ କଲେ, ''ସମ୍ରାଟ୍ ! ଆପଣ ପୂର୍ଣ୍ଣ କ୍ଷମତା ଏବଂ ନ୍ୟାୟପୂର୍ବକ ଆମ୍ଭମାନଙ୍କୁ ଶାସନ କରନ୍ତୁ ।''

ପ୍ରତ୍ୟୁତ୍ତରରେ ସମ୍ରାଟ୍ କହିଲେ, ''ହଁ, ମୁଁ ପୂର୍ଣ୍ଣ କ୍ଷମତାର ସହ ଏ ରାଜ୍ୟରେ ଶାସନ କରିବି । ମୁଁ ଆକାଶ ଓ ପୃଥିବୀର ଦେବତାମାନଙ୍କୁ ପ୍ରାର୍ଥନା କରୁଛି ଯେ ସେମାନେ ମୋତେ ନ୍ୟାୟପୂର୍ବକ ଶାସନ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ।''

ଏ ଘଟଣାର ପରମୁହୂର୍ତ୍ତରେ ଜଣେ ଜମିଦାରଙ୍କ ବିରୋଧରେ ଦୁର୍ବ୍ୟବହାରର ଅଭିଯୋଗ ନେଇ କିଛି ନାରୀ ଓ ପୁରୁଷ ସମ୍ରାଟ୍‌ଙ୍କ ଦରବାରରେ ଉପସ୍ଥିତ ହେଲେ । ସେ ଏଇ ନାରୀ-ପୁରୁଷଙ୍କୁ କ୍ରୀତଦାସଠାରୁ ବି ହୀନ ବୋଲି ବିବେଚନା କରୁଥିଲେ ଏବଂ ତଦନୁରୂପ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିଲେ ।

ସମ୍ରାଟ୍ ତତ୍‌କ୍ଷଣାତ୍ ସେଇ ଦୋଷୀ ବ୍ୟକ୍ତିଟିକୁ ଦରବାରକୁ ଡକାଇ କହିଲେ, ''ପରମାତ୍ମାଙ୍କ ଦରବାରରେ ପ୍ରତ୍ୟେକ ମଣିଷର ଜୀବନର ମୂଲ୍ୟ ସମାନ । ତୁମେ ନିଜର କ୍ଷେତ ଏବଂ ଦ୍ରାକ୍ଷାକୁଞ୍ଜରେ କାର୍ଯ୍ୟ କରୁଥିବା ଲୋକଙ୍କର ଜୀବନକୁ ମୂଲ୍ୟହୀନ ବୋଲି ବିବେଚନା କରୁଛ । ସେଥିପାଇଁ

ତୁମକୁ ମୁଁ ନିର୍ବାସନ ଦଣ୍ଡ ଦେଉଛି । ତୁମକୁ ଚିରଦିନ ପାଇଁ ଏ ରାଜ୍ୟ ଛାଡ଼ି ଚାଲି ଯିବାକୁ ହେବ ।''

ଦ୍ୱିତୀୟ ଦିନ ପୁଣି କିଛି ଲୋକ ଅଭିଯୋଗ ପତ୍ର ସହ ଉପସ୍ଥିତ ହେଲେ ରାଜଦରବାରରେ । ଏଥର ସେମାନଙ୍କର ଅଭିଯୋଗ ଥିଲା ପାହାଡ଼ ସେପାରି ଉପତ୍ୟକାରେ ରହୁଥିବା ଜଣେ ମହିଳା ଅଧିକାରୀଙ୍କ ନିର୍ମମ ନିର୍ଯାତନା ବିରୋଧରେ ।

ମହିଳା ଅଧିକାରୀ ଦରବାରକୁ ଡକା ହୋଇ ଆସିଲେ । ସମ୍ରାଟ୍ କହିଲେ, ''ଆମ ଅପେକ୍ଷା ଏଇ ନିରୀହ ପ୍ରଜାମାନେହିଁ ଅଧିକ ସ୍ନେହ, ପ୍ରେମର ଅଧିକାରୀ ଅଟନ୍ତି । ଏମାନେ ଆମର କ୍ଷେତରେ ହଳ କରନ୍ତି, ଆମର ଦ୍ରାକ୍ଷାକୁଞ୍ଜମାନଙ୍କର ଯତ୍ନ ନିଅନ୍ତି । ବାସ୍ତବିକ ଏମାନେ ମହାନ୍ ଅଟନ୍ତି । କାରଣ, ଆମେ ସେମାନଙ୍କ ହାତ ତିଆରି ରୁଟି ଖାଇ ଏବଂ ତାଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଫଳରସ ପାନ କରି ଜୀବନ ଧାରଣ କରିଛୁ । କିନ୍ତୁ ତୁମେ ଏଇ ସାମାନ୍ୟ କଥାକୁ ବୁଝି ନପାରି ସେମାନଙ୍କ ପ୍ରତି ନିର୍ମମ ଅତ୍ୟାଚାର କରିଛ । ତେଣୁ ତୁମକୁ ଏ ରାଜ୍ୟ ଛାଡ଼ି ଅନ୍ୟତ୍ର ଚାଲି ଯିବାକୁ ମୁଁ ନିର୍ଦ୍ଦେଶ ଦେଉଛି । ଏହାହିଁ ହେବ ତୁମ ପ୍ରତି ଉପଯୁକ୍ତ ଦଣ୍ଡବିଧାନ ।''

ପରଦିନ ଆହୁରି କେତେଜଣ ନାରୀ ଓ ପୁରୁଷ ଆସି ଫେରାଦ ହେଲେ ଯେ ଜଣେ ପାଦ୍ରୀ ସେମାନଙ୍କ ଦ୍ୱାରା ପଥର ବୁହାଇ ଜୋର୍ ଜବରଦସ୍ତି ଏକ ଗୀର୍ଜାଘରର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ କରିଛନ୍ତି । କିନ୍ତୁ କାମ ଶେଷ ହେବା ପରେ ସେମାନେ ଯେତେବେଳେ ତାଙ୍କର ପାରିଶ୍ରମିକ ମାଗିଲେ ପାଦ୍ରୀ ସେମାନଙ୍କୁ ତାହା ଦେବାକୁ ମନା କରିଦେଲେ । ସେମାନେ ଏକଥା ମଧ୍ୟ ଜଣାଇଲେ ଯେ, ''ଏବେ ମଧ୍ୟ ପାଦ୍ରୀଙ୍କ ସିନ୍ଦୁକ ସୁନାରୁପା ଓ ଧନସମ୍ପତ୍ତିରେ ଭର୍ତ୍ତି ହୋଇ ରହିଛି । କିନ୍ତୁ ଆମେ ଯେଉଁମାନେ ଗୀର୍ଜା ଘରର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲୁ କ୍ଷୁଧା ଓ ତୃଷାରେ ଆମର ପେଟ ଆଉ ପିଠି ଏକ ହୋଇ ଗଲାଣି ।''

ସମ୍ରାଟ୍ ସେମାନଙ୍କର ଅଭିଯୋଗ ଶୁଣି ସମ୍ପୃକ୍ତ ପାଦ୍ରୀଙ୍କୁ ମଧ୍ୟ ଡକାଇ ପଠାଇଲେ । ପାଦ୍ରୀ ରାଜଦରବାରରେ ଉପସ୍ଥିତ ହୁଅନ୍ତେ ସମ୍ରାଟ ତାଙ୍କୁ ସମ୍ବୋଧନ କରି କହିଲେ ତୁମେ ଯେଉଁ କ୍ରସ୍‌କୁ ତୁମ ହୃଦୟ ସମୀପରେ ଧାରଣ କରିଛ, ତାହା ହେଉଛି ଜୀବକୁ ଜୀବନ ଦାନର ପ୍ରତୀକ । କିନ୍ତୁ ତୁମେ ଠିକ୍ ତା'ର ଓଲଟା କାମ କରୁଛ । ଜୀବଠାରୁ ଜୀବନ ହରଣ କରି ନେଉଛ । ପ୍ରତିବଦଳରେ କିଛି ବି ଦେଉ ନାହିଁ । ସୁତରାଂ ତୁମେ ଏଇ ରାଜ୍ୟ ତ୍ୟାଗ କରି ଅନ୍ୟତ୍ର ଚାଲିଯିବାହିଁ ତୁମ ପାଇଁ ହେବ ଉପଯୁକ୍ତ ଦଣ୍ଡବିଧାନ । ତୁମେ ଆଉ କେବେ ଏ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିବ ନାହିଁ – ତୁମକୁ ଏହାହିଁ ମୋର ଆଦେଶ ।''

ଏହିପରି ଭାବରେ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତିଦିନ କିଛି କିଛି ନାରୀ ଓ ପୁରୁଷ ରାଜଦରବାରକୁ ଆସି କିଛି ନା କିଛି ଆପତ୍ତି ଓ ଅଭିଯୋଗ କରୁଥିଲେ ଏବଂ ସମ୍ରାଟ୍ ଦୋଷୀମାନଙ୍କୁ ରାଜ୍ୟ ଛାଡ଼ି ଅନ୍ୟତ୍ର ଚାଲିଯିବାର ନିର୍ଦ୍ଦେଶ ଶୁଣାଇ ଚାଲିଥିଲେ । ସମ୍ରାଟ୍‌ଙ୍କର କଡ଼ା ନିର୍ଦ୍ଦେଶ ଏବଂ ନ୍ୟାୟୋଚିତ ବିଚାରରେ ସାଦିକ ନଗରୀର ପ୍ରଜାମାନେ ଆଶ୍ଚର୍ଯ୍ୟଚକିତ ହେଉଥିଲେ ଏବଂ ସନ୍ତୁଷ୍ଟ ବି ଜଣା ପଡୁଥିଲେ ।

ହଠାତ୍ ଦିନେ ପୁନର୍ବାର ନଗରୀର ଆବାଳବୃଦ୍ଧବନିତା ଆସି ରାଜପ୍ରାସାଦକୁ ଘେରିଗଲେ ଏବଂ ସମ୍ରାଟ୍‌ଙ୍କୁ ତାଙ୍କ ସମ୍ମୁଖରେ ଉପସ୍ଥିତ ହେବାକୁ ବାଧ୍ୟ କଲେ ।

ଏଥର ମଧ୍ୟ ସମ୍ରାଟ୍ ଗୋଟିଏ ହାତରେ ରାଜମୁକୁଟ ଏବଂ ଅନ୍ୟ ହାତରେ ରାଜଦଣ୍ଡ ଧରି ସେମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲେ । ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ସେ କହିଲେ, ''ବନ୍ଧୁଗଣ ! ଏବେ ଆପଣମାନେ ମୋ'ଠାରୁ ପୁଣି କ'ଣ ଆଶା କରୁଛନ୍ତି । ଆପଣମାନେ ମୋତେ ଯେଉଁ ମୂଲ୍ୟବାନ୍ ବସ୍ତୁ ଦେଇ ସମ୍ମାନିତ କରିଥିଲେ, ତାହା ଫେରାଇବା ପାଇଁ ମୁଁ ସଦା ପ୍ରସ୍ତୁତ । ଏଇ ରହିଲା ଆପଣମାନଙ୍କର ପ୍ରଦତ୍ତ ରାଜମୁକୁଟ ଓ ରାଜଦଣ୍ଡ ।'' ଏତିକି କହି ସେ ସେମାନଙ୍କ ଆଗରେ ଭୂଇଁ ଉପରେ ରାଜମୁକୁଟ ଓ ରାଜଦଣ୍ଡ ରଖି ଦେଇ ନୀରବରେ ଛିଡ଼ା ହେଲେ ।

କିନ୍ତୁ ଉପସ୍ଥିତ ଜନତା ଏଥର ସମସ୍ୱରରେ ଚିତ୍କାର କରି ଉଠିଲେ, ''ନା, ନା, ମହାରାଜ ! ଆପଣ ଜଣେ ନ୍ୟାୟପରାୟଣ ସମ୍ରାଟ୍ ଅଟନ୍ତି । ଆପଣ ଏ ରାଜ୍ୟକୁ ବିଷଧର ସାପମାନଙ୍କ କବଳରୁ ମୁକ୍ତ କରିଛନ୍ତି । ନୃଶଂସ ଶୃଗାଳମାନଙ୍କୁ ଉପଯୁକ୍ତ ଶାସ୍ତିବିଧାନ କରିଛନ୍ତି । ଆଜି ତ ଆମେ ଆପଣଙ୍କ ପ୍ରତି ହୃଦୟର କୃତଜ୍ଞତା ପ୍ରକଟ କରିବା ପାଇଁ ଏକତ୍ରିତ ହୋଇଛୁ । ବାସ୍ତବିକ ଏ ରାଜମୁକୁଟ ଆପଣଙ୍କ ମଥାରେ ଏବଂ ଏ ରାଜଦଣ୍ଡଟି ଆପଣଙ୍କ ହାତରେ ରହିଛି ବୋଲି ଅତ୍ୟନ୍ତ ଶୋଭା ପାଉଛି । ପ୍ରକୃତରେ ଆପଣହିଁ ହେଉଛନ୍ତି ଏହାର ସୁଯୋଗ୍ୟ ଅଧିକାରୀ ।''

ପ୍ରତ୍ୟୁତ୍ତରରେ ସ୍ମିତ ହସି ସମ୍ରାଟ୍ କହିଲେ, ''ହେ ସାଦିକ ନଗରୀର ପ୍ରିୟ ଅଧିବାସୀମାନେ । ମୁଁ ନୁହେଁ, ପ୍ରକୃତରେ ଆପଣମାନେ ହେଉଛନ୍ତି ଏ ରାଜ୍ୟର ଜଣେ ଜଣେ ସମ୍ରାଟ୍ ।

ଯେତେବେଳେ ଆପଣମାନେ ମୋତେ ଦୁର୍ବଳ ଓ ଅଯୋଗ୍ୟ ବୋଲି ମନେ କରୁଥିଲେ ସେତେବେଳେ ଆପଣମାନେ ସ୍ୱୟଂ ଅଯୋଗ୍ୟ ଓ ଦୁର୍ବଳ ଥିଲେ । ଏବେ ରାଜ୍ୟର ଶାସନ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହେଉଛି,– ତାହା ଆପଣମାନଙ୍କର ଦୃଢ଼ ଇଚ୍ଛାଶକ୍ତିର ସୁପରିଣତି ଅଟେ । ମୁଁ ଆପଣମାନଙ୍କର ସେଇ ଇଚ୍ଛାଶକ୍ତିର ପ୍ରତୀକ ମାତ୍ର । ମୋର ଅସ୍ତିତ୍ୱ କେବଳ ଆପଣମାନଙ୍କର କାର୍ଯ୍ୟରେହିଁ ନିହିତ ରହିଛି । ସଂସାରରେ ଶାସକ ନାମକ କୌଣସି ବସ୍ତୁ ନାହିଁ । ସ୍ୱୟଂ ଶାସିତହିଁ ଆପଣାର ଶାସକ ଅଟେ ।

ଏତିକି କହି ସମ୍ରାଟ୍ ରାଜମୁକୁଟ ଓ ରାଜଦଣ୍ଡ ସହ ରାଜପ୍ରାସାଦକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କଲେ ଏବଂ ଉପସ୍ଥିତ ଜନତା ଆନନ୍ଦୋଲ୍ଲାସରେ ସ୍ୱ ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଫେରିବା ବେଳେ ପ୍ରତ୍ୟେକେ ମନେ କରୁଥିଲେ, ସେ ନିଜେହିଁ ଏ ନଗରୀର ସମ୍ରାଟ୍ ଅଟନ୍ତି ଏବଂ ତାଙ୍କର ଗୋଟିଏ ହାତରେ ରାଜମୁକୁଟ ରହିଥିବା ବେଳେ ଅନ୍ୟ ହାତରେ ରହିଛି ରାଜଦଣ୍ଡ ।

ସଂଗ୍ରହ ଓ ଭାଷାନ୍ତର : କାହ୍ନୁଚରଣ ମହାକୁର ❑

# 'ମା' ଡାକ

## ହୃଷୀକେଶ ପଣ୍ଡା

ସେ ମାଆ ଡାକ ଏକ କୁହୁକ ଶବଦ
ଗୋଟିଏ ଅକ୍ଷରେ ଲେଖା ଗଭୀର ତା' ଭେଦ
ସେ ଡାକରେ ଥାଏ ଭରି,
କେତେ ହସ କେତେ ଲୁହ
ଦୟା କ୍ଷମା କରୁଣାର ସେ ପଞ୍ଚମ ବେଦ ।

ହୃଦ କନ୍ଦରରେ ଯେବେ ଉଡ଼େ ତା' ପଣତ
ମନ ମନ୍ଦିରରେ ଅବା ଉଡ଼େ ହୋଇ ନେତ
ସେତେବେଳେ ମାଆ ଡାକ,
ଆଣିଦିଏ ସ୍ୱର୍ଗ ସୁଖ
ସମର୍ପଣ ଆଧାରରେ ହୋଇଣ ରଞ୍ଜିତ ।



ସେ ପଣତେ ଲେଖାଥାଏ ଜୀବନ ଚାଳିଶା
ଆରୋହଣ ପଥ ଚିହ୍ନ ପ୍ରେମ ପରିଭାଷା
ପଢ଼ିଲେ ଶୁଭେ ଓଁକାର,
ମାଆ ଡାକର ଝଙ୍କାର
ହୃଦୟ ବୀଣାରେ ବାଜେ ସେ ନାମ ସଙ୍ଗୀତ ।

ମାଆ ଡାକ ଅଟେ ସେହି ଏକାକ୍ଷର ମନ୍ତ୍ର
ଜପାମାଳି କଲେ ତା'କୁ ହୃଦ ହୁଏ ତୃପ୍ତ
ସୁରକ୍ଷା କବଚ ସିଏ,ସାଧନାର ବ୍ରତଟିଏ
ଯେଉଁ ନାମରେ ସଂସାରେ ଝରଇ ଅମୃତ । ❑

# ବର୍ଗ ସଂଖ୍ୟାର କୌତୁକ

## ଧର୍ମ କୁମାର ଶତପଥି

ରବିବାରର ଏକ ଶୀତୁଆ ସକାଳ ...

ଦୀର୍ଘଦିନ ହେଲା ସକାଳ ସୂର୍ଯ୍ୟର ଦେଖା ନଥିଲା । ପାଖାପାଖି ଦେଢ଼ ମାସ ହେବ ସକାଳଟା ଘନ କୁହୁଡ଼ି ଆବୃତ ହୋଇ ରହୁଥିଲା । ଏଗାରଟା ବେଳକୁ ସାମାନ୍ୟ ପାଉଁଶିଆ ଖରା ଟିକିଏ ଦେଖାଏ, ପୁଣି ମେଘ ଢାଙ୍କି ରହେ । କେତେବେଳେ ସନ୍ଧ୍ୟା ହୁଏ ତା' ବି ଜାଣିବା କଷ୍ଟକର । ଏଣୁ ମନ ଭିତରେ ଏକ ଉଦାସିଆ, ଅଳସୁଆ ଭାବ ରହୁଥାଏ । ଏକ ସଙ୍କୁଚିତ ମନ ଓ ପରିବେଶ ମଧ୍ୟରେ ସମୟ ଚାଲୁଥିଲା ।

ମାତ୍ର ଆଜିର ସକାଳଟା ପରିଷ୍କାର ସୂର୍ଯ୍ୟକିରଣ ଧରି ଆସିଛି । ସୂର୍ଯ୍ୟୋଦୟରୁ ତୋଫା ରଶ୍ମି ବିଛାଇ ହୋଇ ପଡ଼ିଛି ମୋ ସରକାରୀ କ୍ୱାର୍ଟରର ସାମନା ଅଗଣାରେ । ବଗିଚାର ଫୁଲ, ପତ୍ର ଓ ଗଛସବୁ ଚିକ୍ ଚିକ୍ କରୁଛନ୍ତି ଅନେକ ଦିନ ପରେ ସେଇ କିରଣରେ । ଚାରିଆଡ଼େ ପ୍ରଫୁଲ୍ଲତା ଓ ସ୍ଫୂର୍ତ୍ତି ଯେମିତି ଭରି ଦେଇଛି ଆଜିର ସକାଳ ସୂର୍ଯ୍ୟ ।

ମୁଁ ଖରାକୁ ପଛ କରି, ପଟାଖଟରେ ବସି ଆଜିର ଖବର କାଗଜ ଓଲଟାଉ ଥିଲି । ସତ କହିଲେ, ଖବର ପଢ଼ାରେ ଆଗ୍ରହଠାରୁ ସକାଳ କିରଣର ସୁନେଲି ପରଶ ମନକୁ ଅଧିକ ଉତ୍‌ଫୁଲ୍ଲ ଓ ମୁଗ୍ଧ କରୁଥିଲା । ମୁଁ ଅନ୍ୟମନସ୍କ ଭାବେ ଖବର କାଗଜ ଓଲଟାଇ ଭାବି ହେଉଥିଲି – ପ୍ରକୃତିର ବିସ୍ମୟକର କରାମତି କେତେ ଚମତ୍କାର ସତେ ! ବାଷ୍ପୀଭବନ ହୋଇ ବିଭିନ୍ନ ଜଳ ଉତ୍ସର ଜଳ ଆକାଶକୁ ଚାଲିଯିବା ପରେ କେତେବେଳେ ବର୍ଷା, ଶିଶିର, କୁହୁଡ଼ି ଅଥବା କରକାପାତ ପରି ଭିନ୍ନ ଭିନ୍ନ ରୂପରେ ତାହା ପୁଣି ଖସି ପଡୁଛି ଏଇ ମାଟି ଉପରେ । ପ୍ରଭୁଙ୍କ ଆଶୀର୍ବାଦ ଧାରା ପରି ।

ସବୁ ସେଇ ପଞ୍ଚଭୂତର ଲୀଳା । ସେଇ ପ୍ରକୃତିର ଚକ୍ରାକାର ଖେଳ ।

ଅଦୂରରେ ଅଗଣା ଆଗରେ ଦଳ ଦଳ ହୋଇ ପାରାମାନେ ଚକ୍ରାକାରରେ ବୁଲି ସେମାନଙ୍କ ଖାଦ୍ୟ ଖୁମ୍ପି ଖାଉଛନ୍ତି । ଖୁବ୍ ତରକା ସେମାନେ । ହଠାତ୍ ଫଡ଼ ଫଡ଼ ଆବାଜ କରି ଚକ୍କର କାଟି ପୁଣି ଉଡ଼ି ଯାଉଛନ୍ତି ବୃତ୍ତାକାର ପଥରେ, ସୁନ୍ଦର ଢଙ୍ଗରେ ।

ଏତିକିବେଳେ ଝିଅ ମୋର ପଛପଟରୁ ଚପଲ ପଟ୍ ପଟ୍ ଆବାଜ କରି କ'ଣ ଗୋଟିଏ ଜିନିଷ ଧରି ପଶିଗଲା ଆମ କ୍ୱାର୍ଟର ଭିତରକୁ । ଦୁଇ ମିନିଟ ପରେ ବାହାରି ଆସି ସିଧା ବସିଗଲା ମୋ ଖଟ ଉପରେ, ସାମନାରେ । ଖବର କାଗଜର ବଡ଼ ବଡ଼ ଅକ୍ଷରରେ ଛାପା ଶିରୋନାମାକୁ ପଢ଼ିବାକୁ ଆରମ୍ଭ କଲା – ''ଅଧଘଣ୍ଟା ବି ଚଳେଇ ପାରିଲେ ନାହିଁ ... ... ।'' ଆଉ ଆଗକୁ ପଢ଼ି ପାରିଲା ନାହିଁ କାରଣ ମୁଁ ଖବର କାଗଜକୁ ମୋଡ଼ି ଦେଇଥିଲି ।

ଝିଅର ମିଜାଜ ମଧ୍ୟ ଠିକ୍ ଅଛି, ଏହା ମୁଁ ଠିକ୍ ଠଉରାଇ ନେଲି । ଏଣୁ ଚିଡ଼େଇ ଦେବା ପରି ତାକୁ କହିଲି – ''ଝିଅ ଆଜି ପୁଣି କ'ଣ କୌତୁକ ଅଙ୍କ ବିଷୟରେ ଶୁଣିବାକୁ ମୋ ପାଖକୁ ଧାଇଁ ଆସିଲୁ ?'' ଏହା ଯେପରି ଥିଲା ମୋ ପାଇଁ ''ଆ ବଳଦ ମୋତେ ବିନ୍ଧ୍'' ଭଳିଆ ବ୍ୟାପାର ।

କିନ୍ତୁ ଝିଅ ପାଇଁ ଏ ଆହ୍ୱାନ ଥିଲା ''ମନ୍ଦୁ ଖୋଜୁଥିଲା ଯାହା, ବଇଦ ବତାଇଲା ତାହା'' ପରି । ଅରୁଚିକର ଖାଦ୍ୟ ଖାଇବାକୁ ଅମଙ୍ଗ ହୋଇ କୌଣସି ରୋଗୀ କିଛି ରୁଚିକର ଖାଦ୍ୟ ମାଗିବା ଓ ଯୋଗକୁ ବୈଦ୍ୟରାଜ ଯଦି ଉକ୍ତ ଖାଦ୍ୟକୁ ରୋଗୀକୁ ପଥ୍ୟ ଭାବରେ ଦେବାକୁ ପରାମର୍ଶ ଦେବାରେ ରୋଗୀର ମୁହଁଟି ଯେପରି ଉଜ୍ଜ୍ୱଳି ଉଠେ, ଆଖି ଦୁଇଟି ଆନନ୍ଦରେ କେତେ ଥର ଚହଲି ଯାଏ, ସେପରି ହେଲା ଝିଅର ମୁଖଭଙ୍ଗୀ । ସେ କୁରୁଳି ଉଠି କହିଲା, ''ହଁ, ହଁ, ତୁମେ ଠିକ୍ ମନେ ପକାଇ ଦେଲ ! ଗୋଟିଏ କୌତୁକ ଅଙ୍କର କଥା କୁହ ।'' ମୁଁ ମୋ ସ୍ମୃତି ପେଟିକା ଅଣ୍ଡାଳି ହେଲି କି କୌତୁକ କଥା କହିବି ?

ମନଟା ଯେହେତୁ ଖୁସ୍ ମିଜାଜରେ ଅଛି, ଏଣୁ ବିଶେଷ କଷ୍ଟ ହେଲା ନାହିଁ । ସହଜରେ ପାଇଗଲି । ଝିଅକୁ ପଚାରିଲି, ''ଆଚ୍ଛା ଝିଅ ତୁ ବର୍ଗ ସଂଖ୍ୟା ବିଷୟରେ କ'ଣ ଜାଣୁ କହିଲୁ ।''

ଝିଅ ଉତ୍ତର ଦେଲା – ''ହଁ, କୌଣସି ସଂଖ୍ୟାକୁ ସେହି ସଂଖ୍ୟା ଦ୍ୱାରା ଗୁଣିଲେ ଉତ୍ପନ୍ନ ସଂଖ୍ୟାଟି ଏକ ବର୍ଗ ସଂଖ୍ୟା ହୁଏ । ୪, ୯, ୧୬, ୨୫, ୩୬, ୪୯, ୧୦୦, ୮୧ ଏମାନେ ବର୍ଗ ସଂଖ୍ୟା ଅଟନ୍ତି ।''

– ''ଠିକ୍, ଆଉ କ'ଣ ଜାଣୁ ?''

– ସିଏ କହିଲା – ''ଗୋଟିଏ ଋଣାତ୍ମକ ସଂଖ୍ୟାର ବର୍ଗ ଏକ ଧନାତ୍ମକ ସଂଖ୍ୟା ଓ ଗୋଟିଏ ଧନାତ୍ମକ ସଂଖ୍ୟାର ବର୍ଗ ମଧ୍ୟ ଏକ ଧନାତ୍ମକ ସଂଖ୍ୟା ହୋଇଥାଏ । ପୁଣି ଏକ ଯୁଗ୍ମ ସଂଖ୍ୟାର ବର୍ଗ ଏକ ଯୁଗ୍ମ ସଂଖ୍ୟା ଓ ଗୋଟିଏ ଅଯୁଗ୍ମ ସଂଖ୍ୟାର ବର୍ଗ ଏକ ଅଯୁଗ୍ମ ସଂଖ୍ୟା ହୋଇଥାଏ ।''

ମୁଁ ଉତ୍ସାହିତ ହୋଇ କହିଲି – ''ସାବାସ୍ ! ତୁ ଠିକ୍ କଥା କହିଛୁ । ଆଉ ଗୋଟିଏ କଥା ଜାଣି ରଖ । ଯେଉଁ ସଂଖ୍ୟାର ଏକକ ଅଙ୍କ ୧, ୪, ୫, ୬ ଓ ୯ ଥାଏ, ସେପରି ସଂଖ୍ୟା ହୁଏତ ପୂର୍ଣ୍ଣବର୍ଗ ହୋଇପାରେ ମାତ୍ର ଏକକ ଅଙ୍କ ୦, ୨, ୩, ୭, ୮ ଥିବା କୌଣସି ସଂଖ୍ୟା ଆଦୌ ପୂର୍ଣ୍ଣବର୍ଗ ହୋଇପାରେ ନାହିଁ ।''

– ''ଆଚ୍ଛା ... ! ଏମିତି କଥା !'' ତା' ପାଟିଟା ଆପେ ଆପେ ମେଲା ହୋଇଗଲା ।

''ହଁ, ଏହା ଠିକ୍ କଥା । ଅବଶ୍ୟ ଏକକ ଓ ଦଶକ ଅଙ୍କ '୦' ଥାଇ କିଛି ସଂଖ୍ୟା ୧୦୦, ୪୦୦, ୯୦୦, ୧୬୦୦ ପରି ସଂଖ୍ୟା ପୂର୍ଣ୍ଣବର୍ଗ ଅଟନ୍ତି ।''

''ତୋତେ ଏଇ ପୂର୍ଣ୍ଣବର୍ଗ ସଂଖ୍ୟାର କିଛି ବିଚିତ୍ର କୌତୁକ କଥା କହିବି । ତୁ ମନଧ୍ୟାନ ଦେଇ ଶୁଣ ।'' – ମୁଁ କହିଲି ।

ଝିଅ ସଳଖି ବସିଲା । ମୁଁ ଖବର କାଗଜକୁ ଚଉଠ ଭାଙ୍ଗ କରି ବାଆଁ କରକୁ ଆଉଜାଇ ଦେଲି । କହିଲି – ଆମ ସଂଖ୍ୟା ଜଗତର ୧ ହେଉଛି ସର୍ବନିମ୍ନ ପୂର୍ଣ୍ଣ ବର୍ଗ ସଂଖ୍ୟା । ମାତ୍ର ଏକାଧିକ ୧କୁ ନେଇ ଗଠିତ ସଂଖ୍ୟାର ବର୍ଗ ନେଲେ, ଏକ ବିଚିତ୍ରତା ଲକ୍ଷ୍ୟ କରିବା । ବୁଝିଲୁ ?''

''କିପରି ?'' – ଝିଅର ଚିରାଚରିତ ଜିଜ୍ଞାସା ।

''ଏଇ ମୋ କହିବା କଥା ଲକ୍ଷ୍ୟ କର :

୧୧ର ବର୍ଗ = ୧୧ x ୧୧ = ୧୨୧

୧୧୧ର ବର୍ଗ = ୧୧୧ x ୧୧୧ = ୧୨୩୨୧

୧୧୧୧ର ବର୍ଗ = ୧୧୧୧ x ୧୧୧୧ = ୧୨୩୪୩୨୧ ... ଇତ୍ୟାଦି ।

– ''ଏଥିରେ ଥିବା ବିଚିତ୍ର ଗୁଣଟି ତୁ ଠିକ୍ ଠଉରାଇ ପାରୁଥିବୁ ।'' ମୁଁ କହିଲି । ଝିଅର ଆଖିଡ଼ୋଳା ବଡ଼ ବଡ଼ ହୋଇ କେତେ ଥର ବୁଲିଗଲା । ମୁଁ ଜାଣିଲି, ସେ ମୋ କୌତୁକ ଉପସ୍ଥାପନାରେ ବେଶ୍ ମଜା ନେଉଛି ।

ମୁଁ ଆଗକୁ ଗଲି, କହିଲି – ''ଆମ ସଂଖ୍ୟା ଜଗତରେ ଏମିତି କେତୋଟି ସଂଖ୍ୟା ଅଛନ୍ତି ଯାହାର ବର୍ଗ, ମୂଳ ସଂଖ୍ୟାର ଓଲଟା ହେବା ସହିତ ସେହି ସଂଖ୍ୟାର ବର୍ଗ ମଧ୍ୟ ଓଲଟା ହୋଇଥାଏ ।''

ଝିଅ ମୋ କଥା ଧରି ପାରିଲା ନାହିଁ ବୋଧହୁଏ । ପଚାରିଲା – ''ବାପା କିପରି ହେବ ଟିକିଏ ବୁଝାଇ କହିବ ?''

ମୁଁ ବୁଝାଇ ଦେଲି – ''ଦେଖ ୧୨ର ବର୍ଗ = ୧୨ x ୧୨ = ୧୪୪ । ଆଉ ୧୨କୁ ଓଲଟାଇ ଲେଖିଲେ ହେବ ୨୧ ଏବଂ ୨୧ର ବର୍ଗ ୨୧ x ୨୧ = ୪୪୧, ଯାହାକି ୧୪୪ର ଓଲଟା ଅଟେ । ଏଠାରେ ମୂଳ ସଂଖ୍ୟା ଓ ସେମାନଙ୍କର ବର୍ଗ ସଂଖ୍ୟା ପରସ୍ପର ଓଲଟା ହେଉଛି ।''

ସେହିପରି ୧୩ର ବର୍ଗ : ୧୩ x ୧୩ = ୧୬୯ । ୧୩ର ଓଲଟା ୩୧ । ଆଉ ୩୧ର ବର୍ଗ ୩୧ x ୩୧ = ୯୬୧ । ପୁନଶ୍ଚ

୧୦୨ର ବର୍ଗ : ୧୦୨ x ୧୦୨ = ୧୦୪୦୪; ୨୦୧ର ବର୍ଗ = ୪୦୪୦୧

୧୦୩ର ବର୍ଗ : ୧୦୩ x ୧୦୩ = ୧୦୬୦୯; ୩୦୧ର ବର୍ଗ = ୯୦୬୦୧

୧୧୨ର ବର୍ଗ : ୧୧୨ x ୧୧୨ = ୧୨୫୪୪; ୨୧୧ର ବର୍ଗ = ୪୪୫୨୧

୧୧୩ର ବର୍ଗ : ୧୧୩ x ୧୧୩ = ୧୨୭୬୯; ୩୧୧ର ବର୍ଗ = ୯୬୭୨୧

୧୨୨ର ବର୍ଗ : ୧୨୨ x ୧୨୨ = ୧୪୮୮୪; ୨୨୧ର ବର୍ଗ = ୪୮୮୪୧

ଝିଅର ମୁହଁଟି ଏକ ଅନନୁଭୂତ ଆନନ୍ଦରେ ଉଜ୍ଜ୍ୱଳି ଉଠିଲା । ସେ ଚମକି ପଡ଼ିଲା ପରି ହୋଇ କହିଲା – ''ଇସ୍ କି ସୁନ୍ଦର ମଜା କଥା ରହିଛି ଏହା ଭିତରେ ! ସତରେ କେତେ ସୁନ୍ଦର ...''

ମୁଁ ତା' ଖୁସିର ଭାଷା ଠିକ୍ ପଢ଼ି ପାରୁଥିଲି । ସୂର୍ଯ୍ୟର ପରିଷ୍କାର, ସ୍ନିଗ୍ଧ କିରଣରେ ତା'ର ମୁହଁରେ ଫୁଟି ଉଠିଲା ଏକ ଉଦ୍ଭିନ୍ନ କମଳର ତେଜୋମୟ ଦୀପ୍ତି ! ବେଶ୍ ଉଷୁମ ଅନୁଭବ ।

ଝିଅ ଅପଲକ ନୟନରେ ଏଇ ବର୍ଗ, ବର୍ଗ ସଂଖ୍ୟା ଓ ତା'ର ଓଲଟା ସଂଖ୍ୟାମାନଙ୍କୁ ଦେଖୁଥିଲା । ଅଗଣାର ବଗିଚାକୁ ଆସିଥିବା କେତୋଟି ଅପରିଚିତ ଚଢ଼େଇମାନଙ୍କୁ ଦେଖିବା ପରି । ମୁଁ ତା'ର ବ୍ୟଗ୍ରତାକୁ ଆଉ କିଛି ପାଦ ଆଗକୁ ବଢ଼େଇ

*(ଅବଶିଷ୍ଟାଂଶ ପୃଷ୍ଠା ୫୭ରେ ଦେଖନ୍ତୁ)*

ଚେତନାର ଦିଗ୍‌ବଳୟ :

# ବିଗଳିତ କରୁଣାର ଧାରା

(ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

***ପ୍ରଶ୍ନ :*** *ଗଙ୍ଗା ନଦୀର ପ୍ରତୀକାତ୍ମକ ତାତ୍ପର୍ଯ୍ୟ କ'ଣ ?*

**ଉତ୍ତର** : ୪ ତାରିଖ, ସେପ୍‌ଟେମ୍ବର ୨୦୧୪ 'ଟାଇମସ୍ ଅଫ୍ ଇଣ୍ଡିଆ'ର ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଛି ଏକ ତାତ୍ପର୍ଯ୍ୟପୂର୍ଣ୍ଣ ସମ୍ବାଦ । ଭାରତର ନଦନଦୀ ଭିତରେ ସର୍ବାଧିକ ପୁଣ୍ୟତୋୟା ସପ୍ତନଦୀ (ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଏବଂ କାବେରୀ) ଭିତରେ ଅଗ୍ରଗଣ୍ୟ ଗଙ୍ଗା ବୋଲି ଆମେ ସଭିଏଁ ଜାଣିଛୁ । ସମ୍ବାଦଟି କହେ, ଏହି ସର୍ବାଧିକ ପୁଣ୍ୟତୋୟା ନଦୀକୁ ହିଁ ମଣିଷ ସର୍ବାଧିକ କଳୁଷିତ କରି ଚାଲିଛି । ଆହୁରି ଏକ ବିଡ଼ମ୍ବନା ହେଲା ଏ ନଦୀ କଲ୍ୟାଣରେ ପ୍ରସିଦ୍ଧି ଓ ସମୃଦ୍ଧିର ଅଧିକାରୀ ହୋଇଥିବା ବହୁ ନଗର ଓ ଜନପଦ ମଧ୍ୟରେ ଯେଉଁ ଦୁଇ ସ୍ଥାନ ଅଗ୍ରଗଣ୍ୟ, ସେହି ବାରାଣସୀ ଏବଂ ଏଲାହାବାଦ (ପ୍ରୟାଗ) ଉପକଣ୍ଠରେ ହିଁ ଗଙ୍ଗାର ନୀର ସର୍ବାଧିକ ଦୂଷିତ ଏବଂ ପ୍ରାୟ ଅବ୍ୟବହାର୍ଯ୍ୟ । ସେ ନୀରର ସ୍ୱଚ୍ଛତା ଫେରାଇ ଆଣିବା ଦିଗରେ ସମ୍ପ୍ରତି ସରକାର ଯେଉଁ ଯୋଜନା କରିଛନ୍ତି, ତାହାରି ଉପରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପରାମର୍ଶ ହେଲା ତାକୁ କାଗଜପତ୍ରରେ ନରଖି ବାସ୍ତବତାରେ ପରିଣତ କରାଯାଉ ଏବଂ ପ୍ରତି ପର୍ଯ୍ୟାୟର ପ୍ରଗତି ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟକୁ ଅବହିତ କରାଯାଉ ।

ଭାରତର ନଦନଦୀ ସମୂହର ପଟଭୂମିରେ ଥିବା କିଂବଦନ୍ତୀ ସବୁର ମାଧୁର୍ଯ୍ୟ ଏବଂ ତାତ୍ପର୍ଯ୍ୟ ଅତୁଳନୀୟ । ଭାରତୀୟ ସଭ୍ୟତା ଓ ସଂସ୍କୃତିର ପ୍ରବର୍ତ୍ତକ ଋଷିମାନେ ନଦୀମାନଙ୍କୁ ଦେବୀ ରୂପେ ଦେଖୁଥିଲେ, ଅର୍ଥାତ୍ ପ୍ରତ୍ୟେକ ନଦୀର ଏକ ଚେତନା ରହିଛି, ତାହା ନିର୍ଜୀବ ସ୍ରୋତ ମାତ୍ର ନୁହେଁ — ସେମାନଙ୍କର ଥିଲା ଏହି ଉପଲବ୍ଧି । ଆଜି ମଧ୍ୟ ଗଙ୍ଗାର ଦିବ୍ୟସତ୍ତା ଉଦ୍ଦେଶ୍ୟରେ ପ୍ରତ୍ୟହ ସନ୍ଧ୍ୟାରେ ମୁଖ୍ୟତଃ ହରିଦ୍ୱାର ଏବଂ ବାରାଣସୀଠାରେ ହଜାର ହଜାର ନରନାରୀଙ୍କୁ କୂଳରେ ରଖି ପୁରୋହିତମାନେ ଯେଉଁ ଆରତି ଅନୁଷ୍ଠାନ କରନ୍ତି ତାହା ପ୍ରତ୍ୟେକ ଗ୍ରହଣକ୍ଷମ ହୃଦୟରେ ଏକ ଅପୂର୍ବ ସ୍ପନ୍ଦନ ସୃଜନ କରେ । ସେତେବେଳେ ମନେହୁଏ ସତେ ଯେପରି ପୃଥିବୀ ଓ ଆକାଶକୁ ଛୁଇଁ ଏକ ମହତୀ ଶକ୍ତି ବିଦ୍ୟମାନ ସେ ବାତାବରଣରେ !

ଗଙ୍ଗାର ବିଶେଷତ୍ୱ ଅପରିସୀମ । ସେ ବହୁ ସୂକ୍ଷ୍ମ ରହସ୍ୟର ପ୍ରତୀକ । ଆମେ ଜାଣୁ ଯେ ନିମ୍ନରୁ ପ୍ରାର୍ଥନା ବା ଅଭୀପ୍ସା ଏବଂ ଊର୍ଦ୍ଧ୍ୱରୁ ତା'ର ଉତ୍ତର — ଏହାହିଁ ଚେତନାଗତ ପ୍ରଗତିର ସୂତ୍ର । ଭଗୀରଥଙ୍କ ତପସ୍ୟା ଯେପରି ସେହି ଅଭୀପ୍ସାର ଏକ ରୂପ, ସ୍ୱର୍ଗଲୋକରୁ ଗଙ୍ଗାବତରଣ ସେହିପରି ସେହି ଉତ୍ତରର ଏକ ରୂପ ।

ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି — ଗଙ୍ଗାବତରଣର ପ୍ରଥମ ଭୂମିକା ହେଲା ସହସ୍ର ମୃତ ସଗର-ପୁତ୍ରଙ୍କୁ ପୁନର୍ଜୀବନ ଦାନ । ସ୍ୱର୍ଗାବତରିତ ଦିବ୍ୟ କରୁଣାହିଁ ନିର୍ଜୀବଙ୍କୁ ଜୀବନ୍ୟାସ ଦେଇପାରେ ।

ଭଗୀରଥଙ୍କ ତପସ୍ୟା ଫଳରେ ସମ୍ଭବ ହୋଇଥିବା ଗଙ୍ଗାବତରଣର କାହାଣୀ ସମସ୍ତ ପାଠକଙ୍କୁ ଊଣାଅଧିକେ ଜଣାଥିବ ବୋଲି ଏ ଲେଖକର ବିଶ୍ୱାସ । କିନ୍ତୁ ଗଙ୍ଗାଙ୍କ ସୃଷ୍ଟି ବୃତ୍ତାନ୍ତ ଅପେକ୍ଷାକୃତ ଅଳ୍ପଜ୍ଞାତ । ଏ କିଂବଦନ୍ତିର ବିପୁଳ ପ୍ରତୀକ ମୂଲ୍ୟ କଥା ଛାଡ଼ି ଦେଲେ ମଧ୍ୟ କାହାଣୀଟିଏ ଭାବରେ ଏହା କମ୍ ମୂଲ୍ୟବାନ୍ ଏବଂ ଅର୍ଥପୂର୍ଣ୍ଣ ନୁହେଁ ।

ଜ୍ୟୋତ୍ସ୍ନାପ୍ଲାବିତ ରଜନୀ । ଦେବର୍ଷି ନାରଦ ତାଙ୍କର ଚିରାଚରିତ ସାମୟିକ ମର୍ତ୍ତ୍ୟ ଭ୍ରମଣ ଅନ୍ତେ ଗୋଲୋକକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ମର୍ତ୍ତ୍ୟ ଏବଂ ସ୍ୱର୍ଗ ଭିତରେ ରହସ୍ୟମୟ ସଂଯୋଗର ମାର୍ଗ ହେଲା ହିମାଳୟ । ସ୍ନିଗ୍ଧ ଜ୍ୟୋତ୍ସ୍ନାରେ କଦବା ରୁପା କଦବା ସୁନା ଭଳି ଝଟକୁଥିବା ହିମାଳୟର ଉପତ୍ୟକାମାନ ନାରଦଙ୍କ ହୃଦୟକୁ ଆନନ୍ଦ-ପ୍ଲାବିତ କରୁଥା'ନ୍ତି । ସେ ତାଙ୍କର ବୀଣାରେ ଝଙ୍କାର ତୋଳିବା ସଙ୍ଗେ ସଙ୍ଗେ ସ୍ୱର୍ଗୀୟ ସଙ୍ଗୀତଗାନ କରି ଅଗ୍ରସର ହେଉଥା'ନ୍ତି ।

ହଠାତ୍ ତାଙ୍କ ଦୃଷ୍ଟି ଆକର୍ଷଣ କଲା ଏକ ସରୋବର ତୀରରେ ଉପବିଷ୍ଟ ଦଳେ ଅପାର୍ଥିବ ସତ୍ତା; ସେମାନେ ଅତୀବ ସୁନ୍ଦର । ମନେହେଲା ଗଭୀର ମନଯୋଗ ସହକାରେ ସେମାନେ ଶୁଣୁଥିଲେ ନାରଦଙ୍କ ସଙ୍ଗୀତ ।

ନାରଦ ସେମାନଙ୍କ ସମୀପକୁ ଯିବା ମାତ୍ରେ ସେମାନେ ଠିଆ ହୋଇପଡ଼ି ତାଙ୍କୁ ନମ୍ର ଅଭିବାଦନ ଜ୍ଞାପନ କଲେ । ନାରଦ ବୁଝିଲେ, ସେମାନେ ଦଳେ ଉପଦେବ, ଉପଦେବୀ ।

କେତେ ଶ୍ରେଣୀର ଉପଦେବ, ଉପଦେବୀ ଅଛନ୍ତି । ପ୍ରତ୍ୟେକ ଗୋଷ୍ଠୀର ଭୂମିକା ଅନ୍ୟଠାରୁ ଭିନ୍ନ ।

ନାରଦ ସେମାନଙ୍କୁ ସେ ବିଷୟରେ ପ୍ରଶ୍ନ କରି ବୁଝିଲେ, ସେମାନେ ରାଗରାଗିଣୀର ମୂର୍ତ୍ତ ଶକ୍ତି; ଗନ୍ଧର୍ବ ଓ ଗାନ୍ଧର୍ବୀ । ଆଳାପ ଭିତରେ ନାରଦ ଗୋଟାଏ ବିଷୟ ଲକ୍ଷ୍ୟ କରି ବିସ୍ମିତ ହେଲେ; ପ୍ରତ୍ୟେକ ଗନ୍ଧର୍ବ ଓ ଗାନ୍ଧର୍ବୀ, ସେମାନଙ୍କର ଅତୀବ କମନୀୟ ସୌନ୍ଦର୍ଯ୍ୟ ସତ୍ତ୍ୱେ, କିଛି କିଛି ମାତ୍ରାରେ ବିକଳାଙ୍ଗ । କାହାର ଚିବୁକ ଚେପା ହୋଇଗଲା ଭଳି ମନେ ହେଉଛି ତ କାହାର ଗୋଟାଏ ଚକ୍ଷୁରେ ଆଘାତର ଚିହ୍ନ, କାହାର ବା କପାଳରେ ଅଥବା ବକ୍ଷରେ କ୍ଷତ ଚିହ୍ନ !

ନାରଦ ସେମାନଙ୍କର ସେଭଳି ଅବସ୍ଥାର କାରଣ ଜାଣିବାକୁ ବ୍ୟଗ୍ର ହୁଅନ୍ତେ, ପ୍ରଥମେ ଅନିଚ୍ଛୁକ ଥିବା ଗନ୍ଧର୍ବମାନେ ତାହା ବ୍ୟକ୍ତ କଲେ : ଯେତେବେଳେ ଜଣେ ଗାୟକ କୌଣସି ଏକ ରାଗ ଗାନ କଲାବେଳେ ନିଜ ଅହଂର ବଶବର୍ତ୍ତୀ ହୋଇ ତାକୁ ବିକୃତ କରି ବୋଲେ, ସେତେବେଳେ ସେହି ରାଗର ମୂର୍ତ୍ତ ଶକ୍ତି ଯେଉଁ ଗନ୍ଧର୍ବ, ତାଙ୍କ ଦେହରେ ଆସି ଗୋଟାଏ ଧକ୍କା ବସିଯାଏ । ତେମନ୍ତ ବହୁ ବହୁ ଆଘାତର ପରିଣତି ରୂପେ ସେମାନଙ୍କ ଅଙ୍ଗ-ପ୍ରତ୍ୟଙ୍ଗ ବିକଳ !

ଦେବର୍ଷି ଲଜ୍ଜାରେ ମସ୍ତକ ଅବନତ କଲେ; କାରଣ ସେ ନିଜେ ଜଣେ ଗାୟକ !

ଅତି ଆନ୍ତରିକ ଭାବରେ ସେ ଜାଣିବାକୁ ଚାହିଁଲେ କେଉଁ ଉପାୟରେ ଗନ୍ଧର୍ବମାନଙ୍କ ବିକଳାଙ୍ଗ ଅଙ୍ଗସବୁକୁ ପୂର୍ଣ୍ଣାଙ୍ଗ କରି ହେବ । ସେମାନେ ଜଣାଇଲେ, ଯଦି ସଙ୍ଗୀତର ଆଦି ଉତ୍ସ ତଥା ପୁରୋଧା ଓ ସର୍ବୋତ୍ତମ ଗାୟକ ସ୍ୱୟଂ ଥରେ ମାତ୍ର ସେମାନଙ୍କୁ ସଙ୍ଗୀତ ଶୁଣାଇବେ, ତେବେ ସେମାନେ ତତ୍‌କ୍ଷଣାତ୍ ସେମାନଙ୍କ ହୃତ ସଂହତି ଫେରି ପାଇବେ । ଏହା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ ।

ସର୍ବୋତ୍ତମ ଗାୟକ କିଏ ? ମହାଦେବ !

ନାରଦ ଯାଇ ମହାଦେବଙ୍କୁ ସେମାନଙ୍କ ସମସ୍ୟା ଓ ତା'ର ଏକମାତ୍ର ପ୍ରତିକାର କଥା ଜଣାନ୍ତେ ସଦା କରୁଣାମୟ ମହାଦେବ କହିଲେ, ସେ ଗୀତ ବୋଲିବାକୁ ରାଜି, କିନ୍ତୁ ତାଙ୍କ ନିଜ ସମସ୍ୟା ହେଲା ଶ୍ରୋତୃ ମଣ୍ଡଳୀରେ ଅନ୍ତତଃ ଜଣେ ସର୍ବୋତ୍ତମ ଶ୍ରୋତା ଉପସ୍ଥିତ ଥିବା ଚାହି । ନହେଲେ ସେ କଣ୍ଠ ଖୋଲି ପାରିବେ ନାହିଁ !

ସର୍ବୋତ୍ତମ ଶ୍ରୋତା କିଏ ? ମହାଦେବ ଜଣାଇଲେ — ମାତ୍ର ଦୁଇଜଣ : ବ୍ରହ୍ମା ଏବଂ ବିଷ୍ଣୁ ।

ବ୍ରହ୍ମା ଏବଂ ବିଷ୍ଣୁଙ୍କୁ ଅନୁରୋଧ କରିବାକୁ ପଡ଼ିଲା ନାହିଁ । ମହାଦେବ ଗୀତ ବୋଲିବାକୁ ପ୍ରସ୍ତୁତ ! ତାଙ୍କ ପରିବେଷଣ ଶୁଣିବାଠୁଁ ବଳି ଅଧିକ ଆନନ୍ଦପ୍ରଦ ସୁଯୋଗ କ'ଣ ଥାଇପାରେ ?

ପରବର୍ତ୍ତୀ ପୂର୍ଣ୍ଣ-ଜ୍ୟୋତ୍ସ୍ନା-ପ୍ଲାବିତ ରଜନୀରେ ଅନୁଷ୍ଠାନର ବ୍ୟବସ୍ଥା ହେଲା । କୈଳାସରେ ଶିବଙ୍କ ସମ୍ମୁଖରେ ଆସନ ଗ୍ରହଣ କଲେ ବିଷ୍ଣୁ ଏବଂ ବ୍ରହ୍ମା । ସେମାନଙ୍କ ପଛରେ ବସିଲେ ଦେବଦେବୀ ଏବଂ ଗନ୍ଧର୍ବକୁଳ ।

ଅବର୍ଣ୍ଣନୀୟ ସେ ସଙ୍ଗୀତମୁଖର ବାତାବରଣ । ତା'ର ମୂର୍ଚ୍ଛନା ଯାଇ ଭୂତଳରେ ସୃଜନ କଲା ଋତୁବସନ୍ତ । ଅନିର୍ବଚନୀୟ ପ୍ରଶାନ୍ତି ଓ ପୁଲକରେ ଆତ୍ମବିସ୍ମୃତ ରହିଲେ ଶ୍ରୋତୃମଣ୍ଡଳୀ । ଚାହୁଁ ଚାହୁଁ ଗନ୍ଧର୍ବ ଓ ଗାନ୍ଧର୍ବୀମାନେ ପୂର୍ଣ୍ଣାଙ୍ଗ ହୋଇଗଲେ ।

ହଠାତ୍ ବ୍ରହ୍ମା ଲକ୍ଷ୍ୟ କରି ଦେଖିଲେ, ମହାଦେବଙ୍କ ସଙ୍ଗୀତର ଅପୂର୍ବ ଧ୍ୱନି ସ୍ରୋତ ସହ ଏକୀଭୂତ ହୋଇ ବିଷ୍ଣୁଙ୍କ କଳେବରକୁ ଆବରିତ କରିଥିବା ଦିବ୍ୟଜ୍ୟୋତିଃର ଏକ ପ୍ରସ୍ଥ ବିଗଳିତ ହୋଇ ବହି ଯିବାକୁ ବସିଛି । ବ୍ରହ୍ମା ତତ୍‌କ୍ଷଣାତ୍ ସେ ବିଗଳିତ ଜ୍ୟୋତିଃକୁ ନିଜ କମଣ୍ଡଳୁରେ ରଖି ନେଲେ ।

ତାହାହିଁ ଗଙ୍ଗାର ଉତ୍ପତ୍ତି । ଯଥା ସମୟରେ କମଣ୍ଡଳରୁ ନିର୍ଗତ ସେ ଦିବ୍ୟ ଜ୍ୟୋତିଃର ବିଗଳିତ ଧାରା ଅଳକାନନ୍ଦା ନାମରେ ସ୍ୱର୍ଗରେ ପ୍ରବାହିତ ହେଲା । କାଳକ୍ରମେ ଗଙ୍ଗା ରୂପେ ତା'ର ହେଲା ମର୍ତ୍ତ୍ୟକୁ ଅବତରଣ ।

ବିଷ୍ଣୁଙ୍କ କଳେବରକୁ ଆବରିତ କରୁଥିବା ଜ୍ୟୋତିଃର ବିଗଳିତ ରୂପ ବୋଲି ଗଙ୍ଗା ଏଡ଼େ ପବିତ୍ର । ମୃତ୍ୟୁହୀନ ସ୍ୱର୍ଗଲୋକରୁ ଅବତରଣ କରି ଆସି ଧରିତ୍ରୀରେ ସେ ମୃତକୁ ଜୀବନଦାନ କରିଥିଲା । ପରମ ଦିବ୍ୟଶକ୍ତିର ତିନୋଟିଯାକ ପ୍ରତିଭୂ ସହ ଏହା ସମ୍ପର୍କିତ : ଏହା ବିଷ୍ଣୁଙ୍କ ବିଗଳିତ କଳେବର-ଜ୍ୟୋତିଃ; ବ୍ରହ୍ମାଙ୍କ ଦ୍ୱାରା ସଂରକ୍ଷିତ; ଶିବଙ୍କ ସୌଜନ୍ୟରେ ପ୍ରଥମେ ତାଙ୍କରି ଶିରଦେଶରେ ଅବତରଣ କରି ତତ୍ପରେ ସୁଗମ ରୀତିରେ ଧରାପୃଷ୍ଠରେ ତା'ର ପ୍ରବହନ । ଏ ବିଗଳିତ କରୁଣାରଧାରା ସ୍ୱର୍ଗ ଓ ମର୍ତ୍ତ୍ୟ ଭିତରେ ଅତୀନ୍ଦ୍ରିୟ ସଂଯୋଗ ।

ଏହା ଏକ ସୂକ୍ଷ୍ମ ପ୍ରକ୍ରିୟାର ସ୍ଥୂଳ ଆଖ୍ୟାୟିକା । ଏକ

ଛନ୍ଦଃ ଦ୍ୱାରା ପରିଚାଳିତ ଏ ସମଗ୍ର ସୃଜନୀ । ସୂର୍ଯ୍ୟୋଦୟ-ସୂର୍ଯ୍ୟାସ୍ତଠୁଁ ଆରମ୍ଭ କରି ଆମର ନିଃଶ୍ୱାସ-ପ୍ରଶ୍ୱାସ ଓ ହୃତ୍‌ସ୍ପନ୍ଦନ ପର୍ଯ୍ୟନ୍ତ ସମସ୍ତ କ୍ରିୟା ପଶ୍ଚାତରେ ରହିଛି ଏକ ଛନ୍ଦଃ । ଏହି ଛନ୍ଦଃର ସର୍ବୋତ୍ତମ ପ୍ରକାଶ ବିଶୁଦ୍ଧ ସଙ୍ଗୀତ । ଅହଂ-ଚାଳିତ ଚେତନା ଦ୍ୱାରା ସେହି ଛନ୍ଦଃରେ, ସେହି ସଙ୍ଗୀତରେ ବିକୃତି ଆରୋପିତ ହେଲେ ଜୀବନ ହୁଏ ବିକଳାଙ୍ଗ । ଦିବ୍ୟ କରୁଣା ହିଁ ତାକୁ ପୁନର୍ବାର ପୂର୍ଣ୍ଣାଙ୍ଗ କରିପାରେ ।

ସ୍ଥୂଳ ପୃଥିବୀରେ ଆମେ ଯଦି ଗଙ୍ଗାକୁ ପୁନର୍ବାର ସ୍ୱଚ୍ଛ ଓ ସୁନ୍ଦର କରିପାରିବୁ, ସୂକ୍ଷ୍ମ ସ୍ତରରେ ତାହା ଆମର ଏକ ଆଧ୍ୟାତ୍ମିକ ପ୍ରଗତିର ପ୍ରତିଶ୍ରୁତି ବୋଲି ବୁଝିବାକୁ ହେବ ।

(‘ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର’ରୁ ସଂଗୃହୀତ, ପୃ. ୨୦୬ - ୨୧୦)

❑❑❑

---

*(ପୃଷ୍ଠା ୫୪ର ଅବଶିଷ୍ଟାଂଶ)*

ନେବା ପାଇଁ କହିଲି – ‘‘ଝିଅ ମୁଁ ଏବେ ତୋତେ ଆଉ ଏକ ପୂର୍ଣ୍ଣ ବର୍ଗ ସଂଖ୍ୟା କଥା କହିବି, ଯାହା ତୋତେ ଆହୁରି ଚମତ୍କୃତ କରିବ ! ମୁଁ ଜାଣେ ।’’

ଝିଅ ପୁଣି ଥରେ ନିଜକୁ ସଳଖି ନେଲା ।

ମୁଁ କହିଲି – ‘‘ଯେଉଁ ସଂଖ୍ୟାମାନଙ୍କର ଏକକ ଅଙ୍କ ୫ ଥାଏ ସେମାନଙ୍କର ବର୍ଗ ସଂଖ୍ୟାରେ ଏକ ମଜାଳିଆ କୌଶଳ ଛପି ରହିଥାଏ । ଧରିନେ ୬୫, ୧୧୫, ୨୦୫, ୩୮୫ ଏଇ ସଂଖ୍ୟାମାନଙ୍କର ବର୍ଗ ନିର୍ଣ୍ଣୟ କରିବା । ୬୫ର ଏକକ ଅଙ୍କ ୫ ଓ ଏହାର ବର୍ଗ ୨୫ । ୬୫ର ଅନ୍ୟ ଅଙ୍କଟି ୬ । ଏହାର ପରବର୍ତ୍ତୀ ଅଙ୍କଟି ୭ । ଏଇ ୭ କୁ ୬ ଦ୍ୱାରା ଗୁଣନ କଲେ, ଆମେ ପାଇବା ୭ x ୬ = ୪୨ । ଏଇ ୪୨କୁ ୫ର ବର୍ଗ ୨୫ ସହ ଲଗାଲଗି କରି ଲେଖିଲେ ଆମେ ପାଇବା ୪୨୨୫ । ଏଇ ୪୨୨୫ ହେଉଛି ୬୫ର ବର୍ଗ ।’’

– ‘‘ହଁ ଏମିତି କଥା । ଆରେ ବାପ୍‌ରେ । କେତେ ସହଜ ସତେ ଏଇ ପୂର୍ଣ୍ଣବର୍ଗ ନିର୍ଣ୍ଣୟର କୁଶଳ କୌଶଳ ।’’– ଝିଅ ଟିପ୍ପଣୀ କଲା । ମୁଁ ତାକୁ ଏପରି ଅନ୍ୟ ସଂଖ୍ୟାର ବର୍ଗ ନିର୍ଣ୍ଣୟ ପରୀକ୍ଷା କରିବାକୁ କହିଲି । ସିଏ ପରୀକ୍ଷା କଲା : –

୧୫ x ୧୫ = (୨ x ୧) ଓ ୫ x ୫ = ୨୨୫

୩୫ x ୩୫ = (୪ x ୩) ଓ ୫ x ୫ = ୧୨୨୫

୯୫ x ୯୫ = (୧୦ x ୯) ଓ (୫ x ୫) = ୯୦୨୫

୧୦୫ x ୧୦୫ = (୧୧ x ୧୦) ଓ ୫ x ୫ = ୧୧୦୨୫

୧୧୫ x ୧୧୫ = (୧୨ x ୧୧) ଓ ୫ x ୫ = ୧୩୨୨୫

୩୮୫ x ୩୮୫ = (୩୯ x ୩୮) ଓ ୫ x ୫ = ୧୪୮୨୨୫ ଇତ୍ୟାଦି...

ମୁଁ ନୀରବରେ ଝିଅର ବର୍ଗ ନିର୍ଣ୍ଣୟ ଦେଖୁଥିଲି । ସେ ଠିକ୍ ଠିକ୍ ଅଗ୍ରସର ହେଉଥିଲା । ମୁଁ କହିଲି, ଆଜି ପାଇଁ ଏତିକି । ଅନେକ ସମୟ ଧରି ଗୋଟିଏ ଅବସ୍ଥାରେ ବସିବା ଯୋଗୁଁ ମୋର ପିଠି, ବେକ ଓ ଆଣ୍ଠୁ ଦରଜ ହେଲାଣି । ଟିକେ ଅଗଣାରେ ବୁଲାବୁଲି କରେ । ଏପରି ପୂର୍ଣ୍ଣବର୍ଗ ସଂଖ୍ୟାର ଆହୁରି ମଜା କଥା ପୁଣି କେବେ କହିବି । ତୁ ଯା’ ତୋ’ର କାମରେ ଲାଗି ପଡ଼, ଏଇ ଛୁଟି ଦିନରେ ।

ତା’ର ଖାତା, କଲମ ଧରି ସେ ଚାଲିଗଲା ଏକ ସୁଧାର, ଗୁଲୁଗୁଲିଆ ଠେକୁଆଟିଏ ଭଳି । ମୁଁ ତାକୁ ଅନାଇ ରହିଥିଲି ଏକ ଲୟରେ । ❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 3** | **R.N.I. No. 18163/70.**
Navaprakash (Monthly), March, 2024 | Registration No. PY/51/2024-26
**Date of Posting : 7th, 8th of every month** | **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା**

## ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One and Two) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପୂର୍ବାର୍ଦ୍ଧ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୪୫୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୫୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**